ଚିହ୍ନା ମୁହଁ

ଶ୍ରୀ ମନୋଜ କୁମାର ଜେନା

Source: Author, Digitized by PPRACHIN, SOA

ମନୋଜ କୁମାର ଜେନାଙ୍କ ସୃଷ୍ଟି ସମ୍ଭାର

କ୍ଷୁଦ୍ର ଗଳ୍ପ ସଂକଳନ

ସଜ ସକାଳ
ଅଚିହ୍ନା ଆକାଶ
ଚିହ୍ନା ମୁହଁ

କବିତା ସଂକଳନ

ଆମ ଗାଁ
ପ୍ରଭୁ ମହିମା

ଧର୍ମ ସମ୍ବନ୍ଧୀୟ ପୁସ୍ତକ

ଶ୍ରୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ









Source: Author, Digitized by PPRACHIN, SOA

ଚିହ୍ନା ମୁହଁ

(କ୍ଷୁଦ୍ରଗଳ୍ପ ସଂକଳନ)

ମନୋଜ କୁମାର ଜେନା

Source: Author, Digitized by PPRACHIN, SOA

ଚିହ୍ନା ମୁହଁ

ଲେଖକ :

ମନୋଜ କୁମାର ଜେନା

ପ୍ରଥମ ସଂସ୍କରଣ : ଗଜଲକ୍ଷ୍ମୀ ପୂଜା, ତା ୯.୧୦.୨୦୨୨

ପ୍ରକାଶିକା : ଶ୍ରୀମତୀ ଗୀତାଞ୍ଜଳୀ ଜେନା

ଘର ନଂ - ୧୫୭, ଗୌରୀଗାର୍ଡେନ୍,

ଗୌରୀନଗର, ଭୁବନେଶ୍ୱର-୭୫୧୦୦୨

ଫୋନ୍ : ୯୫୭୪୩୩୧୯୫୭

ମୁଦ୍ରଣ : ଭିବ୍‌ଗିଓର ପ୍ରିଣ୍ଟର୍ସ, ଗ୍ୟାରେଜ୍‌ଛକ

ମୋ: ୯୮୬୧୨୨୫୬୬୧

ଭୁବନେଶ୍ୱର, ୭୫୧୦୦୨

ମୂଲ୍ୟ : ୧୦୦ଟଙ୍କା (ଏକଶତ ଟଙ୍କା ମାତ୍ର)

Chihna Muhan

Author : **Manoj Kumar Jena**

© Author

First Edition : Gajalaxmi Puja, 9.10.2022

Publisher : **Mrs. Gitanjali Jena**

House No-157, Gouri Garden, Gouri Nagar,
Bhubaneswar-751002

Mob : 9574331957

Printed at : Vibgyor Printers,
Garage Chhak
Bhubaneswar-751002

Price Rs 100/- (Hundred rupees only)

Source: Author, Digitized by PPRACHIN, SOA

ଉତ୍ସର୍ଗ

ଆମ ଗାଁ ନିହଲପ୍ରସାଦ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପଢ଼ିବା ସମୟରେ ଶିକ୍ଷକ ଭାବରେ ତାଙ୍କ ପଢ଼ାଇବାର ଶୈଳୀ ଆମକୁ ମୁଗ୍ଧ କରିଥିଲା । ସେ ପଢ଼ାଉଥିବା ପାଠ ଆମ ମନ କାନଭାସ୍‌ରେ ପରିଷ୍କାର ଭାବରେ ଲିପିବଦ୍ଧ ହୋଇ ରହିଯାଉଥିଲା । ପରବର୍ତ୍ତୀ ସମୟରେ ସେ ସଚିବାଳୟରେ କାର୍ଯ୍ୟ କରୁଥିବା ସମୟରେ ମୋର କଲେଜ ଛାତ୍ର ଜୀବନରେ ଥିଲେ ସହାୟତାର ମାଇଲ ଖୁଣ୍ଟ । ମୋର ଚାକିରି ଜୀବନରେ ଥିଲେ ଶୁଭାକାଂକ୍ଷୀ । ମୋର ଅବସର ଜୀବନରେ ପ୍ରଥମ କରି ପାଦ ଥାପିଥିବା ସାରସ୍ୱତ ସାଧନା ଭୂମିରେ ସେ ଥିଲେ ଅଦ୍ୱିତୀୟ ଦିଗ୍‌ଦର୍ଶକ । ତାଙ୍କ ଗଳ୍ପ ବର୍ଣ୍ଣନାର ସାବଲୀଳତା ଓ କାହାଣୀରେ ଉଛୁଳି ପଡୁଥିବା ଉତ୍କଣ୍ଠା ମୋତେ ଗଳ୍ପ ଲେଖିବାକୁ ଯୋଗାଇଥିଲା ପ୍ରେରଣା । ସଂଗ୍ରାମ, ସଂଘର୍ଷ ଓ ପ୍ରତିବଦ୍ଧତା କିପରି ମଣିଷକୁ ସଫଳତାର ପାହାଚ ଉପରେ ଠିଆ କରାଏ, ସେ ଥିଲେ ତାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ସେ ହେଉଛନ୍ତି ଓଡ଼ିଶାର ଲବ୍ଧପ୍ରତିଷ୍ଠ ସାହିତ୍ୟିକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଯଶସ୍ୱୀ ନାଟ୍ୟକାର ଶ୍ରୀଯୁକ୍ତ ଆନନ୍ଦ ଚନ୍ଦ୍ର ପହି । ମୋର ଷଷ୍ଠ ପୁସ୍ତକ ଓ ତୃତୀୟ ଗଳ୍ପ ସଂକଳନ 'ଚିହ୍ନା ମୁହଁ'କୁ ଶ୍ରୀଯୁକ୍ତ ପହିଙ୍କୁ ମୁଁ ଉତ୍ସର୍ଗ କରୁଅଛି ।

ମନୋଜ କୁମାର ଜେନା
ଦୂରଭାଷ: ୯୫୭୪୩୩୧୯୫୭

Source: Author, Digitized by PPRACHIN, SOA

ନିଜକଥା

ମୋର ଭାଇ ଡଃ ସରୋଜ କୁମାର ଜେନାଙ୍କର ମନଛୁଆଁ କବିତା ଓଡ଼ିଶାର ଅଗ୍ରଣୀ ସମ୍ବାଦପତ୍ର ପ୍ରଜାତନ୍ତ୍ରର ମୀନାବଜାରରେ ପ୍ରକାଶିତ ହେଉଥିଲା । ତାହା ପଢ଼ି ମୁଁ କବିତା ଲେଖିବାକୁ ଉତ୍ସାହିତ ହୋଇଥିଲି । ବାପା, ମା, ବଡ଼ଭାଇଙ୍କର ମଧ୍ୟ କବିତା ଲେଖିବାରେ ଆଗ୍ରହ ଥିଲା । ସାନଭାଇଙ୍କ ଭଳି ବିଭିନ୍ନ ସମୟରେ ବାହାଘର ଗୀତ ଲେଖି ପ୍ରଶଂସିତ ହେଲି । ଗଳ୍ପ ଲେଖିବାର ଇଚ୍ଛା ମୋ ଭିତରେ ଅଙ୍କୁରିତ ହେଉଥିଲା ।

୧୯୭୬ ମସିହାରେ ବିଜେବି କଲେଜରେ ପଢୁଥିବା ସମୟରେ ମୋର ପ୍ରଥମ କ୍ଷୁଦ୍ରଗଳ୍ପ 'କାଗଜଫୁଲ' କଲେଜ ପତ୍ରିକାରେ ପ୍ରକାଶିତ ହୋଇଥିଲା । ବାଣୀବିହାରରେ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ପାଇଁ ଅଧ୍ୟୟନ କରୁଥିବା ସମୟରେ ବାଣୀବିହାର ପତ୍ରିକାରେ ମୋର କ୍ଷୁଦ୍ରଗଳ୍ପ ପ୍ରକାଶିତ ହେବାରୁ ମୁଁ ଗଭୀର ଆତ୍ମସନ୍ତୋଷ ଲାଭ କରିଥିଲି ।

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ବ୍ରହ୍ମପୁର ଶାଖାର ଶାଖା ପରିଚାଳକ ଭାବରେ କାର୍ଯ୍ୟ କରୁଥିବା ସମୟରେ ୧୯୯୪ ମସିହାରେ ଦୁଇଟି କ୍ଷୁଦ୍ରଗଳ୍ପ ଅଲ୍ ଇଣ୍ଡିଆ ରେଡ଼ିଓରେ ପାଠ କରିବାର ସୁଯୋଗ ଲାଭ କରିଥିଲି । ତା'ପରେ ଆଉ ଲେଖିବା ପାଇଁ ସ୍ପୃହା ଆସିନଥିଲା । ୨୦୧୭ ମସିହା ମାର୍ଚ୍ଚ ମାସରେ ଚାକିରିରୁ ଅବସର ନେବାପରେ ସହଧର୍ମିଣୀ ଶ୍ରୀମତୀ ଗୀତାଞ୍ଜଳୀ ଜେନାଙ୍କ ପ୍ରେରଣାରେ ସଂସ୍କୃତରେ ରଚିତ ବିଷ୍ଣୁ ସହସ୍ର ନାମ ଓ ବଙ୍ଗଳାରେ ଲିଖିତ 'ଶ୍ରୀକୃଷ୍ଣ ରସାମୃତ ଜ୍ଞାନ ମଞ୍ଜରୀ'କୁ ଓଡ଼ିଆ କବିତାରେ ରୂପାନ୍ତରିତ କରି 'ପ୍ରଭୁ ମହିମା' ପୁସ୍ତକ ରଚନା କଲି । ଆମ ଗାଁର ପାହାଡ଼, ଝରଣା, ପୁଷ୍କରିଣୀ, ମନ୍ଦିର, ପର୍ବପର୍ବାଣି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପରେ ପର୍ଯ୍ୟବସିତ ହେଲା ମୋର କବିତା ସଂକଳନ 'ଆମ ଗାଆଁ' । ମୋର ପ୍ରଥମ ଗଳ୍ପ ସଂକଳନ 'ସଜ ସକାଳ'କୁ ପଢ଼ି ଓଡ଼ିଶାର ପ୍ରଖ୍ୟାତ ଔପନ୍ୟାସିକ, ଗାଳ୍ପିକ, ଶିକ୍ଷାବିତ୍ ଓ ସ୍ତମ୍ଭକାର ଡ. ବିଭୂତି ପଟ୍ଟନାୟକ ପ୍ରଶଂସା କରିଥିଲେ ଓ 'ସଜସକାଳ' ପୁସ୍ତକର ମୁଖବନ୍ଧ ଲେଖି ମୋତେ କୃତାର୍ଥ କରିଥିଲେ । ତା'ପରେ ମୋର ଦ୍ୱିତୀୟ ଗଳ୍ପ ସଂକଳନ 'ଅଚିହ୍ନା ଆକାଶ' ପ୍ରକାଶିତ ହେଲା । ଶ୍ରୀଜଗନ୍ନାଥ, ଶ୍ରୀକ୍ଷେତ୍ର ଓ

Source: Author, Digitized by PPRACHIN, SOA

ଶ୍ରୀମନ୍ଦିର ସମ୍ବନ୍ଧରେ ଉପାଦେୟ ତଥ୍ୟକୁ ନେଇ 'ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ' ପୁସ୍ତକ ରଚନା କରିଥିଲି । ମୋର ପୁସ୍ତକଗୁଡ଼ିକ ପାଠକୀୟ ସ୍ୱୀକୃତି ଲାଭ କରିଥିଲା । ମୋର କ୍ଷୁଦ୍ରଗଳ୍ପଗୁଡ଼ିକ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ସତ୍ୟବାଦୀ, ସମାରୋହ ଓ କଥାକଳିକାରେ ପ୍ରକାଶିତ ହେବା ଦେଖି ଆନନ୍ଦିତ ହେଲି । ସାହିତ୍ୟ ଚର୍ଚ୍ଚା, ଶ୍ୱେତସଂକେତ, ଗୋଧୂଳି, ଚିରସମର୍ଥା, ମାଟିମହକ, ସୀମାନ୍ତ, ସାହିତ୍ୟର ସ୍ୱର ଓ ଲଣ୍ଡନରୁ ପ୍ରକାଶିତ ଇ ପତ୍ରିକା ସୃଜନୀରେ ମୋର ଗଳ୍ପ ସ୍ଥାନିତ ହେଲା ।

ଅଗ୍ରଣୀ ସାହିତ୍ୟ ପତ୍ରିକା 'କଥାକଳିକା'ର ବାର୍ଷିକୋତ୍ସବରେ ସଫଳ କଥାକାର ଭାବେ ସାଧନାର ସ୍ୱୀକୃତି ସ୍ୱରୁପ ପିସ୍ ଫୁଟ ଫାଉଣ୍ଡେସନ ଟ୍ରଷ୍ଟ ପୁରସ୍କାର-୨୦୧୯ ଲାଭ କରି ଆତ୍ମସନ୍ତୋଷ ଲାଭ କଲି । ଓଡ଼ିଆ ସାହିତ୍ୟକ୍ଷେତ୍ରରେ ମୋର ସାଧନାକୁ ସମ୍ମାନ ଦେଇ ଶ୍ୱେତସଂକେତ ସାରସ୍ୱତ ମଞ୍ଚ ତା'ର ୩୪ତମ ସମାବର୍ତ୍ତନ ସମାରୋହରେ ଶ୍ୱେତସଂକେତ ଗଳ୍ପ ସମ୍ମାନ-୨୦୨୨ ମୋତେ ଅର୍ପଣ କରିବାରୁ ବିଶେଷ ଆନନ୍ଦିତ ହେଲି । ଶିଳାଶ୍ରୀ ଗଳ୍ପ ସମ୍ମାନ -୨୦୨୨ ଲାଭ କରି ଗୌରାବିନ୍ୱତ ମନେକଲି ।

'ଚିହ୍ନା ମୁହଁ' ମୋର ଷଷ୍ଠ ପୁସ୍ତକ ଓ ତୃତୀୟ କ୍ଷୁଦ୍ରଗଳ୍ପ ସଂକଳନ । କବିତାର ଲାଳିତ୍ୟଭରା ଛନ୍ଦୋମୟ ସ୍ପର୍ଶ ଓ କାହାଣୀରେ ରହୁଥିବା ଉତ୍କଣ୍ଠାର ସମନ୍ୱୟରେ ଏଥିରେ ସ୍ଥାନିତ ହୋଇଥିବା ଗଳ୍ପଗୁଡ଼ିକ ସରସ, ସୁନ୍ଦର ଓ ସୁଖପାଠ୍ୟ ହେବ ବୋଲି ମୋର ଆଶା । ଯେଉଁ ପତ୍ରିକାର ସଂପାଦକମାନେ ମୋ ଗଳ୍ପମାନଙ୍କୁ ସେମାନଙ୍କର ପତ୍ରିକାରେ ପ୍ରକାଶ କରିଛନ୍ତି, ସେମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ କରୁଛି । ଯେଉଁ ପାଠକମାନେ ଗଳ୍ପ ପାଠ କରି ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି ଓ ଲେଖିବାପାଇଁ ପ୍ରେରଣା ଦେଇଛନ୍ତି ସେମାନଙ୍କୁ ମୋର ଅଶେଷ ଧନ୍ୟବାଦ ।

ମନୋଜ କୁମାର ଜେନା
୧୫୭, ଗୌରୀଗାର୍ଡ଼େନ, ଗୌରୀନଗର,
ଭୁବନେଶ୍ୱର-୭୫୧୦୦୨
ଦୂରଭାଷ: ୯୫୭୪୩୩୧୯୫୭

ନିହଲପ୍ରସାଦ
ଜିଲ୍ଲା: ଢ଼େଙ୍କାନାଳ
୯ / ୧୦ /୨୦୨୨
ଗଜଲକ୍ଷ୍ମୀ ପୂଜା

Source: Author, Digitized by PPRACHIN, SOA

ସୂଚୀପତ୍ର

କ୍ର.ସଂ.	ବିଷୟ	ପୃଷ୍ଠା
୧.	ଶାନ୍ତି ଓ ସନ୍ତୋଷ	୦୭
୨.	ଯାଜ୍ଞସେନୀର ହସ	୧୭
୩.	ବଡ଼ ମାଆଙ୍କ ଋଣ	୨୭
୪.	କାଗଜ ଫୁଲ	୩୬
୫.	ଆହତ ଅହଂକାର	୪୫
୬.	ବୋହୂ ଖୋଜା	୫୫
୭.	ଅନୁରାଗ	୬୪
୮.	ସତ୍ୟବାନ ବ୍ରତ	୭୪
୯.	ପରିତୃପ୍ତି	୭୭
୧୦.	ପୁନରାବୃତ୍ତି	୮୭
୧୧.	ମାତୃ ଋଣ	୯୬
୧୨.	ସଂପର୍କ	୧୦୦
୧୩.	ପରଆପଣା	୧୦୮
୧୪.	ଭୋକ ଭୂଗୋଳ	୧୧୬
୧୫.	ମା' କୋଳ	୧୨୦
୧୬.	ଚିହ୍ନା ମୁହଁ	୧୨୫

Source: Author, Digitized by PPRACHIN, SOA

ଶାନ୍ତି ଓ ସନ୍ତୋଷ

ବିଶ୍ୱେଶ୍ୱର ବାବୁଙ୍କୁ ଜୀବନ ଦୁର୍ବିସହ ଲାଗୁଛି । ପ୍ରାପ୍ତି ଓ ପ୍ରାଚୁର୍ଯ୍ୟର ପାହାଡ ଉପରେ ଠିଆହୋଇ ବି ଅଶାନ୍ତି ଓ ଯନ୍ତ୍ରଣାର ଜୁଇରେ ଜଳିଲା ଭଳି ଅନୁଭବ କରୁଛନ୍ତି । ଆତ୍ମହତ୍ୟା ପ୍ରବଣତାର ମାନସିକତା ତାଙ୍କ ଦେହ, ମନ, ପ୍ରାଣକୁ ସଞ୍ଚରି ଯାଉଛି । ସେ ତାଙ୍କ ତ୍ରିତଳ ପ୍ରାସାଦର ଉପରକୁ ପାହାଚ ପରେ ପାହାଚ ଉଠି ଚାଲିଛନ୍ତି । ଉପରୁ ତଳକୁ ଲମ୍ଫ ପ୍ରଦାନ ପାଇଁ ଉଦ୍ୟତ ହେବା ସମୟରେ ତାଙ୍କ ଆଖି ଆଗରେ ଘନିଷ୍ଠ ବନ୍ଧୁ ମଧୁବାବୁଙ୍କର ହସନ୍ତ ମୁଖମଣ୍ଡଳ ଭାସି ଉଠିଲା । ମଧୁବାବୁ ଯେପରି ତାଙ୍କୁ ହାତଧରି ଛାତ ଉପରୁ ତାଙ୍କ ତଳ ଘରକୁ ନେଇ ଆସୁଛନ୍ତି, ସେଭଳି ଏକ ଅନୁଭବ ତାଙ୍କ ମନକୁ ଆଚ୍ଛନ୍ନ କରୁଥିଲା ।

ବିଶ୍ୱେଶ୍ୱର ବାବୁ ସଚିବାଳୟର ଅବସରପ୍ରାପ୍ତ ସେକ୍ସନ୍ ଅଫିସର । ତାଙ୍କର ଦୁଇ ପୁଅ ଥିଲେ ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ।ବଡ଼ପୁଅ କାନପୁର ଆଇ ଆଇ ଟିରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଏବେ ଆମେରିକାରେ ଏକ ଅଗ୍ରଣୀ କମ୍ପାନୀର ସିଇଓ ଭାବେ ଅବସ୍ଥାପିତ । ଦ୍ୱିତୀୟ ପୁଅ ମେଡିସିନ୍ ସ୍ପେସିଆଲିଷ୍ଟ । ଲଣ୍ଡନରେ ଉଚ୍ଚ ପଦବୀରେ ପ୍ରତିଷ୍ଠିତ । ବଡ ପୁଅ ତାଙ୍କ ଉପରିସ୍ଥ ଆଇ.ଏ.ଏସ୍. ଅଫିସରଙ୍କ ଝିଅକୁ ଓ ସାନ ପୁଅ ଭୁବନେଶ୍ୱରର ଜଣାଶୁଣା ଶିଳ୍ପପତିଙ୍କ ଝିଅକୁ ବିବାହ କରିଛନ୍ତି । ପୁଅମାନଙ୍କ ବିଷୟରେ କେହି ପଚାରିଲେ ବିଶ୍ୱେଶ୍ୱରବାବୁଙ୍କ ଛାତି ସଙ୍ଗେ ସଙ୍ଗେ କୁଣ୍ଢେମୋଟ ହୋଇଯାଏ । ଗର୍ବ ଓ ଅହଙ୍କାରରେ ସେ ଉଚ୍ଛୁଳି ପଡନ୍ତି । ହସି ହସି କହନ୍ତି ମୋର ବଡପୁଅ ଆମେରିକାରେ ଆଉ ସାନପୁଅ ଲଣ୍ଡନରେ । ବଡ ସମୁଦି ଆଇ.ଏ.ଏସ୍. ଅଫିସର, ସାନ ସମୁଦି ଶିଳ୍ପପତି । ତାଙ୍କ ନିର୍ମିତ ବିରାଟ ଅଟ୍ଟାଳିକାଟି ନୂଆପଲ୍ଲୀ ଅଞ୍ଚଳର ସବୁଠାରୁ ଆକର୍ଷଣୀୟ ପ୍ରାସାଦ । ବ୍ୟାଙ୍କରେ ପଚାଶ ଲକ୍ଷରୁ ଅଧିକ ଟଙ୍କା ତାଙ୍କ ନାମରେ ଡିପୋଜିଟ୍ ହୋଇ ରହିଛି । ଦୁଇ ପୁଅ ପ୍ରତିମାସରେ ତାଙ୍କ ଆବଶ୍ୟକତାଠାରୁ ବହୁ ଅଧିକ ଟଙ୍କା ପଠାନ୍ତି ।ତାଙ୍କର ମାସିକ ପେନସନ୍ ମଧ୍ୟ ଅଛି ।

Source: Author, Digitized by PPRACHIN, SOA

ସହଧର୍ମିଣୀ ସୁଶୀଳାଙ୍କ ଦେହାନ୍ତ ପରେ ବିଶାଳ ପ୍ରାସାଦରେ ସେ ଏବେ ସମ୍ପୂର୍ଣ୍ଣ ଏକଲା ହୋଇ ଯାଇଛନ୍ତି । କାମବାଲି ତାଙ୍କ ପାଇଁ ରୋଷେଇ କରିଦିଏ । ଘରର ଯାବତୀୟ କାମ ଦୁଇ ତିନି ଘଣ୍ଟାରେ ସାରି ଦେଇ ଗଲାପରେ ସେ ବିଜନତାର ଅନ୍ଧାର ଭିତରେ ଏବେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି । ଦୁଇ ପୁଅ ସେମାନଙ୍କ ସହିତ ବିଦେଶରେ ରହିବା ପାଇଁ ବାରମ୍ବାର ଅନୁରୋଧ କରିଛନ୍ତି । ସେ ସେମାନଙ୍କର ପ୍ରସ୍ତାବକୁ ସବୁବେଳେ ପ୍ରତ୍ୟାଖାନ କରିଛନ୍ତି । ଭୁବନେଶ୍ୱର ସହର ତାଙ୍କର ଅତି ପ୍ରିୟ । ତାଙ୍କର ପରିଚିତ ବନ୍ଧୁବାନ୍ଧବ ପୂର୍ବତନ ସହକର୍ମୀ ମାନଙ୍କୁ ଛାଡି ବିଦେଶରେ ରହିବାକୁ ଜମା ମନ ମାନୁନି । ସେ ଲଣ୍ଡନ ଓ ନିଉୟର୍କକୁ ଯାଇ ସେଠାରେ ପ୍ରାୟ ଏକ ମାସ ରହି ଆସିଛନ୍ତି । ସେଇ ଏକମାସ ତାଙ୍କୁ ଏକ ବର୍ଷ ଭଳି ପ୍ରତୀୟମାନ ହେଲା । ଅପରିଚିତ, ଅଜଣା ଲୋକ, ଭିନ୍ନ ଜୀବନ ଶୈଳୀ, ଅବୁଝା ଭାଷାର ପରିବେଶରେ ସେ ଛଟ୍‌ପଟ୍ ହେଉଥିଲେ । ଭୁବନେଶ୍ୱରକୁ ଆସିବା ପରେ ଏକ ନୂଆ ଜୀବନ ପାଇଲା ଭଳି ଅନୁଭବ କଲେ । ସେ ସବୁବେଳେ କହନ୍ତି – ମୁଁ ଭୁବନେଶ୍ୱରର ମାୟାରେ ବାୟା । ଏଠାକାର ଖୋଲା ଆକାଶ, ପ୍ରଶସ୍ତ ରାସ୍ତା ଆଉ ଅପରାହ୍ନର ମଳୟ ପବନ ମୋତେ ସମ୍ମୋହିତ କରେ । ବିଶ୍ୱେଶ୍ୱର ବାବୁଙ୍କ ବିରାଟ ଅଟ୍ଟାଳିକାଟି ଏଭଳି ନିର୍ମିତ ହୋଇଛି ଯେ ବାହାର ଲୋକଙ୍କୁ ଭଡା ଦେବା ସମ୍ଭବ ନୁହେଁ । ଛଅ ମାସ ହେବ ତାଙ୍କର ଆଣ୍ଠୁର ସମସ୍ୟା ଦେଖା ଦେଇଥିବାରୁ ସେ ବାହାରକୁ ଯାଇପାରୁ ନାହାଁନ୍ତି । ବିଜନତାର ବିରକ୍ତିରେ ସେ ବିବ୍ରତ, ବିବର୍ଣ୍ଣ ଓ ବିଷାଦ ଗ୍ରସ୍ତ ।

ବାର୍ଦ୍ଧକ୍ୟରେ ବନ୍ଧୁ ହିଁ ବଳ ଓ ବିଭବ । ଜୀବନ ଭିତରେ ବନ୍ଧୁତା ନଥାଏ କିନ୍ତୁ ବନ୍ଧୁତା ଭିତରେ ଜୀବନ ଥାଏ । ବନ୍ଧୁତା ଏକ ସୁନ୍ଦର, କମନୀୟ ବୃକ୍ଷ ଯାହା ହୃଦୟର ଛଳ ଛଳ ଚଟାଣରେ ଅଙ୍କୁରିତ ହୋଇ ପରିଶେଷରେ ଫଳ ପୁଷ୍ପ ବିମଣ୍ଡିତ ହୋଇଥାଏ । ତାର ସବୁଜିମା, ସୌନ୍ଦର୍ଯ୍ୟ ଓ ସୁରଭି ହୃଦୟକୁ ସରସ, ସୁନ୍ଦର, ସୌରଭମୟ କରିଦିଏ । ଯନ୍ତ୍ରଣାର ଯନ୍ତାରୁ ମୁକୁଳିବା ପାଇଁ ଉପାୟ ଚିନ୍ତା କଲାବେଳକୁ ତାଙ୍କ ଆଖି ଆଗରେ ଝଲସି ଉଠୁଥିଲେ ଅନ୍ତରଙ୍ଗ ଶୁଭାକାଂକ୍ଷୀ ବନ୍ଧୁ ମଧୁବାବୁ ।

ମଧୁବାବୁ ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରୀ । ବିଫଳତାରେ ବ୍ୟସ୍ତ କିମ୍ବା ବିମର୍ଷ ହୁଅନ୍ତି ନାହିଁ । ଦୁଃଖ ଓ ଦୈନ୍ୟରେ ଦୁର୍ଦ୍ଦଶାଗ୍ରସ୍ତ ଅନୁଭବ କରନ୍ତି ନାହିଁ । ସବୁବେଳେ ହର୍ଷୋତ୍‌ଫୁଲ୍ଲ । ପର ଦୁଃଖରେ ଲୋକେ ଦୁଃଖୀ ହୁଅନ୍ତି, ପର ସୁଖରେ କିନ୍ତୁ କ୍ୱଚିତ୍ ଲୋକ

Source: Author, Digitized by PPRACHIN, SOA

ସୁଖୀ ହୁଅନ୍ତି । ସଚିବାଳୟରେ ଚାକିରି କରିଥିବା ସମୟରେ ଅନତି ଦୂରରେ ବସିଥିବା ସେକ୍‌ସନ୍ ଅଫିସର ମଧୁବାବୁ ବିଶେଶ୍ୱର ବାବୁଙ୍କ ଖୁସିରେ ଆନନ୍ଦରେ ଗଦ୍‌ଗଦ୍ ହୋଇ ପଡନ୍ତି । ବିଶେଶ୍ୱର ବାବୁଙ୍କ ଦୁଇ ପୁଅଙ୍କର ବିଭିନ୍ନ ପରୀକ୍ଷାରେ ଅନନ୍ୟ ସଫଳତା ବିଷୟରେ ସେ ଅନର୍ଗଳ ଗପି ଚାଲିଥିବାବେଳେ ମଧୁବାବୁ ଅପଲକ ନୟନରେ ତାଙ୍କୁ ଅନାଇ ରହି ମିଠାମିଠା ଖୁସିରେ ଉଲ୍ଲସିତ ହୁଅନ୍ତି । ଗୋରା ତକ୍‌ତକ୍ ଚେହେରା, ଦେହରେ ଧଳା ପ୍ୟାଣ୍ଟ ଓ ସାର୍ଟ, ଚିକ୍‌ଚିକ୍ କରୁଥିବ । ମୁହଁରେ ସବୁବେଳେ ଖେଳୁଥିବ ଟେନାଏ ହସ ।

ମଧୁବାବୁଙ୍କ ଘରେ ବୟସ୍କ ଦୁଇ ଅବିବାହିତ ଝିଅ । ବାହାଘର କରି ପାରିନଥିବାରୁ ପଡୋଶୀ, ସଂପର୍କୀୟ ଲୋକମାନେ ତାଙ୍କୁ ଛି,ଛାକର କରନ୍ତ । କେହି ପଚାରିଲେ କୁହନ୍ତି-ମୋ ଦୁଇ ଝିଅଙ୍କର ଭାରି ଅଖାଡୁଆ ରାଶି । ରବିସୁତି ଗୁରୁସୁତି ହେଉନାହିଁ । ଝିଅ ଦୁଇଟା ମୋର ଲକ୍ଷ୍ମୀ । ସେମାନେ ଯେତେଦିନ ଘରେ ରହିବେ ସେତେ ଆନନ୍ଦ । ଯେତେବେଳେ ଈଶ୍ୱରଙ୍କ ଅପାର କରୁଣା ବର୍ଷିବ, ସବୁ ସମାଧାନ ହେବ । ଏକମାତ୍ର ପୁଅ ନରେନ୍ଦ୍ର ତିନିଥର ମାଟ୍ରିକ୍ ପରୀକ୍ଷା ଦେଲାଣି । ଅଥଚ ପାସ୍ କରି ପାରିନି । ପୁଅ ବିଷୟରେ କେହି ପଚାରିଲେ, କୁହନ୍ତି – ଆମ ନରେନ୍ଦ୍ରଟା ସୁନା ମୁଣ୍ଡା । ପାନ,ବିଡି, ସିଗାରେଟ୍ କିଛି ଖାଏନା । ବାପା ମାଙ୍କ କଥା ତା ପାଇଁ ବେଦର ଗାର । କାର୍, ମଟର ସାଇକେଲ୍ ସଜାଡିବାରେ ତାର ଅସାମାନ୍ୟ ଦକ୍ଷତା, ଅଗାଧ ଜ୍ଞାନ । ସବୁ ଗ୍ୟାରେଜ୍ ବାଲା ତାକୁ ତାଙ୍କ ଗ୍ୟାରେଜରେ କାମ କରାଇବା ପାଇଁ ହାଇଁପାଇଁ ହେଉଛନ୍ତି । ସେଦିନ ଡେପୁଟି ସେକ୍ରେଟାରୀଙ୍କ ଗାଡି ଷ୍ଟାର୍ଟ ହେଉ ନଥିଲା । ଆମ ନରେନ୍ଦ୍ର ହାତ ମାରୁ ମାରୁ ଗାଡି ଧାଇଁକିନା ଷ୍ଟାର୍ଟ ହେଲା । ଡେପୁଟି ସେକ୍ରେଟାରୀ ତା ପିଠିରେ ହାତ ମାରି ତାର ଭୂରି ଭୂରି ପ୍ରଶଂସା କଲେ । ଏକଥା କହିଲା ବେଳେ ଆନନ୍ଦର ଆତିଶଯ୍ୟରେ ମଧୁବାବୁ ପୁଲକିତ ହୋଇ ଯାଆନ୍ତି ।

ସବୁ ଖେଳରେ ତାଙ୍କର ରୁଚି । ଯେଉଁଦିନ କ୍ରିକେଟ କିମ୍ବା ଫୁଟବଲ ମ୍ୟାଚ ହେବାର ଥିବ, ସେଦିନ ସକାଳୁ ସେ ଏକ ଅଜଣା ଆବେଗରେ ଶିହରିତ ହୁଅନ୍ତି । ଦରମା ପାଉ ପାଉ ଦୀନ, ଦୁଃଖୀ, ଅଭାବୀ ମଣିଷ ମାନଙ୍କୁ ଅଧା ଦରମା ବିନା ଦ୍ୱିଧା ଓ ଦ୍ୱନ୍ଦ୍ୱରେ ବଢାଇ ଦିଅନ୍ତି । ପରିବା କିଣିବାକୁ ମାର୍କେଟକୁ ଯିବାବେଳେ ପରିବାକୁ କମାଇଦେଇ ସେଇ ପଇସାରେ ବହୁ ସମ୍ଭ୍ରାନ୍ତ, ଅଗ୍ରଣୀ ପତ୍ରିକା କିଣନ୍ତି । ନିଜର ଦୁଃଖ,

Source: Author, Digitized by PPRACHIN, SOA

ଯନ୍ତ୍ରଣା, ଅଭାବ, ଅନଟନକୁ ଭୁଲି ବହି ପଢିବାରେ ନିଜକୁ ହଜେଇ ଦିଅନ୍ତି । ଶ୍ରୀମତୀ ହସି ହସି କହନ୍ତି - କଣ ଏତେ ପଢୁଛ ? କଣ ଆଇ.ଏ.ଏସ୍ ପରୀକ୍ଷା ଦେବ ? ମଧୁବାବୁ ଥିଲେ ଏକ ନିଆରା ମଣିଷ । ଝିଅମାନେ ବୟସ୍କା ହୋଇଥିଲେ ବି ବାହା ହୋଇ ପାରିନଥିବାରୁ ଅନୁଶୋଚନା ନାହିଁ । ପୁଅ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ହାସଲ କରି ନଥିବାରୁ ଅବସୋସ କିମ୍ବା ଅବସାଦ ନାହିଁ । ନୂଆପଲ୍ଲୀରେ ଫ୍ଲାଟଟିଏ ଥିଲେବି ଘର କରି ପାରି ନାହାଁନ୍ତି । ଈଶ୍ୱର ଯାହା ଦେଇଛନ୍ତି ସେଥିରେ ସିଏ ସନ୍ତୁଷ୍ଟ । ନିଜକୁ କାହା ସହିତ ତୁଳନା କରନ୍ତି ନାହିଁ କିମ୍ବା କାହା ସହିତ ପ୍ରତିଯୋଗିତା କରନ୍ତି ନାହିଁ । ଦୁଃଖ ଓ ସୁଖରେ ସମାନ ଅନୁଭବ । ସ୍ଥିତିପ୍ରଜ୍ଞ ମଣିଷଟିଏ ।

ବିଶ୍ୱେଶ୍ୱର ବାବୁ ମନେ ପକାଉଥିଲେ ସେଦିନର ଅଫିସ୍ କଥା । ସକାଳୁ ସକାଳୁ ଚହଳ ପଡିଗଲା ଯେ ମଧୁବାବୁଙ୍କ ପୁଅ ସାଲିଆ ସାହିର ହରିଜନ ବସ୍ତିର ଏକ ଅନାଥ ଝିଅକୁ ମନ୍ଦିରରେ ବାହା ହୋଇ ଘରକୁ ନେଇ ଆସିଛି । ନୈଷ୍ଠିକ ବ୍ରାହ୍ମଣ ଘରେ ହରିଜନ ବୋହୂ । ସମସ୍ତେ ଭାବିଥିଲେ ମଧୁବାବୁ ଆଜି ନିଶ୍ଚୟ ଭାଙ୍ଗି ପଡିଥିବେ । ଲୁହ ଛଳଛଳ ଆଖିରେ ଏ ହୃଦୟ ବିଦାରକ ଘଟଣା ପ୍ରକାଶ କରିବେ । ତାଙ୍କ ମୁହଁର ଆକାଶରେ ବିଷାଦର ମେଘ ପୁଞ୍ଜିଭୂତ ହୋଇ ଯାଇଥିବ । ଦଲକାଏ ଶୀତଳ ପବନରେ ବର୍ଷିଯିବ ଅସରା ଅସରା ବର୍ଷା । ମଧୁବାବୁ ଅଫିସ୍‌କୁ ଆସିଥିଲେ ନିର୍ଦ୍ଧାରିତ ସମୟରେ । ସେମିତି ହସ ହସ ମୁହଁ । ମିଠା ମିଠା ଖୁସିରେ ଉଲ୍ଲସିତ ହୋଇ କହିଲେ - ଆମ ନରେନ୍ଦ୍ର ଏକ ହରିଜନ ଝିଅକୁ ବାହା ହୋଇ ଘରକୁ ଆସିଛି । ଯାହା ହେଉ ଏକ ଅସହାୟ ଝିଅକୁ କୂଳରେ ଲଗାଇ ଦେଲା । ମୁଁ ତ ଫକଡରାମ ଗିରିଧାରୀ । ମଣିଷ ବାହାଘରର ଖର୍ଚ୍ଚରୁ ରକ୍ଷା ପାଇଗଲା । ମୋ ବୋହୂଟା ଲକ୍ଷ୍ମୀ, ଅନିନ୍ଦ୍ୟ ସୁନ୍ଦରୀ ।

ଏ ସବୁ କଥା କହିଲା ବେଳେ ତାଙ୍କ ଛାତି ଗର୍ବରେ କୁଣ୍ଢେମୋଟ ହୋଇଯାଉଥାଏ । ସମସ୍ତ ସହକର୍ମୀ ଆଶ୍ଚର୍ଯ୍ୟ ଚକିତ ନୟନରେ ଏକ ଅତୁଳନୀୟ ମଣିଷକୁ ବଲବଲ କରି ଅନାଇ ରହିଥିଲେ । ଭାବୁଥିଲେ, ଆନନ୍ଦ ବାହ୍ୟ ଜଗତର ସୁଖ, ସମୃଦ୍ଧି ଓ ସଫଳତାରେ ନଥାଏ । ପ୍ରାପ୍ତି ଓ ପ୍ରାଚୁର୍ଯ୍ୟରେ ନଥାଏ । ଆନନ୍ଦ ଥାଏ ମନ ଭିତରେ । ଦୁଃଖ ଦୁର୍ଦ୍ଦଶାର ପଙ୍କ ଭିତରେ ପଦ୍ମଟିଏ ଫୁଟିଉଠେ । ଅଭାବ, ଅପମାନ ଓ ଅସଫଳତା ଭିତରେ ସକାରାତ୍ମକ ମାନସିକତାର ସୁରଭି ଚତୁର୍ଦ୍ଦିଗକୁ ମହକାଇ ଦିଏ । ପଙ୍କର ଦୁର୍ଗନ୍ଧ ସେ ସୌରଭରେ ସତ୍ତା ହରାଏ ।

Source: Author, Digitized by PPRACHIN, SOA

ବିଶ୍ୱେଶ୍ୱରବାବୁଙ୍କ ମନପକ୍ଷୀ ଅତୀତର ରାଜ୍ୟରୁ ଉଡି ଉଡି ଆସି ବର୍ତ୍ତମାନର ଇଲାକାରେ ପହଞ୍ଚିଗଲା । ସେ ସ୍ଥିର କଲେ ତାଙ୍କର ସେଇ ଅନୁପମ ବନ୍ଧୁ ମଧୁବାବୁଙ୍କୁ ସାକ୍ଷାତ କରି ତାଙ୍କ ବିଷୟରେ ଜାଣିବେ ଓ ତାଙ୍କର ଦୁଃଖ ଯନ୍ତ୍ରଣା ବିଷୟରେ ତାଙ୍କୁ ଅବଗତ କରିବେ, ତାଙ୍କର ପରାମର୍ଶ ନେବେ । ଅବସର ପରେ ଦଶବର୍ଷ ବିତି ଗଲାଣି ।ଅନ୍ତରଙ୍ଗ ବନ୍ଧୁଙ୍କୁ ଏଯାବତ୍ ସାକ୍ଷାତ କରି ନାହାଁନ୍ତି ।

ସେ ଦିନେ ଅଟୋ ରିକ୍ସାରେ ନୂଆପଲ୍ଲୀରେ ପହଞ୍ଚି ମଧୁବାବୁଙ୍କ ଘର ଖୋଜିବା ଆରମ୍ଭ କଲେ । ଏହା ଭିତରେ ଭୁବନେଶ୍ୱରର ଭୂଗୋଳରେ ଅବିଶ୍ୱାସନୀୟ ପରିବର୍ତ୍ତନ ଘଟିଛି । ଚିହ୍ନା ଜାଗା ଅଚିହ୍ନା ଲାଗୁଛି । ରଙ୍ଗ ବେରଙ୍ଗ ସୁଦୃଶ୍ୟ ପ୍ରାସାଦ ଓ ସୁପ୍ରଶସ୍ତ ରାସ୍ତାକୁ ନେଇ ଭୁବନେଶ୍ୱର ତାର କାୟା ଓ ମାୟା ବିସ୍ତାର କରିଛି । ଅବସର ପରେ ନୂଆପଲ୍ଲୀରେ ଯାହି ତାହି ଆଜ୍‌ବେସଟସ୍ ଘରଟିଏ କରି ରହିବେ ବୋଲି ମଧୁବାବୁ କହୁଥିଲେ । ବିଶ୍ୱେଶ୍ୱର ବାବୁ ବୁଲୁ ବୁଲୁ ହଠାତ୍ "ମଧୁସୂଦନ ମିଶ୍ର" ନାମ ଫଳକ ଦେଖି ଆନନ୍ଦିତ ହେଲେ । କିନ୍ତୁ ଦୁଇ ମହଲା ବିଶିଷ୍ଟ ସୁଦୃଶ୍ୟ ଅଟ୍ଟାଳିକା । ଘର ଆଗ ପୋର୍ଟିକୋରେ ଦାମୀ କାର୍ । ଏ ଘରଟି ଆଉ କେଉଁ ମଧୁସୂଦନ ମିଶ୍ରଙ୍କର ବୋଲି ଭାବି ସେ ପଳେଇ ଯିବାକୁ ଉପକ୍ରମ କରୁଥିବା ସମୟରେ ଉପର ମହଲାରୁ ଶୁଭିଲା ଚିହ୍ନା ସ୍ୱର – ଆରେ ବିଶ୍ୱେଶ୍ୱର ବାବୁ ! କୁଆଡେ ପଳେଇ ଯାଉଛ । ଆସ ଆସ । ଏତେ ଦିନ ପରେ ମୋ କଥା ମନେ ପଡିଲା ।

ବିଶ୍ୱେଶ୍ୱର ବାବୁ ତାଙ୍କ ଆଖିଯୋଡିକୁ ଘରର ମୂଳରୁ ଚୂଳ ପର୍ଯ୍ୟନ୍ତ ପହଁରାଇ ଆଣିଲେ । ଦେଖିଲେ ଫାଷ୍ଟ ଫ୍ଲୋରର ବାଲକୋନିରେ ହସ ହସ ମୁହଁରେ ଠିଆ ହୋଇଛନ୍ତି ମଧୁବାବୁ । ମଧୁବାବୁ ତରତର ହୋଇ ତଳକୁ ଆସି ବିଶ୍ୱେଶ୍ୱରବାବୁଙ୍କୁ କୁଣ୍ଢାଇ ପକାଇଲେ । ଦୁଇ ବନ୍ଧୁଙ୍କର ଏକ ଦଶନ୍ଧି ପରେ ମିଳନ । ଦୁହେଁ ଆନନ୍ଦର ଭାବାବେଗରେ ବିହ୍ୱଳ ହୋଇ ଯାଉଥିଲେ । ଗ୍ରାଉଣ୍ଡ ଫ୍ଲୋରର ଡ୍ରଇଁ ରୁମ୍‌ରେ ଦୁଇ ବନ୍ଧୁ ସୋଫା ଉପରେ ବସି ପଡିଲେ । ବିଶ୍ୱେଶ୍ୱର ବାବୁଙ୍କ ମୁହଁରେ ପ୍ରଶ୍ନ ବାଚକ ଚିହ୍ନ ଗୁଡା ଗୁନ୍ଥି ହୋଇ ଯାଉଥିଲେ । ନିଜର ଉତ୍ସୁକତାକୁ ସମ୍ଭାଳି ନପାରି କହିଲେ – ଆରେ ମଧୁବାବୁ ! ଏ ଘରଟା କାହାର ? କ'ଣ ଭଡାରେ ଅଛ ? ଘରଟି ବହୁତ ଆକର୍ଷଣୀୟ ହୋଇଛି ।

ମଧୁବାବୁଙ୍କ ମୁହଁରେ ସ୍ୱଭାବ ସୁଲଭ ସ୍ଥିତପ୍ରଜ୍ଞତା ଝଲସି ଉଠୁଥିଲା । ସେ ନମ୍ର ସ୍ୱରରେ କହିଲେ – ଆମ ନରେନ୍ଦ୍ର ଏ ଘରଟା କରିଛି । ତମେ ତ ଜାଣିଛ, ସେ

Source: Author, Digitized by PPRACHIN, SOA

ଗ୍ୟାରେଜରେ କାମ କରୁଥିଲା । କିଛି ବର୍ଷ ପରେ ଗ୍ୟାରେଜ ମାଲିକ ନରେନ୍ଦ୍ରକୁ ଗ୍ୟାରେଜଟି ବିକ୍ରି କରି ତାଙ୍କର ପଞ୍ଜାବରେ ଥିବା ଗାଁକୁ ଚାଲିଗଲେ । ନରେନ୍ଦ୍ର ଲୋନ୍ କରି କାର୍‌ଟିଏ କିଣି ଭଡାରେ ଲଗାଇଲା । ଭଲ ଚାଲିଲା । ଏଭଳି ଗୋଟିଏ ପରେ ଗୋଟିଏ କାର୍ କିଣି ଦଶଟି କାର୍ କିଣି ଦେଲା । ତାର ଗୋଟିଏ ଟ୍ରାଭେଲ୍ ଏଜେନ୍ସି ଅଛି । ମୋ ନାଁରେ ତାର ନାଁ ଦେଇଛି ମଧୁସୂଦନ ଟ୍ରାଭେଲ୍ ଏଜେନ୍ସି । ଭଲ ରୋଜଗାର । ସେ ତା ପଇସାରେ ଏ ଘରଟି କରିଛି । ମୁଁ ପଇସାଟିଏ ଦେଇନି ।

–ତୁମର ଦୁଇଟି ଅବିବାହିତା ଝିଅଥିଲେ । ବାହା ହୋଇ ପାରି ନଥିବାରୁ ଲୋକେ ତୁମକୁ ଏଣୁତେଣୁ କହୁଥିଲେ ।

–କୁହନା ବିଶ୍ୱେଶ୍ୱର ବାବୁ ସେ କଥା । ଈଶ୍ୱରଙ୍କର ଅପାର କରୁଣା । ବଡଝିଅ ଜଣେ ଓ.ଏ.ଏସ୍ ଅଫିସରଙ୍କୁ ବିବାହ କରି ରାୟଗଡାରେ ବେଶ୍ ଭଲରେ ଅଛି । ସାନ ଝିଅର ଜ୍ୱାଇଁ ପୁରୀ ଏସ୍.ସି.ଏସ୍. କଲେଜରେ ଅଧ୍ୟାପକ ଅଛନ୍ତି । ଆମେ ବୁଢା ବୁଢୀ ମଝିରେ ମଝିରେ ତାଙ୍କ ପାଖକୁ ଯାଇ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଲାଭ କରି କୃତାର୍ଥ ହେଉଛୁ । ମୋର ଅବସର ପରେ ଝିଅ ଦୁଇଟିଙ୍କ ବାହାଘର ହେବାରୁ ସୁବିଧା ହେଲା । ମୁଁ ତ ଆଗରୁ କପର୍ଦ୍ଦକ ଶୂନ୍ୟଥିଲି । ଅବସର ପରେ ଯେଉଁ ରିଟାୟାରମେଣ୍ଟ ବେନିଫିଟ୍‌ସ ହିସାବରେ ମୋଟା ଅଙ୍କର ଟଙ୍କା ମିଳିଲା, ସେଥିରେ ଦୁଇ ଝିଅଙ୍କୁ ଭଲରେ ଭଲରେ ବାହାଘର କରିଦେଲି । ଧାର ଉଧାର କିମ୍ବା ଲୋନ୍ କରିବାକୁ ପଡିଲାନି ।

ଏତିକି ବେଳେ ମଧୁବାବୁଙ୍କ ସ୍ତ୍ରୀ ବିମଳା ତାଙ୍କ ବୋହୂଟିକୁ ସଙ୍ଗରେ ନେଇ ଭିତରକୁ ପଶି ଆସିଲେ । ମୁହଁରେ ହସ ଫୁଟାଇ କହିଲେ – ମାଆଲୋ ! ଏ ବିଶ୍ୱେଶ୍ୱର ମଉସାଙ୍କୁ ଦଣ୍ଡବତ କର । ଏ ତୋ ଶ୍ୱଶୁରଙ୍କର ଜିଗ୍ରୀ ଦୋସ୍ତ । ତାଙ୍କ ଦୁଇ ଜଣଙ୍କ ଭିତରେ ପାଣି ଗଳେନି ।

ବୋହୂଟି ଦଣ୍ଡବତ କରି ଦୁଇଟି ଜଳଖିଆ ପ୍ଲେଟ ଦୁହିଁଙ୍କୁ ବଢାଇଦେଲା ।

ବୋହୂଟି ତିଳ ତିଳ ଲାବଣ୍ୟର ତିଳୋତ୍ତମା । ଲାଜ ଓ ହସର ଅପୂର୍ବ ସମୀକରଣରେ ତା ଚେହେରା ଶିଶିରସିକ୍ତ ଗୋଲାପଟିଏ ଭଳି ଉଦ୍‌ଭାସିତ ହେଉଥିଲା । ମଥାର ସିନ୍ଦୁର ବିନ୍ଦୁଟି ଭୋରର ଆକାଶରେ ଲୋହିତ ସୂର୍ଯ୍ୟଟିଏ ପରି ଝଟକୁ ଥିଲା । ବିଶ୍ୱେଶ୍ୱର ବାବୁ ମୁଗ୍ଧ ଦୃଷ୍ଟିରେ ଅପଲକ ନୟନରେ ବୋହୂଟିକୁ ଚାହିଁ ରହିଥିଲେ । ବୋହୂଟି ଚାଲିଗଲାପରେ ମଧୁବାବୁଙ୍କ ଧର୍ମପତ୍ନୀ ବିମଳା କହିଲେ – ଏ ବୋହୂ ନୂହେଁ ।

Source: Author, Digitized by PPRACHIN, SOA

ଏ ମୋର ଘରର ଲକ୍ଷ୍ମୀ । ଆମ ଦୁଇଜଣଙ୍କର ଏପରି ଯତ୍ନ ନେଉଛି, ତାହା ପ୍ରକାଶ କରିବାକୁ ଭାଷା ପାଉ ନାହିଁ । କେତେ ଜନ୍ମର ତପସ୍ୟା ଯୋଗୁଁ ଏଭଳି ବୋହୂ ପାଇଛୁ ।

ବିଶ୍ୱେଶ୍ୱର ବାବୁ ମଧୁବାବୁଙ୍କ କାନରେ ଫୁସ୍‌ଫୁସ୍ କରି କହିଲେ- ଏ କଣ ସେଇ ସାଲିଆ ସାହିର ହରିଜନ ଝିଅ ।

-ହଁ, ଏଇ ସେଇ ଝିଅ । ଭାରି ଧାର୍ମିକ ପିଲାଟା । ରାତି ଅଧରୁ ଉଠି ଗାଧୋଇ ପାଧୋଇ ଆମ ଠାକୁର ଘରେ ସବୁ ଦେବାଦେବୀଙ୍କର ପୂଜା ସାରି ସକାଳୁ ସକାଳୁ ଆମପାଇଁ ସ୍ୱାଦିଷ୍ଟ ଜଳଖିଆ ତିଆରି କରେ । ଆଜି ମାର୍ଗଶୀର ମାସ ଗୁରୁବାର, ମାଣବସା । ବୋହୁମା ସବୁ ପୂଜା ସାମଗ୍ରୀ ସଜାଡି ମାଆ ମହାଲକ୍ଷ୍ମୀଙ୍କୁ ସକାଳେ ମନଧ୍ୟାନ ଦେଇ ପୂଜା କରିଥିଲା । ସୁଲଳିତ କଣ୍ଠରେ ଲକ୍ଷ୍ମୀପୁରାଣ ପଢି ପରିବେଶଟିକୁ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାରେ ଛଳଛଳ କରିଦେଲା । ଏଇ ଦେଖୁନ, କି ସୁନ୍ଦର ଝୋଟି ପକାଇଛି ।

ମଧୁବାବୁଙ୍କ କଥାରୁ କଥା ଛଡାଇ ନେଇ ତାଙ୍କ ସ୍ତ୍ରୀ କହିଲେ - ଏ ବୋହୂଟି ମୋତେ ନୂଆ ଜୀବନ ଦେଇଛି । ବହୁତ ଦିନ ଧରି ରୋଗରେ ପଡିଥିଲି । ଦିନରାତି ସେବା ଶୁଶ୍ରୂଷା କରି ମୋତେ ଭଲ କରିଛି ।

କହିଲାବେଳେ ତାଙ୍କ ଆଖି ଲୁହ ଛଳଛଳ ହୋଇଗଲା । ମୁହଁଟି କୃତଜ୍ଞତାର ଶୀତଳ ଜଳରେ ବତୁରି ଯାଇଥିଲା ।

ବିଶ୍ୱେଶ୍ୱର ବାବୁ ଭାବୁଥିଲେ - ଜନ୍ମ ନୁହେଁ, ଜାତି ନୁହେଁ, ଯୌତୁକ ନୁହେଁ, ବୋହୂର ଆଚରଣ ଓ ଉଚ୍ଚାରଣହିଁ ସ୍ନେହ,ଶ୍ରଦ୍ଧା ଆଣିଦିଏ । ଭଙ୍ଗା ଘରକୁ ମନ୍ଦିରରେ ପରିଣତ କରେ ।

ଏତିକିବେଳେ ଠୁକୁ ଠୁକୁ ଚାଲି ଚାଲି ମଧୁବାବୁଙ୍କ ନାତି ଘର ଭିତରକୁ ପଶି ଆସି ମଧୁବାବୁଙ୍କ କୋଳରେ ଦୁମ୍‌କିନା ବସି ପଡିଲା । ମଧୁବାବୁ ହସି ହସି କହିଲେ - ଏ ଟୋକା ଆମ ନରେନ୍ଦ୍ରର ପୁଅ । ଭାରି ଦୁଷ୍ଟ । ତା ହାତ ଗୋଡ କଥା କହୁଛି । ତା ପଛରେ ଗୋଡେଇ ଗୋଡେଇ ସକାଳଟା କେତେବେଳେ ସନ୍ଧ୍ୟା ହୋଇ ଯାଉଛି ଆମେ ଜାଣି ପାରୁନୁ ।ବିଶ୍ୱେଶ୍ୱରବାବୁ ତାଙ୍କ ମଧୁବାବୁଙ୍କ ଅସଫଳ ଜୀବନର ପରିପୂର୍ଣ୍ଣତା ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ । ଧୈର୍ଯ୍ୟର ସହିତ ପ୍ରତିକୂଳ ପରିସ୍ଥିତିର ମୁକାବିଲା କଲେ ପରିଶେଷରେ ସୁଖ, ସମୃଦ୍ଧି ଓ ଶାନ୍ତି ମିଳିଥାଏ । ଏବେ ସେ ଏହା ମର୍ମେ ମର୍ମେ ଉପଲବ୍ଧି କଲେ ।

Source: Author, Digitized by PPRACHIN, SOA

ଜଳଖିଆ ଖାଇ ସାରିଲାପରେ ମଧୁବାବୁ ବିଶ୍ୱେଶ୍ୱରବାବୁଙ୍କୁ ଉତ୍ସୁକତାର ସହ ପଚାରିଲେ – ହଁ, ଭାଇ ତୁମ କଥା ତ କିଛି କହିଲ ନାହିଁ ?

ବିଶ୍ୱେଶ୍ୱର ବାବୁଙ୍କ ମୁହଁ ବିଷାଦରେ ବିବର୍ଣ୍ଣ ଦେଖାଗଲା । ମୁହଁଟି ସତେ ଯେପରି ଉଦାସ, ଉଜୁଡ଼ା ଉପବନ । ପଞ୍ଜରାଭେଦୀ କୋହ ଲୁହ ହୋଇ ଅଦିନିଆ ବର୍ଷା ପରି ଟପ୍‌ଟପ୍ ଝରିବାକୁ ଲାଗିଲା । ଥରିଲା କଣ୍ଠରେ କହିଲେ – ଜଣେ ପୁଅ ପରିବାର ସହିତ ନିଉୟର୍କରେ, ଅନ୍ୟ ଜଣେ ଲଣ୍ଡନରେ । ସ୍ତ୍ରୀର ଆଠବର୍ଷ ତଳେ ଦେହାନ୍ତ ହୋଇଗଲା । ଘରେ ମୁଁ ଏକଲା । ବିରାଟ ଅଟ୍ଟାଳିକା । ଟଙ୍କାର ପାହାଡ ଉପରେ ଠିଆ ହୋଇଛି । ମୋ ନାମରେ ପ୍ରଚୁର ବ୍ୟାଙ୍କ ବାଲାନ୍ସ । ସବୁ ମୂଲ୍ୟହୀନ । ନିଃସଙ୍ଗ ଜୀବନ ମୋ ପାଇଁ ଦୁର୍ବିସହ ହୋଇ ପଡିଛି । ଜୀବନକୁ ନିଃଶେଷ କରିବାର ଇଚ୍ଛା ଗୁଡାକ ମୋ ଦେହ ମନକୁ ଗ୍ରାସ କରୁଛନ୍ତି । କେଇଦିନ ତଳେ ମୋ ଘର ଉପରୁ ତଳକୁ ଡେଇଁଲାବେଳକୁ ମୁଁ ଅନୁଭବ କଲି ଆପଣ ମୋ ହାତଧରି ତଳକୁ ବାଟ କଢାଇ ଆଣୁଛନ୍ତି । ମୁଁ ବଞ୍ଚିବାକୁ ଚାହେଁ । ମୁଁ ହସିବାକୁ ଚାହେଁ । ମୁଁ ଆପଣଙ୍କ ପାଖକୁ ଧାଇଁ ଆସିଛି । ମୋତେ ଉପାୟ ବତାନ୍ତୁ । ଆପଣ ଅଭାବ, ଅନଟନ, ଅପମାନରେ ବି କିଭଳି ଅବିଚଳିତ ଓ ଆନନ୍ଦିତ ରହୁଥିଲେ, ତାର ସୂତ୍ର କୁହନ୍ତୁ ।

ମଧୁବାବୁ ମୁହଁରେ ସ୍ୱଭାବସୁଲଭ ହସଟିଏ ଖେଳାଇ କହିଲେ – ଆମର ବହୁତ ତଳେ ଥିବା ଅବହେଳିତ, ନିଷ୍ପେସିତ, ନିସ୍ୱଃ ଲୋକମାନଙ୍କ କଥା ଚିନ୍ତା କଲେ, ସେମାନଙ୍କ ସହ ନିଜକୁ ତୁଳନା କଲେ ନିଜକୁ ଭାଗ୍ୟବାନ ମନେ କରିବା । ଈଶ୍ୱରଙ୍କ ଅପାର କରୁଣା ଉପଲବ୍ଧି କରିପାରିବା । ଭଗବାନ୍ ଆମକୁ ଯାହା ଦେଇଛନ୍ତି ସେଥିରେ ସନ୍ତୁଷ୍ଟ ହୋଇ ସେଥିପାଇଁ ଈଶ୍ୱରଙ୍କୁ କୃତଜ୍ଞତା ଜଣାଇବା । ସମାଜର ଅପାଂକ୍ତେୟ ଅବହେଳିତ, ଅଭାବୀ ମଣିଷମାନଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରନ୍ତୁ । ଦେଖିବେ ଆପଣଙ୍କ ମୁହଁରେ ହସ ଫୁଟି ଉଠିବ ।

ବିଶ୍ୱେଶ୍ୱର ବାବୁ ଗମ୍ଭୀର ମୁଖମଣ୍ଡଳରେ ମଧୁବାବୁଙ୍କ ଠାରୁ ବିଦାୟ ନେଇଥିଲେ ।

ଏହା ମଧ୍ୟରେ ତିନିମାସ ବିତିଯାଇଛି । ବିଶ୍ୱେଶ୍ୱର ବାବୁଙ୍କ ଖୋଜ ଖବର ନ ପାଇ ମଧୁବାବୁ ବ୍ୟସ୍ତ ହୋଇ ପଡିଛନ୍ତି । ତାଙ୍କ ଘରକୁ ସେ ଯେବେ ଆସିଥିଲେ, ତାଙ୍କ ଫୋନ୍ ନମ୍ବରଟି ନେବାକୁ ସେ ଦିନ ଭୁଲିଗଲେ । ସକାଳୁ ସକାଳୁ ଅଟୋରିକ୍ସାଟିଏ ଧରି ବିଶ୍ୱେଶ୍ୱରବାବୁଙ୍କ ପାଖକୁ ବାହାରିଲେ । ଆତ୍ମହତ୍ୟା ପ୍ରବଣତାର ଧୂଆଁ ତାଙ୍କୁ ଅସ୍ତବ୍ୟସ୍ତ

Source: Author, Digitized by PPRACHIN, SOA

କରୁଥିଲା । ଏହା ଭିତରେ ସେ କିଛି ଅଘଟଣ ଘଟାଇ ନାହାଁନ୍ତି ତ ? ଏହି ଚିନ୍ତା ମଧୁବାବୁଙ୍କ ହୃଦୟକୁ କୋରି ପକାଉଥିଲା ।

ବିଶ୍ୱେଶ୍ୱର ବାବୁଙ୍କ ଘର ଆଗରେ ଠିଆହୋଇ ଭିତରକୁ ଅନାଇଲେ । ଆଠ ଦଶ ଜଣ ପିଲା ପିଣ୍ଡାରେ ବସି ବହି ପଢୁଥିଲେ । ମଧୁବାବୁଙ୍କ ମନକୁ ପାପ ଛୁଇଁଲା । ବିଶ୍ୱେଶ୍ୱର ବାବୁଙ୍କ ଦେହାନ୍ତ ପରେ ସେ ଘରକୁ କେହି ବ୍ୟକ୍ତି ଭଡାରେ ନେଇ ଟିଉସନ ସେଣ୍ଟର ଆରମ୍ଭ କରିଦେଇଛନ୍ତିକି ? ଏମିତି ଅନାବନା ଚିନ୍ତା ତାଙ୍କୁ ବିବ୍ରତ କରୁଥିଲାବେଳେ ଶୁଭିଲା - ଆରେ ମଧୁବାବୁ, ଆସ ଆସ, ଆଜି ମୋର କି ଭାଗ୍ୟ ! ଆଜି ମୋ ଘରେ ଆପଣଙ୍କ ପାଦ ପଡିଲା ।

ଆଶ୍ୱସ୍ତି ଓ ଆନନ୍ଦରେ ମଧୁବାବୁଙ୍କ ମୁହଁରେ ହସର ଲହଡି ଖେଳିଗଲା । ବିଶ୍ୱେଶ୍ୱର ବାବୁ ମଧୁବାବୁଙ୍କ ହାତଧରି ଘରର ଫାଷ୍ଟ ଫ୍ଲୋରକୁ ନେଇ ସୋଫା ଉପରେ ବସାଇଲେ । ପ୍ରଶ୍ନିଳ ଆଖିରେ ମଧୁବାବୁ ପଚାରିଲେ - ତମ ତଳ ଘରେ ପ୍ରାୟ କୋଡିଏ ଜଣ ପିଲା ଦେଖିଲି । ଏମାନେ ଏଠି ସବୁ କଣ କରୁଛନ୍ତି ?

- ବୁଝିଲ ମଧୁବାବୁ । ଏ ସବୁ ଯାହା ଦେଖିଲ ସବୁ ତୁମରି କରାମତି । ତମ ଘରେ ସେଦିନ ତୁମେ ମୋତେ କହିଥିଲ - ଅନ୍ୟର ମୁହଁରେ ହସ ଫୁଟାଅ, ଦେଖିବ ନିଜ ମୁହଁରୁ ହସ ଝରି ପଡିବ । ଫେରିଲା ବେଳକୁ ତୁମ କଣ୍ଠର ଗୁରୁ ଗମ୍ଭୀର ସେହି ଧ୍ୱନି ମୋ କର୍ଣ୍ଣଗୁହରରେ ଗୁଞ୍ଜରିତ ହେଉଥିଲା । ବାଟରେ ଚାରୋଟି ଛୋଟପିଲା ମୋତେ ଖାଇବାକୁ ପଇସା ଦେବାକୁ କାକୁତି ମିନତି କରି ଅନୁରୋଧ କଲେ । ମୁଁ ସେମାନଙ୍କୁ ଆମ ଘରେ ରହିବାକୁ ପରାମର୍ଶ ଦେଲି ଓ ସେମାନେ ରାଜି ହୋଇଗଲେ । ଏହିପରି ଆସ୍ତେ ଆସ୍ତେ ପ୍ରାୟ କୋଡିଏ ଜଣ ଅନାଥ, ଅବହେଳିତ ଶିଶୁ ମୋର ଘରେ ରହିଲେ । ସେମାନଙ୍କ ରହିବା, ଖାଇବା, ଶୋଇବା, ପଢିବାର ସମସ୍ତ ବ୍ୟବସ୍ଥା କରି ଦେଇଛି । ମୁଁ ସେମାନଙ୍କୁ ମଝିରେ ମଝିରେ ପଢାଉଛି । ପ୍ରତିଦିନ ଶିକ୍ଷକ ମଧ୍ୟ ଆସି ସେମାନଙ୍କୁ ପାଠ ପଢାଉଛନ୍ତି । ଭୂତକୋଠି ପାଲଟି ଯାଇଥିବା ମୋର ଘରେ ଏବେ ଗହଳି ଚହଳି । ମିଠା ମିଠା ଖୁସିର ବାତାବରଣରେ ପରିବେଶ ଚଳଚଞ୍ଚଳ । ସବୁ ପିଲା ମୋତେ ଜେଜେ ଡାକନ୍ତି । ସେ ଡାକ ଶୁଣିଲେ ମୋ ମନ ଓ ହୃଦୟରେ ଶିହରଣ ସୃଷ୍ଟି ହୁଏ । ମୁଁ ମଝିରେ ଦୁଇ ଦିନ ଜ୍ୱରରେ ପଡିଲି । ପିଲାମାନେ ଚବିଶ ଘଣ୍ଟା ମୋ ସେବା ଶୁଶ୍ରୂଷାରେ ଲାଗିଗଲେ । ବୁଝିଲେ ମଧୁବାବୁ, ଏବେ ମୋର ଚବିଶ ନାତି, ଚାରିଜଣ

Source: Author, Digitized by PPRACHIN, SOA

ବିଦେଶରେ, ପାଖରେ କୋଡିଏ ଜଣ । କି ଭାଗ୍ୟ ମୋର ! ପିଲାମାନଙ୍କ ଗହଣରେ ମୁଁ ପାଉଛି ଅନିର୍ବଚନୀୟ ଆନନ୍ଦ । ଅନୁଶୋଚନା, ଅବସୋସ, ଅବସାଦ ଘୁଞ୍ଚି ଯାଇଛି । ବଞ୍ଚିବାର ଓ ହସିବାର ଆନନ୍ଦ ମୋ ମନ ଓ ହୃଦୟରେ କଅଁଳି ଉଠିଛି । ଗ୍ରାଉଣ୍ଡ ଫ୍ଲୋରରେ ପିଲାମାନେ, ଫାଷ୍ଟ ଫ୍ଲୋରରେ ମୁଁ ରହୁଛି । ସେକେଣ୍ଡ ଫ୍ଲୋରଟି ଖାଲି ଅଛି । ପୁଅ ବୋହୂମାନେ କେବେବେଳେ ଆସିଲେ, ସେଇ ଫ୍ଲୋରରେ ରହିବେ ।

–ହଁ, ତୁମର ଏହି ନୂଆ ଶିଶୁ ଆଶ୍ରମ ବିଷୟରେ ତୁମ ପୁଅମାନଙ୍କର ମତାମତ କଣ ?

–ସେମାନେ ଭାରି ଖୁସି । ସେମାନେ କହୁଛନ୍ତି – ଆମେତ ବହୁତ ଦୂରରେ । ଟଙ୍କା ପଠାଇବା ଛଡା ତୁମପାଇଁ କିଛି କରିପାରୁନୁ । ତୁମେ ଯେଉଁଥିରେ ଖୁସି, ଆମର ସେଥିରେ ଖୁସି ।

–ଏ ଆଶ୍ରମର ସମସ୍ତ ଖର୍ଚ୍ଚ କିପରି ଚାଲିଛି ?

–ତୁମେତ ଜାଣିଛ, ମୋ ନାମରେ ବହୁ ପରିମାଣର ଫିକ୍ସଡ୍ ଡିପୋଜିଟ ଅଛି । ତାର ଯେତିକି ସୁଧ ମିଳୁଛି ତାର ତୁଳନାରେ ଏ ଖର୍ଚ୍ଚ କିଛି ନୁହେଁ । ମୁଁ ଗୋଟିଏ ଟ୍ରଷ୍ଟ ଗଠନ କରିବି ବୋଲି ସ୍ଥିର କରିଛି । ମୋ ଅନ୍ତେ ଯେପରି ଏ ଶିଶୁ ଆଶ୍ରମ ସୁରୁଖୁରୁରେ ଚାଲିପାରିବ ।

–ଆଉ ଏବେ କେମିତି ଲାଗୁଛି ?

–ଭାଇ, ତୁମେ ମୋତେ ବଞ୍ଚେଇ ଦେଲ । ଯନ୍ତ୍ରଣା, ଯାତନାର କୁଇରୁ ଟାଣି ଆଣି ସୁଖ ସନ୍ତୋଷ ଓ ସ୍ୱପ୍ନର ସ୍ୱର୍ଗରେ ପହଞ୍ଚାଇ ଦେଲ । ଯେଉଁ ଶାନ୍ତି ଓ ସନ୍ତୋଷର ସୂତ୍ର ମୋ ହାତକୁ ତୁମେ ବଢାଇ ଦେଲ, ସେଥିପାଇଁ ତୁମ ନିକଟରେ ମୁଁ ଚିରଋଣୀ । – ଏକଥା କହିଲା ବେଳେ ବିଶ୍ୱେଶ୍ୱରବାବୁଙ୍କ ମୁଖ ମଣ୍ଡଳରୁ ଝରି ପଡୁଥିଲା ଆନନ୍ଦ ଓ ସନ୍ତୋଷର ଆଞ୍ଜୁଳା, ଆଞ୍ଜୁଳା ଜ୍ୟୋସ୍ନା ।

(ସତ୍ୟବାଦୀର ପତ୍ରିକାରେ ୨୦୨୦ ମସିହା ଡିସେମ୍ବର ସଂଖ୍ୟାରେ ପ୍ରକାଶିତ)

Source: Author, Digitized by PPRACHIN, SOA

ଯାଜ୍ଞସେନୀର ହସ

ଶିତିକଣ୍ଠ ତାଙ୍କ ସ୍ନେହମୟୀ ଜନନୀଙ୍କର ଶ୍ରାଦ୍ଧ ଦିବସରେ ସମସ୍ତ କାର୍ଯ୍ୟସାରି ଡ୍ରଇଁ ରୁମ୍‌ରେ ସୋଫାସେଟ୍ ଉପରେ ବସି ଝୁଲୁଥିବା ବୋଉର ଫଟୋଟିକୁ ଅପଲକ ନୟନରେ ଅନାଇ ରହିଥିଲେ । ଦେବୀ ପ୍ରତିମାଭଳି ମୁହଁ, ସେଥିରେ ଖେଳୁଛି ଏକ ସ୍ମିତ ହାସ୍ୟ । ଚାଳିଶ ବର୍ଷ ତଳର ସେହି ଅବିସ୍ମରଣୀୟ ଚିତ୍ର ତାଙ୍କ ଆଖି ଆଗରେ ଚଳଚ୍ଚିତ୍ର ପରି ଭାସି ଉଠୁଥିଲା ।

ସେତେବେଳେ ଶିତିକଣ୍ଠ ଜଣେ ଶିକ୍ଷିତ, କର୍ମଠ, ଉଦୀୟମାନ ତରୁଣ ଭାବରେ ଗାଁର ସରପଞ୍ଚ ଭାବରେ ନିର୍ବାଚିତ ହୋଇଥାନ୍ତି । ସେଦିନ ସନ୍ଧ୍ୟାରେ ଗାଁର ସ୍ୱାଧୀନତା ସଂଗ୍ରାମୀ ରଘୁ ସାମନ୍ତରାୟଙ୍କର ସମ୍ବର୍ଦ୍ଧନା ପାଇଁ ସବୁ ଆୟୋଜନରେ ସେ ଅତି ବ୍ୟସ୍ତ ଥାନ୍ତି । ସକାଳେ ତରତର ହୋଇ ଘରୁ ବାହାରିବା ସମୟରେ ରୋଷେଇ ଘରୁ ପଦାକୁ ବାହାରି ଆସି ବୋଉ ପଚାରିଲେ- ବାବୁରେ । ସକାଳୁ ସକାଳୁ କୁଆଡ଼େ ବାହାରି ପଡ଼ିଲୁ ?

- ଜାଣିନୁ କିଲୋ ବୋଉ । ଆଜି ଆମ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ରଘୁ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧନା ଦିଆଯିବ । ମନ୍ତ୍ରୀ, ବିଧାୟକ, ଉଚ୍ଚପଦସ୍ଥ ଅଧିକାରୀମାନେ ଏ ଉତ୍ସବରେ ଯୋଗ ଦେବେ । ଏ ଉତ୍ସବର ସଫଳତା ପାଇଁ ସରପଞ୍ଚ ହିସାବରେ ମୁଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛ ।

ଏତିକି କହି ଶିତିକଣ୍ଠ ବୋଉର ମୁହଁକୁ ଅନାଇଲାବେଳକୁ ଦେଖିଲେ ତା ମୁହଁରେ ସଦା ଢଳଢ଼ଳ ହସର ଚନ୍ଦ୍ରମାଟି ମ୍ଲାନ ଦେଖାଯାଉଛି । ବିଷାଦର ଜାଡୁଆ ଶୀତରେ ତା ଦେହ ଓ ମନ ଶାଙ୍କୁଡ଼ି ହୋଇଯାଉଛି । ତା'ର ଆଖି ଦୁଇଟି ଲୁହରେ ଟଳମଳ । ଅମାନିଆ ଲୁହ ତା'ର ଶତ ପ୍ରତିରୋଧ ସତ୍ତ୍ୱେ ଆଖିର ଉପକୂଳକୁ ଲଂଘିବାକୁ ଅସ୍ତବ୍ୟସ୍ତ ଦେହଛନ୍ତି । ବୋଉର ବେଦନା ଜୁଡୁବୁଡୁ ମୁହଁକୁ ଅନାଇଲେ ଲାଗୁଥିଲା ଯେପରି ତା ଛାତି ଭିତରୁ କରୁଣା ମୂର୍ଚ୍ଛନା ରହି ରହି ବିଳପି ଉଠୁଛି । ମୁହଁରେ

Source: Author, Digitized by PPRACHIN, SOA

ଭୂଗୋଳକୁ ଲୋଚାକୋଚା କରି ବୋଉ ତା'ଭିତରେ ହସର ଝରଣାଟିଏ ବୁହାଇବାକୁ ଯଥାସାଧ୍ୟ ତା'ର ଉଦ୍ୟମ ଜାରି ରଖିଥିଲା । ତା'ର ଆଖିର ଲୁହ କାଳେ ଶିତିକଣ୍ଠ ଆଖିରେ ଧରା ପଡ଼ିଯିବ, ସେଥିପାଇଁ ସେ ବୁଲିପଡ଼ି ତରତର ହୋଇ ରୋଷେଇ ଘର ଆଡ଼କୁ ଚାଲିଗଲେ ।

ଶିତିକଣ୍ଠ ଗାଁର ଉ.ପ୍ରା. ସ୍କୁଲର ପ୍ରାଙ୍ଗଣକୁ ଆସି ଉତ୍ସବ ଆୟୋଜନର ଅଗ୍ରଗତିକୁ ତଦାରଖ କରୁଥିବା ବେଳେ ତା ଆଖିର ନାଚି ଉଠୁଥିଲା ବୋଉର ଲୁହ ଟଳମଳ ଆଖି, ବେଦନାରେ ଜଡ଼ସଡ଼ ମୁହଁ । ରଘୁ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧନା ଦିଆଯିବା ବିଷୟ ଶୁଣି ବୋଉର ମୁହଁ ଆକାଶରେ କାହିଁକି ଲୁହର ବାଦଲ ସହିତ କଳାମେଘ ଘୋଟି ଆସିଲା, ଏହି ଚିନ୍ତା ଶିତିକଣ୍ଠକୁ ଆନ୍ଦୋଳିତ କରୁଥିଲା ।

ଶ୍ରୀଯୁକ୍ତ ନୀଳକଣ୍ଠ ମିଶ୍ର ଓ ଶ୍ରୀମତୀ ନୀଳିମା ମିଶ୍ରଙ୍କର ଶିତିକଣ୍ଠ ହେଉଛି ଏକଇର ବଳା ବିଶିକେଶନ । ନୀଳକଣ୍ଠ ବାବୁ ଓ ନୀଳିମା ଉଭୟ ଥିଲେ ସ୍ୱାଧୀନତା ସଂଗ୍ରାମୀ । ଢେଙ୍କାନାଳ ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ସ୍ୱତଃସ୍ଫୂର୍ତ୍ତ ଭାବରେ ତେଜି ଉଠିଥିବା ପ୍ରଜା ଆନ୍ଦୋଳନର ନୀଳକଣ୍ଠ ଥିଲେ ମହାନାୟକ । ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୀଳିମା ସେହି ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ । ରଘୁ ସାମନ୍ତରାୟ ଥିଲା ନୀଳକଣ୍ଠଙ୍କର ଅନୁଗାମୀ ।

ନୀଳକଣ୍ଠ ଥିଲେ ସମ୍ଭ୍ରାନ୍ତ ପରିବାରର ସନ୍ତାନ । ତାଙ୍କର ଅଚଳାଚଳ ସମ୍ପତ୍ତି ଓ ଜମିବାଡ଼ି ଥିଲା । ଦେଶ ସ୍ୱାଧୀନତା ଲାଭ ପରେ ସେ ଜମିବାଡ଼ି ବୁଝାସୁଝା କରି ଆନନ୍ଦରେ କାଳାତିପାତ କରିଥିଲେ । ଏକମାତ୍ର ପୁତ୍ର ଶିତିକଣ୍ଠ ଏମ୍.ଏ ପାସ୍ କଲାପରେ ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରି ପାଇ ବାରିପଦାରେ ଅବସ୍ଥାପିତ ହୋଇଥିଲା । ଗାଁରେ ଏତେ ଜମିବାଡ଼ି ଥାଉଥାଉ ଏତେ ଦୂରରେ ଏକମାତ୍ର ପୁଅ ଚାକିରି କରିବାକୁ ନୀଳକଣ୍ଠ ଓ ନୀଳିମା ଚାହିଁ ନ ଥିଲେ । ନୀଳକଣ୍ଠ ଶିତିକଣ୍ଠକୁ ଚିଠି ଲେଖିଲେ - ଆମର ଏତେ ଜମିବାଡ଼ି । ପାଞ୍ଚଟା ପୋଖରୀ, କେତେ ଆମ୍ବ ତୋଟା । ତୁ ଗାଁରେ

Source: Author, Digitized by PPRACHIN, SOA

ରହି ଚାଷବାସ ବୁଝାସୁଝା କରି ମାଛ ଚାଷ କରି ଯଥେଷ୍ଟ ରୋଜଗାର କରି ପାରିବୁ । ତୁ ଆମ ପାଖରେ ରହିଲେ ଆମକୁ ବହୁତ ଭଲ ଲାଗିବ । ତୁ ଚାକିରି ଛାଡ଼ି ଘରକୁ ଚାଲିଆ ।

ଅନିଚ୍ଛା ସତ୍ତ୍ୱେ ଶିତିକଣ୍ଠ ଚାକିରିରୁ ଇସ୍ତଫା ଦେଇ ଗାଁକୁ ଚାଲି ଆସିଲେ । ଶିତିକଣ୍ଠ ଥିଲେ ନମ୍ର ସହିଷ୍ଣୁ, ଭଦ୍ର, ଶିକ୍ଷିତ ଯୁବକ । ଗାଁର ଆବାଳ ବୃଦ୍ଧ ବନିତାଙ୍କ ଅତିପ୍ରିୟ । ଗାଁକୁ ଫେରିବାର ଏକ ବର୍ଷ ପରେ ସରପଞ୍ଚ ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ସେ ନିର୍ବାଚିତ ହେଲାପରେ ରଘୁ ସାମନ୍ତରାୟକୁ ସମ୍ବର୍ଦ୍ଧନା ଦେବା ପାଇଁ ଉତ୍ସବ ଆୟୋଜନ କରିବା ଥିଲା ତା'ର ଦାୟିତ୍ୱର ପ୍ରଥମ ପର୍ବ ।

ଟେଷ୍ଟ ହାଉସ୍‌ର ଲୋକମାନେ ମଞ୍ଚ ସଜାଇବାରେ ବ୍ୟସ୍ତ ଥାଆନ୍ତି । ଶିତିକଣ୍ଠର ଯୁବ ସମର୍ଥକମାନେ ପରିବେଶକୁ ଚିତ୍ତାକର୍ଷକ ଓ ଆକର୍ଷଣୀୟ କରିବା ପାଇଁ ମନପ୍ରାଣ ଢାଳି କାମ କରି ଚାଲିଥାନ୍ତି । ଶିତିକଣ୍ଠ ଏକ ଯନ୍ତ୍ରଚାଳିତ ମେସିନ୍ ଭଳି କାମର ତଦାରଖ କରୁଥିଲେ ହେଁ ତା ଆଖି ଆଗରେ ଝଲସୁଥାଏ ବୋଉର ବେଦନାଗ୍ରସ୍ତ ବିଷଣ୍ଣ ମୁଖମଣ୍ଡଳ । ରଘୁ ସାମନ୍ତରାୟ କ'ଣ କରିଛି, ଯେଉଁଥିପାଇଁ ବୋଉର ସଜଫୁଟା ଗୋଲାପଭଳି ମୁହଁ ସହସା ଏକ ଉଦାସ, ଉଜୁଡ଼ା ଉପବନରେ ପରିଣତ ହୋଇଥିଲା, ଏହି ଚିନ୍ତା ଶିତିକଣ୍ଠର ସମସ୍ତ ସତ୍ତାକୁ ଥରାଇଦେଇ ଅଜସ୍ର ମୁନିଆଁ କଣ୍ଟା ସାଜି ତା'ର କଲିଜାକୁ ଫୋଡ଼ି ପକାଉଥିଲା ।

ଅପରାହ୍ଣରେ ଖାଇସାରି ଶିତିକଣ୍ଠ ବୋଉର ହାତକୁ ନିଜ ମୁଣ୍ଡ ଉପରେ ରଖି କହିଲା- ବୋଉଲୋ, ରଘୁ ସାମନ୍ତରାୟର ସମ୍ବର୍ଦ୍ଧନା ସମ୍ବନ୍ଧରେ ଜାଣିଲାପରେ ଶତଚେଷ୍ଟା କଲେବି ତୋ ମୁଖମଣ୍ଡଳରେ ବିଷାଦ, ବିଦ୍ୱେଷ ଓ ବେଦନାର ଚିତ୍ର ସ୍ପଷ୍ଟ ବାରିହୋଇ ପଡୁଥିଲା । ନିଜର ଉଦ୍‌ଗତ କୋହକୁ ଆଖିକୁ ନଆଣିବା ପାଇଁ କରୁଥିଲୁ ପ୍ରାଣମୂର୍ଚ୍ଛା ପ୍ରଚେଷ୍ଟା । ତୋର ମୁଖମଣ୍ଡଳ ଦିଶୁଥିଲା କାକୁସ୍ଥ ହରିଣୀ ଶାବକର କରୁଣ ଆଖିର ଜ୍ୟୋତି ପରି ମ୍ଳାନ । ମୋତେ ଲାଗୁଥାଏ ତୁ ଯେପରି କାରୁଣ୍ୟର କପୋତୀ, ତୁ ସବୁ

Source: Author, Digitized by PPRACHIN, SOA

ସତ୍ୟ କଥା ମୋ ଆଗରେ ଖୋଲିକରି କହ । ଏହା ନ ଜାଣିଲା ପର୍ଯ୍ୟନ୍ତ ମୁଁ ଅଣନିଶ୍ୱାସୀ ଅନୁଭବ କରୁଛି ।

ନୀଳିମା ଦେବୀ ଥରିଲା ଥରିଲା କଣ୍ଠରେ କହିଲେ- ବାବୁରେ ! ତତେ କହିବିନି ତ ଆଉ କାହା ଆଗରେ କହିବି । ଦେଶ ସ୍ୱାଧୀନ ହେବା ପୂର୍ବରୁ ଢେଙ୍କାନାଳ ରାଜାଙ୍କ ବିରୁଦ୍ଧରେ ପ୍ରଜା ଆନ୍ଦୋଳନ ଦ୍ରୁତ ବେଗରେ ତା'ର କାୟା ବିସ୍ତାର କରୁଥାଏ । ସହିଦ ବାଜି ରାଉତର ବ୍ରାହ୍ମଣ ନଦୀ ଘାଟରେ ମୃତ୍ୟୁପରେ ଏହା ଆହୁରି ତୀବ୍ରତର ହେଲା । ତୋ ବାପା ଭୁବନ ଅଞ୍ଚଳରେ ପ୍ରଜାମଣ୍ଡଳର ସଭାପତି ଥାଆନ୍ତି । ରଘୁ ସାମନ୍ତରାୟ ଥିଲା ତୋ ବାପାଙ୍କର ଅନୁଗତ ସମର୍ଥକ । ମୁଁ ମହିଳାମାନଙ୍କୁ ଏ ଆନ୍ଦୋଳନରେ ସାମିଲ କରିବା ନିରବଚ୍ଛିନ୍ନ ଉଦ୍ୟମ କରୁଥାଏ । ଢେଙ୍କାନାଳରେ ପ୍ରାୟ ଦଶଦିନ ରହି ଆନ୍ଦୋଳନକୁ ତ୍ୱରାନ୍ୱିତ କରି ଶଗଡ଼ଗାଡ଼ିରେ ବାପା ଓ ମୁଁ ଗାଁକୁ ଫେରୁଥାଉ । ସାଙ୍ଗରେ ଥାଏ ରଘୁ ସାମନ୍ତରାୟ । ନିଶା ସାଇଁ ସାଇଁ ଗର୍ଜୁଥାଏ । ଝିପିଝିପି ବର୍ଷା । ମଝିରେ ମଝିରେ ବିଜୁଳି ଓ ଘଡ଼ଘଡ଼ିର ଆତସବାଜି । ଉଦଣ୍ଡ ବେହିସାବୀ ପବନ ତୁହାକୁ ତୁହା ମାଡ଼ିଆସୁଥାଏ । ତମଶାଳ କେନାଲରେ ଖଚାଖଚ୍ ପାଣି । ଶଗଡ଼କୁ ଅଟକାଇ ତୋ ବାପା କେନାଲ କୂଳକୁ ମଳତ୍ୟାଗ କରିବାକୁ ଗଲେ । ମୋ ଆଖିରେ ଛାଇନିଦ ଲାଗିଯାଇଥିଲା । ହଠାତ୍ ଦେଖିଲା ବେଳକୁ ସେ ଦର୍ପୀ, ଦୁର୍ବିନୀତ ଦାନବ ରଘୁ ସାମନ୍ତରାୟ ମୋ ଦେହ ଦେଉଳର ଦଲାଣ ଉପରେ ଆରମ୍ଭ କରିଛି ଦାରୁଣ ଦମନ ଲୀଳା । ମୋତେ ବିବସ୍ତ୍ର କରିବା ପାଇଁ ପାପିଷ୍ଠ ଭିତରେ ପୈଶାଚିକ କାମନାର ହୁତୁହୁତୁ ନିଆଁ ଜଳୁଛି । ଦ୍ରୌପଦୀ ଦୁଃଶାସନର ଦାଉରୁ ରକ୍ଷାପାଇବା ପାଇଁ ଦ୍ୱାରିକାନାଥଙ୍କ ଦୟା ପାଇଁ ହାତ ପାତିଲା ଭଳି ମୁଁ ଆମ ପରିବାର ଇଷ୍ଟଦେବୀ ମା' ମହାଲକ୍ଷ୍ମୀଙ୍କୁ ଆକୁଳ ନିବେଦନ କଲି । ମୋ ଦେହ ଓ ମନର କୋଣ ଅନୁକୋଣରେ ଶତସିଂହର ପରାକ୍ରମ ସଞ୍ଚରିଗଲା । ମୋ ପାଦରେ ତା'ର ଛାତିକୁ ଚଟାଣକୁ ଶକ୍ତ ଆଘାତ ଦେଲି । ସେ ଚିତ୍‌କାତ ହୋଇ ପଡ଼ିଗଲା । ମୁଁ ଅମା ଅନ୍ଧାର ବର୍ଷଣ ମୁଖର ରାତିରେ ଜୀବନ

Source: Author, Digitized by PPRACHIN, SOA

ବିକଳରେ ଦୌଡୁଥାଏ । କିଛି ସମୟପରେ ତା'ର ପାଦ ଶବ୍ଦ ଶୁଣି ମୁଁ ଭୟରେ ଶାଙ୍କୁଡ଼ି ଗଲି । କେନାଲର ଅତଳ ଗର୍ଭକୁ ଡେଇଁଲା ବେଳକୁ ପାପିଷ୍ଠର ପାପସିକ୍ତ ପଞ୍ଝାର ପାଚେରି ଭିତରେ ପିଷ୍ଟ ହୋଇଗଲି । ଚେତାଶୂନ୍ୟ ହୋଇଗଲି । ଚେତା ଫେରିଲା ପରେ ଦେଖିଲି ବାପା ତାଙ୍କ ଛଳଛଳ କୋଳରେ ମୋତେ ଶୁଆଇଦେଇ ପାଣି ଛିଞ୍ଚୁଛନ୍ତି । ଆଶ୍ୱସ୍ତିର ଅପର୍ଯ୍ୟାପ୍ତ ଆଲୋକରେ ମୋ ଦେହରେ ଅସରାଏ ଜୀବନ ଭରିଗଲା । ଅସୁମାରି କୋହ ଓ ଲୁହରେ ତୋ ବାପାଙ୍କୁ କହିଲି- କାହିଁକି ମୋତେ ବଞ୍ଚାଇଲ ? ମୋ ଦେହ କଳୁଷିତ, କର୍ଦ୍ଦମାକ୍ତ । ଅସଦାଚରଣର ଶିକାର ହୋଇଥିବା ଏ ଅପବିତ୍ର ଶରୀରକୁ ତୁମ ପାଖରେ ଅର୍ପଣ କରିପାରିବ ନାହିଁ । ମୁଁ ଏହାକୁ ନିଃଶେଷ କରିବାକୁ ଚାହେଁ । ଏ ପବିତ୍ର ଶରୀରକୁ ପାପିଷ୍ଠ ରଘୁ ସାମନ୍ତରାୟ ସ୍ପର୍ଶ କରିଛି ।

ତୋ ବାପା ମୋତେ ପ୍ରକୃତିସ୍ଥ କରିବାକୁ ଯାଇ କହିଲେ- ତୁମେ ଭାବପ୍ରବଣ ହୁଅନାହିଁ । ଈଶ୍ୱର ତୁମକୁ ଏ ଜୀବନ ଦେଇଛନ୍ତି, ତାକୁ ନେବାର ଅଧିକାର ତୁମର ନାହିଁ । ଆତ୍ମହତ୍ୟା ମହାପାପ । ତୁମ ମନ ଗଙ୍ଗାଜଳ ଭଳି ଶୁଦ୍ଧ, ପୂତ, ପବିତ୍ର । ତୁମ ମନକୁ ପାପର ପଙ୍କ ସ୍ପର୍ଶ କରିନାହିଁ । ବାହ୍ୟ ସ୍ପର୍ଶରେ, ବାହ୍ୟ ଆକ୍ରମଣରେ ଦେହ କ୍ଷତାକ୍ତ ହୋଇପାରେ, ଦେହର ଦେଉଳରୁ କେତେ ଖଣ୍ଡ ପଥର ଖସିଯାଇପାରେ, କିନ୍ତୁ ମନ୍ଦିରର ଗର୍ଭଗୃହର ପବିତ୍ରତା, କମନୀୟତା ସବୁବେଳେ ଅକ୍ଷୁଣ୍ଣ ରହେ, ତାହା କସ୍ମିନ୍ କାଳେ କଳୁଷିତ ହୁଏନାହିଁ । ଯାହା ଘଟିଗଲା, ତାକୁ ଏକ ଦୁଃସ୍ୱପ୍ନ ଭାବି ଭୁଲିଯାଅ । କିନ୍ତୁ ଏକଥା ଆମକୁ ସମ୍ପୂର୍ଣ୍ଣ ଗୋପନ ରଖିବାକୁ ପଡ଼ିବ । ପୁରୁଷକୈନ୍ଦ୍ରିକ ରକ୍ଷଣଶୀଳ ସମାଜ ଅଣୁବୀକ୍ଷଣ ଯନ୍ତ୍ରରେ ନାରୀର ତ୍ରୁଟି ବିଚ୍ୟୁତିକୁ ଖୋଜିଖୋଜି ତା ଦେହରେ ମିଛ କଳଙ୍କର କାଳିମା ବୋଳିଦିଏ ।

ଏଠାକୁ କେମିତି ଆସିଲ ବୋଲି ବାପାଙ୍କୁ ପ୍ରଶ୍ନ କଲାରୁ ସେ କହିଲେ- ଈଶ୍ୱରଙ୍କ କରୁଣା ଅପାର । ମୁଁ ଦେଖିଲି କେନାଲର ଅକାତକାତ ପାଣି ଆଡ଼କୁ ତୁମେ ବିଜୁଳି ବେଗରେ ଧାଇଁଛ । ଜୋର୍‌ରେ ଦୌଡ଼ିଆସି ତୁମକୁ ପଛରୁ ଜାବୁଡ଼ି ଧରିଲି । ତୁମ

Source: Author, Digitized by PPRACHIN, SOA

ଜୀବନ ରକ୍ଷା ହୋଇଗଲା । ଅସଦାଚରଣ ଓ ଦୁଷ୍କର୍ମ ପାଇଁ ଯଦି ନାରୀମାନେ ଆତ୍ମହତ୍ୟା କରିବେ, ତେବେ ଏ ବସୁଧା ଜାୟା, ଜନନୀ, ଭଗିନୀଶୂନ୍ୟା ହୋଇଯିବ ।

ଆମ ଘରର ମନ୍ଦିରରେ ତୁମେ ପୁଣ୍ୟ, ପବିତ୍ର ଦେବୀ । ତୁମେ ମୋ ହୃଦୟର ଶତଦଳ ଉପରେ ସୁଶୋଭିତ ହୋଇ ଉପବେଶନ କରି ଆଲୋକ ବର୍ତ୍ତିକାପରି ଜାଜ୍ୱଲ୍ୟମାନ ହୁଅ, ଏହାହିଁ ମୋର କାମନା ।

ବୋଉ ଠାରୁ ଏହି ଲୋମହର୍ଷଣକାରୀ ଅନୁଭୂତି ଶୁଣିଲା ପରେ ଶିତିକଣ୍ଠର ତାଳୁରୁ ତଳିପା ପର୍ଯ୍ୟନ୍ତ ରକ୍ତ ଟକମକ୍ ହୋଇ ଫୁଟୁଥିଲା ।

ତା'ପରେ କ'ଣ ହେଲା ବୋଲି ସେ ପ୍ରଶ୍ନ କଲାରୁ ନୀଳିମା ଦେବୀ କହିଲେ- ଘଟଣାର ଛଅ ମାସ ପରେ ରାଜା ଯେତେବେଳେ ଜାଣିଲେ ତୋ ବାପା ଭୁବନ ଅଞ୍ଚଳରେ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଓ ତାଙ୍କ ଓଜସ୍ୱିନୀ ଭାଷଣରେ ବହୁ ପ୍ରଜା ଉଦ୍‌ବୁଦ୍ଧ ହୋଇ ଆନ୍ଦୋଳନରେ ଯୋଗ ଦେଉଛନ୍ତି, ରାଜା ଘୋଷଣା କଲେ ଯେ ନୀଳକଣ୍ଠ ମିଶ୍ରଙ୍କ ମୁଣ୍ଡକାଟ ହେବ ।

ଆମେ ରାତାରାତି ଶଗଡ଼ରେ ଢେଙ୍କାନାଳ ଜିଲ୍ଲା ପାର ହୋଇ ସୁକିନ୍ଦା ରାଜାଙ୍କ ପାଖରେ ଆଶ୍ରୟ ନେଲୁ । ତୋ ବଡ଼ବାପା କଟକ ଜିଲ୍ଲାର ଟାଙ୍ଗୀରେ ତାଙ୍କ ଶ୍ୱଶୁର ଘରେ ରହିଲେ । ତୋ ଦାମ ଭାଇ କଲିକତା ଚାଲିଗଲେ । ସେ ବର୍ଷକୁ ପଳାଉଡା ବର୍ଷ କୁହାଯାଏ । ମୋଗଲବନ୍ଦୀ କଟକ ଜିଲ୍ଲାରେ ଢେଙ୍କାନାଳ ରାଜାଙ୍କ କର୍ତ୍ତୃତ୍ୱ ନ ଥାଏ । ଆମେ ଦୁଇବର୍ଷ ସୁକିନ୍ଦାରେ ରହିଲୁ । ଆମର ଚାଷବାସ ସବୁ ନଷ୍ଟ ବିନଷ୍ଟ ହୋଇଗଲା । ଆମ ଘର ଦ୍ୱାର ଭୂତକୋଠି ପାଲଟିଗଲା । ପ୍ରାୟ ଦୁଇବର୍ଷ ସେଠାରେ ରହିବା ପରେ ସୁକିନ୍ଦା ରାଜା ଢେଙ୍କାନାଳ ରାଜାଙ୍କ ମଧ୍ୟରେ ଆଲୋଚନା ପରେ ଢେଙ୍କାନାଳ ରାଜା ଆମକୁ ଗାଁକୁ ଫେରିବାକୁ ଅନୁରୋଧ କଲେ । ତାଙ୍କ ପ୍ରଜା ଅନ୍ୟ ରାଜାଙ୍କ ପାଖରେ ଆଶ୍ରୟ ନେଇଥିବାରୁ ଢେଙ୍କାନାଳ ରାଜାଙ୍କ ସମ୍ମାନରେ ଆଞ୍ଚ ଆସିଲା ।

Source: Author, Digitized by PPRACHIN, SOA

ଗାଁରେ ଆମ ଅନୁପସ୍ଥିତିରେ ରଘୁ ସାମନ୍ତରାୟ ଚାରିମାସ ଜେଲରେ ରହିଥିଲା । ସେଠାରୁ ଆସି ନିଧି ରାଉତରା ଘରୁ ଧାନ ଚୋରି କେସ୍‌ରେ ଆଉ ଦୁଇମାସ ଜେଲ୍‌ରେ ରହିଲା । ଏଇ ଦୁଇମାସକୁ ସ୍ୱାଧୀନତା ଆନ୍ଦୋଳନ ପାଇଁ କାରାରୁଦ୍ଧ ହୋଇଥିଲା ବୋଲି ରଙ୍ଗ ଦେଇ ସେ ସ୍ୱାଧୀନତା ସଂଗ୍ରାମୀ ଭାବରେ ସ୍ୱୀକୃତି ଓ ଭତ୍ତା ପାଇଲା । ରଘୁ ସାମନ୍ତରାୟ ପ୍ରଚାର ସର୍ବସ୍ୱ, ଅହଂକାରୀ, ଆତ୍ମବଡ଼ିମା ପ୍ରିୟ । ସେ ଗାଁ ଗଣ୍ଡା, ବସ୍‌ଷ୍ଟାଣ୍ଡ, ହାଟଘାଟ ସବୁଠାରେ ତା'ର ତ୍ୟାଗରେ ରଙ୍ଗ ଓ ପୁଟ ଦେଇ ତିଳକୁ ତାଳ କରି ଅନର୍ଗଳ ଗପିବାକୁ ଲାଗିଲା । ଲୋକଙ୍କ ଆଖିରେ ସେ ସ୍ୱାଧୀନତା ସଂଗ୍ରାମୀ ହିସାବରେ ଖ୍ୟାତି ଅର୍ଜନ କଲା ।

ତୋ ବାପା ନୀଳକଣ୍ଠ । ରଘୁ ସାମନ୍ତରାୟର ହଳାହଳକୁ ଆକଣ୍ଠ ପାନ କରି ସ୍ୱାଧୀନତା ସଂଗ୍ରାମର ଜଣେ ନିରବ ସାଧକ ସାଜି ଲୋକଲୋଚନ ଆଢୁଆଳରେ ରହିଗଲେ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅନବଦ୍ୟ ଅବଦାନକୁ ପ୍ରଚାର ଓ ପ୍ରସାର କରିନଥିଲେ । ତୁ ତ ଜାଣୁ ସେ ଶାନ୍ତ ସ୍ୱଭାବର ଲୋକ । ଆତ୍ମବଡ଼ିମା ଓ ଆତ୍ମ ପ୍ରଚାର ଠାରୁ ସେ ବହୁତ ଦୂରରେ ଥିଲେ । କିନ୍ତୁ ତୋ ବାପାହିଁ ଆମ ଗାଁର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜା ଆନ୍ଦୋଳନରେ ଆମ ପରିବାର ଯେଉଁ କ୍ଷତି ସହିଥିଲା, ତାହା ଅପୂରଣୀୟ । ରଘୁ ସାମନ୍ତରାୟ ତ ଗାଁର ଗୋଟେ ଲଫଙ୍ଗା, ବାନା ଟୋକା । ତା'ର ଜେଲ୍ ଭିତରେ ରହିବା ଯାହା, ବାହାରେ ରହିବା ସେୟା ।

ତୋ ବାପା କହନ୍ତି, ଗାନ୍ଧୀବାଦ ଏକ ଆଦର୍ଶ, ଆଉ ଜୀବନଧାରା । ଅହିଂସା, ସତ୍ୟ, ସତ୍ୟାଗ୍ରହକୁ ଆଚରଣ ଓ ଉଚ୍ଚାରଣରେ ପ୍ରୟୋଗ କରିବା ହିଁ ପ୍ରକୃତ ଗାନ୍ଧୀବାଦ । ଖଦଡ଼ ପିନ୍ଧି ଆତ୍ମବଡ଼ିମାକୁ ପ୍ରଚାର ପ୍ରସାର କରି କପଟ, ମିଥ୍ୟାଚାରର ଅବାଟରେ ଯାଉଥିବା ବ୍ୟକ୍ତି ଗାନ୍ଧୀବାଦୀ ନୁହେଁ । ସେ ଗାନ୍ଧୀବାଦ ନାଁର କଳଙ୍କ କାଳିମା, ଜହ୍ଲାଦ, ନୀଳବର୍ଣ୍ଣ ଶୃଗାଳ । ଜଗଦୀଶ୍ୱର ସର୍ବଦ୍ରଷ୍ଟା, ସର୍ବନିୟାମକ । ସେ ହିଁ ଉଚିତ ବିଚାର କରିବେ ।

Source: Author, Digitized by PPRACHIN, SOA

ରଘୁ ସାମନ୍ତରାୟର ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେବା ପାଇଁ ଶିତିକଣ୍ଠ ବାହାରିଲା ବେଳକୁ ନୀଳିମାଦେବୀ ତା'ହାତକୁ ଧରି କହିଲେ- ବାବୁରେ ! ତୋ ବାପାଙ୍କ ପରି ତୁ ତ ଶାନ୍ତ, ଶିଷ୍ଟ, ନମ୍ର, ସ୍ଥିତପ୍ରଜ୍ଞ । ଗାଁରେ ତୋର ଭାବମୂର୍ତ୍ତି ଉଜ୍ଜ୍ୱଳ । ଆଜିର ଉତ୍ସବଟିରେ ଏଭଳି ପରିସ୍ଥିତି ସୃଷ୍ଟି କରିବୁ ନାହିଁ, ଯେଉଁଥିରେ ତୋର, ତୋର ବାପାଙ୍କର ଓ ଆମ ପରିବାର ସମ୍ମାନରେ ଆଞ୍ଚ ଆସିବ । ତୋ ମନରେ ଏବେ ହୁ ହୁ ନିଆଁ ଜଳୁଥିବ, ପ୍ରତିଶୋଧର ହଳାହଳ ତୋ ରକ୍ତ ପ୍ରତି କୋଣ ଅନୁକୋଣରେ ନିରବ ଗର୍ଜନ କରୁଥିବ । ତୁ ବି ଶିତିକଣ୍ଠ, ନୀଳକଣ୍ଠଙ୍କର ଅନ୍ୟ ଏକ ନାମ । ଛାତି ତଳର ନିଆଁକୁ ଛାତିତଳେ ଜାକିଧରି ହସିବାର ଅଭିନୟ କରି ଉତ୍ସବଟିକୁ ସମାପନ କରିବୁ । ମନ୍ତ୍ରୀ, ବିଧାୟକ ଓ ଉଚ୍ଚପଦସ୍ଥ ଅଫିସରଙ୍କ ଗହଣରେ ତୁ ଧୈର୍ଯ୍ୟର ସହିତ ଉତ୍ସବର ପରିଚାଳନା କରିବୁ । ମୁଁ ତୋ ଫେରିବା ବାଟକୁ ଆକୁଳତାର ସହ ଅନାଇ ବସିଛି ।

ସମ୍ବର୍ଦ୍ଧନା ଉତ୍ସବର ସମୟ ପାଖେଇ ଆସିଲା । ଆମନ୍ତ୍ରିତ ଅତିଥିମାନେ ଅଧଘଣ୍ଟାଏ ମଧ୍ୟରେ ପହଞ୍ଚିଯିବେ । କିନ୍ତୁ ରଘୁ ସାମନ୍ତରାୟର ଦେଖା ଦର୍ଶନ ନାହିଁ । ଧଳା ଖଦଡ଼ ପିନ୍ଧି ଅହଂକାରରେ ମଦମତ୍ତ ହୋଇ ଆନନ୍ଦରେ ଗଦ୍‌ଗଦ୍ ହେଉଥିବା ଗୋରା ତକ ତକ ଡେଙ୍ଗା ଚଉଡ଼ା ସ୍ୱାଧୀନତା, ସଂଗ୍ରାମୀ ଟିକକ ଆଗରୁ ମଞ୍ଚ ପାଖରେ ଘନଘନ ପଇଁତରା ମାରୁଥିଲା । ଶିତିକଣ୍ଠ ମାଇକ୍‌ରେ ରଘୁ ସାମନ୍ତରାୟକୁ ମଞ୍ଚ ପାଖକୁ ଯଥାଶୀଘ୍ର ଆସିବାକୁ ଅନୁରୋଧ କରୁଥିଲା । ତା'ର ଯୁବ ସମର୍ଥକମାନଙ୍କୁ ତାକୁ ଖୋଜି ଆଣି ମଞ୍ଚ ପାଖକୁ ଆମନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦେଉଥିଲା । ନିମନ୍ତ୍ରିତ ଅତିଥିମାନେ ସଭାସ୍ଥଳରେ ଉପନୀତ ହେଲେ । ସଭାକାର୍ଯ୍ୟ ମହାସମାରୋହରେ ଆରମ୍ଭ ହେଲା । ତଥାପି ରଘୁ ସାମନ୍ତରାୟର ଦେଖା ନାହିଁ । ପରିସ୍ଥିତିକୁ ସଜାଡ଼ି ନେବାପାଇଁ ସ୍ୱାଧୀନତା ସଂଗ୍ରାମୀ ଅସୁସ୍ଥତାବଶତଃ ଆସିପାରିନାହାନ୍ତି ବୋଲି ଶିତିକଣ୍ଠ ସଭାରେ ଘୋଷଣା କଲା । ତା'ପରେ ଆମନ୍ତ୍ରିତ ଅତିଥିମାନେ ଓ ଶିତିକଣ୍ଠ ଓଜସ୍ୱିନୀ ଭାଷଣ ଦେଇ

Source: Author, Digitized by PPRACHIN, SOA

ଭାରତର ସ୍ୱାଧୀନତା ଆନ୍ଦୋଳନ, ମହାମାନବ ମହାତ୍ମା ଗାନ୍ଧୀ ଓ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ରଘୁ ସାମନ୍ତରାୟର ଭୂରି ଭୂରି ପ୍ରଶଂସା କଲେ ।

ସଭା ସାଙ୍ଗ ହେଲାପରେ ଆମନ୍ତ୍ରିତ ଅତିଥିମାନଙ୍କୁ ଭୂରି ଭୋଜନରେ ଅପ୍ୟାୟିତ କରାଗଲା । ସମସ୍ତେ ଶିତିକଣ୍ଠର ସଂଯୋଜନା ଶୈଳୀ, ଉତ୍ସବ ଆୟୋଜନ ଓ ପରିଚାଳନାର ସାମର୍ଥ୍ୟରେ ମୁଗ୍ଧ ହୋଇ ତା'ର ପ୍ରଶଂସାରେ ହୋଇଥିଲେ ଶତମୁଖ ।

ରାତି ଏଗାରଟା ବେଳକୁ ଶିତିକଣ୍ଠ ଘରକୁ ଫେରିବା ବେଳକୁ ବୋଉ ତାକୁ ଅପେକ୍ଷା କରିରହିଥିଲା । ସଭା କାର୍ଯ୍ୟ ମହାସମାରୋହରେ ନିର୍ବିଘ୍ନରେ ଅନୁଷ୍ଠିତ ହେଲା ବୋଲି ଗାଁ ଲୋକଙ୍କ ଠାରୁ ଶୁଣି ସେ ବହୁତ ଆନନ୍ଦିତ ବୋଲି ପ୍ରକାଶ କଲା । ନୀଳିମା ଦେବୀ ଶେଷରେ ଉତ୍କଣ୍ଠାର ସହ ପଚାରିଲେ- ରଘୁ ସାମନ୍ତରାୟ କୁଆଡ଼େ ଗାଏବ୍ ହୋଇଗଲା ? ଲୋକମାନେ କହୁଥିଲେ, ମାଇକ୍‌ରେ ତୁ ବାରମ୍ବାର ଅନୁରୋଧ କଲେବି ସେ ମଞ୍ଚ ଉପରକୁ ଆସିଲାନି ।

ଶିତିକଣ୍ଠ ଧୀର ସ୍ୱରରେ ବୋଉକୁ କହିଲା- ବୋଉଲୋ, ତୁ ଏକଥା କାହାକୁ କହିବୁନି କି ମୋ ଉପରେ ରାଗିବୁନି । ଏହା ସମ୍ପୂର୍ଣ୍ଣ ଗୋପନୀୟ । ସଭା ଆରମ୍ଭ ପୂର୍ବରୁ ରଘୁ ସାମନ୍ତରାୟ ପରିସ୍ରା କରିବା ଲାଗି ଉପ୍ରା ସ୍କୁଲର ପଛପଟ ଆଡ଼େ ଚାଲି ଚାଲି ଯାଉଥିଲା । ସ୍କୁଲ ପଛପଟେ ଅମରି ଓ କଣ୍ଟେଇ କୋଳି ଗଛର ବୁଦିବୁଦିକିଆ ଜଙ୍ଗଲ । ଅମା ଅନ୍ଧାର ଭିତରେ ତା'ର ଧଳା ଫରଫର ଖଦଡ଼ ପଞ୍ଜାବୀ ମୋତେ ଝାପ୍‌ସା ଝାପ୍‌ସା ଦେଖାଯାଉଥିଲା । ଅତି ସନ୍ତର୍ପଣରେ ତା'ପଛେ ପଛେ ଯାଇ ପଛରୁ ମୋର ବୁଟ୍ ଜୋତାରେ ତାକୁ ତୀବ୍ର ଆଘାତ ଦେଲି । ସେ ମୁହଁମାଡ଼ି ଚିତ୍‌କାତ୍ ହୋଇ ପଡ଼ିଗଲା । ତୁ ତ ବୋଉ କହିଥିଲୁ ମୁଁ ଶିତିକଣ୍ଠ, ନୀଳକଣ୍ଠଙ୍କର ଅନ୍ୟ ଏକ ନାମ । ନୀଳକଣ୍ଠ ହଳାହଳ ପାନ କରିଥିଲେ ଆଉ ନଟରାଜ ବେଶରେ ଉଦଣ୍ଡ ନୃତ୍ୟ ମଧ୍ୟ କରୁଥିଲେ । ମୁଁ ରଘୁ ସାମନ୍ତରାୟର ଦେହର ମାଂସଳ ଚଟାଣ ଉପରେ ଉଦଣ୍ଡ ନୃତ୍ୟ କରି ତାକୁ ଅଚେତ କରିଦେଲି । ତାପରେ ତା'ର ଦୁଇ ହାତକୁ ମୋର ଜୋତାରେ

Source: Author, Digitized by PPRACHIN, SOA

ଦଳିମକଚି ଖିନ୍‌ଭିନ୍‌ କରିଦେଲି । ବଳାତ୍କାରୀର ବ୍ୟଭିଚାରୀ ଦୁଇହାତ ଯାହା ତୋତେ ବିବସନା କରିବାର ବିଷ ବାସନାରେ ବ୍ୟାକୁଳ ହୋଇଥିଲା, ତାକୁ ସବୁଦିନ ପାଇଁ ପଙ୍ଗୁ କରିଦେଇଛି । - କହିଲା ବେଳେ ଶିତିକଣ୍ଠ ଭାବୁଥିଲେ ବୋଉ ମୁହଁରୁ ଏବେ ଝରିପଡ଼ିବ ଅସନ୍ତୋଷର ଅସରାଏ ବହ୍ନି! ବୋଉଠାରୁ ଗାଳି ଓ ଭର୍ତ୍ସନା ଶୁଣିବା ପାଇଁ ନିଜ ମନକୁ ପ୍ରସ୍ତୁତ କରିଦେଇଥିଲେ । ବୋଉ ଅହିଂସାରେ ବିଶ୍ୱାସ କରେ । ମୋର ହିଂସାତ୍ମକ କାର୍ଯ୍ୟଶୁଣି ତା' ମୁଣ୍ଡକୁ ବିଷ ଚଢ଼ିଯିବ ।

ଶିତିକଣ୍ଠ ଅପଲକ ନୟନରେ ବୋଉର ମୁହଁକୁ ଅନାଇ ରହିଥିଲେ । ଶ୍ରୀମତୀ ନୀଳିମା ଦେବୀଙ୍କ ମୁହଁରେ ଆଞ୍ଜୁଳାଏ ଆତ୍ମସନ୍ତୋଷ ଚହଲି ଉଠୁଥିଲା । ତାଙ୍କ ଆଖିର ଓଳି ତଳୁ ଓ ଓଠର ହିଡ଼ରୁ ଝରି ପଡୁଥିଲା ହସର ଚେନାଏ ମୁକ୍ତା । ମୁଖମଣ୍ଡଳରୁ ଉଦ୍‌ଗୀରଣ ହେଉଥିଲା ଅସୁମାରି ଖୁସିର ଲାଭା । ଓଠର ଦିଗ୍‌ବଳୟରୁ ହସର ଦ୍ୱିତୀୟା ଚାନ୍ଦ ଉଇଁ ଆସୁଥିଲା ।

ଦୁଃଶାସନର ହସ୍ତ ଉତ୍ପାଟନ କରି ତା'ର ରକ୍ତ ନେଇ ବେଣୀବନ୍ଧନ ପାଇଁ ବୃକୋଦର ପହଞ୍ଚିଥିଲା ବେଳେ ଯାଜ୍ଞସେନୀଙ୍କ ମୁହଁରେ ଖେଳିଯାଇଥିଲା ଏକ ଅଭୂତପୂର୍ବ ଆତ୍ମସନ୍ତୋଷର ସ୍ମିତହାସ୍ୟ । ଶିତିକଣ୍ଠଙ୍କୁ ମନେ ହୋଇଥିଲା ଯାଜ୍ଞସେନୀଙ୍କର ସେଇ ହସ ତା ବୋଉର ଓଠରେ ଯେମିତି ଅବିକଳ ଲେପି ହୋଇଯାଇଛି ।

✤

(କଥା କଳିକାର ଜାନୁୟାରୀ ୨୦୨୨ ସଂଖ୍ୟାରେ ପ୍ରକାଶିତ)

Source: Author, Digitized by PPRACHIN, SOA

ବଡ଼ମାଆଙ୍କ ଋଣ

ସୌମ୍ୟରଞ୍ଜନ ଦୁଇବର୍ଷ ପରେ ତାଙ୍କ ଗାଁକୁ ଯିବା ପାଇଁ ଭୁବନେଶ୍ୱରରୁ ବସ୍ ଧରିଲେ । ଗାଁର ବିଲବାଡ଼ି ସବୁ ବଖରାରେ ଗାଁର ଭାଗଚାଷୀମାନଙ୍କୁ ଦେଇଛନ୍ତି । ତାଙ୍କୁ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରି ବିକ୍ରି କରିବାକୁ ପଡ଼ିବ । ଗାଁରେ ତାଙ୍କର ଘରେ କେହି ନାହାନ୍ତି । ତାଲା ପଡ଼ିଛି । ବାପା, ମାଆଙ୍କୁ ନେଇ ସେ ବାଙ୍ଗାଲୋରରେ ରହୁଛନ୍ତି । ସାଙ୍ଗରେ ସହଧର୍ମିଣୀ ଶୁଭଲକ୍ଷ୍ମୀ ଓ ଦୁଇଟି ପୁଅ । ଗାଁର ଘରର ଦାୟିତ୍ୱ ସେ ଦେଇଆସିଛନ୍ତି ସମ୍ପର୍କୀୟା ବଡ଼ମା'ଙ୍କୁ । ବଡ଼ମା' ଘରର ବାହାରଟା ସବୁଦିନ ଓଳେଇ ଦିଅନ୍ତି । ଘର ଉପରେ ଆଖି ଟିକେ ପକେଇ ଦିଅନ୍ତି । କ'ଣ ଘଟଣା ଅଘଟଣ ଘଟିଲେ ଗାଁ ଟେଲିଫୋନ୍ ବୁଥ୍‌କୁ ଯାଇ ଫୋନ୍ କରି କହନ୍ତି ।

ତାଙ୍କର ଚାଷବନ୍ଦୀ ପରିବାର ଥିଲା । ହଳେ ଭଲ ବଳଦ, ଶଗଡ଼ ଓ ଗୋଟିଏ ହଳିଆ । ଚାଷବାସକୁ ନେଇ ତାଙ୍କ ଘର ସବୁବେଳେ ପୂରିଲା ପୂରିଲା ଲାଗୁଥିଲା । ସୌମ୍ୟରଞ୍ଜନ ଲାଇଫ୍ ଇନ୍‌ସୁରାନ୍ସ କର୍ପୋରେସନରେ ଅଫିସର ଚାକିରି ପାଇବା ପରେ ତାଙ୍କର ସମ୍ବଲପୁରରେ ପୋଷ୍ଟିଂ ହେଲା । ଚାକିରିର ଦୁଇବର୍ଷ ପରେ ଏକ ସମ୍ଭ୍ରାନ୍ତ ପରିବାରର ସୁନ୍ଦରୀ ଝିଅଟିଏ ସହ ତାଙ୍କର ବିବାହ ହୋଇଥିଲା । ବିବାହ ପରେ ଏକ ବର୍ଷ ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ତାଙ୍କ ବାପା ମାଆଙ୍କ ପାଖରେ ଗାଁରେ ରହିଲେ । ବଡ଼ମା ଶୁଭଲକ୍ଷ୍ମୀଙ୍କ ପାଖରେ ରହି ତାଙ୍କୁ କାମ ଦାମରେ ସାହାଯ୍ୟ କରୁଥାନ୍ତି ଓ ଗାଁର ପର୍ବପର୍ବାଣି ରୀତି ନୀତି ବିଷୟରେ ସଚେତନ କରୁଥାନ୍ତି । ସୌମ୍ୟରଞ୍ଜନଙ୍କ ମାଆ ସ୍ନେହ, ମମତାର ଗନ୍ତାଘର । ପୁଅ, ବୋହୂ, ଗାଁ ଲୋକ ସମସ୍ତଙ୍କୁ ସ୍ନେହର ଡୋରିରେ ବାନ୍ଧିଥାନ୍ତି । ସେ କିନ୍ତୁ କାମକୁ ପାରନ୍ତି ନାହିଁ । ବଡ଼ମାଆ ହିଁ ଶୁଭଲକ୍ଷ୍ମୀର ମାଆ । ପାଖେ ପାଖେ ରହି ତାକୁ କାମଦାମରେ ସହାୟତାର ହାତ ବଢ଼ାଇ ଦେଇଥାନ୍ତି ।

ବଡ଼ମାଆଙ୍କ ଘର ତାଙ୍କ ଘରଠାରୁ ଡାକେ ବାଟ । ଦରକାର ପଡ଼ିଲେ ବୋଉ ଡାକଟିଏ ପକାଇଲେ ବଡ଼ମା' ମୁହଁରେ ଅସରାଏ ହସ ବର୍ଷାଇ ବର୍ଷାଇ ତାଙ୍କ ଘରକୁ ଧାଇଁ ଆସେ । ମାଆ ବଡ଼ମା'ଙ୍କର ସୁବିଧା ଅସୁବିଧା ଭଲ ମନ୍ଦରେ ଠିଆ ହୁଏ । ବଡ଼ମା'ଙ୍କର ଝିଅଟିଏ । ବଡ଼ବାପା ପାଞ୍ଚବର୍ଷ ହେବ ବାବାଜୀ ହୋଇ ବୃନ୍ଦାବନ ଚାଲିଗଲେ । ବଡ଼ମା'ଙ୍କର ନୟନପିତୁଳା ଥିଲା ଝିଅ ଅଞ୍ଜଳି । ତା'ରି ହସରେ ତାଙ୍କ

Source: Author, Digitized by PPRACHIN, SOA

ମୁହଁରେ ହସ, ତା'ରି କାନ୍ଦରେ ତାଙ୍କ ମୁହଁରେ କାନ୍ଦ ।

ବାପା, ବୋଉ ବର୍ଷକ ପରେ ସୌମ୍ୟରଞ୍ଜନଙ୍କ ସଙ୍ଗରେ ଲଗାଇଲେ ତୁ ବୋହୂକୁ ନେଇ ସମ୍ବଲପୁର ଯାଆ । ଆମେ ଏଠରେ ସଂସ୍ଥାକୁ ସମ୍ଭାଳି ନେବୁ । ଗାଁର ପାଣି, ପବନ, ପରିବେଶ, ଧୂଳି ଧୂଆଁ ସହିତ ଆମେ ପରିଚିତ । ବିଭିନ୍ନ ଜାତିର ଲୋକଙ୍କ କଥାରେ ନଥାରେ ସକାଳ କିଭଳି ସନ୍ଧ୍ୟା ହୁଏ ଜଣାପଡ଼େନି । ସୌମ୍ୟରଞ୍ଜନ ଶୁଭଲକ୍ଷ୍ମୀଙ୍କୁ ନେଇ ମିଠା ମିଠା ଖୁସିରେ ସମ୍ବଲପୁର ସିନା ଚାଲିଗଲେ, ହେଲେ ବିବେକର ବୃଶ୍ଚିକ ଦଂଶନର ଜ୍ୱାଳା ସହିପାରିଲେନି । ବାପା, ମାଆଙ୍କର ତାଙ୍କ ଚିନ୍ତା ଓ ତାଙ୍କ ମନରେ ବାପା ମାଆଙ୍କ ଚିନ୍ତା । କୁମାରପୂର୍ଣ୍ଣମୀ ବେଳକୁ ଶୁଭଲକ୍ଷ୍ମୀଙ୍କ ସହ ଗାଆଁ ଲକ୍ଷ୍ମୀ ଠାକୁରାଣୀଙ୍କ ପୂଜା ଦେଖିବାକୁ ଆସିବା ସମୟରେ ବାପା, ମାଆ ତାଙ୍କ ସାଙ୍ଗରେ ସମ୍ବଲପୁର ଯିବାପାଇଁ ପ୍ରସ୍ତାବ ଦେଲେ । ବାପାଙ୍କ ମନ ବହୁତ ପ୍ରଗତିଶୀଳ, ଦୂରଦୃଷ୍ଟି ସମ୍ପନ୍ନ । ସାଧାରଣ ଲୋକେ ଯାହା ପଚାଶ ବର୍ଷ ପରେ ଚିନ୍ତା କରନ୍ତି, ବାପା ତାହା ଏବେ ଚିନ୍ତା କରନ୍ତି ଓ ତାକୁ ବାସ୍ତବତାରେ ରୂପାୟିତ କରି ଦେଖାଇ ଦିଅନ୍ତି । ବାପା ସମ୍ବଲପୁର ଯିବା ପାଇଁ ଗୋଡ଼ଟେକି ବସିଲେ ।

କିନ୍ତୁ ମାଆର ତୀବ୍ର ପ୍ରତିରୋଧ । ମା' କହିଲା- ଆମର ବିଲବାଡ଼ି, ଶଗଡ଼, ବଳଦ, ଧାନ ଖଳା ଅଛି ବୋଲି ଆମର ଗାଁରେ ମାନ ସମ୍ମାନ ପ୍ରତିଷ୍ଠା । ଏ ସବୁକୁ ପଛରେ ପକାଇ ମୁଁ ସମ୍ବଲପୁର ଯାଇପାରିବିନି । ଧାନ କଚଡ଼ା ଓ ହଳା ଶଗଡ଼ରେ ବୁହାହୋଇ ଖଳାକୁ ଆସିଲେ ମୋ ପେଟ ପୂରିଯାଏ । ଝରକାବାଟେ ଧାନ ଅମଳ ପାଇଁ ବେଙ୍ଗଳା ବୁଲୁଥିବା ବେଳେ ମୋ ମନ ମିଠା ମିଠା ଖୁସିରେ ହସିଉଠେ ।

ମାଆକୁ ବହୁତ ବୁଝାଇ ଶୁଝାଇଲା ପରେ ମାଆ ଟିକେ ବୁଝିଲା ପରି ଜଣାପଡ଼ିଲା । ସୌମ୍ୟରଞ୍ଜନ ବାପା, ମାଆଙ୍କୁ ଧରି ସମ୍ବଲପୁର ଚାଲିଆସିଲା ପରେ ତାଙ୍କ ଘର ସୁଖ, ଶାନ୍ତି ଓ ସନ୍ତୋଷରେ ଭରି ଉଠିଲା । ବାପା, ମାଆ ଏ ଅଜଣା ଜାଗା ଓ ଅଜଣା ପରିବେଶରେ ନିଜକୁ ଏଭଳି ଖାପ୍ ଖୁଆଇ ନେଇ ଚଳିଗଲେ ଯେ ଆଉ ଗାଁ ଯିବାର ନାଁ ଧରିଲେନି । ସୌମ୍ୟ ରଞ୍ଜନଙ୍କ ଦୁଇଟି ପୁଅ ହେଲା ପରେ ସେମାନଙ୍କ ଲାଳନପାଳନରେ ତାଙ୍କର ସମୟ କଟିଗଲା ।

Source: Author, Digitized by PPRACHIN, SOA

ଗାଁ ଘରେ ତାଲା ପଡ଼ିଲା । ବିଲ ସବୁ ଭାଗରେ ବା ସଞ୍ଚାରେ ଦିଆଗଲା । ବଡ଼ ମା' ହିଁ ପ୍ରତିଦିନ ଗାଁ ଘରକୁ ଆସି ବାହାରକୁ ସଫା କରନ୍ତି । ରଜବେଳକୁ ସୌମ୍ୟରଞ୍ଜନ ଗାଁକୁ ଆସନ୍ତି । ଭାଗଚାଷୀଙ୍କ ଠାରୁ ଧାନ ସଂଗ୍ରହ କରି ତାକୁ ବିକ୍ରି କରି ସମ୍ବଲପୁର ଫେରି ଯାଆନ୍ତି । ଗାଁରେ ଯେଉଁ ଆଠଦଶ ଦିନ ରହନ୍ତି, ବଡ଼ମାଆଙ୍କ ଗୋଡ଼ ତଳେ ଲାଗେନା । ତାଙ୍କ ପାଇଁ କେତେ ପିଠାପଣା, କେତେ ଜାତି ତରକାରି ବାଢ଼ି ଦିଅନ୍ତି । ସେ ଫୁଲ ବରା ଓ ସଜନାଶାଗ ଭଜା ଭଲ ପାଆନ୍ତି ବୋଲି ବଡ଼ମାଆ ଘରଘର ବୁଲି ସଜନା ଶାଗ ଓ କଖାରୁ ଫୁଲ ସଂଗ୍ରହ କରନ୍ତି । ରାତିରେ ସୌମ୍ୟରଞ୍ଜନ ଘରେ ଶୁଅନ୍ତି ଓ ବଡ଼ମାଆ ତାଙ୍କୁ ଜମା ଛାଡ଼ି ଯାଆନ୍ତିନି । ଘର ପିଣ୍ଡାରେ ପଡ଼ିଥିବା ଖଟରେ ବଡ଼ମା', ଅଞ୍ଜଳି ସହ ମିଶି ଶୁଅନ୍ତି । ବଡ଼ମାଆଙ୍କୁ ରାତିଯାକ ନିଦ ମାଡ଼େନା । ମନରେ ଚିନ୍ତା ସୌମ୍ୟ ଭଲରେ ଶୋଇଲାକି ନାହିଁ । ସହରର ତୋଫା ଆଲୁଅରେ ତା ଜୀବନ ବିତୁଛି । ଗାଁର ନିଚୋଳ ଅନ୍ଧାରରେ କାଳେ ପିଲାଟାକୁ ଡର ଲାଗୁଥିବ, ଏହି ଚିନ୍ତାରେ ବଡ଼ମା' ଖଟ ଉପରେ ଖାଲି ଘଡ଼ିକୁ ଘଡ଼ି କଡ଼ ଲେଉଟାଉଥାନ୍ତି ।

ଆସିଲା ଦିନ ଗାଁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସୌମ୍ୟରଞ୍ଜନଙ୍କ ବ୍ୟାଗ୍‌ଟିକୁ ଧରିଧରି ଆସନ୍ତି । ସୌମ୍ୟ ନିଜେ ଧରିବା ପାଇଁ ଯେତେ ଜିଦ୍ କଲେ, ସେ ଶୁଣନ୍ତିନି । ଭୁରୁଡ଼ିଟାଏ ପକାଇ କହନ୍ତି, ମୋ ହାତ ଗୋଡ଼ ଚାଲୁଥିଲା ପର୍ଯ୍ୟନ୍ତ ତୁ ଏ ବୋଝ ବୋହି ପାରିବୁନି । ଆସିଲା ଦିନ ସୌମ୍ୟ ବଡ଼ମା'ଙ୍କ ହାତରେ ଏକ ହଜାର ଟଙ୍କା ଗୁଞ୍ଜିଦିଅନ୍ତି ।

ବଡ଼ମାଆ ନେବାକୁ ଭାରି ଅମଙ୍ଗ ହୁଅନ୍ତି । କହନ୍ତି- ମୁଁ ସୁଖରେ ଦୁଃଖରେ ଚଳିଯାଉଛି । ଆ'ଘର ତା'ଘର ପାଇଟି କରି ଆମ ମାଆଝିଅଙ୍କ ପେଟ ଚାଖଣ୍ଡର ଆଶା ମେଣ୍ଟି ଯାଉଛି । ତୁ ବଡ଼ମା'ର ଗୋଟିଏ ବଡ଼ କାମ କରିଦେବୁ, ବାବୁ । ଏ ଅଞ୍ଜଳିର ବାହାଘରଟା ତୁ ଉଠେଇ ଦେବୁ । ତା'ର ବାହାଘର ସରିଗଲେ ମୋ ମୁଣ୍ଡ ଉପରେ ଚେକାମାଲି ପକାଇ ବସିଥିବା ପାହାଡ଼ଟି ଫୁଲଟିଏ ପରି ହସି ଉଠିବ । ଆଶ୍ୱସ୍ତି ଭରି ଦେଲାଭଳି ସ୍ୱରରେ ସୌମ୍ୟରଞ୍ଜନ କହିଲେ- ତମେ ଜମା ବ୍ୟସ୍ତ ହୁଅନା, ବଡ଼ମା' । ତୁମେ ଏତେ ଭଲ ଲୋକ, ଅଞ୍ଜଳିଟି ସୁନାନାକି ଝିଅଟିଏ । ଈଶ୍ୱରଙ୍କର ଅପାର କରୁଣା । ତମ ଝିଅର ବାହାଘର ଭଲରେ ଭଲରେ ହେବ ।

Source: Author, Digitized by PPRACHIN, SOA

ବଡ଼ମା' ମୁହଁରେ ଟେନାଏ ହସ ଝୁଲାଇ କହନ୍ତି- ପୁଅ, ତୁମେ ଲକ୍ଷେ ଟଙ୍କା ଦେଲେ ମୁଁ ଅଞ୍ଜଳି ବାହାଘରଟା ଉଠେଇ ଦେବି । ହଁ, ଆମର ତ ଘରଡ଼ିହ ଛାଡ଼ି ବାଡ଼ି ଦୁଇଗୁଣ୍ଠ ଅଛି । ମୁଁ ସେ ବାଡ଼ିଟା ତମ ନାମରେ କରିଦେବି ।

ସୌମ୍ୟରଞ୍ଜନ ବଡ଼ମାଆଙ୍କ କଥା ଶୁଣି ହଡ଼ବଡ଼େଇ ଯାଆନ୍ତି । ଥଥ ମମ ହୋଇ କହନ୍ତି- ଆଗେ ଅଞ୍ଜଳିର ବାହାଘର ଭଲରେ ଭଲରେ ହୋଇଯାଉ । ସେକଥା ପର କଥା ।

- ନାଇଁ ପୁଅ, ତୁମେ ସେ ଜମିଖଣ୍ଡିକ ନ ନେଲେ ମୁଁ ବଡ଼ ଋଣୀ ହୋଇ ରହିଯିବି । ଶାନ୍ତିରେ ମରି ପାରିବିନି । ଗାଁର ପଡ଼ିଆ ଜମି ଦୁଇଗୁଣ୍ଠ, କେତେ ଦାମ୍ ହେବ ଯେ ? ତୁମ ଋଣର କିଛି ଅଂଶ ଦେଇଦେଲେ, ମୁଁ ଖଲାସ୍ । ଅଞ୍ଜଳି ବାହା ହୋଇ ଦୂରକୁ ଚାଲିଯିବ । ଏ ବାଡ଼ିଟାକୁ ବାହାର ଲୋକ ଖାଇବେ । ବରଂ ତୁମ ପାଖରେ ରହିଲେ, ମୋ ମନକୁ ଉଶ୍ୱାସ ଲାଗିବ ।

- ବଡ଼ମାଆ ! ତୁମ ସ୍ନେହ, ମମତା ଭଲ ପାଇବାର ମୂଲ୍ୟ ଅମୂଲମୁଲ । ତୁମ ପାଖରେ ଆମ ପରିବାର, ବିଶେଷ କରି ମୁଁ ଋଣୀ । ତମର ଦରକାର ବେଳେ କିଛି ସହାୟତାର ହାତ ବଢ଼େଇଲେ ମୁଁ ତୁମ ଋଣରୁ ଟେନାଏ ଶୁଝି ପାରିବାକୁ ସକ୍ଷମ ହେବି ।

- ନାଇଁ, ନାଇଁ ପୁଅ, ସେକଥା ହେବନି । ମୋ ଛୋଟ ମୁହଁରେ ବଡ଼କଥା । ଆଜ୍ଞା ମାନିବ ।

ତାପରେ ପଦୋନ୍ନତି ପାଇ ସୌମ୍ୟରଞ୍ଜନଙ୍କର ଚେନ୍ନାଇକୁ ବଦଳି ହେଲା । ବାପା, ମାଆ, ସ୍ତ୍ରୀ, ଦୁଇପୁଅକୁ ନେଇ ଚେନ୍ନାଇ ଚାଲିଗଲେ ।

ପ୍ରତିବର୍ଷ ଯେପରି ଲକ୍ଷ୍ମୀପୂଜା ପାଇଁ ଓ ରଜ ବେଳକୁ ଗାଁକୁ ଧାନ ବିକ୍ରି ପାଇଁ ଆସୁଥିଲେ, ଆଉ ଆସି ପାରିଲେନି । ଭାଗଚାଷୀମାନେ ଧାନ ବିକ୍ରି କରି ଟଙ୍କା ତାଙ୍କ ପାଖକୁ ପଠାଇ ଦେଉଥିଲେ । ବଡ଼ମାଆ କିନ୍ତୁ ତାଙ୍କ ଘରକୁ, ବାଡ଼ି ବଗିଚାକୁ ସତର୍କ ପ୍ରହରୀ ପରି ଜଗିରହିଥିଲେ ।

Source: Author, Digitized by PPRACHIN, SOA

ତିନିବର୍ଷ ପରେ ବଡ଼ମାଆଙ୍କ ଚିଠି ଖଣ୍ଡିଏ ପାଇ ସୌମ୍ୟରଞ୍ଜନଙ୍କୁ କୋଟିନିଧି ପାଇଲା ଭଳି ଲାଗିଲା । ଚିଠିର ଅକ୍ଷରଗୁଡ଼ିକ ମେଳରେ ବଡ଼ମାଆଙ୍କ ପୁନେଇ ଜହ୍ନଭଳି ତୋଫା ଗୋରା ମୁହଁ ଜକଜକ ହୋଇ ଦେଖାଯାଉଥିଲା । ପୁଞ୍ଜାଏ ମଲ୍ଲୀଫୁଲର ରୋଷଣି ଭଳି ଅସରାଏ ହସ ଚିଠିକୁ ଭିଜାଇ ଦେଉଥିଲା ।

ଅଞ୍ଜଳିର ବାହାଘର ଠିକ୍ ହୋଇଯାଇଛି । ମାସକ ପରେ ହେବ । ଲକ୍ଷେ ଟଙ୍କା ପଠାଇବାକୁ କାକୁତିମିନତି ହୋଇ ନେହୁରା ହୋଇ ଲେଖିଥିଲେ ବଡ଼ମା' । ବାହାଘରରେ ଯୋଗଦେବାକୁ ଅନୁରୋଧ କରିଥିଲେ । ଫୋନ୍‌ରେ କହିଲେ ଅନେକ କଥା କହିଲା ବେଳକୁ ଶବ୍ଦଗୁଡ଼ାକ ତଣ୍ଟି ପାଖରେ ଲାଖି ଯାଆନ୍ତି । ଅନେକ କଥା ଅକୁହା ହୋଇ ରହିଯାଏ । ଚିଠିରେ ମର୍ମସ୍ପର୍ଶୀ ଢଙ୍ଗରେ ବଡ଼ମା' ତାଙ୍କ ହୃଦୟର କଥା ଯେଭଳି ଲେଖିଥିଲେ, ତାକୁ ପଢ଼ି ତାଙ୍କ ଆଖି ଓଦାଓଦା ହୋଇଗଲା । ବଡ଼ମାଆ ତାଙ୍କ ବ୍ୟାଙ୍କ ପାସ୍‌ବୁକ୍‌ର ପ୍ରଥମ ପୃଷ୍ଠାର ଜେରକ୍ସ କପି ପଠାଇଥିଲେ ।

ବାହାଘର ସମୟରେ ଦିଲ୍ଲୀରେ ଏକ ଜରୁରୀ ଟ୍ରେନିଂ ପଡ଼ିବାରୁ ଇଚ୍ଛା ଥିଲେ ବି ସୌମ୍ୟରଞ୍ଜନ ବାହାଘରରେ ଯୋଗ ଦେଇପାରିଲେନି । ସେଥିପାଇଁ ବଡ଼ମା'ଙ୍କ ଠାରୁ ଫୋନ୍ କରି କ୍ଷମା ପ୍ରାର୍ଥନା କରିଥିଲେ ।

ସୌମ୍ୟରଞ୍ଜନ ବଡ଼ମାଆଙ୍କର ଆକାଉଣ୍ଟକୁ ଦେଢ଼ଲକ୍ଷ ଟଙ୍କା ପଠାଇଦେଲେ । ବଡ଼ମାଆଙ୍କ ଆନନ୍ଦ କହିଲେ ନ ସରେ । ଏ ଟଙ୍କା ନ ହୋଇଥିଲେ ଏତେ ଭଲ ପ୍ରସ୍ତାବଟା ହାତରୁ ଖସିଯାଇଥାନ୍ତା । ଜ୍ୱାଇଁ ପୁଅ ଥିଲା ଘରର ଶାନ୍ତଶିଷ୍ଟ ପିଲା । ମାଛିକୁ ମ'କହେ ନାହିଁ । ହଲିଲା ପାଣିକୁ ଗୋଡ଼ ବଢ଼ାଏ ନାହିଁ । ସରକାରୀ ପ୍ରାଥମିକ ସ୍କୁଲରେ ଶିକ୍ଷକ । ଅଭାବ ଅସୁବିଧା ନାହିଁ । ଝିଅର ପେଟ ଅପୂରା ରହିବ ନାହିଁ । ଝିଅର ଶାଶୂଘର ଗାଁ ଦଶକୋଶ ହେବ । ସୁବିଧା ଅସୁବିଧାରେ ତାଙ୍କ ପାଖକୁ ଜ୍ୱାଇଁଙ୍କ ସାଙ୍ଗରେ ମଟରସାଇକେଲରେ ଧାଇଁ ଆସିବ ।

ଅଞ୍ଜଳିର ବାହାଘର ଭଲରେ ଭଲରେ ହୋଇଗଲା ବୋଲି ବଡ଼ମା ସୌମ୍ୟରଞ୍ଜନଙ୍କୁ ଖୁସିରେ ଉଛୁଳି ଉଛୁଳି ଫୋନ୍‌ରେ କହିଥିଲେ । ସୌମ୍ୟ ଏକ ଅପୂର୍ବ ନିର୍ମଳ ଆନନ୍ଦରେ ବିଭୋର ହୋଇଯାଇଥିଲେ । ଅସରନ୍ତି ଆଶ୍ୱସ୍ତିରେ ତାଙ୍କ ତନୁମନରେ

Source: Author, Digitized by PPRACHIN, SOA

ପତ୍ର କଅଁଳି ଉଠୁଥିଲା । ପରୋପକାରରେ ଯେଉଁ ଶାନ୍ତି ଓ ସନ୍ତୋଷ ମିଳେ ସେ ତାକୁ ମର୍ମେ ମର୍ମେ ଅନୁଭବ କରିଥିଲେ । ବଡ଼ମା'ଙ୍କ ଠାରୁ ପାଇଥିବା ବିପୁଳ ଋଣର କିୟଦଂଶ ପରିଶୋଧ କଲେ ବୋଲି ମନେମନେ ଭାବୁଥିଲେ ।

ଦୁଇବର୍ଷ ହେବ ଗାଁକୁ ଯାଇ ନାହାନ୍ତି ବୋଲି ସୌମ୍ୟଙ୍କ ମନ ଛଟପଟ ହେଉଥିଲା । ଏକ ସପ୍ତାହ ଛୁଟି ନେଇ ରଜବେଳକୁ ଗାଁକୁ ବାହାରିଗଲେ । ଗାଁ ଯେତିକି ଯେତିକି ପାଖେଇ ଯାଉଥାଏ, ସେ ସେତିକି ସେତିକି ରୋମାଞ୍ଚିତ ଅନୁଭବ କରୁଥାନ୍ତି । ଗାଁର ପାହାଡ଼, ମନ୍ଦିର, ଜାଉଁଳି ପୋଖରୀ, ଆମ୍ବ ବଗିଚା, ଶସ୍ୟ କ୍ଷେତ୍ର ତାଙ୍କ ଆଖି ଆଗରେ ଝଲସି ଉଠୁଥାଏ ।

ଗାଁର ବସ୍‌ଷ୍ଟାଣ୍ଡରେ ଓହ୍ଲାଇପଡ଼ିଲା ବେଳକୁ ଦେଖିଲେ କିଟିକିଟି ଅନ୍ଧାର । ରାତି ନଅଟା । ଲୋକମାନେ ପହଡ଼େ ପହଡ଼େ ଶୋଇ ସାରିଲେଣି । ସାଇଁ ସାଇଁ ହୋଇ ନିଶା ଗର୍ଜୁଛି । ସୌମ୍ୟ ମନେ ପକାଉଥିଲେ, ବାପା ଗାଁରେ ଥିଲାବେଳେ ପ୍ରତି ଶନିବାର ଦିନ ଲଣ୍ଠନଟିଏ ଧରି ବାହାଳିତୋଟା ନିକଟସ୍ଥ ବସ୍‌ଷ୍ଟାଣ୍ଡରେ ଚାତକ ଭଳି ତାଙ୍କ ଆସିବା ବାଟକୁ ଅନେଇଥାନ୍ତି । ବସ୍‌ରୁ ଓହ୍ଲେଇପଡ଼ିଲେ ସେ ମିଠାମିଠା ଖୁସିରେ ତରଳି ଯାଆନ୍ତି ।

ସୌମ୍ୟ ଆଟାଚିକୁ ଅଣ୍ଡାଳିଲେ । ଟର୍ଚ୍ଚଟିକୁ ଆଣିବାକୁ ଭୁଲି ଯାଇଛନ୍ତି । ଅନନ୍ୟୋପାୟ ହୋଇ ଅନ୍ଧାରରେ ରାସ୍ତା ବାରି ବାରି ଚାଲିବା ଆରମ୍ଭ କରୁ କରୁ ପହଞ୍ଚିଗଲେ ବଡ଼ମାଆ । ହାତରେ ଲଣ୍ଠନ ।

– ବଡ଼ମାଆ ! ତୁମେ କାହିଁକି ହଇରାଣ ହୋଇ ଆସିଲ ? କେମିତି ଜାଣିଲ ମୁଁ ଆଜି ଆସିବି ବୋଲି ?

– ନାଇଁ ପୁଅ । ତମେ ସହରର ଆଲୁଅ ଭିତରେ ରହୁଛ । ଏ ଅନ୍ଧାରର ଅର୍ଗଳି ଭିତରେ କେତେ ଖାଲ ଖମା । ଝୁଣ୍ଟି ପଡ଼ିଲେ ଲହୁଲୁହାଣ ହେବ । ହଁ ପୁଅ, ତମେ ଆଜି ଆସିବ ଆସିବ ବୋଲି ମୋତେ କାହିଁକି ବାସ୍ନା ହେଉଥିଲା ।

ବଡ଼ମା ଝଡ଼ି ଯାଇଥିଲେ । ଦେହଟା ନହକା ନହକା ଦେଖା ଯାଉଥିଲା । କିନ୍ତୁ ଗୋରା ତକତକ ମୁହଁରେ ପ୍ରକଟିତ ହେଉଥିଲା ଚିରାଚରିତ ସ୍ମିତ ହାସ୍ୟ । ଯାହା

Source: Author, Digitized by PPRACHIN, SOA

ଭିତରେ ଥିଲା ଚନ୍ଦ୍ରାଲୋକର ଶୀତଳତା । ତାଙ୍କ ପ୍ରତିଶବ୍ଦର ଉଚ୍ଚାରଣରୁ ଝରି ପଡୁଥିଲା ମମତାଭିଜା ଅମୃତମୟ ବାଣୀ । ସକଳ ବ୍ୟଥା, ବେଦନା, ବ୍ୟର୍ଥତା ସତ୍ତ୍ୱେ ମଣିଷ ଯେ ପଦ୍ମପାଖୁଡ଼ା ପରି ଫୁଟି ଉଠିପାରେ, ବଡ଼ମା ଥିଲେ ତା'ର ଜ୍ୱଳନ୍ତ ଦୃଷ୍ଟାନ୍ତ ।

– ବଡ଼ମା' ! ତମେ କାହିଁକି ଝଡ଼ିଯାଇଛ ? ଝିଅର ବୋଝରୁ ମୁକୁଳିବା ପରେ ତମ ଦିହରେ ମାଉଁସ ଲାଗିବା କଥା ।

– ପୁଅ, ଏବେ ଦିହଟା କାହିଁକି ଭଲ ରହୁନି । ଟାଇଫଏଡ୍ ଜ୍ୱର ହୋଇ ମୋ ଅଣ୍ଟା ଭାଙ୍ଗି ଦେଇଛି ।

ଏମିତି କଥା ହେଉହେଉ ପହଞ୍ଚିଗଲେ ଘର ପାଖରେ । ଘର ସାମ୍ନାରେ ବରଗଛଟି ପିଲାଦିନର ସମଗ୍ର ସ୍ମୃତିକୁ ଜାବୁଡ଼ି ଧରି ଛିଡ଼ା ହୋଇଛି ରକ୍ଷିଟିଏ ପରି ।

– ବଡ଼ ମା' ! ମୁଁ ଆଜି ଚଣ୍ଡିଖୋଲରେ ପେଟେ ଖାଇଦେଇଛି । ମୋ ପାଇଁ କିଛି ଖାଇବାକୁ କରିବନି । ମୁଁ ଭାରି କ୍ଳାନ୍ତ । ଶୋଇପଡ଼ିବି ।

– ହଁ ପୁଅ । ତୁମର ଋଣ ମୁଁ ଶୁଝିପାରିବିନି । ଠିକ୍ ସମୟରେ ମୋଟା ଟଙ୍କା ପଠାଇଲ ବୋଲି ଝିଅର ବାହାଘର ଭଲରେ ଭଲରେ ହୋଇଗଲା । ଝିଅ ଶାଶୂଘରେ ଖୁସିରେ ଅଛି । ପୁଅ ତମେ ତ ପାଞ୍ଚ ସାତ ଦିନ ଗାଁରେ ରହିବ । କାଲି ରଘୁଆକୁ ସାଙ୍ଗରେ ଯାଇ ଟିକେ ଅଞ୍ଜଳି ଘର ଆଡ଼େ ବୁଲି ଆସିବ । ତା' ବାହାଘରକୁ ଆସିପାରିଲନି । ତମକୁ ଦେଖିଲେ ବହୁତ ଖୁସି ହେବ । ହଁ, ଗାଁ ଘରଡ଼ିହ ଓ ବାରିକୁ ତମ ନାମରେ ରେଜିଷ୍ଟ୍ରି କରିଦେବି । ସେ କାମ ସରିଲେ ତମେ ଯାଇ ଯିବ । ଝିଅତ ଦୂରରେ ରହିଲା । ଏ ଜାଗାକୁ ଇଏସିଏ ମାଡ଼ିବସିବେ । –କୃତଜ୍ଞତାରେ ବତୁରି ବତୁରି କହୁଥିଲେ ବଡ଼ମା' ।

– ନାଇଁ ବଡ଼ମା' ! ତମେ କାହିଁକି ଏପରି ବ୍ୟସ୍ତ ହେଉଛ । ସମୟ କ'ଣ ପଳେଇ ଯାଉଛି । ତମେ ଯେତେ ସ୍ନେହମମତାର ଅମୃତ ପାନ କରିବାକୁ ଆମକୁ ଦେଇଛ, ତା ତୁଳନାରେ ଦେଢ଼ଲକ୍ଷ ଟଙ୍କା କିଛି ନୁହେଁ ।

– ନାଇଁ ପୁଅ, ତାକୁ ତମ ନାଁରେ କବଲା କରିଦେଲେ ମୋତେ ଟିକେ ଶାନ୍ତି

Source: Author, Digitized by PPRACHIN, SOA

ମିଳିବ । ଅଞ୍ଜଳି ବାହାଘର ଭଲରେ ହୋଇଗଲା । ଏବେ ଜମି ରେଜିଷ୍ଟ୍ରି କରିଦେଲେ ମୁଁ ଖୁସି ମନରେ ଆରପାରିକୁ ଚାଲିଯିବି । ମୋ ଜମିର ଦାମ୍ ତ ତମେ ଦେଇଥିବା ଟଙ୍କାର ଦଶ ଭାଗରୁ ଭାଗେ । ମୋର ଯାହା ଅଛି, ତୁମକୁ ଦେଲେ ମୋତେ ଶାନ୍ତି ମିଳିବ ।

- ନାଇଁ ବଡ଼ ମା', ସେପରି କୁହନା । ତମେ ଏଠି ଅଛ ବୋଲି ଗାଁ ସହିତ ଆମର ଡୋରି ଲାଗିଛି । ଆମ ମନର କୋଠରିରେ ତମେ ବାଇ ଚଢ଼େଇ ପରି ଘର କରି ରହିଯାଇଛ । ମା'ଠୁ ମମତାମୟୀ ଆମ ବଡ଼ମା' ।

କହିଲାବେଳେ ସୌମ୍ୟରଞ୍ଜନଙ୍କ ଆଖି ଦୁଇଟିରେ ଢଳଢଳ ହେଉଥିଲା ଲୁହ ।

ତା'ପରଦିନ ସୌମ୍ୟ ସକାଳୁ ଉଠିଲା ବେଳକୁ ଦିନ ଆଠଟା । ବାହାରକୁ ଆସି ଦେଖିଲେ ବଡ଼ମା' ନାହାନ୍ତି । ଏତେ ବେଳକୁ ବଡ଼ମା' କେତେ ଜାତି ତରକାରୀ କରି ମୋ ଚାରିକଡ଼େ ଘାଇଁ ଘାଇଁ ବୁଲୁଥାନ୍ତେ । ହଁ, ସେ ଭଲ ପାଉଥିବା ଫୁଲ ବରା ପାଇଁ କଖାରୁ ଫୁଲ, ସଜନା ଶାଗ ସଂଗ୍ରହ ଅଭିଯାନରେ ବେଗୁନିଆ ସାହିକୁ ଯାଇଥିବେ ।

ଦାନ୍ତ ଘଷିସାରି ଦାଣ୍ଡ ଦୁଆରେ ବସିଥିବା ବେଳେ ରଘୁଆ ଯିବାର ଦେଖି ତାଙ୍କର ବଡ଼ମା' କହିଥିବା କଥା ମନେ ପଡ଼ିଲା ।

- ରଘୁଆ ! କେମିତି ଅଛୁ ?

- ହଁ ଭାଇ, ଭଲ ଅଛି ।

- ଶୁଣୁ । ଆଜି ତୋ ସାଙ୍ଗରେ ଅଞ୍ଜଳି ଘରକୁ ଯିବାକୁ ବଡ଼ମାଆ କାଲି ରାତିରେ କହିଛନ୍ତି । ଆମେ ସାଙ୍ଗ ହୋଇ ଦଶଟା ବେଳକୁ ବାହାରି ସନ୍ଧ୍ୟା ସୁଦ୍ଧା ଗାଁକୁ ଫେରିଆସିବା ।

- କେଉଁ ବଡ଼ମା' ?

- ଅଞ୍ଜଳିର ମା' ।

- ଚାରିମାସ ତଳେ ଟାଏଫଏଡ଼୍‌ରେ ତାଙ୍କର ତ ଦେହାନ୍ତ ହୋଇଯାଇଛି ।

Source: Author, Digitized by PPRACHIN, SOA

- କ'ଣ କହୁଛୁ ରଘୁଆ ?

ଭେଁ ଭେଁ ହୋଇ ସୌମ୍ୟ କାନ୍ଦିବାକୁ ଲାଗିଲେ । ଛାତି ଭିତରୁ କୋହ ଦୁଲୁକି ଉଠୁଥାଏ । ଲୁହର ନଦୀ ଆଖିର ଉପକୂଳକୁ ଲଂଘି କପୋଳକୁ ଭିଜାଇ ଦେଉଥାଏ । କାଲି ରାତିରେ ବଡ଼ମାଆଙ୍କ ପ୍ରେତାତ୍ମା ସଂଗରେ ଦେଖା ହୋଇଥିଲା ବୋଲି ଭାବିଲାବେଳକୁ ତାଙ୍କ ତନୁମନରେ ଅଭୂତପୂର୍ବ ଶିହରଣ ସୃଷ୍ଟି ହେଉଥିଲା ।

ସୌମ୍ୟ ରଘୁଆକୁ ସାଙ୍ଗରେ ଧରି ଅଞ୍ଜଳି ଘରେ ପହଞ୍ଚିଲା ପରେ ଖୁସିରେ ଅଞ୍ଜଳି ଗୋଡ଼ ତଳେ ଲାଗୁନଥିଲା । ଖାଇ ପିଇ ସାରିଲା ପରେ ଅଞ୍ଜଳି କହିଲା- ଭାଇ, ବୋଉ ମୋତେ ବାରବାର କରି କହିଯାଇଛି ଆମ ଘରଡ଼ିହ ଓ ବାଡ଼ି ତମ ନାଆଁରେ କବଲା କରିଦେବାକୁ । ବାହାଘର ପାଇଁ ଯେଉଁ ଦେଢ଼ଲକ୍ଷ ଟଙ୍କା ପଠାଇଥିଲ, କୋଡ଼ିଏ ହଜାର ଟଙ୍କା ବଳିଥିଲା । ତାକୁ ଦେଇଯାଇଛି ତମକୁ ଫେରାଇବାକୁ । କାଲି ସବ୍‌ରେଜିଷ୍ଟ୍ରାର ଅଫିସ ଯାଇ କବଲା କରିଦେବା । ମୁଁ ଆଗରୁ ସବୁ କାଗଜପତ୍ର କାମ ସାରିଦେଇଛି । ଏ ଦୁଇଟି କାମ କରିଦେଲେ ମୋ ବୋଉର ଅତୃପ୍ତ ଆତ୍ମା ଶାନ୍ତିରେ ହସି ଉଠିବ । ସେ ଋଣମୁକ୍ତ ହେବ । ସୌମ୍ୟ ଭାବୁଥିଲେ- ଦରିଦ୍ର ଜନସାଧାରଣଙ୍କ ମଧ୍ୟରେ ଯେଉଁ ସାଧୁତା, ମଣିଷ ପଣିଆ, ତ୍ୟାଗର ପ୍ରତିଫଳନ ଦେଖାଯାଏ, ତାହା ଥିଲାବାଲାଙ୍କ ପାଖରେ ମିଳେନା । ଥିଲାବାଲାଙ୍କର ଆହୁରି ପାଇବାର, ଆହୁରି ଲୁଟିବାର ଆକାଂକ୍ଷା । ବଡ଼ମାଆ ଅଭାବୀ ସ୍ତ୍ରୀଲୋକ, ତଥାପି ଋଣମୁକ୍ତ ହେବାପାଇଁ ଐକାନ୍ତିକ ଉଦ୍ୟମ । ବାହାଘର ଖର୍ଚ୍ଚ ପରେ ଯାହା ବଳିଛି ତାକୁ ଫେରାଇବା ପାଇଁ ବିହ୍ୱଳ ବିକଳ । ମୃତ୍ୟୁପରେ ବି ଯାହା ନେଇଛନ୍ତି ତାକୁ ଫେରାଇବାକୁ ବ୍ୟାକୁଳ । ମନେ ମନେ ତାଙ୍କୁ ପ୍ରଣାମ କରିଥିଲେ ।

ସୌମ୍ୟରଞ୍ଜନଙ୍କ ଆଖିଦୁଟି ଲୁହରେ ଟଳମଳ । ପେଟରୁ ହାବୁକା ମାରି ଆସୁଥିବା କୋହକୁ ଛାତିରେ ଜାକିବାକୁ ଯେତେ ଚେଷ୍ଟା କଲେବି ତାହା ଉତୁରି ପଡୁଥିଲା ।

✤

(ଶ୍ୱେତସଂକେତର ଜାନୁୟାରୀ ୨୦୨୧ ସଂଖ୍ୟାରେ ପ୍ରକାଶିତ)

Source: Author, Digitized by PPRACHIN, SOA

କାଗଜ ଫୁଲ

ପୁଣ୍ୟପ୍ରଭା ଭୁବେଶ୍ୱରରେ ମାର୍କେଟ୍ ବିଲ୍ଡିଂକୁ ମାର୍କେଟିଂ କରିବା ପାଇଁ ସ୍ୱାମୀ ପ୍ରଦୋଷଙ୍କ ସହ ଯାଉଥିବା ବେଳେ ଏକ ଅଡ଼ି କାର୍ ତାଙ୍କ ଦେହରୁ ଖୁବ୍ ଅଳ୍ପ ଦୂରତା ଛାଡ଼ି ଚାଲିଗଲା । ପୁଣ୍ୟପ୍ରଭାଙ୍କ ପାଟିରୁ ନିଗିଡ଼ି ପଡ଼ିଲା – କି ଅଭଦ୍ର ଲୋକ ! ଗାଡ଼ିରେ ବସିଗଲେ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି । ଔଦ୍ଧତ୍ୟର ଚରମ ସୀମାରେ ପହଞ୍ଚି ଯାଇଛନ୍ତି ।

ଅଡ଼ି କାର୍‌ଟି ମାର୍କେଟ୍ ବିଲ୍ଡିଂ ପାଖରେ ରହିଯିବା ପରେ ଦେଖିଲା ଏକ ପୁରୁଷ, ଅତ୍ୟାଧୁନିକ ସାଜସଜ୍ଜାରେ ସଜ୍ଜିତ ଜଣେ ସ୍ତ୍ରୀଲୋକ ଓ ମଡର୍ଣ୍ଣ ଷ୍ଟାଇଲ୍ ବେଶ ପୋଷାକ ପିନ୍ଧିଥିବା ଜଣେ କିଶୋର ସେଥିରୁ ଓହ୍ଲାଇଲେ । ପୁଣ୍ୟପ୍ରଭା ସେମାନଙ୍କୁ ଦେଖି ରାଗରେ ଦାନ୍ତ କଡ଼ମଡ଼ କରୁଥିଲା ।

ପୁଣ୍ୟପ୍ରଭା, ତୁ ଏଠି କ'ଣ କରୁଛୁ ? – ଏ ପ୍ରଶ୍ନରେ ଆଶ୍ଚର୍ଯ୍ୟ ହୋଇ ପଛକୁ ଅନାଇଲା । ସେ ଅଡ଼ିରୁ ଓହ୍ଲାଉଥିବା ସାମାନ୍ୟ ପୃଥୁଳକାୟା ନାରୀଟିକୁ ନିରେଖି ଦେଖୁଥିଲା । କିଏ ଏହି ସ୍ତ୍ରୀ ଲୋକ ଯିଏ ତାକୁ ନାଆଁ ଧରି ଡାକୁଛି ।

କ'ଣ ଚିହ୍ନି ପାରୁନୁ ମୋତେ ? ଟିକେ ମୋଟି ହୋଇଯାଇଛି ତ । – କହି ହସରେ ଉଚ୍ଛୁଳି ପଡୁଥିଲେ ସେ ଭଦ୍ରମହିଳା ।

ଆଲୋ ଉର୍ବଶୀ ତୁ ! ଅନେକ ଦିନ ପରେ ଦେଖା । ବାଣୀବିହାର ଜୀବନ ପରେ ପ୍ରାୟ ପଚିଶି ବର୍ଷ ପରେ ପ୍ରଥମ ସାକ୍ଷାତ । ଭୁବନେଶ୍ୱରର ଭୌଗୋଳିକ ପରିବର୍ତ୍ତନ ସହିତ ତାଳ ଦେଇ ଆମର ଭୂଗୋଳ ବି ବଦଳି ଯାଇଛି ।

ଉର୍ବଶୀ ଓ ପୁଣ୍ୟପ୍ରଭା ପରସ୍ପରର ଆଲିଙ୍ଗନର ଆବର୍ତ୍ତରେ ଆବଦ୍ଧ ହୋଇ ଅସୁମାରି ସ୍ମୃତିଚାରଣ କରୁଥିଲେ । ବାଣୀବିହାରର କୃଷ୍ଣଚୂଡ଼ା ଗଛ, ପାଣିଟାଙ୍କି, କ୍ୟାଣ୍ଟିନ ଓ ଲାଇବ୍ରେରୀର ଛବି ସେହି ଆବଦ୍ଧ ଇଲାକାର ସୀମିତ ପରିସରରେ ନୃତ୍ୟ କରି ଚାଲିଥିଲେ ।

Source: Author, Digitized by PPRACHIN, SOA

ଉର୍ବଶୀ, ତୁ ଏମିତି ଗପୁଥିବୁ ନା ତୋ ମିଷ୍ଟରଙ୍କ ସାଙ୍ଗରେ ପରିଚୟ କରାଇଦେବୁ ।- ପୁଣ୍ୟପ୍ରଭାର ଅଭିମାନ ଭିଜା ମନ୍ତବ୍ୟ ।

ହଁ, ପ୍ରଭା ! ଏ ହେଉଛନ୍ତି ମୋର ମିଷ୍ଟର ଶ୍ରୀ ସବ୍ୟସାଚୀ ପଟ୍ଟନାୟକ । ରସୁଲଗଡ଼ରେ ଥିବା 'ଉର୍ବଶୀ ଇଣ୍ଡଷ୍ଟ୍ରିଜ୍'ର ମ୍ୟାନେଜିଂ ଡାଇରେକ୍ଟର । ଏ ମୋର ଏକମାତ୍ର ପୁଅ । ରାଜଧାନୀ କଲେଜରୁ ବିଏ ପାସ୍ କରି ଏବେ ଏମ୍‌ବିଏ କରୁଛି । ଆମର ଘର ହେଉଛି ବିଜେବି ନଗରରେ ଥିବା ଉର୍ବଶୀ ଭିଲ୍ଲା । ମୁଁ ଏବେ ଚନ୍ଦ୍ରଶେଖରପୁରରେ ଥିବା ଉର୍ବଶୀ ମ୍ୟାନେଜମେଣ୍ଟ କଲେଜର ଅଧ୍ୟକ୍ଷା । ହଁ, ମୋ ବିଷୟରେ ତ ମୁଁ ସାରଗର୍ଭକ ଭାଷଣ ଦେଇସାରିଲିଣି । ତୋ ବିଷୟରେ କ'ଣ କହୁନୁ ? ତୋ ମିଷ୍ଟର ଆମକୁ ଦେଖି ଲାଜରେ ଝାଉଁଳି ପଡ଼ିଲେଣି । - ଶେଷ ବାକ୍ୟଟିକୁ ଉର୍ବଶୀ ଫୁସ୍‌ଫୁସ୍ କରି ପୁଣ୍ୟପ୍ରଭାର କାନରେ କହିଦେଲା ।

ପୁଣ୍ୟପ୍ରଭା ହସିହସି କହିଲା- ଏ ହେଉଛନ୍ତି ମୋର ସ୍ୱାମୀ ପ୍ରଦୋଷ ସାମନ୍ତରାୟ । ବିଜେବି କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ । ପୁଅ ଆଇଏସ୍‌ସି ପାସ୍ କରି ମେଡ଼ିକାଲ ଓ ଇଞ୍ଜିନିୟରିଂରେ ଏଣ୍ଟ୍ରାନ୍‌ସ ପରୀକ୍ଷା ଦେବାପାଇଁ ପ୍ରସ୍ତୁତିରେ ଲାଗିଛି । ତାକୁ ଘରେ ଛାଡ଼ି ଆମେ ଏଠାକୁ ଆସିଛୁ । ଆମେ ମାଷ୍ଟରକ୍ୟାଣ୍ଟିନ୍‌ରେ ଥିବା ଚନ୍ଦ୍ରମା ଆପାର୍ଟମେଣ୍ଟରେ ରହୁଛୁ । ହଁ, ତୋ ମୋବାଇଲ ନମ୍ବର ଦେ, ରାତିରେ ମନଭରି କଥା ହେବା । ଏଠି ବଜାରରେ ଏ ବାବୁମାନଙ୍କ ଗହଣରେ ଲାଗୁଛି ହାଟ ମଧ୍ୟେ ବ୍ରହ୍ମଜ୍ଞାନ ।

ତାପରେ ଦୁଇଜଣଙ୍କ ମୁକୁଳା ହସରେ ସେ ସଂକ୍ଷିପ୍ତ ଇଲାକାଟି ଈଷତ୍ ଦୋହଲିଗଲା ପରି ମନେ ହେଲା । ଉଭୟେ ଉଭୟଙ୍କର ମୋବାଇଲ ନମ୍ବର ସେଭ୍ କରି ଦେଲା ପରେ ମାର୍କେଟିଂ ଅଭିଯାନରେ ବିପରୀତ ଦିଗକୁ ବାହାରିପଡ଼ିଲେ ।

ରାତିରେ ଶୋଇଲା ବେଳକୁ ଉର୍ବଶୀ ସହିତ ବାଣୀବିହାରରେ ତା'ର ସମ୍ପର୍କର ଇତିହାସ ଫର୍ଦ୍ଦ ଫର୍ଦ୍ଦ ହୋଇ ପୁଣ୍ୟପ୍ରଭା ଆଖିଆଗରେ ଝଲସି ଉଠୁଥିଲେ । ଉର୍ବଶୀ ଓ ପୁଣ୍ୟପ୍ରଭା ବାଣୀବିହାର ଲେଡ଼ିଜ୍ ହଷ୍ଟେଲର ରୁମ୍‌ମେଟ୍ ଥିଲେ । ଦୁହେଁ ରାଜନୀତି

Source: Author, Digitized by PPRACHIN, SOA

ବିଜ୍ଞାନର ଛାତ୍ରୀ ଥିଲେ । ଉର୍ବଶୀ ଥିଲା ଭୁବନେଶ୍ୱରର ଜଣାଶୁଣା ଶିଳ୍ପପତିଙ୍କ ଅଲିଅଳୀ ଦୁଲାଳୀ । ପ୍ରାଚୁର୍ଯ୍ୟ ଓ ପ୍ରାପ୍ତିରେ ଭରପୁର ଥିଲା ତା'ର ଜୀବନ । ଅସାମାନ୍ୟା ସୁନ୍ଦରୀ । ମହୁଫେଣା ଚାରିପଟେ ମହୁମାଛି ଘେରିଗଲା ପରି ପ୍ରେମିକ ପ୍ରବରମାନେ ତା'ର ପ୍ରେମରସ ଆସ୍ୱାଦନ କରିବା ପାଇଁ ପାଗଳ ହୋଇଯାଉଥିଲେ । ତେର୍ଛା ଚାହାଣିରେ ହସର କେତୋଟି ପାଖୁଡ଼ା କାହା ଉପରେ ଛାଡ଼ିଦେଲେ ସେମାନେ କୃତ୍ୟକୃତ୍ୟ ଅନୁଭବ କରୁଥିଲେ । ପୁଣ୍ୟପ୍ରଭା ଥିଲା ଏକ ଅନାମଧେୟ ନିମ୍ନମଧ୍ୟବିତ୍ତ ରକ୍ଷଣଶୀଳ ପରିବାରର ଝିଅ । ସଂସ୍କାର, ସଂସ୍କୃତି, ପରମ୍ପରାର ଜାଲ ଭିତରେ ଛନ୍ଦିହୋଇ ହାତେ ମାପି ଚାଖଣ୍ଡେ ଚାଲୁଥିଲା । ଦୁଇ ପରସ୍ପର ବିରୋଧୀ ଚରିତ୍ରର ଦୁଇ ରୂପସୀ କନ୍ୟାଙ୍କ ଭିତରେ ଥିଲା ନିବିଡ଼ ସମ୍ପର୍କ । ପରସ୍ପରର ଦେହପା ଭଲମନ୍ଦ ବେଳେ ପରସ୍ପର ରାତିଦିନ ଏକାଠି କରି ସେବା କରୁଥିଲେ । ଥରେ ପୁଣ୍ୟପ୍ରଭା ରୋଗଗ୍ରସ୍ତ ହେଲାପରେ ଉର୍ବଶୀ ତାକୁ ଏକ ପ୍ରାଇଭେଟ୍ ହସ୍ପିଟାଲରେ ଭର୍ତ୍ତିକରି ପାଣି ଭଳି ପଇସା ଖର୍ଚ୍ଚ କରି ତାକୁ ଆରୋଗ୍ୟ କରିଥିଲା । ଭଲ ହେଲାପରେ ପୁଣ୍ୟପ୍ରଭା ଉର୍ବଶୀକୁ କହିଲା- ଉର୍ବଶୀ ! ତୁ ମୋତେ ଋଣୀ କରିଦେଲୁ । ତୋର ଋଣ ଶୁଝିବା ପାଇଁ ମୋତେ କେତେ ଜନ୍ମ ଲାଗିବ, ଈଶ୍ୱର ହିଁ ଜାଣନ୍ତି ।

ପୁଣ୍ୟପ୍ରଭାର ପୁରିଲା ପୁରିଲା ଗାଲକୁ ସ୍ନେହ ଛଳଛଳ ଆଖିରେ ଚିପିଦେଇ ଉର୍ବଶୀ କହିଲା- କେତେଟା ଟଙ୍କା ଖର୍ଚ୍ଚ ହୋଇଗଲା ଯେ ତୁ ବାୟାଣୀ ଭଳି ହେଉଛୁ । ତୁ ବାହା ହୋଇ ତୋ ବାବୁଙ୍କୁ କହିବୁ ମୋ ଋଣଟଙ୍କା ସୁଧ ସହ ପଇଠ କରିବେ ।

ଏସବୁ ମନେପକାଇଲା ବେଳକୁ ପୁଣ୍ୟପ୍ରଭାର ଆଖି ଓଦାଓଦା ହୋଇଗଲା । ରବିବାର ରାତି ୮ଟା ବେଳକୁ ଉର୍ବଶୀକୁ ଫୋନ୍ ଲଗାଇଲା । ଫୋନ୍‌ର ସେପଟୁ ଝରି ପଡୁଥିଲା ଉଚ୍ଛୁଳା ହସ ।

ଦେବୀଙ୍କର କେମିତି ମୋ କଥା ମନେପଡ଼ିଲା । ମୋର ଭାଗ୍ୟ ! ତୁ ଥରେ ମୋ ଘରକୁ ଆସିବୁ । ଆମେ ମିଶି ଚିକେନ୍, ମଟନ୍‌ର ବିଭିନ୍ନ ଆଇଟମ୍ କରି ମନଭରି ଖାଇବା, ପେଟଭରି ଗପିବା ।- ଉର୍ବଶୀର ଉଚ୍ଛ୍ୱାସଭରା କଣ୍ଠରୁ ଦୂରଭାଷର ଅଳିନ୍ଦ

Source: Author, Digitized by PPRACHIN, SOA

ଦେଇ ଉତୁରି ପଡ଼ିଥିଲା ଶଙ୍ଖର ଝଙ୍କାର ।

– ମୁଁ ତୋତେ କେମିତି ଭୁଲିବି । ମୁଁ ପରା ତୋର ଋଣୀ । ତୋର ଋଣ ସୁଧ ସହିତ ପଇଠ ନ କଲା ପର୍ଯ୍ୟନ୍ତ ମୋ ଆଖିରେ ନିଦ ନାହିଁ । ହଁ ମୁଁ କେବେ ଯିବି କହ ?

– ଆଲୋ ପାଗେଳୀ । ମୁଁ ସପ୍ତାହଟା ସାରା ବିଜି । ଆଜି ପାର୍ଟି, କାଲି କ୍ଲବ୍ ତାପରଦିନ ସମାଜ ସେବାର ସମ୍ଭ୍ରାନ୍ତ ସମ୍ଭାର । ତା ସାଙ୍ଗକୁ ଉର୍ବଶୀ ମ୍ୟାନେଜମେଣ୍ଟ କଲେଜର ଦାୟିତ୍ୱ । ବାବୁ ପାଞ୍ଚକୋଟି ଟଙ୍କା ଇନ୍‌ଭେଷ୍ଟ କରି ଗୋଟିଏ ବଡ଼ ଶିଳ୍ପ ପ୍ରତିଷ୍ଠା କରି ତା'ର ପରିଚାଳନରେ ବ୍ୟସ୍ତ । ଆମର କଳିଙ୍ଗ ନଗରରେ ଏକ ହୋଟେଲ ନିର୍ମାଣ ଚାଲିଛି । ତା'ର ନାଁ ଉର୍ବଶୀ ଇଣ୍ଟରନେସ୍‌ନାଲ୍ । ଚନ୍ଦ୍ରଶେଖରପୁରରେ ଏକ ଆପାର୍ଟମେଣ୍ଟ ତିଆରି ଚାଲିଛି, ନାଆଁ ଉର୍ବଶୀ ଆପାର୍ଟମେଣ୍ଟ । ଆମେ ଦୁହେଁ ଆମ ଦୁନିଆରେ ଏମିତି ବ୍ୟସ୍ତ ଯେ କେବଳ ରବିବାର ଆମେ ଫୁରସତ୍ ପାଉ । ସେଇଦିନ ସବୁ ଜଞ୍ଜାଳର ରାସ୍ତାଘାଟକୁ ଲକ୍‌ଡାଉନ୍ କରି ଘର ଭିତରେ ବାନ୍ଧି ହୋଇ ରହୁ, ମନ ଭରି ଖାଉ, ମନ ଭରି ବିଶ୍ରାମ ନେଉ । ତେଣୁ ତୁ କୋଉ ଗୋଟେ ରବିବାର ଦିନ ଆସୁନୁ । – ଉର୍ବଶୀ ଏକା ନିଶ୍ୱାସରେ କହିଦେଲା ।

ଆଲୋ ଉର୍ବଶୀ, ତୁମର ଘର, ଆପାର୍ଟମେଣ୍ଟ, ଇଣ୍ଡଷ୍ଟ୍ରି, ମ୍ୟାନେଜ୍‌ମେଣ୍ଟ କଲେଜ ସବୁ କ'ଣ ତୋ ନାଁରେ ! ବାବୁଙ୍କୁ କିମିଆ କରିଦେଇଛୁକି ?– ପୁଣ୍ୟପ୍ରଭାର ପ୍ରଶ୍ନ ।

– ଏ କହନ୍ତି ମୁଁ କୁଆଡ଼େ ଲକ୍ଷ୍ମୀମନ୍ତ । ମୋ ନାଁଟା ରହିଲେ ଲାଭର ସୁଅ ମାଡ଼ିଆସୁଛି । –ଉର୍ବଶୀ କହିଲା ବେଳେ ଆତ୍ମସନ୍ତୋଷର ପୁଷ୍ପବାଟିକା ଭିନ୍ନଭିନ୍ନ ଫୁଲର ରଙ୍ଗରେ ଓ ବାସ୍ନାରେ ହସି ଉଠୁଥିଲା ।

ଉର୍ବଶୀ ଉତ୍ସୁକତାର ସହ ପଚାରିଲା– ତୁ କେଉଁଠି ଘର କରିଲୁଣି ? ପୁଣ୍ୟପ୍ରଭା କହିଲା– ସେ କଥା କହନା । ଭଡ଼ା ଘରେ ରହିରହି ଅଧାଜୀବନ କଟିଗଲାଣି । ତିନି ତିନିଟା ନଣନ୍ଦଙ୍କ ବାହାଘର କରି ଆମ ଅଣ୍ଟା ଭାଙ୍ଗିଯାଇଛି । ଏବେ ଟିକେ ଠିଆହୋଇ ନିଶ୍ୱାସ ମାରୁଛୁ । ଖଣ୍ଡଗିରି ସେକଡ଼େ ଡ୍ରିଏ ଡିପାର୍ଟମେଣ୍ଟ ଦେଇଥିବା ୨୪୦୦ବର୍ଗଫୁଟର

Source: Author, Digitized by PPRACHIN, SOA

ଜାଗା ଅଛି । ସୁବିଧା ଦେଖି ଘର କରିବୁ ।

ପୁଣ୍ୟପ୍ରଭା ପୁଣି କହିଲା- ତୁ ହ୍ୱାଟ୍‌ସଆପ୍‌ରେ ତୋର ଘରର ପୂରା ଠିକଣା ଓ ସେ ସ୍ଥାନର ଲାଣ୍ଡମାର୍କ ଦେଇଦେବୁ । କେଉଁ ଗୋଟେ ରବିବାର ମୁଁ ତୋ ଘରେ ଧସେଇ ପଶିଯିବି । ଫେରିଲା ପରେ ମହାଲକ୍ଷ୍ମୀଙ୍କୁ ଏ ଶ୍ରୀୟା ଚଣ୍ଡାଲୁଣୀ ଘରକୁ ଆସିବା ପାଇଁ ନିମନ୍ତ୍ରଣ କରିବି । ମା' ଲକ୍ଷ୍ମୀଙ୍କ ପଦସ୍ପର୍ଶରେ ଆମ ଅଭାବୀ ଦୁନିଆରେ ପ୍ରାପ୍ତି ଓ ପ୍ରାଚୁର୍ଯ୍ୟର ବର୍ଷା ଝରିପଡ଼ିବ ।

- ତୁ ଆଉ ଏତେ ଉପରକୁ ଟେକେନା । ପଡ଼ିଗଲେ ଫାଟିଯିବି । ଦୁହିଁଙ୍କ ମୁହଁରେ ହସର ଉଜାଣି ଯମୁନା ତରଙ୍ଗାୟିତ ହେଉଥିବା ସମୟରେ ଦୁହେଁ କଥୋପକଥନ ବନ୍ଦ କରିଥିଲେ ।

ସେଦିନ ଥାଏ କାର୍ତ୍ତିକ ମାସର ଏକ ରବିବାର । ପୁଣ୍ୟପ୍ରଭା ଅଟୋରିକ୍ସାଟିଏ ଭଡ଼ା କରି ଉର୍ବଶୀର ଘର ସାମ୍ନାରେ ପହଞ୍ଚିଗଲା । ଘରଟିକୁ ଦେଖି ପୁଣ୍ୟପ୍ରଭାର ଆଖି ଖୋସି ହୋଇଗଲା । ପ୍ରାୟ କୋଡ଼ିଏ ହଜାର ବର୍ଗଫୁଟ ଜାଗାରେ ତ୍ରିତଳ ପ୍ରାସାଦ । ଗେଟ୍‌ଟି ଆକର୍ଷଣୀୟ । ତା'ର ଦୁଇ ସ୍ତମ୍ଭରେ ଆଭିଜାତ୍ୟ ସମ୍ପନ୍ନ ରାଜକୀୟ ଠାଣି ଉଦ୍‌ଭାସିତ ହେଉଛି । ଘର ପାଚେରି ମେଘନାଦ ପାଚେରି ଭଳି ଶକ୍ତିଶାଳୀ ଓ ଦୁର୍ଭେଦ୍ୟ । ଘରର ଗେଟ୍ ପାଖରେ ପହଞ୍ଚିଲାକ୍ଷଣି ଦୁଇ ସିକ୍ୟୁରିଟି ଗାର୍ଡ଼ ତାକୁ ଧଡ଼ାଧଡ଼୍ ସଲାମ ମାରିବାରୁ ସେ ଚମକିପଡ଼ିଲା । ସେ ମାଲିକାଣୀଙ୍କ ସାଙ୍ଗ ବୋଲି ପରିଚୟ ଦେବାରୁ ଜଣେ ଗାର୍ଡ଼ କହିଲା- ହଁ ମ୍ୟାଡ଼ାମ୍ । ମନେପଡ଼ିଲା । ଆମ ମ୍ୟାଡ଼ାମ୍‌ଙ୍କ ସାଙ୍ଗରେ ଆପଣଙ୍କର ସେଦିନ ମାର୍କେଟ୍ ବିଲ୍‌ଡିଂ ପାଖରେ ଦେଖା ହୋଇଥିଲା । ମୁଁ ସେଠାରେ ଥିଲି ।

ଗେଟ୍ ଡେଇଁ ଘର ଆଗରେ ଥିବା ସୁବିସ୍ତୃତ ପୁଷ୍ପ ବାଟିକାର କମନୀୟ ଓ ଅନିର୍ବଚନୀୟ ସୌନ୍ଦର୍ଯ୍ୟ ଦେଖି ଅଭିଭୂତ ହେଲା । ଦେଶ ବିଦେଶର କେତେ ଜାତି ଫୁଲର ରଙ୍ଗିନ୍ ରୋଶଣି । ତା ଭିତରେ ଶ୍ୟାମ ଦୁର୍ବାଦଳ ପ୍ରାନ୍ତର । କଅଁଳ ଛନ୍‌ଛନ୍ ନୀଳ ଶେଯଟିଏ । ମନ ହେଉଥିଲା ଗଡ଼ିଯାଆନ୍ତା ଟିକେ ଘାସର ଗାଲିଚାରେ ।

Source: Author, Digitized by PPRACHIN, SOA

ପେଟଭରି ପିଇଯାଆନ୍ତା ଫୁଲର ସୁରଭିକୁ । ଜାତି ଜାତି ପ୍ରଜାପତି ପବନର ଦୋଳିରେ ଖେଳିଖେଳି ଏ ଫୁଲରୁ ସେ ଫୁଲକୁ ଉଡ଼ି ଚାଲିଛନ୍ତି । ବିଭିନ୍ନ ଫୁଲର ସୁରଭି ଫେଣ୍ଟାଫେଣ୍ଟି ହୋଇ ତାକୁ ଏକ ଅନନ୍ୟ ଅନୁଭବରେ ବିହ୍ୱଳା କରୁଥିଲା । ଫୁଲ ପ୍ରତି ତା'ର ଅସମ୍ଭବ ଦୁର୍ବଳତା, ସବୁଜିମା ପ୍ରତି ତା'ର ଅମାପ ସ୍ନେହ, ଫୁଲଗଛଗୁଡ଼ିକ ଯେପରି ତା'ର ପ୍ରିୟ ସନ୍ତାନ । ଜୀବନସାରା ଫ୍ଲାଟ୍ ଘରେ ରହିରହି ଫୁଲଗଛଟିଏ ଲଗାଇବାର ସୁଯୋଗରୁ ସେ ଆଜି ପର୍ଯ୍ୟନ୍ତ ବଞ୍ଚିତା ହୋଇଛି । ସେ ଭାବୁଥିଲା – ଉର୍ବଶୀଟା କେଡ଼େ ଭାଗ୍ୟବତୀ ! ଆଲ୍ଲା ଯାହାକୁ ଦିଅନ୍ତି, ଛପର ଫାଡ଼ି ଦିଅନ୍ତି । ଐଶ୍ୱର୍ଯ୍ୟର ଐରାବତକୁ ଦେଖି ସେ ହୋଇଥିଲା ବିମୁଗ୍ଧା, ମାୟାମଗ୍ନା । ଉର୍ବଶୀର ଗୌରବରେ ହୋଇଥିଲା ଗର୍ବିତା ଓ ଗୌରବାନ୍ୱିତା ।

ଧୀର ପଦକ୍ଷେପରେ ପୁଣ୍ୟପ୍ରଭା ରାଜପ୍ରାସାଦ ଭଳି ଦିଶୁଥିବା ଆକର୍ଷଣୀୟ ଅଟ୍ଟାଳିକାକୁ ଅପୂର୍ବ ଆଗ୍ରହରେ ଅନାଇ ରହିଥିଲା । ଉର୍ବଶୀ ପାଖରେ ହଠାତ୍ ପହଞ୍ଚିଯାଇ ତାକୁ ସର୍ପ୍ରାଇଜ୍ ଦେବାପାଇଁ ମନେମନେ ପରିକଳ୍ପନା କରୁଥିଲା ।

ଏକ ଘର ଖୋଲାଥିବା ଦେଖି ଚୁପ୍‌ଚୁପ୍ ତା ଭିତରକୁ ପଶିଗଲା । ବିରାଟ କୋଠରି । ରାଜକୀୟ ପରିବେଶ । ଅତ୍ୟାଧୁନିକ ସାଜସଜ୍ଜାରେ ଘରଟି ଗୋଟିଏ ଅନିନ୍ଦ୍ୟ ରୂପସୀ ଅପ୍‌ସରା ଭଳି ତାକୁ ପ୍ରତୀୟମାନ ହେଲା । ସାଇଡ୍‌ରେ ଏକ ମୂଲ୍ୟବାନ କାଚରେ ଅନୁପମ ଢଙ୍ଗରେ ଶିଳ୍ପକଳା ଚାତୁରୀରେ ନିର୍ମିତ ହୋଇଥିଲା ଏକ ବିରାଟ କାଚ ଆଲମିରା । ତା'ର କଅଁଳ ହାତରେ ସେହି ମହାର୍ଘ ବସ୍ତୁଟିକୁ ଛୁଇଁବାର ଇଚ୍ଛାକୁ ପ୍ରଶମିତ କରିପାରିଲା ନାହିଁ । ଆଲମିରା ଭିତରକୁ ଦେଖି ଚମକି ପଡ଼ିଲା । ଦେଶୀ, ବିଦେଶୀ ମଦ ବୋତଲର ଭବ୍ୟ ସମାରୋହ । ବାମ କଡ଼କୁ ଅନାଇଲାବେଳକୁ ହାତୀଦାନ୍ତରେ ତିଆରି ସୁରମ୍ୟ ରାଜପଲଙ୍କ । ତା ଉପରେ ଉର୍ବଶୀର ସ୍ୱାମୀ ଚିତ୍‌କାତ୍ ହୋଇପଡ଼ିଛନ୍ତି । ଦେହରେ କୋର୍ଟ, ଟାଏ, ମୋଜା, ଜୋତା ସବୁ ରହିଛି । ଟିକିଏ ନିକଟକୁ ଗଲାରୁ ଉତ୍କଟ ମଦଗନ୍ଧରେ ସେ ବ୍ୟତିବ୍ୟସ୍ତ ହୋଇ ବାହାରକୁ ବାହାରି ଆସିଲା ବେଳକୁ ପୁଣ୍ୟପ୍ରଭା ଝୁଣ୍ଟି ପଡ଼ିଲା । ଭଙ୍ଗା ମଦବୋତଲଟାଏ

Source: Author, Digitized by PPRACHIN, SOA

ତା ପାଦର ଆଘାତ ପାଇ ଧୀରେ ଧୀରେ ଗଡ଼ି ଗଡ଼ି ପଲଙ୍କ ତଳକୁ ଚାଲିଯାଉଥିଲା ।

ଅଣନିଶ୍ୱାସୀ ହୋଇ ବାହାରକୁ ବାହାରି ପଡ଼ିଲା ବେଳକୁ ଦେଖିଲା ଆଉ ଏକ କୋଠରିର ଦ୍ୱାର ସମ୍ପୂର୍ଣ୍ଣ ମୁକୁଳା । ଭାବିଲା ଏଇଠି ହୁଏତ ଉର୍ବଶୀ ଥାଇପାରେ । ପଶିଗଲା ସେ କୋଠରିକୁ ଅତି ସନ୍ତର୍ପଣରେ । ସେ କୋଠରିଟି ରାଜକୀୟ ଠାଣିରେ ଐଶ୍ୱର୍ଯ୍ୟର ସମ୍ଭାରକୁ ପ୍ରଦର୍ଶନ କରି ପୁଣ୍ୟପ୍ରଭାକୁ ଚମକୃତ କରିଥିଲା । ଘରର କାନ୍ଥଗୁଡ଼ିକ ଉପରେ ଆଖି ବୁଲାଇ ଆଣିଲା ବେଳକୁ ଅର୍ଦ୍ଧନଗ୍ନ ଲଳନାମାନଙ୍କର ଅସୁମାରି ଫଟୋ ପ୍ରଦର୍ଶନୀ । ଉର୍ବଶୀର ପୁଅ ଠିକ୍ ବାପାର ଠାଣିରେ ଚିତ୍‌କାତ୍ ହୋଇ ପଲଙ୍କ ଉପରେ ଲୋଟିପଡ଼ିଛି । ଗଭୀର ନିଦ୍ରାରେ, ସ୍ୱପ୍ନର ରଙ୍ଗମହଲରେ । ଭାବୁଥିଲା ପିଲାଟିର କପାଳରେ ଆଉଁଶି ଦେଇ ତାକୁ ନିଦର ଉଠାଇଦେବ । ଏକ ଉତ୍କଟ ଗନ୍ଧରେ ତା'ର ନାକ ଫାଟି ପଡ଼ିଲା । ଗନ୍ଧର ଉତ୍କଟତାରେ ସେ ମ୍ରିୟମାଣ ହୋଇ ପଦାକୁ ଅସ୍ତବ୍ୟସ୍ତ ହୋଇ ଧାଇଁ ଆସିଲା ।

ଦେଖିଲା ରୋଷେଇ ଘର ଖୋଲା ଅଛି । ଭାବିଲା ଏଇଠାରେ ଉର୍ବଶୀ ନିଶ୍ଚୟ ଥିବ । ଗଲାବେଳକୁ ରତ୍ନାକରକୁ ରୋଷେଇ ଘରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ପୁଣ୍ୟପ୍ରଭା ।

- ଆରେ ରତ୍ନାକର, ତୁ ଏଠି । ତୁ ପା ଖବର କାଗଜ ଆମକୁ ଦେଉଛୁ ।

- ମାଉସୀ ! ସକାଳ ୮ଟା ସୁଦ୍ଧା ଖବରକାଗଜ ବାଣ୍ଟିଦେଇ ଏଠାକୁ ଆସେ ରୋଷେଇ କରିବାକୁ । ଭଲ ଦରମା ଦିଅନ୍ତି । ତମେ ମାଉସୀ ଏଠି କେମିତି ? କ'ଣ ତୁମର ବନ୍ଧୁବାନ୍ଧବ ?

- ନାଇଁ, ଉର୍ବଶୀ ମାଡ଼ାମ୍ ମୋର କ୍ଲାସ୍‌ମେଟ୍ ।

- ଏଠିତ ସବୁବେଳେ ଝଗଡ଼ା । ବାବୁ, ବାବୁଆଣୀ ଓ ପୁଅ, ସମସ୍ତଙ୍କ ସହିତ ସମସ୍ତଙ୍କର ଅହିନକୁଳ ସମ୍ପର୍କ । ସବୁବେଳେ ଅଶାନ୍ତି । କେହି କାହା କଥା ମାନିବାକୁ ନାରାଜ । ଏ ଘର ଉର୍ବଶୀ ଭିଲ୍ଲା ନୁହେଁ, ଅଶାନ୍ତି ଭିଲ୍ଲା । ଦେଖୁନା ଆଜି କାର୍ତ୍ତିକ

Source: Author, Digitized by PPRACHIN, SOA

ମାସ । ଘରେ ଚିକେନ୍, ମଟନ୍‌ର ସୁଅ ଛୁଟୁଛି ।

ଆସୁଛି ବୋଲି କହି ପୁଣ୍ୟପ୍ରଭା ତଳ ମହଲାକୁ ଆସିଲା ବେଳକୁ ଗୋଟିଏ ଘରେ ଶାଢ଼ି ପିନ୍ଧା ସ୍ତ୍ରୀ ଲୋକ ଝରକାବାଟେ ଦେଖି ଚମକି ପଡ଼ିଲା ପୁଣ୍ୟପ୍ରଭା । ଉର୍ବଶୀ ଏଇଠି ଲୁଚି ବସିଛି । ମୁଁ ତାକୁ ଦୁନିଆସାରା ଖୋଜୁଛି । ଖୁସି ଖୁସିରେ ଘର ଭିତରକୁ ଯାଇ ଦେଖିଲା ଏକ ରୂପସୀ ଲଳନା । ପ୍ରସାଧନର ରଙ୍ଗରେ ଆପାଦ ମସ୍ତକ ରଞ୍ଜିତା ।

- ଝିଅ, ତୁମେ କିଏ ? ଉତ୍ସୁକତାର ସହ ପଚାରିଲା ପୁଣ୍ୟପ୍ରଭା ।

- ମୁଁ ବାବୁଙ୍କର ଗାର୍ଲଫ୍ରେଣ୍ଡ । ଆଜି ମାଆ ଘରେ ନ ଥିବାରୁ ବାବୁ କହିଥିଲେ ଆଜି ଘରକୁ ଆସିବା ପାଇଁ । - ଶୁଦ୍ଧ ବଙ୍ଗଳା ଭାଷାରେ ରୂପସୀର ନମ୍ର ଓ ସ୍ୱଷ୍ଟ ଉତ୍ତର ।

ଭାଙ୍ଗିପଡୁଥିଲା ପୁଣ୍ୟପ୍ରଭା । ତା ମୁଣ୍ଡରେ ଆକାଶ ଛିଣ୍ଡି ପଡୁଥିଲା । ମାଟି ପାଦତଳୁ ଖସିଯାଉଥିଲା । ଛାତିରେ ଅତଡ଼ା ଖସୁଥିଲା । କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ଘରକୁ ଅଟୋରିକ୍ସା ଭଡ଼ା କରି ଫେରିଲା ।

ଅଟୋରେ ବସି ଉର୍ବଶୀକୁ ଫୋନ୍ ଲଗାଇଲା । କହିଲା- ତୁ ନଥିଲୁ । ମୁଁ ତୋ ଘର ବୁଲି ଚାଲିଆସିଲିଣି । ତୋତେ ସର୍ପରାଇଜ୍ ଦେବି ବୋଲି ଆଜି ରବିବାର ସକାଳୁ ସକାଳୁ ମାଡ଼ି ଆସିଥିଲି ।

ଉର୍ବଶୀ ଫୁସ୍‌ଫୁସ୍ କରି କହିଲା- ଆଜି 'ନାରୀ ବିକାଶ ସମିତି'ର ବାର୍ଷିକ ଉତ୍ସବ 'ଗୀତଗୋବିନ୍ଦ ସଦନ'ରେ ଅନୁଷ୍ଠିତ ହେଉଛି । ସଭାରେ ମୁଁ ସଭାପତିତ୍ୱ କରୁଛି । ଉତ୍ସବ ସରିଲାବେଳକୁ ସନ୍ଧ୍ୟା ୭ଟା । ହେଉ, ମିଟିଂରେ ଅଛି । ପରେ କଥା ହେବା ।

ପୁଣ୍ୟପ୍ରଭାକୁ ଲାଗୁଥିଲା- ଉର୍ବଶୀର ଜୀବନ କାଗଜଫୁଲ ଭଳି । ଏଥିରେ ବାହ୍ୟ ସୌନ୍ଦର୍ଯ୍ୟ, ଆକର୍ଷଣୀୟ ରଙ୍ଗର ରୋଶଣି ଅଛି । କଅଁଳ ସଜଫୁଟା ଫୁଲର

Source: Author, Digitized by PPRACHIN, SOA

କୋମଳ କମନୀୟତା ନାହିଁ, ମହକ ମୁରଲୀର ମଧୁର ମୂର୍ଚ୍ଛନା ନାହିଁ । ମନ୍ଦ୍ର ମଳୟର ମନଛୁଆଁ ସ୍ପର୍ଶର ସୁମଧୁର ଶିହରଣ ନାହିଁ ।

ପ୍ରାପ୍ତି, ପ୍ରାଚୁର୍ଯ୍ୟ ପଛରେ ଗୋଡ଼ାଇ ଗୋଡ଼ାଇ ଐଶ୍ୱର୍ଯ୍ୟର ଆକାଶକୁ ଛୁଇଁଲେବି ମଣିଷ ଚେନାଏ ଶାନ୍ତି ପାଏନା, କେରାଏ ସନ୍ତୋଷ ପାଏନା । ସମୃଦ୍ଧି ଓ ସଫଳତାର ତେଜୋଦୀପ୍ତ ଆଲୋକ ଅନ୍ତରାଳରେ ଅସରନ୍ତି ଅମା ଅନ୍ଧାର ଲୁଚି ରହିଥାଏ ।

ପ୍ରାଚୁର୍ଯ୍ୟର ପଶ୍ଚାତ୍‌ଧାବନ କରୁଥିବା ଅତ୍ୟାଧୁନିକ ମଣିଷମାନଙ୍କ ପାଇଁ ଏହା ନିଛକ ବାସ୍ତବତା । ଶାନ୍ତି ଓ ସନ୍ତୋଷର ସୁଦୀପ୍ତ ଶିଖାର ଆଲୋକରେ ମଣିଷ ଜୀବନ ମହିମାନ୍ୱିତ ହୁଏ, ଏହାହିଁ ମାନବସମାଜ ପାଇଁ ମହାର୍ଘ ବାର୍ତ୍ତା । ଆଧୁନିକ ମଣିଷର ଚାକଚକ୍ୟ ଭରା ଜୀବନର ଆଲୁଅ ପଛପଟେ ଏତେ ବହଳ ଅନ୍ଧାର ଜମାଟ ବାନ୍ଧିଛି ଦେଖି ସେ ନିଜକୁ ଭାଗ୍ୟବତୀ ମଣୁଥିଲା । ସେଥିପାଇଁ ଜଗଦୀଶ୍ୱରଙ୍କ ପଦପଙ୍କଜରେ ନିଜର ଭକ୍ତିପୂତ ପ୍ରଣତି ଅର୍ପଣ କରୁଥିଲା ।

(ସମାରୋହର ଜାନୁୟାରୀ ୨୦୨୧ ସଂଖ୍ୟାରେ ପ୍ରକାଶିତ)

Source: Author, Digitized by PPRACHIN, SOA

ଆହତ ଅହଙ୍କାର

ଶ୍ରୀଦେବୀ ତା'ର ବାପା, ମା', ଭାଇ ଓ ଭଉଣୀମାନଙ୍କୁ ଫୋନ୍ କରି ତା'ର ଘର ପ୍ରତିଷ୍ଠା ପାଇଁ ତା ଘରକୁ ଆସିବାକୁ ନିମନ୍ତ୍ରଣ କରୁଥିଲା । ତା ଘରର ଲୋକେସନ୍ ସମ୍ବନ୍ଧରେ ସେମାନଙ୍କୁ ବିଶଦ ବିବରଣୀ ଦେଇଥିଲା ।

ଶ୍ରୀନିବାସ ବିସ୍ମୟ ଚକିତ ନୟନରେ ଶ୍ରୀଦେବୀଙ୍କୁ ଅନାଇ ରହିଥିଲେ । ସେ ଫୋନ୍ କରିସାରିବା ପରେ ତାଙ୍କୁ ପଚାରିଲେ- କ'ଣ ପାଇଁ ସେମାନଙ୍କୁ ଫୋନ୍ କରୁଥିଲ ? ଏତେ ଅପମାନ, ତାଚ୍ଛଲ୍ୟ, ନିନ୍ଦା ସବୁ କ'ଣ ଭୁଲିଗଲ ? ସେମାନେ ପୁଣି ଆସି ଆମ ଅକ୍ଷମତା ଓ ଅସହାୟତାକୁ ଉପହାସ କରିବେ, ଆମେ କ'ଣ ସହିପାରିବା ? ଶୁଖି ଆସୁଥିବା ଘା'କୁ ମନ୍ଥି ସେଥିରେ ଲୁଣ ପକାଇଲେ, ସେ କ୍ଷତ ପୁଣି ଜୀବନ୍ତ ହୋଇ ଜଳିଉଠିବ । ଯନ୍ତ୍ରଣାରେ ଆମେ ଶିହରି ଉଠିବା ।

- ଯାହା ହେଲେ ତ ବାପା, ମା', ଭାଇ, ଭଉଣୀ । ରକ୍ତ ସମ୍ପର୍କ । ବାହାଘରର ୨୫ ବର୍ଷ ପରେ ପ୍ରଥମେ ଏକ ଶୁଭ କର୍ମ ଆମର ଅନୁଷ୍ଠିତ ହେବାକୁ ଯାଉଛି । ଫର୍ମାଲିଟି ଦୃଷ୍ଟିରୁ ସେମାନଙ୍କୁ ଡାକିଦେଲି । ଅହଂକାରର ପାହାଡ଼ ସେମାନଙ୍କ ମୁଣ୍ଡରେ ସବାର ହୋଇଛି । ମୁଁ ଜାଣେ ସେମାନେ ଆସିବେନି ।

- ହଁ, ମୋତେ ଲାଗୁଛି ସେମାନେ ଆସିବେନି । ଯଦି ଆସିବେ, ଆମ ଘରକୁ ତାଚ୍ଛଲ୍ୟ କରିବେ । ସେମାନଙ୍କର ଘର ଭୁବନେଶ୍ୱରର ବାପୁଜୀ ନଗର, ଶହିଦନଗର ଓ ନୂଆପଲ୍ଲୀରେ ହୋଇଥିବା ବେଳେ ଏତେ ଦୂରରେ ଖଣ୍ଡଗିରି ଏକଡ଼େ ଘର କରି ଲାଭ କ'ଣ ? ଏ ତ ଅଗନା ଅଗନି ବନସ୍ତ । ଦିନରେ ବାଘ ଟେକି ନେଇଯିବେ । ଶ୍ରୀନିବାସ ଓ ଶ୍ରୀଦେବୀ ଶାଣିତ କଟାକ୍ଷର ମାରଣାସ୍ତ୍ରକୁ ସମ୍ମୁଖୀନ ହେବାପାଇଁ ନିଜ ମନକୁ ସଜାଡ଼ି ନେଉଥିଲେ ।

ଶ୍ରୀନିବାସ ଘରର ସୋଫା ଉପରେ ବସି ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରୁଥିଲେ ।

Source: Author, Digitized by PPRACHIN, SOA

ବିଜେବି କଲେଜରେ ବିଏ ଇକୋନୋମିକ୍ସ ଅନର୍ସ ପଢୁଥିବା ସମୟରେ ଶ୍ରୀଦେବୀ ତାଙ୍କର ସହପାଠିନୀ ଥିଲେ । ସେତିକିବେଳେ ସମ୍ପର୍କର ସୂତ୍ରପାତ ହୋଇଥିଲା । ଶ୍ରୀଦେବୀ ଶରୀର ଅସୁସ୍ଥ ରହିବାରୁ ପ୍ରାୟ ଏକମାସ କଲେଜରେ କ୍ଲାସ୍ ଆଟେଣ୍ଡ କରିପାରି ନ ଥିଲା । କଲେଜକୁ ଫେରି ସହପାଠୀମାନଙ୍କୁ କ୍ଲାସର ତା'ର ଅନୁପସ୍ଥିତି ସମୟର ନୋଟ୍‌ଗୁଡ଼ିକ ପାଇଁ ଅନୁରୋଧ କରିଥିଲା । ଆଜି ଦେବୁ, କାଲି ଦେବୁ କହି କେହି ଦେଇନଥିଲେ । ସେ କ୍ଲାସ୍‌ର ପଢ଼ାଗୁଡ଼ିକୁ ଚେଷ୍ଟା କରି ବୁଝିପାରୁ ନଥିଲା ।

ଶ୍ରୀନିବାସ ଶ୍ରୀଦେବୀକୁ ସଙ୍ଗେ ସଙ୍ଗେ ତା'ର ନୋଟ୍‌ଗୁଡ଼ିକ ଦେଇଦେଲେ । ସବୁ ନୋଟ୍‌ଗୁଡ଼ିକରେ ଲେଖାଗୁଡ଼ିକୁ ତାକୁ ପ୍ରାଞ୍ଜଳ ଭାବରେ ବୁଝାଇଦେଲେ ।

ଶ୍ରୀଦେବୀ ଏକ ନୂଆ ଜୀବନ ଲାଭ କଲା ଭଳି ଅନୁଭବ କଲା । ମଝି ନଈରେ ବୁଡ଼ି ଯାଉଥିବା ସମୟରେ ଶ୍ରୀନିବାସ ଯେପରି ତାକୁ ଧରି ଧରି ଆଣି କୂଳରେ ପହଞ୍ଚାଇଦେଲେ । ସମ୍ପର୍କର କଢ଼ିଟି ଧୀରେ ଧୀରେ ପ୍ରସ୍ଫୁଟିତ ହୋଇ ସୁରଭିରେ କଲେଜକୁ ବାସ୍ନାୟିତ କଲା ।

ଶ୍ରୀଦେବୀର ବାପା ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର । ନୂଆପଲ୍ଲୀରେ ତ୍ରିତଳ ପ୍ରାସାଦ । ବଡ଼ ଦୁଇ ଭଉଣୀ ଭୁବନେଶ୍ୱରର ଦୁଇ ଧନାଢ଼୍ୟ ପରିବାରରେ ବିବାହିତ । ଏକମାତ୍ର ଭାଇ ଇଞ୍ଜିନିୟରିଂ ପଢୁଥାଏ । ଶ୍ରୀଦେବୀ ତାଙ୍କ ପରିବାରର ସବା ସାନଝିଅ । ବର୍ଣ୍ଣ ଶ୍ୟାମଳ, ଗଠନ ଆକର୍ଷଣୀୟ । କଲେଜ ଆରମ୍ଭ ଦିନରୁ ଚଷମା ପିନ୍ଧିବା ତା'ର ଅତି ଆବଶ୍ୟକ ହୋଇଯାଇଛି । ତା ବାପା, ମା' ତାକୁ ଅଚଳାଚଳ ସମ୍ପତ୍ତିର ମାଲିକ ଥିବା ଯୁବକ ସାଙ୍ଗରେ ବାହା ଦେବା ପାଇଁ ସ୍ୱପ୍ନ ଦେଖୁଥିଲେ । ସର୍ବଦା ଖୁସି ଖୁସି ଚଳଚଞ୍ଚଳ ଓ ସତେଜ ଦିଶେ ଶ୍ରୀଦେବୀ । ଉଇଁ ଆସୁଥିବା ଜହ୍ନଟିଏ ପରି, ସଦ୍ୟ ପ୍ରସ୍ଫୁଟିତ କଇଁଟିଏ ପରି ତା ହସର ନିର୍ମଳ ପଣ ଶ୍ରୀନିବାସକୁ ବିମୁଗ୍ଧ କରେ । ଶ୍ରୀନିବାସର ମାନବିକତା ଓ ହୃଦୟବତ୍ତାକୁ ଦେଖି ଶ୍ରୀଦେବୀ ଅନୁଭବ କରେ- ଏହି ହିଁ ତା'ର ମନର ମଣିଷ, ଅତୁଳନୀୟ ଜୀବନସାଥୀ ।

ବିଏ ପାସ୍ ପରେ ବାଣୀବିହାରରେ ଶ୍ରୀନିବାସ ଓ ଶ୍ରୀଦେବୀ ଅର୍ଥନୀତିରେ ଏମ୍‌ଏ ପଢ଼ିବାକୁ ଆରମ୍ଭ କଲେ । ଶ୍ରୀନିବାସ ଓ ଶ୍ରୀଦେବୀ ଏମ୍‌ଏ ପାସ୍ କଲାବେଳକୁ

Source: Author, Digitized by PPRACHIN, SOA

ଶ୍ରୀନିବାସ ଜୀବନବୀମା କର୍ପୋରେସନ୍‌ରେ କିରାନୀ ଚାକିରିଟିଏ ପାଇ ଆନନ୍ଦରେ ବିଭୋର ହୋଇ ଈଶ୍ୱରଙ୍କୁ କୃତଜ୍ଞତା ପ୍ରକାଶ କଲେ ।

ଶ୍ରୀଦେବୀର ପରିବାର ଲୋକେ ଶ୍ରୀନିବାସ ସହିତ ତା'ର ସମ୍ପର୍କ ବିଷୟ ଜାଣିବା ପରେ କ୍ରୋଧରେ କମ୍ପି ଉଠିଲେ । ଶ୍ରୀଦେବୀଙ୍କୁ ତା ସହିତ ସମ୍ପର୍କ ଛିନ୍ନ କରିବାକୁ ବାଧ୍ୟ କଲେ । ଶ୍ରୀଦେବୀ କିଛି ନ କହିଲେ ବି ଶ୍ରୀନିବାସ ସହିତ ବିବାହ କରିବାକୁ ମନସ୍ଥ କରିଥିଲା ଓ ଏହା ମାଆ ଆଗରେ ସନ୍ତର୍ପଣରେ ପ୍ରକାଶ କଲା ।

ଶେଷରେ ପରିବାର ଲୋକେ ଶ୍ରୀନିବାସକୁ ତାଙ୍କ ଘରକୁ ଡାକିବାକୁ ଶ୍ରୀଦେବୀକୁ ପ୍ରବର୍ତ୍ତାଇଲେ । ସେଦିନ ଥାଏ ରବିବାର । ଶ୍ରୀନିବାସକୁ ନେଇ ଶ୍ରଦେବୀ ଡ୍ରଇଂ ରୁମ୍‌ରେ ବସିଗଲା । ଆସିଲାବେଳକୁ ଘରେ ଗହଳି ଚହଳି । ଘୋ ଘା ହସ ଖୁସିରେ ଘର କମ୍ପୁଥିଲା । ହଠାତ୍ ଖେଳିଗଲା ଗୁମ୍‌ସୁମ୍ ନିରବତା । ଶ୍ରୀଦେବୀକୁ ଲାଗିଲା ସତେ ଯେମିତି ଅଶାନ୍ତ ଝଡ଼ ପୂର୍ବର କାରୁଣ୍ୟ ଛାଇ ହୋଇଯାଇଛି । ଶ୍ରୀନିବାସ ଓ ଶ୍ରୀଦେବୀଙ୍କ ଛଳଛଳ ମୁହଁର ଦର୍ପଣରେ ଜଳଜଳ ଦିଶୁଥିଲା ଥରିଲା ଥରିଲା ଓଠର ଧୂସର ଚିତ୍ରପଟ । କିଛି ସମୟ ପରେ ଶ୍ରୀଦେବୀର ବଡ଼ଭଉଣୀ ମଞ୍ଜୁ ଧପ୍ ଧପ୍ ପାଦରେ ଗର୍ବ, ଅହମିକାରେ ବେଲୁନ୍ ପରି ଫୁଲିଫୁଲି ଡ୍ରଇଂ ରୁମ୍‌ରେ ସୋଫା ଉପରେ ବସିପଡ଼ିଲା ।

- ତୁମର ନାମ କ'ଣ ? - ପ୍ରଶ୍ନରେ ଆକ୍ଷେପର ପ୍ରତିଧ୍ୱନି ।

- ମୋ ନାଁ ଶ୍ରୀନିବାସ, ଶ୍ରୀନିବାସ ସ୍ୱାଇଁ ।

- ଘର କେଉଁଠି ?

- ଯାଜପୁର ରୋଡ୍‌ଠାରୁ ପ୍ରାୟ ଦଶ କିଲୋମିଟର ଦୂରରେ ଥିବା ଏକ ଗାଁ, ନାଁ ବାରାଗାଡ଼ିଆ ।

- ତୁମ ପରିବାର ଓ ଚଳାଚଳ ବିଷୟରେ କୁହ ।

- ମୋ ବାପା ଜଣେ ଚାଷୀ । ଆମର ଏକ ହଳ ବଳଦ ଓ ଶଗଡ଼ଟିଏ ଅଛି । ଦୁଇ ବଖରା ଚାଳ ଘର । ତିନି ଚାରି ଏକର ଜମି । ବାପାଙ୍କର ମୁଁ ଏକମାତ୍ର ପୁଅ ।

Source: Author, Digitized by PPRACHIN, SOA

– କି ଚାକିରି କରିଛ ?

– କିଛିଦିନ ତଳେ ଏଲଆଇସିରେ କ୍ଲରିକାଲ୍ ଚାକିରି ପାଇଛି । ବ୍ରହ୍ମପୁରରେ ମୋର ପୋଷ୍ଟିଂ ।

ଶ୍ରୀଦେବୀ ଲକ୍ଷ୍ୟ କରିଥିଲା, ତାଙ୍କ ପରିବାର ସମସ୍ତ ଲୋକ ଡ୍ରଇଂରୁମ୍‌ର ଘର ଆଡ଼କୁ ଥିବା କବାଟ ପାଖରେ ଜମା ହୋଇ ସାରିଥିଲେ । ସେମାନଙ୍କ ଆଖି ଓ କାନ ଡୋରସ୍କ୍ରିନ୍ ଅନ୍ତରାଳରୁ ଡ୍ରଇଂରୁମ୍‌ର ଚତୁର୍ଦ୍ଦିଗରେ ପହଁରି ଯାଉଥିଲା । ଶ୍ରୀନିବାସ ଓ ଶ୍ରୀଦେବୀଙ୍କ ସମ୍ପର୍କର କୋଣାର୍କକୁ ଭାଙ୍ଗିରୁଜି ଚୁରମାର୍ କରିବା ପାଇଁ ବଡ଼ଭଉଣୀ ମଞ୍ଜୁକୁ ମିଳିଥିଲା ଅଖଣ୍ଡ ଅଧିକାର ଓ ସର୍ବକ୍ଷମତାପ୍ରାପ୍ତ ସ୍ୱାଧୀନତା ।

ମଞ୍ଜୁ କଣ୍ଠକୁ ଗମ୍ଭୀର ଓ କର୍କଶ କରି ଆଖିରେ ନିଆଁ ହୁଳା ଜଳାଇ ଗର୍ଜି ଉଠିଲା– ଚଷାର ପୁଅ, କୋଉ ମଫସଲରେ ଦି ବଖରା ଚାଳଘର । କିରାନୀ ଚାକିରି । ଶ୍ରୀଦେବୀକୁ ବାହା ହେବାକୁ କାହିଁକି ସ୍ୱପ୍ନ ଦେଖୁଛ ? ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବାର ଆସ୍ପର୍ଦ୍ଧା ! ଆକାଶ କଇଁଆ, ଚିଲିକା ମାଛ । ଆମ ପରିବାର ବିଷୟରେ କିଛି ଜାଣିଛ ? ମୋ ବାପା ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର । ନୂଆପଲ୍ଲୀରେ ତ୍ରିତଳ ପ୍ରାସାଦ । ଗାଁରେ ଅଚଳାଚଳ ସମ୍ପତ୍ତି । ମୁଁ ତାଙ୍କର ବଡ଼ ଝିଅ । ମୋ ଶାଶୂ ଘର ବାପୁଜୀ ନଗରରେ । ରାଜପ୍ରସାଦ ଭଳି ଆମର ଅଟ୍ଟାଳିକା । ଦେଖିଲେ ଟେରା ହୋଇଯିବ । ମୋ ତଳ ଭଉଣୀର ଘର ଶହିଦନଗରର କେନ୍ଦ୍ରରେ, ମାର୍କେଟ ବିଲ୍ଡିଂ ପାଖରେ । ୟୁକୋ ବ୍ୟାଙ୍କକୁ ଭଡ଼ା ଦେଇଛନ୍ତି । ବଡ଼ ଦୁଇ ଜ୍ୱାଇଁ ଶିଳ୍ପପତି । ତାଙ୍କ ପାଖରେ ତୁମ ଭଳି ଶହଶହ କିରାନୀ କୁକୁର ଭଳି ଟଙ୍କା କେଇଟା ପାଇଁ ଖଟୁଛନ୍ତି । ମୋ ଭାଇ ନାଲ୍‌କୋରେ ଇଞ୍ଜିନିୟର । ଜଣେ ଆଇଏଏସ୍ ଅଫିସରର ଝିଅ ସଙ୍ଗେ ତା'ର ବାହାଘର ଠିକ୍ ହୋଇଛି ।

ତମ ବାପା ଗୋଟାଏ ଅରକ୍ଷିତ, ତମେ ତା'ର ପୁଅ, ଗୋଟାଏ ଭିକାରି । ଆମ ସମ୍ପତ୍ତି ଦେଖି ତମର କ'ଣ ଲାଳ ବୋହୁଛି ? ସେଇଥିପାଇଁ ମୋ ଭଉଣୀକୁ ଫସେଇବାକୁ ଚେଷ୍ଟା କରୁଛ ।

Source: Author, Digitized by PPRACHIN, SOA

ଶ୍ରୀନିବାସ ଓ ଶ୍ରୀଦେବୀ ନିରୁତ୍ତର । ଦୁଇ ଆଖି ଦୁହିଙ୍କର ଲୁହରେ ଟଳମଳ । ଦୁହେଁ ନିରବ, ନିସ୍ପନ୍ଦ ।

ରାଗ ତମତମ ହୋଇ ମଞ୍ଜୁ ପୁଣି ଗର୍ଜି ଉଠିଲା ।

- ଏ ବାହାଘର ହୋଇପାରିବନି ? ଆମ ଘରକୁ କିମ୍ବା ଆମ ଶ୍ରୀଦେବୀକୁ ଆଡ଼ ଆଖିରେ ଅନାଇଲେ ତୋତେ ଜୋତାରେ ପିଟିପିଟି ଆମ ଇଣ୍ଡଷ୍ଟ୍ରିର କର୍ମଚାରୀମାନେ ବାରାଗାଡ଼ିଆରେ ଛାଡ଼ିଦେଇ ଆସିବେ । ତୋତେ ସାତବେଣ୍ଟିଆ ବାଳ କାଟି ଗଧରେ ବସାଇ ପ୍ରସେସନ୍ କରିବେ । ଶୀଘ୍ର ଯାଉଚୁନା, ଦେଖିବୁ ।

ଶ୍ରୀନିବାସ ଧୀର ପଦକ୍ଷେପରେ ବାହାରକୁ ବାହାରି ଯାଇଥିଲେ । ଆଖିରେ ଲୁହ ଭର୍ତ୍ତି । କଣ୍ଠ ବାଷ୍ପାରୁଦ୍ଧ । ଅପମାନର କ୍ଷତ ରୁଗ୍ ରୁଗ୍ ଯନ୍ତ୍ରଣାରେ ତାଙ୍କର ଛାତିକୁ କୋରି ପକାଉଥାନ୍ତି । ଲହୁ ଲୁହାଣ ମନ । ମନ ଆକାଶରେ ଝଡ଼ର ତାଣ୍ଡବ, ପ୍ରଳୟର ଚିତ୍ରପଟ । ରାସ୍ତାରେ ଏକ ଅଟୋକୁ ଡାକି ବସି ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଯିବାକୁ ନିର୍ଦ୍ଦେଶ ଦେଲେ । ଅଟୋ ବାହାରିଲା ବେଳକୁ ଶ୍ରୀଦେବୀ ଦୌଡ଼ି ଦୌଡ଼ି ଆସି ସେ ଅଟୋରେ ଦୁମ୍ କିନା ବସିପଡ଼ିଲା । ଅଟୋ ଚାଲିଥାଏ । ଦୁହେଁ ନିରବ, ନିର୍ବାକ । ଶ୍ରୀଦେବୀ ଶ୍ରୀନିବାସର ଡାହାଣ ହାତର ପାପୁଲିଟିକୁ ଜାବୁଡ଼ି ଧରି ତା କୋଳରେ ଧରି ରଖିଥାଏ । ତା ଆଖିରୁ ଖସିପଡୁଥିବା ବରକୋଳିଆ ଟୋପାଗୁଡ଼ିକ ଥପଥପ୍ ହୋଇ ପଡ଼ି ଶ୍ରୀନିବାସଙ୍କର ପାପୁଲିର ପ୍ରାନ୍ତରକୁ ଲୁଣିପାଣିରେ ଭିଜାଇ ଦେଉଥିଲା । ସେ ଲୁହର ମହୌଷଧି ଶ୍ରୀନିବାସର କ୍ଷତର ଯନ୍ତ୍ରଣାକୁ ଉପଶମ କରୁଥିଲା । ଶ୍ରୀଦେବୀ ଥରିଲା ଥରିଲା କଣ୍ଠରେ କହିଲା- ଆମ ଜୀବନକୁ ଏବେ କୁହୁଡ଼ି ଘେରି ରହିଛି । ସମୟକ୍ରମେ ସୂର୍ଯ୍ୟାଲୋକରେ ତାହା ଦୂରୀଭୂତ ହେବ । ଏବେ ଆମ ଜୀବନ ଆକାଶକୁ ଝଡ଼ ମାଡ଼ିଆସିଛି । ସବୁ ଝଡ଼ ନଷ୍ଟବିନଷ୍ଟ କରନ୍ତି ନାହିଁ, କେତେ ଝଡ଼ ଚଲାପଥକୁ ପରିଷ୍କାର ପରିଚ୍ଛନ୍ନ କରିଦିଅନ୍ତି ।

ଦୁହେଁ କେନ୍ଦୁଝର ନିକଟସ୍ଥ ତାରିଣୀ ମନ୍ଦିର ଯାଇ ସେଠାରେ ପରସ୍ପରକୁ ବିବାହ କରିଥିଲେ । ବାରାଗାଡ଼ିଆରୁ ଶ୍ରୀନିବାସର ବାପା, ମା' ଆସି ଉଭୟଙ୍କୁ ଆଶୀର୍ବାଦ ଦେଇଥିଲେ ।

Source: Author, Digitized by PPRACHIN, SOA

ଏହା ଭିତରେ ପଚିଶ ବର୍ଷ ଅତିବାହିତ ହୋଇଛି । ସମ୍ପର୍କର ସୂତା ସବୁଦିନ ପାଇଁ ଛିଣ୍ଡି ଯାଇଥିଲା । କେହି କାହାର ଖବର ରଖିନାହାନ୍ତି । ତା'ର ବାପା, ମା, ଭାଇ, ଭଉଣୀ ଶ୍ରୀଦେବୀଙ୍କୁ ଛି କରିଦେଇଥିଲେ । ତା ପ୍ରତି ସେମାନଙ୍କ ମନରେ ଭରିଥିଲା ଅସୂୟା, ଘୃଣା । ଅଭାବ, ଅନଟନରେ ଭାଙ୍ଗିପଡ଼ିଲେ ଦିନେ ଆସି ସେମାନଙ୍କୁ ହାତ ପାତିଲେ, ସୁଧ ମୂଳ ହିସାବ କରି ସବୁ କଡ଼ାଗଣ୍ଡା ଆଦାୟ କରିବାକୁ ଶ୍ରୀଦେବୀର ପରିବାର ମନସ୍ଥ କରିଥିଲେ ।

ଏବେ ଭୁବନେଶ୍ବରରେ ଶ୍ରୀନିବାସର ପୋଷ୍ଟିଂ ପରେ ପରିବାରର ସମସ୍ତଙ୍କର ଫୋନ୍ ନମ୍ବର ସମ୍ପର୍କୀୟ ଲୋକଙ୍କଠାରୁ ସଂଗ୍ରହ କରି ଶ୍ରୀଦେବୀ ଫୋନ୍ କରିଥିଲା । ଶାଶୂ ଶ୍ୱଶୁରଙ୍କର ଏହା ମଧ୍ୟରେ ଦେହାନ୍ତ ହୋଇଯାଇଛି । ଅନ୍ତତଃ ତା ବାପା, ମା'ଙ୍କ ପାଦ ତା'ର ନୂଆ ଘରେ ଗୋଟିଏ ମୁହୂର୍ତ୍ତ ପାଇଁ ପଡ଼ିଲେ ମିଠାମିଠା ଖୁସିରେ ତା ମନ ଭରି ଉଠିବ ।

ଅକ୍ଷୟତୃତୀୟା ଦିନ ଘରପ୍ରତିଷ୍ଠା କାର୍ଯ୍ୟ ସମାପନ ପରେ ସମସ୍ତ ବନ୍ଧୁ, ବାନ୍ଧବ, ସାଙ୍ଗ, ସାଥୀ ମଧ୍ୟାହ୍ନ ଭୋଜନ ସାରି ଚାଲିଗଲେଣି । କିଛି ସମୟ ପୂର୍ବରୁ ଘୋଘୋ କମ୍ପୁଥିବା ଘର ଏବେ ନିରବ । ଶ୍ରୀନିବାସ ଓ ଶ୍ରୀଦେବୀ ଭାବିଲେ ଯେ ଅହଙ୍କାରରେ ଫାଟି ପଡୁଥିବା ଶ୍ରୀଦେବୀର ପରିବାର ଲୋକେ ତାଙ୍କ ଘରକୁ ନ ଆସିବାକୁ ନିଷ୍ପତ୍ତି ନେଇଛନ୍ତି । ଦୁହେଁ ଝରକା ପାଖରେ ଗେଟ୍ ଆଡ଼କୁ ଅନାଇଥିଲାବେଳେ ଏକ ବୋଲେରୋ ଗେଟ୍ ପାଖରେ ପହଞ୍ଚିଗଲା । ଶ୍ରୀଦେବୀର ବାପା, ମା', ଭାଇ, ଭାଉଜ, ଦୁଇଭଉଣୀ ଗାଡ଼ିରୁ ଓହ୍ଲେଇ ଘର ଆଡ଼କୁ ଆସିଲେ ।

ଶ୍ରୀଦେବୀର ବିଶାଳ ପ୍ରାସାଦ ଦେଖି ଶ୍ରୀଦେବୀର ପରିବାର ଲୋକ ଆଶ୍ଚର୍ଯ୍ୟ ଚକିତ ହୋଇ ଅପଲକ ନୟନରେ ଅନାଇଥିଲେ । ତ୍ରିତଳ ପ୍ରସାଦ, ଆକର୍ଷଣୀୟ ଅଟ୍ଟାଳିକା । ସ୍ୱର୍ଣ୍ଣିମ ଅକ୍ଷରରେ ଶ୍ରୀନିବାସ ଓ ଶ୍ରୀଦେବୀର ନାମ ଲେଖା ହୋଇଛି । ଅଟ୍ଟାଳିକାର ନାମ ଶ୍ରୀଦେବୀ ଭବନ । ସେ ଅଞ୍ଚଳରେ ସବୁଠାରୁ ସୁଦୃଶ୍ୟ ବାସଭବନ । ଆସିଲାବେଳେ ଯାହାକୁ ପଚାରିଲେ, ସମସ୍ତେ ଅନାୟାସରେ ଘରର ଅବସ୍ଥିତି ସମ୍ବନ୍ଧରେ ସେମାନଙ୍କୁ ଅବଗତ କରୁଥିଲେ ।

Source: Author, Digitized by PPRACHIN, SOA

ପୁରୁଣା ରାଗ, ଅଭିମାନ ଭୁଲି ଶ୍ରୀନିବାସ ଓ ଶ୍ରୀଦେବୀ ସେମାନଙ୍କୁ ଦ୍ୱାର ମୁହଁରୁ ସାଙ୍ଗରେ ନେଇ ଖାଇବା ପିଇବା ସ୍ଥାନକୁ ନେଇଗଲେ । ପଚିଶବର୍ଷ ପରେ ଦେଖା । ଭାବପ୍ରବଣତା, ସମ୍ପର୍କ ଓ ରକ୍ତର ଆତ୍ମୀୟତାର ଉତ୍ତାଳ ଲହରୀ ମାଡ଼ି ଆସୁଥିଲେ ବି ସମସ୍ତେ ମାପିଚୁପି କଥାବାର୍ତ୍ତା କରିବାକୁ ନିଷ୍ପତ୍ତି ନେଇଥିଲେ ।

ମଧ୍ୟାହ୍ନ ଭୋଜନ ସାରି ଶ୍ରୀଦେବୀର ପରିବାର ଲୋକେ ତଳୁ ଉପର ପର୍ଯ୍ୟନ୍ତ ଘରଗୁଡ଼ିକ ବୁଲିବାକୁ ଲାଗିଲେ । ଛଅଟି ଥ୍ରି ବି.ଏଚ୍.କେ. କ୍ୱାର୍ଟର । ପ୍ରତି ଫ୍ଲୋରରେ ଦୁଇଟି କ୍ୱାର୍ଟର । ସବୁ ଘରର ଫ୍ଲୋର ସୁନ୍ଦର ଟାଇଲରେ ନିର୍ମିତ । କବାଟ ଝରକା ସବୁ ଶାଗୁଆନ୍ । ଇଣ୍ଟେରିଅର ଡିଜାଇନିଂ ଅତି ଆକର୍ଷଣୀୟ । ପ୍ରତି କ୍ୱାର୍ଟରରେ ତିନୋଟି ବାଲ୍‌କୋନୀ ।

ସେମାନେ ବୁଲୁଥିବା ବେଳେ ଶ୍ରୀଦେବୀକୁ ଡାକି ଶ୍ରୀନିବାସ କହିଲା- ବୁଝିଲ, ସେମାନେ ଘର ବୁଲି ଦେଖୁଛନ୍ତି । ଘରର ସବୁ ଖୁଣକୁ ଆଖିର ଅଣୁବୀକ୍ଷଣ ଯନ୍ତ୍ରରେ ଦେଖୁଛନ୍ତି । ବୁଲାବୁଲି ସାରି ତମକୁ ସଣ୍ଡୁଆସୀ ଆକ୍ରମଣ କରିବେ । କହିବେ ଆମର ଶହୀଦନଗର, ବାପୁଜୀନଗର ଓ ନୂଆପଲ୍ଲୀରେ ଘର । ସହରର ସମ୍ଭ୍ରାନ୍ତ ସ୍ଥାନରେ । ବଜାର ଘାଟରେ ଅଞ୍ଚଳ କମ୍ପୁଛି । ତୁ ଆସି ସାତ ଦରିଆ ପାରି ସହରର ଅପନ୍ତରା ଜାଗା କଳିଙ୍ଗନଗରରେ ଘର କରିଛୁ । ଏ ଘର ଭୂତକୋଠି ହେବ । ଏଠି ରହିବ କିଏ ?

ଶ୍ରୀନିବାସ ପାଟିରୁ କଥା ଛଡ଼ାଇନେଇ ଶ୍ରୀଦେବୀ କହିଲା- ଏବେ କହିବେ, ରୁମ୍‌ଗୁଡ଼ାକ ଛୋଟ ହୋଇଗଲା । ଟଏଲେଟ୍‌ର ଯେଉଁ ଜିନିଷ ଲାଗିଛି ତାହା ଜଣାଶୁଣା କମ୍ପାନୀର ନୁହେଁ । ଆମ ଘରମାନଙ୍କରେ ହୋଇଥିବା ଇଣ୍ଟେରିଅର୍ ଡିଜାଇନ୍ ତୁଳନାରେ ଏହା ପାସଙ୍ଗରେ ପଡ଼ିବ ନାହିଁ । ଏମିତି କେତେ କ'ଣ ?

ଶ୍ରୀନିବାସ ସତର୍କ କରି ଶ୍ରୀଦେବୀକୁ କହିଲେ- ତମେ ପାଟି ଖୋଲିବ ନାହିଁ । ଯାହା କହିବେ ଚୁପ୍‌ଚାପ୍ ଶୁଣିବ । ତାଙ୍କ ଅହଙ୍କାରର ଲହଡ଼ି ମାଡ଼ି ଆସିଲାବେଳେ ତୁମ ମୁଣ୍ଡ ନଇଁ ତଳକୁ କରିଦେଲେ, ତୁମ ପିଠି ଉପରେ ଉତ୍ତୁଙ୍ଗ ଲହଡ଼ି ଅନାୟାସରେ

Source: Author, Digitized by PPRACHIN, SOA

ପାର ହୋଇ ସମୁଦ୍ର ବେଳାଭୂମିରେ ମିଳେଇଯିବ । ୨୫ ବର୍ଷ ପରେ ଆମ ଘରକୁ ଆସିଛନ୍ତି । ଭଲରେ ଭଲରେ ବିଦାୟ ନେଲେ, ଆମକୁ ଆଶ୍ୱସ୍ତି ମିଳିବ ।

ଆସନ୍ନ ଝଡ଼ର ଆଶଙ୍କାରେ ସୋଫା ଉପରେ ବସିଥିଲେ ଶ୍ରୀନିବାସ ଓ ଶ୍ରୀଦେବୀ । ଘର ଭିତରକୁ ଧସେଇ ପଶେଇ ଆସିଲେ ଶ୍ରୀଦେବୀର ବାପା, ମା' ଭାଇ, ଭାଉଜ ଓ ଦୁଇଭଉଣୀ । ଦୁଇଜଣଙ୍କୁ ଘେରି ବସିଗଲେ ସମସ୍ତେ । ଶ୍ରୀଦେବୀର ବାପା ଯେ କି ଅବସରପ୍ରାପ୍ତ ଏକ୍‌ଜ୍ୟୁକୁଟିଭ୍ ଇଞ୍ଜିନିୟର ହସିହସି ଶ୍ରୀନିବାସକୁ କହିଲେ- ବାବୁ ତୁମେ ଛଅମାସ ହେବ ଭୁବନେଶ୍ୱରକୁ ରିଜିଓନାଲ ମ୍ୟାନେଜର ହୋଇ ବଦଳି ହୋଇ ଆସିଛ । ଆମକୁ କହିନ ? ମୋ ନାତି, ମୋ ବଡ଼ଝିଅ ମଞ୍ଜୁର ପୁଅ ତୁମ ଅଫିସରେ କ୍ଲର୍କ ଚାକିରି କରୁଛି । ସେ ମୋତେ କହୁଥିଲା । ଏହା ଆମ ପାଇଁ ବଡ଼ ଗର୍ବ ଓ ଗୌରବର କଥା । ତୁମ ଦୁଇପୁଅ କିଟ୍ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂ ପାସ୍ କରି ଏଇ ମାସେ ହେବ ବାଙ୍ଗାଲୋରରେ ଚାକିରି କରିଛନ୍ତି ଶୁଣି ବହୁତ ଆନନ୍ଦିତ ହେଲୁ । ଶ୍ରୀଦେବୀ ଭାବୁଥିଲା ଈଶ୍ୱରଙ୍କର କି ବିଚାର ! ଦିନେ ମଞ୍ଜୁଅପା ଶ୍ରୀନିବାସକୁ କିରାନୀ ବୋଲି କହି ଅପମାନ ଦେଇଥିଲା । ଆଜି ଶ୍ରୀନିବାସର ଅଫିସରେ ମଞ୍ଜୁ ଅପାର ପୁଅ କିରାନୀ ।

ବଡ଼ ଝିଅ ମଞ୍ଜୁ ବାହାରି ପଡ଼ି କହିଲା- ଆମେ ସମସ୍ତେ ବଡ଼ ବିପଦରେ ପଡ଼ିଯାଇଛୁ । ତୁମେ ଦୁହେଁ ଚାହିଁଲେ, ଆମକୁ ସାହା ହେବ । ଆମକୁ ଏ ବିପଦରୁ ଉଦ୍ଧାର କରିବ ।

ସେ କହିଲାବେଳେ ତା'ର ଓ ପାଖରେ ବସିଥିବା ସମସ୍ତଙ୍କର ଆଖି ଓଦା ଓଦା ହୋଇଗଲା । ମଞ୍ଜୁର ଆଖି ଲୁହରେ ଟଳମଳ । ଶ୍ରୀନିବାସ ଓ ଶ୍ରୀଦେବୀ ଏହା ସେମାନଙ୍କର ପ୍ରକୃତ ପରିସ୍ଥିତି ନା ଅଭିନୟ କରୁଛନ୍ତି ଜାଣିପାରୁ ନଥିଲେ ।

ସ୍ପଷ୍ଟୀକରଣ ଦେବାକୁ ଯାଇ ମଞ୍ଜୁ କହିଲା- ଭିଜିଲାନ୍ସ ଜାଲରୁ ରକ୍ଷା ପାଇବା ପାଇଁ ନୂଆପଲ୍ଲୀ ଜାଗାଟିକୁ ବାପା ଦାଦାଙ୍କ ନାମରେ କରିଥିଲେ । କଥା ଥିଲା, ବାପାଙ୍କ ଅବସର ପରେ ଦାଦା ତାକୁ ବାପାଙ୍କ ନାମରେ କରିଦେବେ । ଦାଦାଙ୍କ ଆକସ୍ମିକ ବିୟୋଗ ପରେ ତାଙ୍କ ତିନିପୁଅ ସେ ଘର ଉପରେ କବ୍‌ଜା କରିଛନ୍ତି ।

Source: Author, Digitized by PPRACHIN, SOA

ଆମର ବାପୁଜୀ ନଗରରେ ଯେଉଁ ବିରାଟ ଅଟ୍ଟାଳିକା ଥିଲା ତାହା ମୋ ଜେଜେଶ୍ୱଶୁରଙ୍କର ନାଆଁରେ ଅଛି । ବର୍ତ୍ତମାନ ତା'ର ଉତ୍ତରାଧିକାରୀ ସତର ଜଣ । ସେ ଘରକୁ ନେଇ କେସ୍ ଚାଲିଛି । ମୋ ସାନଭଉଣୀ ସଞ୍ଜୁର ଶହୀଦନଗରରେ ଥିବା ଘରର ଅବସ୍ଥା ମଧ୍ୟ ସେହିପରି । ଆମେ ସମସ୍ତେ ବାସହୀନ । ଆମର ଓ ସଞ୍ଜୁର ଇଣ୍ଡଷ୍ଟ୍ରି ବନ୍ଦ ହୋଇଯାଇଛି । ଆମେ ବହୁତ ହଇରାଣ ହେଉଛୁ ।

- ତୁମେ ସବୁ ଏବେ କେଉଁଠି ରହୁଛ ? - ଶ୍ରୀଦେବୀର ଉତ୍ସୁକତାର ସହ ପ୍ରଶ୍ନ । ଶ୍ରୀନିବାସ ଓ ଶ୍ରୀଦେବୀଙ୍କର ଆଖିର ଜଳାଶୟରେ ଜିଜ୍ଞାସାର କ୍ଷୁଦ୍ରକ୍ଷୁଦ୍ର ତରଙ୍ଗ ।

ମଞ୍ଜୁ କହିଲା- ଆମେ ଇସ୍କନ୍ ମନ୍ଦିର ପାଖରେ ତିନୋଟି କ୍ୱାର୍ଟର ଭଡ଼ା ନେଇ ରହୁଛୁ । ଜାଗା ଭାରି ସଂକୀର୍ଣ୍ଣ । ଆମର ବହୁତ ଜିନିଷ । ତା' ଛଡ଼ା ଅସରାଏ ବର୍ଷା ହେଲେ ଘର ଆଗରେ ଆଣ୍ଠୁଏ ପାଣି । ଘର ମାଲିକର ବ୍ୟବହାର ଭଲ ନୁହେଁ । ଆମ ତିନି ପରିବାରର ଜୀବନ ଦୁର୍ବିସହ ହୋଇଯାଇଛି । ତୁମରି ଏହି ଘରର ତିନୋଟି କ୍ୱାର୍ଟର ଆମକୁ ଭଡ଼ାରେ ଦେଲେ ଆମେ ଟିକେ ଶାନ୍ତିରେ ନିଶ୍ୱାସ ମାରନ୍ତୁ । ଏ ଘର ଆମକୁ ଭାରି ଭଲ ଲାଗୁଛି । କ'ଣ କହୁଛ ?

ଶ୍ରୀନିବାସ ପ୍ରଶ୍ନିଳ ନୟନରେ ଶ୍ରୀଦେବୀ ଆଡ଼କୁ ଅନାଇଲେ । ଶ୍ରୀଦେବୀ ହସିହସି କହିଲା - ଠିକ୍ ଅଛି । ବାହାର ଲୋକମାନେ କାହିଁକି ରହିବେ ? ଆପଣମାନେ ରହିଲେ ଆମେ ବହୁତ ଖୁସି ହେବୁ ।

କହିସାରି ସେ ଶ୍ରୀନିବାସ ଆଡ଼କୁ ତା'ର ମତାମତ ପାଇଁ ଅନାଇଲା ବେଳକୁ ଶ୍ରୀନିବାସ ମୁଣ୍ଡ ହଲାଇ ଶ୍ରୀଦେବୀ କଥାରେ ସମ୍ମତି ପ୍ରଦାନ କଲେ ।

ଶ୍ରୀଦେବୀର ବାପା ଏ ଉପକାର ପାଇଁ ଶ୍ରୀନିବାସର ହାତ ପାପୁଲି ଦୁଇଟି ଜାବୁଡ଼ି ଧରିଥିଲେ । ଶ୍ରୀଦେବୀର ମାଆ ସୋଫାରୁ ଉଠିଆସି ଶ୍ରୀଦେବୀକୁ କୋଳେଇଦେଲେ । ଶ୍ରୀଦେବୀର ପରିବାରର ସମସ୍ତ ଲୋକ କୃତଜ୍ଞତାରେ ବତୁରି ଯାଉଥିଲେ । ମଝିନଈରେ ଭାସି ଯାଉଥିବା ବେଳେ ସତେଯେପରି କୂଳରେ ଲାଗିଗଲେ ।

ଯିବାକୁ ବାହାରିଲେ ସମସ୍ତେ । ମଞ୍ଜୁ ଶ୍ରୀନିବାସକୁ ପଚାରିଲା କ୍ୱାର୍ଟର ପିଛା

Source: Author, Digitized by PPRACHIN, SOA

ଆମେ କେତେ ଭଡ଼ା ଦେବୁ ? ଶ୍ରୀନିବାସ ବାଷ୍ପାରୁଦ୍ଧ କଣ୍ଠରେ କହିଲେ- ମୁ ଅରକ୍ଷିତର ପୁଅ । ମୁଁ ଗୋଟିଏ ଭିକାରି । ମୋ ଥାଳରେ ଆପଣ ଯାହା ଭିକ୍ଷା ଦେବେ, ତାକୁ ମୁଁ ସାଦରେ ଗ୍ରହଣ କରିବି ।

ଏକ ଗୁମ୍‌ସୁମ୍ ନିରବତା ଘର ଭିତରେ ଖୁନ୍ଦି ହୋଇଯାଇଥିଲା । ଶ୍ରୀଦେବୀର ପରିବାର ଲୋକଙ୍କ ଅହଙ୍କାରର ପାହାଡ଼ ପରସ୍ତ ପରସ୍ତ ହୋଇ ଭୁଶୁଡ଼ି ପଡୁଥିଲା । ସେମାନଙ୍କ ମନ ପଦ୍ମପତ୍ରରେ ଢଳଢ଼ଳ ହେଉଥିବା ଅହଂର ପାଣି ଠୋପାଗୁଡ଼ିକ ଖସି ପଡୁଥିଲା ଅନନ୍ତ ଅଥଳକୁ ।

ଅହଙ୍କାରର ଦୌରାତ୍ମ୍ୟ ସହି ନ ପାରି ହୀରା କୋଇଲାରେ ପରିଣତ ହୁଏ । ବିନମ୍ରତା ଓ ହୃଦୟବତ୍ତାର ଶୀତଳ ସ୍ପର୍ଶରେ କୋଇଲା ହୀରା ପାଲଟି ଯାଏ ।

(ଗୋଧୂଳିର ପୂଜା ସଂଖ୍ୟା ୨୦୨୧ ପ୍ରକାଶିତ)

Source: Author, Digitized by PPRACHIN, SOA

ବୋହୂ ଖୋଜା

ସୁସ୍ମିତା ଅତି ବ୍ୟସ୍ତ ବିବ୍ରତ ହୋଇ ସଂକେତକୁ କହିଲେ-ଉପରକୁ ଅନେଇ ବସିଛ କ'ଣ ? ପୁଅ ବାହାଘର ବିଷୟରେ ଟିକେ ମୁଣ୍ଡ ଖେଳାଅ । ତାର ବୟସ ତେତିଶ ପୂରି ଚଉତିରିଶ ହେଲା । ଆଗରୁ ଚାକିରିରେ ଥିଲ ଯେ କହୁଥିଲ ଛୁଟି ମିଳୁନି । କାର୍ଯ୍ୟରେ ସବୁବେଳେ ବ୍ୟସ୍ତ । ଏବେତ ରିଟାଏର୍ଡ୍ ହେଲ । ଆଖି ସାମ୍ନାରେ ପାହାଡ଼ ଭଳି ସମୟ ଗଦା ହୋଇଛି । ତାକୁ ଟିକେ କାମରେ ଲଗା । ନଚେତ୍ ନେଡିଗୁଡ଼ କହୁଣୀକୁ ବହିଗଲେ ଆଉ କିଛି କରି ପାରିବା ନାହିଁ । ଖାଲି ମିଛଟାରେ ହାଇଁପାଇଁ ହେବା । ପୁଅତ ସବୁବେଳେ କହୁଛି, ଏ ବର୍ଷ ନୁହେଁ । ଆଉ ଦୁଇ ବର୍ଷ ପରେ । ତା' କଥା ମାନି ଆମେ କ'ଣ ନାହିରେ ତେଲ ଦେଇ ବସିବା ?

ସୁସ୍ମିତାଙ୍କର ବିରକ୍ତିଭରା ବିବ୍ରତ ମୁଖମଣ୍ଡଳରୁ ଉତୁରି ପଡୁଥିବା ଆଗ୍ନେୟଗିରିର ଉଦ୍‌ଗୀରଣର ଯଥାର୍ଥତା ସଂକେତ ଅନୁଭବ କରୁଥିଲେ । ଏବେ ତାଙ୍କୁ ପୁଅ ବାହାଘରକୁ ଅଗ୍ରାଧିକାର ଦେବାକୁ ପଡ଼ିବ । ଏବେ ସମୟ ବଦଳି ଯାଇଛି । ଝିଅ ପୁଅ ମାନଙ୍କର ଅବାଧ ମିଳାମିଶା । ବାହା ନ ହୋଇ ମଧ୍ୟ ଦୁହେଁ ଦୁହିଁଙ୍କର ଦିନର ସାଥୀ ଓ ରାତିର ସ୍ୱପ୍ନ ହୋଇ ଜୀବନର ସବୁଠାରୁ ତରଳ ଆଉ ଢଳଢଳ ସମୟକୁ କଟାଇ ଚାଲୁଛନ୍ତି । ପାର୍କରେ ସବୁଜ ପତ୍ରର ଗହଳ ଛାଇରେ ନିକଟତର ହେବାପାଇଁ ଅସଫଳ ଉଦ୍ୟମ । ପାଖରେ ଚାଲିଯାଉଥିବା ଦର୍ଶକଙ୍କୁ ବେପରୁଆ ଚାହାଣି । ସ୍ୱାଧୀନତାର ଛଳଛଳ ଚଟାଣ ଉପରେ ସ୍ୱେଚ୍ଛାଚାରିତାର ସ୍ୱୟଂବର । ମୁହଁକୁ ବସ୍ତ୍ରରେ ଆଛନ୍ନ କରି ଚିହ୍ନା ମଣିଷଙ୍କ ଭିତରେ ତରୁଣୀ ସାଜୁଛି ଅଚିହ୍ନା, ଅଜଣା । ଅଜ୍ଞାତବାସରେ ପ୍ରେମଲୀଳାର ଅଖଣ୍ଡ ଆଧିପତ୍ୟ । କେତେବେଳେ କେଉଁ କଥା । ପାପୁଲିର ପଡିଆରୁ ପରିସ୍ଥିତି ପଳାୟନ କରିବା ପୂର୍ବରୁ ତାଙ୍କୁ ବନ୍ଧ ବାନ୍ଧି ଉଛୁଳା ନଈକୁ ଆୟତ୍ତ କରିବାକୁ ପଡିବ ।

ସଂକେତ ରାଜ୍ୟ ସରକାରଙ୍କର ଅବସର ପ୍ରାପ୍ତ କର୍ମଚାରୀ । ଅବସର ପରେ ଖଣ୍ଡଗିରି ନିକଟରେ ଏକ ଟୁ ବିଏଚ୍ କେ ଫ୍ଲାଟ କିଣି ରହୁଛନ୍ତି ସହଧର୍ମିଣୀ ସୁସ୍ମିତାଙ୍କ

Source: Author, Digitized by PPRACHIN, SOA

ସହ । ଗୋଟିଏ ପୁଅ, ଗୋଟିଏ ଝିଅ । ଝିଅଟି ଦଶବର୍ଷ ହେବ ବିବାହ କରି ସମ୍ବଲପୁରରେ ତାର ସ୍ୱାମୀଙ୍କ କାର୍ଯ୍ୟସ୍ଥଳରେ ଆନନ୍ଦରେ ଅଛି । ପୁଅ ସବ୍ୟସାଚୀ ହୋଟେଲ ମ୍ୟାନେଜମେଣ୍ଟ ପଢ଼ିବାପରେ ଏମ୍‌ବିଏ କରି ଆମେରିକାର ଚିକାଗୋରେ ଥିବା ଏକ ପ୍ରତିଷ୍ଠିତ ହୋଟେଲରେ ଉଚ୍ଚପଦାଧିକାରୀ । ଆକର୍ଷଣୀୟ ଦରମା ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ସୁଯୋଗ ଖୁନ୍ଦି ହୋଇ ରହିଛି । ପ୍ରତି ମାସରେ ସଂକେତଙ୍କ ପାଖକୁ ମୋଟା ଅଙ୍କର ଟଙ୍କା ପଠାଏ । ସବୁବେଳେ ତାଗିଦ୍ କରି କହେ- ବାପା ! ତୁମେ ଜୀବନସାରା କାଣ୍ଟିକୁଣ୍ଟି ହୋଇ ଚଳି ଅପାକୁ ଓ ମୋତେ ମଣିଷ କରିଛ । ଏବେ ମନଇଚ୍ଛା ଖର୍ଚ୍ଚକରି ଆନନ୍ଦ ଉପଭୋଗ କର । ବୋଉକୁ ବିଶ୍ରାମ ଦେବାପାଇଁ ଦୁଇଟି କାମବାଲି ଓ କୁକ୍‌ଟିଏ ରଖ । ବାର୍ଦ୍ଧକ୍ୟ ଓ ବୟସର ବ୍ୟଥା ଆଉ ବେଦନାରୁ ମୁକ୍ତି ପାଇବାକୁ ହେଲେ ବିଶ୍ରାମର ଆବଶ୍ୟକତା ଅଛି ।

ସବ୍ୟସାଚୀକୁ ବହୁତ ବୁଝାଇ ସଂକେତ ତାକୁ ବାହାଘର ପାଇଁ ରାଜି କରାଇଲେ, ସଂକେତ ପୁଅ ବାହାଘର ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କଲେ । ବିଭିନ୍ନ ପରିଚିତ ଲୋକ, ସାଂଗ ଓ ବନ୍ଧୁବାନ୍ଧବଙ୍କ ସହ କଥା ହୋଇ ବିଭିନ୍ନ ପ୍ରସ୍ତାବ ପାଇବେ ।ତା'ଛଡ଼ା ବାହାଘରକୁ ସହଜ ସୁଗମ କରିବା ପାଇଁ ବିଭିନ୍ନ ମ୍ୟାରେଜ ବ୍ୟୁରୋ ମାଧ୍ୟମରେ କିଛି ପ୍ରସ୍ତାବ ସଂଗ୍ରହ କରିବେ । ଜାତକ ମିଳାଇବା ହେଉଛି ଅତ୍ୟାବଶ୍ୟକ ପ୍ରଥମ ପଦକ୍ଷେପ । ତାଙ୍କର ବିଶ୍ୱସ୍ତ ଜ୍ୟୋତିଷ ସବୁଜ ସଂକେତ ଦେଲା ପରେ କନ୍ୟା ଦେଖା ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ । ଉଭୟ ପକ୍ଷରାଜି ହେଲେ ବାହାଘରପାଇଁ ମହାପ୍ରସାଦ ନିର୍ବନ୍ଧ ଓ ବାହାଘରର ଦିନ ସ୍ଥିର କରିବେ ।

ସଂକେତଙ୍କର ଅଭିଯାନ ଗୁରତ୍ୱର ସହ ଆରମ୍ଭ ହେଲା । ଗଦା ଗଦା ପ୍ରସ୍ତାବକୁ ବିଶ୍ଳେଷଣ କରି ତାର ଭଲମନ୍ଦ ଦିଗକୁ ବିଚାର କରି ନିଷ୍ପତ୍ତି ନେବା ଯେ ବଡ଼ କଷ୍ଟପ୍ରଦ ସଂକେତ ମର୍ମେ ମର୍ମେ ଅନୁଭବ କଲେ । ବାହାଘର ଅଭିଯାନ ନୂଆ ନୂଆ ଆରମ୍ଭ ହେଲେ ପୁଅ ଘର ସୁନ୍ଦରୀ, ଶିକ୍ଷିତା, ନମ୍ର, ଗୁଣବତୀ ବୋହୂ ଆଉ ଶିକ୍ଷିତ, ସମ୍ଭ୍ରାନ୍ତ ଓ ସମୃଦ୍ଧ ପରିବାର ଖୋଜି ବସନ୍ତି । ଅଭିଯାନ ଯେତେ ପୁରୁଣା ହୁଏ, ଏସବୁ ଜିନିଷ

Source: Author, Digitized by PPRACHIN, SOA

ଏକାସ୍ଥାନରେ ପାଇବା ଅସମ୍ଭବ ମନେହୁଏ । ସମୟ କ୍ରମେ ମଣିଷ ବାସ୍ତବତା ସହିତ ସାଲିସ୍ କରେ । ନଚେତ୍ ବାହାଘର ଏକ ଅପହଞ୍ଚ ସ୍ୱପ୍ନଭିତରେ ସୀମିତ ରହେ ।

ସଂକେତ ଓ ସୁସ୍ମିତା ଏକ ଭଲ ପ୍ରସ୍ତାବ ପାଇ ଆନନ୍ଦରେ ଗଦଗଦ ହେଲେ । ଈଶ୍ୱରଙ୍କ ଆଶୀର୍ବାଦରୁ ଏହି ପ୍ରସ୍ତାବରେ ସେମାନଙ୍କର ସବୁ ସ୍ୱପ୍ନର ପରିପୂର୍ତ୍ତୀ ଘଟିବ । ପୁଅ ସାଂଗରେ କଥା ହେଲା ପରେ ପୁଅ ମଧ ରାଜି ହେଲା । ପୁଅକୁ ଏକ ମାସ ପରେ ଏକମାସ ଛୁଟି ନେଇ ଆସିଲେ ମହାପ୍ରସାଦ ନିର୍ବନ୍ଧ ଓ ତାର କେଇଦିନ ପରେ ବାହାଘର ସମାହିତ ହେବବୋଲି ସ୍ଥିର ହେଲା ।

ଆସନ୍ତାକାଲି ମହାପ୍ରସାଦ ନିର୍ବନ୍ଧ ଓ ଆଜି ପୁଅ ସବ୍ୟସାଚୀ ଦିଲ୍ଲୀରେ ପହଞ୍ଚି ଭୁବନେଶ୍ୱର ଆସିବା ସ୍ଥିରୀକୃତ ହୋଇଛି । ସଂକେତଙ୍କ ଘରେ ମିଠାମିଠା ଖୁସିର ସମ୍ଭାର । ସୁସ୍ମିତାଙ୍କ ଗୋଡ଼ ତଳେ ଲାଗୁନି । ବହୁ ଆକାଂକ୍ଷିତ ବାହାଘର ଏବେ ହାତ ପାହାନ୍ତାରେ, ପହଞ୍ଚ ଦୂରତାରେ । ସକାଳୁ ସକାଳୁ ଭାବୀ ସମୁଦିଙ୍କ ଠାରୁ ଫୋନ୍ ଆସିବା ପରେ ହସ ହସ ମୁହଁରେ ସଂକେତ ଫୋନ୍ ଧରିଲା ବେଳକୁ ଭାସି ଆସିଲା ପରିଚିତ କଣ୍ଠସ୍ୱର- ସଂକେତ ବାବୁ । ମୁଁ ଅତି ଦୁଃଖିତ । ଏ ବାହାଘର ପାଇଁ ଆମେ ରାଜି ନୋହୁଁ । ଆପଣ ଦୟାକରି ଆଉ କୌଣସି ପ୍ରସ୍ତାବ ଦେଖନ୍ତୁ ।

କିନ୍ତୁ କାହିଁକି ? ସ୍ପଷ୍ଟୀକରଣ ମାଗୁଥିଲେ ସଂକେତ ।

ସବୁ କାହିଁକିର ଉତ୍ତର ଦେବା ସମ୍ଭବ ନୁହେଁ । ମୋତେ କ୍ଷମା ଦେବେ ।

ସଂକେତଙ୍କ ପାଦ ତଳୁ ମାଟି ଖସି ପଡୁଥିଲା । ତାଙ୍କ ଛାତି ଭିତରେ ଅତଡ଼ା ଖସି ପଡୁଥିଲା । ଫୋନ୍‌ରୁ କିଛି ସମୟ ଆଗରୁ ଭାସି ଆସିଥିବା ଶବ୍ଦପୁଞ୍ଜର ଛୁଞ୍ଚି ତାଙ୍କ କଲିଜାକୁ ଫୋଡ଼ି ପକାଉଥିଲା । ପରାଜୟର ଗ୍ଲାନିରେ ତାଙ୍କ ଅଭିମାନର ଦୁର୍ଗ ଭୁଶୁଡି ପଡୁଥିଲା । ସୁସ୍ମିତା ବଲବଲ ହୋଇ ଅନାଇଥିଲେ ସଂକେତକୁ । ସେ ଶୁଣିପାରି ଥିଲେ କଥୋପକଥନର ପ୍ରତିଧ୍ୱନି । ତାଙ୍କର ସଦା ନିର୍ମଳ ସ୍ୱଚ୍ଛ ଆଖି ଦୁଇଟିରେ ଢଳଢଳ ହେଉଥିଲା ଲୁହ ଓ ଏକ ଅସହାୟ ଆତଙ୍କର ଚାହାଣି ।

ଏତିକିବେଳେ ସବ୍ୟସାଚୀର ଫୋନ୍ ଆସି ବାୟୁମଣ୍ଡଳର ନିରବତାକୁ ଭାଙ୍ଗି

Source: Author, Digitized by PPRACHIN, SOA

ତାର ସ୍ଥିତି ଜାହିର କଲା । ସବ୍ୟସାଚୀ ଆନନ୍ଦରେ ବିଭୋର ହୋଇ କହୁଥିଲା- ବାପା ! ମୁଁ ଦିଲ୍ଲୀରେ ପହଞ୍ଚିଗଲି । ଅପରାହ୍ଣ ତିନିଟା ଫ୍ଲାଇଟ୍‌ରେ ଯାଇ ସଂଧ୍ୟାରେ ଘରେ ପହଞ୍ଚିବି । ଆଉ ସବୁ ଆରେଞ୍ଜମେଣ୍ଟ୍ ଠିକ୍ ଚାଲିଛି ତ ?

- ନାଇଁ ବାବୁ ! ସେ ଝିଅଘର ଆଜି ସକାଳେ ଏ ବାହାଘର ପାଇଁ ତାଙ୍କର ଅସମ୍ମତି ସ୍ପଷ୍ଟ ଜଣାଇ ଦେଇଛନ୍ତି ।

ସେପଟୁ ଆଉ ଉତ୍ତର ଆସିନଥିଲା । ଆଉ କିଛି କହିବାକୁ ସଂକେତଙ୍କର ଜିଭ ଲେଉଟିନଥିଲା । ଏତେ ପରିଶ୍ରମ ଓ ଉଦ୍ୟମ ଗୋଟିଏ ମୁହୂର୍ତ୍ତରେ ଫସର ପାଟିଗଲା । କେତେ କଷ୍ଟରେ ଅବୁଝା ପୁଅକୁ ବୁଝାଇ କେତେ ଖୁସିରେ କେତେ ଆଗ୍ରହରେ ଏତେ ଆଗେଇ ଯାଇଥିଲେ, ସବୁ ବିଫଳ ହେଲା ।

ସବ୍ୟସାଚୀ ସଂଧ୍ୟାରେ ବିଷଣ୍ଣ, ବିବ୍ରତ, ବିଚଳିତ ହୋଇ ବାପାଙ୍କୁ ଫୋନ୍‌କରି କହିଲା- ବାହାଘର କରିବାକୁ ହକହକ ହେଉଛ । ଅଥଚ ବାହାଘରଟିଏ ଠିକ୍ କରିପାରୁନ । ମୁଁ ଆଜି ପୁଣି ଆମେରିକା ଫେରିଯାଉଛି ।

ସବ୍ୟସାଚୀର ମନରେ ଉଠିଥିବା ହତାଶାର ଝଡ଼ ତା କଣ୍ଠରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା । ତା'ଛାତିରେ ମାଛକଣ୍ଟା ଓ ଛାତିରେ ପବନ ଅଟକି ଗଲା ଭଳି ଯନ୍ତ୍ରଣା । ସଂକେତ ଏଭଳି ପରିସ୍ଥିତିରେ ନିରବ ରହିବାକୁ ଉଚିତ ମନେ କରିଥିଲେ ।

ପରିବର୍ତ୍ତିତ ପରିସ୍ଥିତିରେ ସଂକେତ ପ୍ରସ୍ତୁତ କରିଥିବା ଯୋଗ୍ୟତାର ସୀମାରେଖାରେ ଆମୂଳଚୂଳ ପରିବର୍ତ୍ତନ ଘଟିଥିଲା । ପୁଅ ତାଙ୍କର ଶ୍ୟାମଳ ବର୍ଣ୍ଣର । ସେ ଗୋରା ତକତକ ବୋହୂ ନ ଖୋଜି ଶ୍ୟାମଳ ବର୍ଣ୍ଣା ବୋହୂଟିଏ ଆପଣେଇ ନେବା ପାଇଁ ମନକୁ ସଜାଡ଼ି ନେଇଥିଲେ । ଓହ୍ଲାଇ ଆସିଥିଲେ ଗୋରା ତକତକ ରଙ୍ଗରୁ ଶ୍ୟାମଳ ରଙ୍ଗକୁ, ଯୌତୁକର ଲମ୍ବା ତାଲିକାରୁ ସଂକ୍ଷିପ୍ତ ସୂଚୀପତ୍ରକୁ । ପରିବାର ଯାହା ଯେପରି ହେଉନା କାହିଁକି ଯଦି ବୋହୂଟି ଯୋଗ୍ୟା, ଶିକ୍ଷିତା ଓ ଆମେରିକାରେ ଚଳିବା ଭଳି ଦକ୍ଷତା ରହିଛି, ସେଇଠି ରାଜି ହୋଇଯିବେ ବୋଲି ଠିକ୍ କଲେ ।

ପ୍ରାୟ ଦୁଇ ବର୍ଷ ନିରବଚ୍ଛିନ୍ନ ଉଦ୍ୟମ ପରେ ବି ବିଭାଘରଟି ସ୍ଥିର କରିବା ସମ୍ଭବ

Source: Author, Digitized by PPRACHIN, SOA

ହେଲାନି । ସଂକେତ ମନେ ପକାଉଥିଲେ ତାଙ୍କ ଅମଳରେ ପୁଅଟିଏ ଚାକିରି କରିଥିଲେ, ତା'ପାଇଁ ସୁନ୍ଦରୀ ଶିକ୍ଷିତା ଝିଅଙ୍କ ପ୍ରସ୍ତାବର ସୁଅ ଛୁଟୁଥିଲା । ତା' ସାଙ୍ଗରେ ଯୌତୁକର ଲମ୍ବାତାଲିକା ମାଧ୍ୟମରେ ଆକର୍ଷଣର ବୁଢ଼ିଆଣୀ ଜାଲ । ଏବେ ସମୟ ବଦଳି ଯାଇଛି । ଝିଅଙ୍କ ପାଇଁ ପୁଅ ମିଳିବା ସହଜ ହୋଇଛି, ପୁଅ ପାଇଁ ମନଲାଖି ଝିଅଟିଏ ପାଇବା କଷ୍ଟକର ହୋଇପଡ଼ୁଛି ।

ପୁଅ କେଉଁଠି କ'ଣ କରୁଛି ଆମେ ତ ଜାଣିପାରୁନୁ । ଆମେରିକା ତ ସାତ ଦରିଆ ପାରି । ଆମ ଭଲ ମନ୍ଦରେ ଝିଅ ଆମ ପାଖରେ ଠିଆ ହୋଇ ପାରିବ ନାହିଁ । ତା' ଭଲମନ୍ଦରେ ଆମେ ବି ଯାଇ ଝିଅକୁ ଟିକିଏ ଆଖି ପୁରେଇ ଦେଖି ପାରିବୁ ନାହିଁ । ଆଖି ପାଉ ନଥିବା ଅଜଣା, ଅଶୁଣା ଇଲାକାରେ ଝିଅଟା ସେଠି କେମିତି ଚଳିବ ? ବିଭିନ୍ନ ସନ୍ଦେହର ସଁବାଳୁଆ କନ୍ୟାପିତାର ଛାତିରେ ନିଭୃତ କୋଣରେ ରୁଗ୍ ରୁଗ୍ ଯନ୍ତ୍ରଣା ଭରିଦିଏ । ସଂକେତ ସନ୍ଦେହର ସମାଧାନ ପାଇଁ ସନ୍ତୋଷ ଜନକ ଉତ୍ତର ଦେଇପାରନ୍ତି ନାହିଁ ।

ହଠାତ୍ ଦିନେ ସବ୍ୟସାଚୀ ଟେଲିଫୋନ୍‌ରେ ଦୃଢ଼ କଣ୍ଠରେ ସଂକେତଙ୍କୁ କହିଲା- ବାପା ! ଆମ ହୋଟେଲ୍‌ରେ କାର୍ଯ୍ୟ କରୁଥିବା ଏକ ଆମେରିକୀୟ ତରୁଣୀ ସହିତ ପ୍ରାୟ ଏକବର୍ଷ ହେବ ମୁଁ ଲିଭ୍ ଇନ୍ ରିଲେସନ୍‌ସିପ୍‌ରେ ରହୁଛି । ତମେ ଆଉ ମୋ ବାହାଘର ପାଇଁ ଚିନ୍ତା କରନା ।

ସଂକେତ ଏହା ଶୁଣି ଭିତରେ ଭିତରେ ଭାଂଗି ପଡୁଥିଲେ । ମାନସିକ ଉଦ୍‌ବେଳନରେ ତାଙ୍କ ଦେହ ଓ ମନ ଚହଲି ଯାଉଥିଲା । ନିଜକୁ ପ୍ରକୃତିସ୍ଥ କରି କହିଲେ- ବାବୁରେ ! ତୁ ଏକଥା କାହାକୁ କହିବୁନି । ଗୋପନ ରଖିବୁ । ତା'ସହିତ ତୋର ବାହାଘର ଯଥାଶୀଘ୍ର କରିଦେଲେ ଏ କଥା କାନକୁ ଦି'କାନ ହେବନି । ଏଠାକାର ପରିସ୍ଥିତି ଓ ପରିବେଶ କେତେ ରକ୍ଷଣଶୀଳ ତୁତ ଭଲ କରି ଜାଣିଚୁ ।

ଅମାନିଆ ପୁଅ ତାଙ୍କ କଥା ମାନିବା ପାଇଁ ପ୍ରତିଶ୍ରୁତି ଦେବାରୁ ସଂକେତଙ୍କର ମନ ଆକାଶରେ ଆଶାର ସୁନେଲି ସୂର୍ଯ୍ୟ ଉଇଁ ଆସିଲା । ଯାହା ହେଉ, ପୁଅ ପସନ୍ଦର

Source: Author, Digitized by PPRACHIN, SOA

ଝିଅଟିଏ ସଂଗରେ ତାକୁ ବାହାଘର କରିଦେଲେ ସେମାନେ ଚିନ୍ତାମୁକ୍ତ ହେବେ । ସେ ଯେଉଁ ଧର୍ମ, ଯେଉଁ ଜାତିର ହେଉନା କାହିଁକି ସେଥିପାଇଁ ବ୍ୟସ୍ତ ହେବାର ନୁହେଁ । ତା'ଛଡ଼ା ସେମାନେ ଏକାଠି ଏକବର୍ଷ ଗୋଟିଏ ଛାତତଳେ ସ୍ୱାମୀ ସ୍ତ୍ରୀ ଭଳି ଜୀବନ ଯାପନ କରି ସାରିଥିବାରୁ ପରସ୍ପରକୁ ଭଲକରି ବୁଝିଥିବେ ଓ ଜାଣିଥିବେ । ଭବିଷ୍ୟତରେ ମତାନ୍ତର ଓ ମନାନ୍ତରର ଆଶା କ୍ଷୀଣ ବୋଲି ତାଙ୍କର ଧାରଣା ଦୃଢ଼ ହୋଇଥିଲା ।

ସଂକେତ ସୁସ୍ମିତାଙ୍କୁ ବିଶଦ ବିବରଣୀ ବୁଝାଇ କହିଲା ପରେ ଯଥାଶୀଘ୍ର ଆମେରିକା ଯାଇ ବିବାହ କାର୍ଯ୍ୟ ସଂପନ୍ନ କରିବାକୁ ସୁସ୍ମିତା ପରାମର୍ଶ ଦେଲେ ।

ସାନ ଭାଇ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବଙ୍କୁ କହିଲେ- 'ଆମେରିକାର ଏକ ଝିଅ ସହ ପୁଅ ପାଇଁ ପ୍ରସ୍ତାବ ଆସିଛି । ଆମେ ଯାଉଛୁ । ଝିଅଟି ଯଦି ପୁଅ ମନକୁ ଓ ଆମ ମନକୁ ପାଏ, ସେଇଠାରେ ବିବାହ କାର୍ଯ୍ୟ ଆମ ରୀତିନୀତି ଅନୁସାରେ ସଂପନ୍ନ କରିବୁ ।

ସଂକେତ ଓ ସୁସ୍ମିତା ବିଦେଶ ମାଟିରେ ସ୍ୱପ୍ନରେ ବିଚରଣ କଲାଭଳି ଅନୁଭବ କରୁଥିଲେ । ପୁଅ ସହିତ ଆମେରିକାର ବିଭିନ୍ନ ସହର ଓ ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କଲାବେଳେ ସେମାନେ ଆଉ ଏକ ଦୁନିଆରେ ପହଞ୍ଚିଲା ଭଳି ଅନୁଭବ କରୁଥିଲେ । ଆନନ୍ଦର ସେ ନିଆରା ଅନୁଭବର ସାଗରରେ ସନ୍ତରଣ କରୁଥିବା ବେଳେ ବି ସେମାନଙ୍କ ମନ ଗହନରେ ପୁଅ ବିବାହର ଚିନ୍ତା ସେମାନଙ୍କୁ ଉଦ୍‌ବେଳିତ କରୁଥିଲା ।

ଆମେରିକାରେ ବିବାହ କାର୍ଯ୍ୟ ସଂପନ୍ନ ପାଇଁ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବିଷୟରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ କଲେ । ସବୁ ବିଷୟ ବିଚାର କରି ଦେଖିଲେ ଯେ ଆମେରିକାରେ ବିବାହ କାର୍ଯ୍ୟ ସଂପନ୍ନ କରାଇବା କେବଳ କଷ୍ଟସାଧ ନୁହେଁ,ବ୍ୟୟ ସାପେକ୍ଷ ମଧ୍ୟ । ତେଣୁ ସେଠାରେ ପୁଅର ବିବାହ କରାଇବାର ଆଶା ମଉଳି ଗଲା । ଏହି କାର୍ଯ୍ୟ ଭୁବନେଶ୍ୱରରେ କରିବା ପାଇଁ ସ୍ଥିର କଲେ ।

ଫେରିଲା ପୂର୍ବଦିନ ଭାବୀ ବୋହୂ ଜାକୋଲିନ ସହିତ ଦେଖାହେଲା । ସୁସଜ୍ଜିତ

Source: Author, Digitized by PPRACHIN, SOA

ବାସ୍ନାମୟୀ ତରୁଣୀ । ଅପ୍‌ସରା ପରି ଝିଅଟିଏ । ଦୁଧ ଅଳତା ରଂଗରେ ଚିକ୍ ଚିକ୍ କରୁଥିଲା ଆପାଦଗ୍ରୀବା । ତିଳତିଳ ଲାବଣ୍ୟର ତିଳୋତ୍ତମା । ଦେହସାରା ଜ୍ୟୋସ୍ନାଲୋକ ଚନ୍ଦନ ଭଳି ବୋଳି ହୋଇଯାଇଅଛି । ନବନୀତ ଅଂଗ ସୌଷ୍ଠବ, ତମାଳ ଲତା ଭଳି ତରଙ୍ଗାୟିତ ତନୁ ବଲ୍ଲରୀ, ଚିକ୍‌ଚିକ୍ କରୁଥିବା ଦୁଇ ଆଖି , ଫକ୍‌ଫକ୍ ନାଚୁଥିବା ଦୁଇ ଭ୍ରୂଲତା । ଅପରୂପ ଲାବଣ୍ୟରେ ଝଲସି ଉଠୁଥିବା ଲାବଣ୍ୟବତୀ । ତାର ମୁହଁରୁ ନରମ ହସର କେତୋଟି ପାଖୁଡ଼ା ଝରି ପଡୁଥିଲା ।

ସବ୍ୟସାଚୀ ଶ୍ୟାମଳ ବର୍ଣ୍ଣ ଓ ସାଧାରଣ ଚେହେରାର ଯୁବକ ହେଲେହେଁ ଏକ ଅନିନ୍ଦ୍ୟ ସୁନ୍ଦରୀ ବିଦେଶିନୀ ସହ ବିବାହ କରିବ, ଏହି ସ୍ୱପ୍ନର ବିଭୋର ପଣରେ ସଂକେତ ଓ ସୁସ୍ମିତା ବିହ୍ୱଳ ହେଉଥିଲେ ।

ଭୁବନେଶ୍ୱର ଫେରି ସଂକେତ ଓ ସୁସ୍ମିତା ଜ୍ୟୋତିଷଙ୍କ ସଂଗେ ପରାମର୍ଶ କରି ବାହାଘର ତାରିଖ ଠିକ୍ କରି ସବୁ ଆୟୋଜନରେ ଲାଗି ପଡିଲେ । ରିସେପ୍‌ସନ୍ ପାଇଁ ହୋଟଲ୍ ନିଉ ମେରିଅନ୍‌କୁ ବୁକ୍ କରିଦେଲେ । ବାହାଘରକୁ ଦୁଇ ଦିନ ଅଛି, ସବ୍ୟସାଚୀର ଫୋନ୍ ସକାଳୁ ସକାଳୁ ସଂକେତ ଓ ସୁସ୍ମିତାକୁ ବ୍ୟସ୍ତ ବିବ୍ରତ କରିଦେଲା । ବିଚଳିତ କଣ୍ଠରେ ସବ୍ୟସାଚୀ କହିଲା- 'ବାପା ! ଜାକୋଲିନ୍‌ର ଶରୀର ଅସୁସ୍ଥ ହୋଇପଡ଼ିଛି । ନ ଯାଇ ପାରେ । ବାହାଘର କଣ ଘୁଞ୍ଚାଇ ହେବ ?

ଭାଙ୍ଗି ପଡୁ ପଡୁ ଉଠି ସଂକେତ କହିଲେ- ଏ ସମ୍ଭବ ନୁହେଁ । ବନ୍ଧୁବାନ୍ଧବ, ଝିଅ ଜ୍ୱାଇଁ, ନାତି ନାତୁଣୀ ଗାଁ ଲୋକେ ସବୁ ଘରେ ପହଞ୍ଚି ଆନନ୍ଦରେ ହୋ ହାଲ୍ଲା କରୁଛନ୍ତି । ରିସେପ୍‌ସନ ପାଇଁ ହୋଟେଲ ବୁକ୍ ସରିଯାଇଛି । । କ୍ୟାଟରିଂ ଅଗ୍ରିମ ଟଙ୍କା ନେଇ ତାର ପ୍ରସ୍ତୁତି ଆରମ୍ଭ କରିଛି । କହିଲା ବେଳକୁ ଫୋନ୍ କଟିଯାଇଥିଲା ।

ସଂକେତ ଓ ସୁସ୍ମିତାଙ୍କ ବ୍ୟଥା ଆଉ ବେଦନା ବହୁଗୁଣିତ ହୋଇ ତାଙ୍କ ବିଷଣ୍ଣତା ଓ ବିବ୍ରତତା ବଢ଼ାଇ ଦେଇଥିଲା । ଚାରିଆଡ଼େ ହସ ଖୁସିର ମହାସମାରୋହର ଆଲୋକ ଅନ୍ତରାଳରେ ସେମାନଙ୍କ ମନ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସୁଥିଲା । ଏ ପରିସ୍ଥିତି ଓ ପରିଣତିକୁ କିଭଳି ମୁକାବିଲା କରିବେ ତାଙ୍କ ଧୈର୍ଯ୍ୟ

Source: Author, Digitized by PPRACHIN, SOA

ଓ ସାହସର ତୂଣୀରରୁ ତୀକ୍ଷ୍ଣ ଶରଗୁଡ଼ିକୁ ପ୍ରସ୍ତୁତ କରିବାରେ ଲାଗିଥିଲେ । ମୃଦୁ ହସର ଢାଲ ତଳେ ଯନ୍ତ୍ରଣାର ଲୁହ କୂଳ ଲଂଘିବାକୁ ଆଗଭର ହେଉଥିଲେ ।

ତା'ପରଦିନ ଅପରାହ୍ନରେ ସଂକେତ ଡ୍ରଇଂରୁମ୍‌ରେ ଅବସନ୍ନ ଓ ଅବସାଦଗ୍ରସ୍ତ ହୋଇ ବସିଥିଲେ । ଆସନ୍ନ ସଂକଟର ପାହାଡ଼ ତାଙ୍କ ମୁଣ୍ଡ ଉପରେ କାୟା ବିସ୍ତାର କରିଚାଲିଥିଲା ।

ବାପା ! ନମସ୍କାର । ଆମେ ସମସ୍ତେ ଆସିଗଲୁ- ସବ୍ୟସାଚୀର ଏ କଥାଶୁଣି ସଂକେତକୁ କୋଟିନିଧି ପାଇବା ଭଳି ଲାଗିଲା । ଭାବପ୍ରବଣତାକୁ ଅଟକାଇ ନ ପାରି ଲୁହଛଳଛଳ ଆଖିରେ ତାକୁ ଆଲିଙ୍ଗନ କଲେ । ସୁସ୍ମିତାଙ୍କ ଆଖିରେ ଆନନ୍ଦାଶ୍ରୁର ଝରଣା, ସ୍ମିତ ହସର ପାଖୁଡ଼ା ।

ତୋ ପାଖକୁ ଫୋନ୍ ବାରମ୍ବାର ଲଗାଇଲି । ଲାଗିଲାନି । ସବ୍ୟସାଚୀ କହିଲା ଫ୍ଲାଇଟରେ ମୋର ଫୋନ୍ ସୁଇଚ୍ ଅଫ୍ ଥିଲା ।

ମହାସମାରୋହରେ ବାହାଘର ଅନୁଷ୍ଠିତ ହେଲା । ରିସେପ୍‌ସନ୍‌ର ଷ୍ଟେଜ ଉପରେ ସବ୍ୟସାଚୀ ଓ ଜାକୋଲିନ୍ । ଜାକୋଲିନ୍ ଶାଢ଼ି ଓ ଅବଗୁଣ୍ଠନର ଆଢୁଆଳରେ କଳିଙ୍ଗ ରାଜଜେମା ଭଳି ଫୁଟି ଉଠୁଥିଲା । ଜାକୋଲିନ୍‌ର ମା ପିନ୍ଧିଥିଲେ ସମ୍ବଲପୁରୀ ଶାଢ଼ି, ସମ୍ବଲପୁରୀ ବ୍ଲାଉଜ । ଆମେରିକାରୁ ଆସିଥିବା ସବୁ ଭଦ୍ରମହିଳା ସେହିଭଳି ସଜ୍ଜିତ ହୋଇ ଓଡ଼ିଆ ସଭ୍ୟତା ଓ ସଂସ୍କୃତିର ଜୟଗାନ କରୁଥିଲେ । ଆମେରିକାରୁ ଆସିଥିବା ଦଶଜଣ ସାହେବ ପିନ୍ଧିଥିଲେ ଧୋତି ଆଉ ପଞ୍ଜାବୀ । ଓଡ଼ିଶାର ବେଶ ପୋଷାକ ପରିଧାନ କରି ଗୌରବାନ୍ୱିତ ମନେ କରୁଥିଲେ ଆଉ ମୁରୁକି ମୁରୁକି ହସୁଥିଲେ । ଓଡ଼ିଶାର ବିବାହ ପଦ୍ଧତି, ତାର ରୀତିନୀତିର ଅନ୍ତର୍ନିହିତ ସୌନ୍ଦର୍ଯ୍ୟରେ ସେମାନେ ମୁଗ୍ଧ ହେଉଥିଲେ ।

ତାଙ୍କ ଚାରିକଡ଼େ ସାହେବଙ୍କୁ ଅନୁସରଣ କରୁଥିବା ଓଡ଼ିଆ ଯୁବକମାନଙ୍କର କୋର୍ଟ, ଟାଏ । ଓଡ଼ିଆ ନାରୀମାନଙ୍କଠାରେ ସାହେବାଣୀ ଠାଣିରେ ଅଲଟ୍ରାମଡର୍ଣ୍ଣ ପୋଷାକ ପରିଛଦ । ସୁସ୍ମିତାଙ୍କୁ ରିସେପସନ୍ ହଲ୍‌ର ଏକ ପାର୍ଶ୍ୱକୁ ଟାଣି ନେଇ

Source: Author, Digitized by PPRACHIN, SOA

ସଂକେତ କହିଲେ- ଦେଖ, ଓଡ଼ିଆ ସାହେବ ସାହେବାଣୀମାନଙ୍କ ସମୁଦ୍ର ଭିତରେ ଏକ କ୍ଷୁଦ୍ର କଳିଙ୍ଗ ଦ୍ୱୀପ ହେଉଛନ୍ତି ଆମ ବୋହୂମା, ତାଙ୍କ ବାପା, ମା ଓ ବନ୍ଧୁବାନ୍ଧବ । ସେଇମାନଙ୍କ ବେଶ ପୋଷାକ, ଆଚରଣ ଓ ଉଚ୍ଚାରଣରେ ଓଡ଼ିଆ ସଂସ୍କୃତିର କମନୀୟ ଝଲକ । ଭାରତୀୟମାନେ ସାହେବମାନଙ୍କ ଭଳି ବେଶଭୂଷା ହେବାକୁ ଓ ସେମାନଙ୍କ ଜୀବନଚର୍ଯ୍ୟାକୁ ଆପଣେଇବାକୁ ଆତୁର ହେଉଥିଲା ବେଳେ ସାହେବମାନଙ୍କର ଭାରତୀୟ ବେଶପୋଷାକ ଓ ଭାରତୀୟ ସଂସ୍କୃତି ପ୍ରତି ଆବେଗପୂର୍ଣ୍ଣ ଆଦର ସଂକେତକୁ ମୁଗ୍ଧ କରିଥିଲା । ଆମର ନିଜ ଭାଷା, ସଂସ୍କୃତିର ମହନୀୟତା ହୃଦୟଙ୍ଗମ କରି ତାକୁ ଆପଣେଇବା ଶ୍ରେୟସ୍କର ବୋଲି ସେ ବିଚାର କରୁଥିଲେ ।

ସୁସ୍ମିତା ହସରେ ଉଚ୍ଛୁଳି ପଡୁଥିଲେ । ସେ ହସ ସଂକେତକୁ ସଂକ୍ରମିତ କରୁଥିଲା । ଅନେକ ଯାତନା, ଯନ୍ତ୍ରଣା ପରେ ସେମାନଙ୍କ ମନର ଦିଗବଳୟକୁ ରଞ୍ଜିତ କରିଥିଲା ଦୀପ୍ତିମନ୍ତ ଅରୁଣର ଅରୁଣିମା ।

✤

ଶିଳାଶ୍ରୀ ପତ୍ରିକାର ପୂଜାସଂଖ୍ୟା, ୨୦୨୨ରେ ପ୍ରକାଶିତ

Source: Author, Digitized by PPRACHIN, SOA

ଅନୁରାଗ

ଅନିକେତ ଖବରକାଗଜର ପୃଷ୍ଠା ଓଲଟାଉଥିବା ବେଳେ ଦେଖିଲେ ତାଙ୍କ ଫଟୋ ପ୍ରକାଶିତ ହୋଇଛି । କବିତା ପାଇଁ ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜାଣି ଆନନ୍ଦରେ ଅଭିଭୂତ ହେଲେ ।

ଗଲା ଆଠମାସ ଧରି କଟକ, ଭୁବନେଶ୍ୱରର ପ୍ରତି ବହି ଦୋକାନରେ ତାଙ୍କ କବିତା ସଂକଳନର ମେଲଣ । ସହଜରେ ଓ ଶସ୍ତାରେ ଉପଲବ୍ଧ । କିଏ ଏ ବଦାନ୍ୟ ପ୍ରକାଶକ ତାଙ୍କ ପାଣ୍ଡୁଲିପିଗୁଡ଼ିକୁ କବିତା ସଂକଳନ ରୂପ ଦେଇ ଛପାଇ ଚାଲିଛନ୍ତି, ତାହା ତାଙ୍କୁ ଆନ୍ଦୋଳିତ କରୁଥିଲା । ସାହିତ୍ୟ ମହଲରେ ଅନିକେତ ଆଜି ଏକ ପରିଚିତ ନାଆଁ । ସାହିତ୍ୟ ଜଗତର ରଥୀ, ମହାରଥୀଙ୍କର ତାଙ୍କୁ ଭୂରି ଭୂରି ପ୍ରଶଂସା । ସବୁଆଡ଼େ ପାଠକୀୟ ସ୍ୱୀକୃତିର ପଦଚିହ୍ନ । ଅନାମଧେୟ ଅନିକେତ ଆଜି ଓଡ଼ିଶାର ଜଣେ ସେଲିବ୍ରିଟି ।

ଖୋଜି ଖୋଜି କଟକରେ ଥିବା ପ୍ରକାଶକ ଅମୁଲ୍ୟ ବାବୁଙ୍କ ଘରେ ପହଞ୍ଚିଲେ । ଅମୁଲ୍ୟ ବାବୁ କବି ଅନିକେତଙ୍କୁ ପ୍ରଥମ ଥର ଦେଖି ଖୁସି ହୋଇ ପୁରସ୍କାର ପାଇଁ ଅଭିନନ୍ଦନ ଜଣାଇଲେ । ଉତ୍ସୁକତାର ସହ ଅନିକେତ ପଚାରିଲେ - ଅମୁଲ୍ୟବାବୁ ! ମୋ ସହିତ ଆପଣଙ୍କର ପରିଚୟ ନାହିଁ । ତଥାପି ଆପଣ ମୋର ପାଞ୍ଚୋଟି କବିତା ସଂକଳନ ପ୍ରକାଶ କରି ମାର୍କେଟରେ ଛାଡ଼ିଥିବାରୁ ମୁଁ ଆପଣଙ୍କ ପ୍ରତି କୃତଜ୍ଞ । କାହିଁକି ଆପଣଙ୍କର ମୋ ପ୍ରତି ଅପ୍ରତ୍ୟାଶିତ ଅନୁକମ୍ପା, କେଉଁଠୁ ମୋ କବିତାଗୁଡ଼ିକ ସଂଗ୍ରହ କଲେ, ଏସବୁ ଜାଣିବା ପାଇଁ ମୋ ମନରେ ଅସୁମାରି ଉତ୍କଣ୍ଠା ।

ସ୍ପଷ୍ଟୀକରଣ ଦେବାକୁ ଯାଇ ଅମୁଲ୍ୟବାବୁ କହିଲେ- ଆପଣ ଶ୍ୱେତପଦ୍ମା ପଟ୍ଟନାୟକଙ୍କୁ ଜାଣନ୍ତି ?

- ନାଁ, ମୁଁ ଜାଣେନା । ଏଭଳି ଏକ ନାମ ମୁଁ ପ୍ରଥମଥର ଶୁଣୁଛି ।

- ହଁ, ସେହି ଶ୍ୱେତପଦ୍ମା ପଟ୍ଟନାୟକ ଆପଣଙ୍କ ପାଞ୍ଚୋଟି କବିତା ସଂକଳନର

Source: Author, Digitized by PPRACHIN, SOA

ପ୍ରକାଶନ ଖର୍ଚ୍ଚ ବହନ କରିଛନ୍ତି । ସେହିଁ ଆପଣଙ୍କ ଦ୍ୱାରା ରଚିତ ପ୍ରାୟ ପାଞ୍ଚଶହ କବିତା ମୋ ହାତରେ ବଢ଼େଇ ଦେଇଛନ୍ତି । ସଂକଳନର ପ୍ରଚ୍ଛଦପଟ ଯେପରି ସୁନ୍ଦର ଓ ଆକର୍ଷଣୀୟ ହୁଏ ସେଥିପାଇଁ ମୋତେ ଅନୁରୋଧ କରିଛନ୍ତି । ତାଙ୍କ ସ୍ୱପ୍ନକୁ ରୂପ ଦେବା ପାଇଁ ମୁଁ ଏକ ମାଧ୍ୟମ ମାତ୍ର । ଆପଣଙ୍କ ସାରସ୍ୱତ ସୃଷ୍ଟିର ସେହିଁ ପ୍ରକୃତ ପୃଷ୍ଠପୋଷକ ।

- କିଏ ସେହି ଶ୍ୱେତପଦ୍ମା ପଟ୍ଟନାୟକ ? କେଉଁଠି ରହନ୍ତି, କ'ଣ କରନ୍ତି ? - ପଚାରିଥିଲେ ଅନିକେତ । ଅନେକ ପ୍ରଶ୍ନବାଚୀ ଅନିକେତକୁ ହଲଚଲ୍ କରୁଥିଲା ।

- ସେ କଲିକତା ମହାନଗରୀର ଜଣେ ବେଶ୍ୟା । ଶ୍ୟାମ ବଜାରରେ ତାଙ୍କ ଘର । ରୂପ ଓ ଅର୍ଥର ଭଣ୍ଡାର ଖୁନ୍ଦି ହୋଇଛି ତାଙ୍କ ପାଖରେ ।

ଚମକି ପଡ଼ିଲେ ଅନିକେତ । ତାଙ୍କ କବିତା ସଂକଳନର ପୃଷ୍ଠପୋଷକ ଜଣେ କଲିକତାର ବେଶ୍ୟା ! ଭୟ, କୌତୁହଳ, ଜିଜ୍ଞାସା ଫେଣ୍ଟାଫେଣ୍ଟି ହୋଇ ତାଙ୍କ ଦେହ ଓ ମନରେ ଏକ ଅପୂର୍ବ ଶିହରଣ ସୃଷ୍ଟି କରୁଥିଲେ । ଅମୁଲ୍ୟ ବାବୁଙ୍କଠାରୁ ଶ୍ୱେତପଦ୍ମାଙ୍କ ଠିକଣା ସଂଗ୍ରହ କରି ସ୍ତିମିତ ପଦକ୍ଷେପରେ ସେ ଘରକୁ ଫେରିଥିଲେ ।

ଏକ ସପ୍ତାହ ପରେ କଲିକତାର ଶ୍ୟାମ ବଜାରରେ ଶ୍ୱେତପଦ୍ମା ପଟ୍ଟନାୟକଙ୍କ ଘର ସମ୍ମୁଖରେ ସକାଳୁ ସକାଳୁ ପହଞ୍ଚିଗଲେ । ଘର ସାମ୍ନାରେ ଲନ୍ । ଚାରିପଟେ ମଲ୍ଲୀମାଳତୀର ମହକ । ସଜଫୁଟାଫୁଲର ସ୍ତବକରେ ମଳୟର ମଧୁମୂର୍ଚ୍ଛନା । ପ୍ରୀତି କଦମ୍ବର ମଧୁମହକରେ ଉଚ୍ଛୁଳୁଥିବା ମନର ପଦଚିହ୍ନ ।

କଲିଂବେଲ୍ ବଜାଇଲାପରେ କବାଟ ଖୋଲିଲେ ଜଣେ ଷୋଡ଼ଶୀ ।

- କ'ଣ କାମ ଥିଲା ? - ଷୋଡ଼ଶୀର ପ୍ରଶ୍ନ ।

- ମୁଁ ୧୫ ମିନିଟ୍ ପାଇଁ ଶ୍ୱେତପଦ୍ମା ମାଡ଼ାମ୍‌ଙ୍କୁ ଦେଖା କରିବାକୁ ଚାହେଁ ।

- ଏଠାରେ କାହାକୁ ସାକ୍ଷାତ ପାଇଁ ସମୟ ନଥାଏ । ଘଣ୍ଟାଏ ପାଇଁ ଦୁଇହଜାର । ଦେଇପାରିବେ ? ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମାଡ଼ାମ୍‌ଙ୍କର ବୁକ୍ ସରିଛି । ଯଦି

Source: Author, Digitized by PPRACHIN, SOA

ଦୁଇହଜାର ଟଙ୍କା ଆଡ୍‌ଭାନ୍ସ ଦିଅନ୍ତି, ୧୬ ତାରିଖ ପୋଷ୍ଟ ଲଞ୍ଚ୍ ସେସନ୍ ପାଇଁ ବୁକ୍ କରିଦେବି ।

- ନାଁ, ମୁଁ ସେପରି କିଛି କାର୍ଯ୍ୟପାଇଁ ଆସିନାହିଁ । ୧୫ ମିନିଟ୍ ପାଇଁ ଡ୍ରଇଂ ରୁମ୍‌ରେ ସାକ୍ଷାତ୍ କରି ଫେରିଯିବି ।

- ଆପଣତ ଅଜବ ଲୋକ । ମାଡ଼ାମ୍‌ଙ୍କ ପାଖକୁ ଯିଏ ଆସନ୍ତି, ଅନ୍ଦର ମହଲରେ ୫ ଘଣ୍ଟା ବିତାନ୍ତି । ୧୫ ମିନିଟ୍‌ରେ କି କାମ କରିବେ ? ପୁଣି ଡ୍ରଇଂରୁମ୍‌ରେ । ପୁଣି ବିନା ଆପଏଣ୍ଟମେଣ୍ଟରେ ।

- ମୁଁ ଓଡ଼ିଶାରୁ ଆସିଛି । ଅନିକେତ ବିଶ୍ୱାଳ । ଏତିକି ମାଡ଼ାମ୍‌ଙ୍କୁ କହିଦିଅନ୍ତୁ ।

ମାଡ଼ାମ୍‌ଙ୍କ ଠାରୁ ବୁଝିଆସି ସାକ୍ଷାତ୍‌କାରର ପ୍ରତିଶ୍ରୁତି ଦେଲେ ଷୋଡ଼ଶୀ । ଝଡ଼ ପରି ଭିତରକୁ ପଶିଆସି ଶ୍ୱେତପଦ୍ମାର ଆବେଗଭରା ପ୍ରଶ୍ନ - କେତେବେଳୁ ଆସିଲଣି ଅନିକେତ । କ୍ଷମା କରିବ, ତୁମକୁ ଅପେକ୍ଷା କରିବାକୁ ପଡ଼ିଲା । ମୁଁ ବାଥ୍‌ରୁମ୍‌ରେ ଥିଲି । ହେଇ ଦେଖ, ତୁମ ପସନ୍ଦର ନୀଳ ବନାରସୀ ପାଟ ପିନ୍ଧି ଆସିଛି ।

- ଅସୀମା ! - ବିସ୍ମୟାଭିଭୂତ ନୟନରେ ଅନିକେତର ମୁହଁରୁ ଉତୁରି ପଡ଼ିଲା ।

ଅସୀମାର ଦେହରେ, ମୁହଁରେ ବୟସର ଛାପ ସ୍ପଷ୍ଟ ଦେଖାଯାଉଥିଲେ ବି ପୁରୁଷକୁ ଆକର୍ଷଣ କରିବାର ସବୁ ବିଭବ ତା ଦେହରୁ ଉଛୁଳି ପଡୁଥିଲା ।

ଦୁହେଁ ମୁହୂର୍ତ୍ତକ ପାଇଁ ହସିଲେ, ମନ ଖୋଲା ହସ । ହସ ଭିତରେ ମର୍ମଥରା ମୁହୂର୍ତ୍ତମାନଙ୍କର ଅସ୍ପଷ୍ଟ ଆତ୍ମଲିପି ଆଖିର ସାମ୍ନାରେ ଜଳଜଳ ଦିଶୁଥିଲା । ତା' ପରେ ଘର ଭିତରକୁ ଧସେଇ ପଶି ଆସିଲା ଗୁମ୍‌ସୁମ୍ ନିରବତା । ଦୁଇଜଣଙ୍କ ଆଖି ଓଦା ଓଦା, ଛାତି ତଳେ ଗୁମୁରି ଉଠୁଥିଲା କୋହ ।

ପ୍ରକୃତିସ୍ଥ ହୋଇ ଅସୀମା ଓରଫ ଶ୍ୱେତପଦ୍ମା କହିଲେ- ଅନିକେତ ! ମୁଁ ଜାଣେ ତୁମର ପସନ୍ଦ ଉପମା ସମ୍ବର । ବାଣୀବିହାର କ୍ୟାଣ୍ଟିନ୍‌ରେ ଆମେ ସବୁବେଳେ ମିଶି ଖାଉଥିଲେ । ଅଧଘଣ୍ଟାଏ ଭିତରେ କରି ନେଇ ଆସୁଛି ମୋ ନିଜ ହାତରେ । ମନ

Source: Author, Digitized by PPRACHIN, SOA

ଭରି ମିଶି ଖାଇବା ।

ଶ୍ୱେତପଦ୍ମା ଓରଫ ଅସୀମା ଗଲାପରେ ଅନିକେତର ମନପକ୍ଷୀ କାକଳି ତୋଳି ଉଡ଼ିଯାଇଥିଲା ବିଗତ ଅତୀତର ବାଣୀବିହାର କ୍ୟାମ୍ପସର ରଙ୍ଗୀନ୍ ଇଲାକାକୁ । ବାଣୀବିହାରରେ ଅନିକେତ ଓଡ଼ିଆ ବିଭାଗରେ ପଞ୍ଚମ ବର୍ଷ ଛାତ୍ର ଓ ଅସୀମା ଅର୍ଥନୀତିର ଛାତ୍ରୀ । ସେଦିନ ସଂଧ୍ୟାରେ ଗୋଦାବରୀଶ ସାହିତ୍ୟ ସଂସଦରେ କବିତା ପାଠୋତ୍ସବରେ ଯୋଗଦେଇ ଅସୀମା ତର ତର ହୋଇ ଆସି ପହଞ୍ଚିଲା ନିକଟସ୍ଥ ଟାଉନ୍ ବସ୍‌ଷ୍ଟାଣ୍ଡରେ । ଏତିକିବେଳେ କେଜାଣି କେଉଁଠୁ ମାଡ଼ି ଆସିଲା ଅଣଚାଶ ପବନ, ତା ସଙ୍ଗରେ ମୁଷଳଧାରାରେ ବର୍ଷା ଆଉ ବିଜୁଳିର ଉତ୍ପାତ । ଅନେକ ଗଛ ଭାଙ୍ଗି ମେଲେଇ ହୋଇ ପଡୁଥାଏ ରାଜଧାନୀର ରାଜରାସ୍ତାରେ । ଭୟରେ ଓ ଆଶଙ୍କାରେ ଅସୀମା ଶାଙ୍କୁଡ଼ି ହୋଇଯାଉଥାଏ । ରାତ୍ରିର ଅନ୍ଧାର ଜମାଟ ବାନ୍ଧିବା ଆରମ୍ଭ କରୁଥାଏ । ଜନଗହଳି ରାସ୍ତା ହୋଇଗଲା ନିରବ, ନିସ୍ତବ୍ଧ । ରାସ୍ତାରେ କିଛି ଗଛ ପଡ଼ିଯାଉଥିବାରୁ ଆଉ ଆଉ ଟାଉନ୍‌ବସ୍ ଆସିଲାନଥିଲା । ଅନ୍ଧାର ରାତିର ବିପର୍ଯ୍ୟସ୍ତ ରାସ୍ତାରେ କିପରି ବାଣୀବିହାର ଯିବ, ଏ ଚିନ୍ତା ଅସୀମାକୁ ବିବ୍ରତ କରୁଥିଲା ।

ଅନ୍ଧାର ଭିତରେ ଜଣେ ଯୁବକର ପ୍ରଶ୍ନ - ଆପଣ କ'ଣ ବାଣୀବିହାର ଯିବେ ?

ଚମକି ପଡ଼ିଲା ଅସୀମା । କୌଣସି ଦୁର୍ବୃତ୍ତ ଅସଦ୍ ବ୍ୟବହାର କରିବାକୁ ଆସିଗଲା ଭାବି ଭୀତତ୍ରସ୍ତ ହରିଣୀଭରି ଥରିବାକୁ ଲାଗିଲା ।

ଭୟ କରନ୍ତୁନି । ମୁଁ ବି ବାଣୀବିହାର ଯିବି । ମୁଁ ଓଡ଼ିଆ ବିଭାଗର ଛାତ୍ର । ମୁଁ ମଧ୍ୟ କବିତା ପାଠୋତ୍ସବକୁ ଆସିଥିଲି । ମୋ ନାଁ ଅନିକେତ ବିଶ୍ୱାଳ ।

- ଆପଣ କ'ଣ କବି ଅନିକେତ ବିଶ୍ୱାଳ ? ଯାହାଙ୍କ କବିତା ବାଣୀବିହାର ପତ୍ରିକାରେ ଓ ବାଣୀବିହାର ବିଭିନ୍ନ ୱାଲ ମାଗାଜିନ୍‌ରେ ବାହାରେ ।

- ହଁ, ମୁଁ ସେହି ଅନିକେତ ବିଶ୍ୱାଳ । ବିଜୁଳି ଆଲୁଅରେ ଆପଣଙ୍କୁ ଦେଖି

Source: Author, Digitized by PPRACHIN, SOA

ଆପଣ ଅର୍ଥନୀତିର ଛାତ୍ରୀ ବୋଲି ଠଉରେଇ ନେଲି । ଆମ ଡିପାର୍ଟମେଣ୍ଟ ପାଖରେ ଆପଣଙ୍କ ଡିପାର୍ଟମେଣ୍ଟ । ମୁଁ ଆପଣଙ୍କୁ ଜାଣିଛି, ଆପଣଙ୍କ ନାଁ ଅସୀମା ।

– ଆପଣ ମୋତେ କିପରି ଜାଣିଲେ ?

– ସୁନ୍ଦରୀ ଝିଅଙ୍କ ଠିକଣା ବାଣିବିହାରର କଳି କନ୍ଦିରେ ଘୂରି ବୁଲୁଥାଏ ।

–ତା'ପରେ ଦୁହେଁ ଫେଁ କିନା ହସି ଉଠିଲେ ।

ବିଜୁଳି ଆଲୁଅରେ ଅସୀମା ହସନ୍ତ ମୁଖମଣ୍ଡଳ ଆହୁରି ଜାଜ୍ୱଲ୍ୟମାନ ଦେଖାଗଲା । ଅଚାନକ ସେରାଏ ବାସ୍ନା ଅନିକେତ ଦେହରେ ନେସି ହୋଇଗଲା । ପ୍ରେମିକ ହେବାର ଅପୂର୍ବ ଅନୁଭବ, ଅପୂର୍ବ ଗୁଞ୍ଜରଣ ସ୍ନାୟୁରେ ଖେଳିଗଲା ।

ତା'ପରେ ବିଜୁଳି ଆଲୁଅରେ ରାସ୍ତା ଚିହ୍ନ ଚିହ୍ନି ଦୁହେଁ ଚାଲି ଚାଲି ଆସି ବାଣୀବିହାରରେ ପହଞ୍ଚିଯାଇଥିଲେ ।

ଅସୀମା, ତିଳତିଳ ଲାବଣ୍ୟରେ ତିଲୋତ୍ତମା । ନବନୀତ କୋମଳ ଅଙ୍ଗ ସୌଷ୍ଠବ, ତମାଳଲତା ଭଳି ତରଙ୍ଗାୟିତ ତନୁ ବଲ୍ଲରୀ, ନୀଳ କଇଁର ନମ୍ର, ମଧୁର ଯୁଗଳ ନୟନ । ଅନିକେତର ଶ୍ୟାମଳ ବର୍ଣ୍ଣ, ହସନ୍ତ ମୁଖମଣ୍ଡଳ, ଆକର୍ଷଣୀୟ ବ୍ୟକ୍ତିତ୍ୱ, କବିପ୍ରତିଭାରେ ଦୀପ୍ତିମନ୍ତ ତା'ର ଭାବନା, ଚେତନା ଓ ଉଦ୍ଦୀପନା ।

ସେମାନଙ୍କ ଭିତରେ ଅଙ୍କୁରୋଦ୍‌ଗମ ହୋଇଥିବା ସମ୍ପର୍କର ଚାରାଟି ଧୀରେ ଧୀରେ ପଲ୍ଲବିତ ହୋଇ ପତ୍ର, ପୁଷ୍ପ ବିମଣ୍ଡିତ ହେଲା । ଲେଡ଼ିଜ୍ ହଷ୍ଟେଲ ସାମ୍ନାରେ ଥିବା କୃଷ୍ଣଚୂଡ଼ା ଗଛର ନାଲି ପଣତ ତଳେ ପ୍ରତିଦିନ ଜମି ଉଠେ ସେମାନଙ୍କ ମିଳନପର୍ବ । କବି ଅନିକେତ ପ୍ରତିଦିନ ସନ୍ଧ୍ୟାରେ ତାକୁ ଭେଟିଦିଏ ଗୋଟିଏ କବିତା । ଅସୀମାର କବିତା ପ୍ରତି ଅସମ୍ଭବ ଦୁର୍ବଳତା । ନିଅନ୍ ଲାଇଟ୍‌ର ଝାପ୍ସା ଝାପ୍ସା ଆଲୁଅରେ ସବୁଜିମାର ଉହାଡ଼ରେ ଅସୀମା କରେ କବିତା ଆବୃତ୍ତି । ଅନିକେତର ଅନନ୍ୟ କବି ପ୍ରତିଭାରେ ସେ ମୁଗ୍ଧ ହୁଏ । କବିତାର ମେଘମହ୍ଲାରରେ ସେ ଶିହରିତ ହୁଏ । ତା'ର ସ୍ୱପ୍ନର ପରିଧିକୁ ସବୁବେଳେ ଧସେଇ ପଶିଆସେ ଅନିକେତର ମାଳମାଳ ପ୍ରକାଶିତ

Source: Author, Digitized by PPRACHIN, SOA

କବିତା ସଂକଳନ ଆଉ ମଞ୍ଚରୁ ଅନିକେତ ସମ୍ଭ୍ରାନ୍ତ ପୁରସ୍କାର ଗ୍ରହଣ କରୁଥିବାର ଦୃଶ୍ୟ । ବାଣୀବିହାରରେ ଦୁଇବର୍ଷ କଟାଇବା ପରେ ପରୀକ୍ଷା ପୂର୍ବରୁ ଅସୀମା ଯାଇଥିଲା ତା'ର ଗାଁକୁ । କିନ୍ତୁ ଆଉ ବାଣୀବିହାର ଫେରିଲାନି । କଲିକତାର ଜଣେ ସମ୍ଭ୍ରାନ୍ତ, ଧନାଢ଼୍ୟ, ସମୃଦ୍ଧ ବ୍ୟବସାୟୀଙ୍କ ସହିତ ତା'ର ବିବାହ ହୋଇଗଲା ବୋଲି ସମ୍ବାଦ ବାଣୀବିହାରରେ ପ୍ରଚାରିତ ହେଲା । ଭାଙ୍ଗିଗଲା ଅନିକେତର ମନ, ଭାଙ୍ଗିପଡ଼ିଲା ତା'ର ହୃଦୟ । ମରିଗଲା ତା'ର କବିତା ଲେଖିବାର ଉନ୍ମାଦନା । ରହିଗଲା ଅସୀମାର ପାଦଚିହ୍ନ, ଲିଭିଗଲା ତା' ଉପରେ ଝରି ପଡୁଥିବା ଚାନ୍ଦିନୀ ରାତିର ଜ୍ୟୋସ୍ନା ଧାରା ।

ଏମ୍‌ଏ ପାସ୍ ପରେ ଅନିକେତ ଏକ ଘରୋଇ କଲେଜରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲା । ତା'ପରେ ସୁଜାତା ସହ ବିବାହ । ପ୍ରଥମେ ଅଳ୍ପଦରମା ଓ ଅନିଶ୍ଚିତ ଚାକିରିକୁ ନେଇ ତା'ର ଜୀବନ ସଂଘର୍ଷ । ଦରମା କ୍ରମେ ବଢ଼ିବାରୁ ଜୀବନ କ୍ରମେ ଅପେକ୍ଷାକୃତ ଭାବରେ ସହଜ, ସରଳ, ସ୍ୱଚ୍ଛଳ ହେଲା । କିନ୍ତୁ ପ୍ରତି ରାତ୍ରିର ନିଭୃତ ପ୍ରହରରେ ଅସୀମା ତା'ର ସ୍ମୃତିର ବୃତ୍ତ ଭିତରକୁ ଧସେଇ ପଶିଆସି ତା ମନ ଓ ହୃଦୟକୁ ଚହଲାଇଦିଏ ।

ଏତିକି ବେଳେ ପଶି ଆସିଲା ଅସୀମା ଓରଫ ଶ୍ୱେତପଦ୍ମା । ଅନିକେତକୁ ଜଳଖିଆ ପ୍ଲେଟ୍‌ଟି ଧରାଇଦେଇ କହିଲା- କେମିତି ଆସିଲ ଏଠାକୁ ? ଠିକଣା କେଉଁଠୁ ପାଇଲ ?

- ପ୍ରକାଶକ ଅନିଲବାବୁଙ୍କ ଠାରୁ ଜାଣିପାରିଲି ଯେ କଲିକତାର ଜଣେ ମହିଳା ମୋର ପାଞ୍ଚୋଟି କବିତା ସଂକଳନର ପ୍ରକାଶନ ଓ ଡିଷ୍ଟ୍ରିବ୍ୟୁସନର ସମସ୍ତ ଦାୟିତ୍ୱ ବହନ କରିଛନ୍ତି । ସେହି ବଦାନ୍ୟ, ବିଦୂଷୀ ମହିଳାଙ୍କୁ ସନ୍ଧାନ କରୁକରୁ ଆବିଷ୍କାର କଲି ମୋର ପ୍ରେୟସୀ ଅସୀମାକୁ ।

ଅସୀମା ! ତମେ ଅସୀମାରୁ ଶ୍ୱେତପଦ୍ମା କିଭଳି ପାଲଟି ଗଲ ? ଦୀର୍ଘଶ୍ୱାସ ପକାଇ ଅସୀମା କହିଲା- ବାହାଘର ପରେ ପ୍ରାୟ ୧୫ ବର୍ଷ ଆନନ୍ଦ, ଉତ୍ସବ ଓ ପ୍ରାଚୁର୍ଯ୍ୟର ପଟୁଆରରେ ଅତିବାହିତ ହେଲା । ଅର୍ଥ ଓ ସ୍ୱାର୍ଥ, ପ୍ରାପ୍ତି ଓ ପ୍ରାଚୁର୍ଯ୍ୟର

Source: Author, Digitized by PPRACHIN, SOA

ପରିବ୍ୟାପ୍ତି ପାଇଁ ପାଗଳ ହେଉଥିବା ସ୍ୱାମୀଙ୍କ ମନରେ ଆସିଲା ଆକସ୍ମିକ ପରିବର୍ତ୍ତନ । ବିଭୁପ୍ରେମରେ ଉନ୍ମାଦିତ ହୋଇ ସନ୍ନ୍ୟାସୀ ହୋଇ ରିଶିକେଶର କୌଣସି ଏକ ଆଶ୍ରମକୁ ସବୁଦିନ ପାଇଁ ଚାଲିଗଲେ । ରହିଗଲି ମୁଁ ।

ଅସୀମାର ଚିକ୍‌ଚିକ୍ ଉଜ୍ଜ୍ୱଳ ଦିଶୁଥିବା ଆଖି ଉପରେ ଘୋଟିଗଲା ବିଷାଦର ଛାୟା । ତା' କଣ୍ଠ ହେଉଥିଲା ବାଷ୍ପାରୁଦ୍ଧ । ଆଖିରେ ଲୁହ ଭର୍ତ୍ତି । ପେଟ ଭିତରେ ଅନେକ ଦିନ ଧରି ମୂଷା ଭଳି କୁଟୁକୁଟୁ ହେଉଥିବା ଅନେକ କଥାକୁ ତରଳ ଲାଭା କରି ମନର ମଣିଷ ପାଖରେ ଉଗାଳି ଦେବାକୁ କରୁଥିଲା ଉପକ୍ରମ ।

– ତା'ପରେ କ'ଣ ହେଲା ଅସୀମା ? – ଉତ୍କଣ୍ଠାଭରା କଣ୍ଠରେ ଅନିକେତର ପ୍ରଶ୍ନ ।

ଆଜି ପର୍ଯ୍ୟନ୍ତ ମୋ ଅନ୍ତରର ଅକୁହା କଥା କହିବା ପାଇଁ ମନର ମଣିଷଟିଏ ପାଉନଥିଲି । ତୁମକୁ କହିଦେଲେ ମୋ ମନର ବ୍ୟଥା ଓ ବେଦନା ଉପଶମ ହୋଇଯିବ ।

ସ୍ୱାମୀ ଚାଲିଯିବା ପରେ ତାଙ୍କ ବ୍ୟବସାୟର ସାମ୍ରାଜ୍ୟ ଓ ପ୍ରାଚୁର୍ଯ୍ୟର ରଙ୍ଗମହଲ ପରସ୍ତ ପରସ୍ତ ହୋଇ ଭୁଶୁଡ଼ି ପଡ଼ିଲା । ବ୍ୟାଙ୍କ ଋଣ ସୁଧ ସହିତ ହୁ ହୁ ବଢ଼ି ପାହାଡ଼ ପରି ହୋଇ ଆଁ କରି ମାଡ଼ି ଆସିଲା । ଘରଦ୍ୱାର, ସ୍ଥାବର, ଅସ୍ଥାବର ସମ୍ପତ୍ତି ବିକ୍ରି କରି ଋଣ ପରିଶୋଧ କଲାପରେ ଏ ଘରଟି କେବଳ ରହିଗଲା । ରହିବାକୁ ଛାତଟିଏ ଥିଲା, କିନ୍ତୁ ଚଳିବା ମୁସ୍କିଲ ହୋଇପଡ଼ିଲା । ଚାକିରିଟିଏ ପାଇଁ ବାରଓଳି ଶୁଣ୍ଠିପିଣ୍ଡା ହୋଇ ନୟାନ୍ତ ହୋଇଗଲି । ଦିନେ ଏପରି ବୁଲିବୁଲି ରାତି ୧୦ଟାରେ ଘରକୁ ଫେରିଲାବେଳକୁ ବାଟରେ ଆଠଦଶ ଜଣ ଧନୀ, ସମ୍ଭ୍ରାନ୍ତ ବଂଶର ଶିକ୍ଷିତ ଯୁବକମାନେ ଗୋଟିଏ ବୋଲେରୋ ଗାଡ଼ିରେ ଜବରଦସ୍ତି ଅପହରଣ କରି ନେଇ ଏକ ଘରେ ପ୍ରାୟ ଦଶଦିନ ରଖି ବଳାତ୍କାର କରିବାକୁ ଲାଗିଲେ । ମୋର କରୁଣ ଆର୍ତ୍ତଚିତ୍କାର ଘରର ମେଘନାଦ ପାଚେରି ଡେଇଁ ବାହାରକୁ ଯାଇପାରିଲା ନାହିଁ । ତାପରେ ସିକ୍ୟୁରିଟିଗାର୍ଡ଼ ଅନ୍ୟମନସ୍କ ଥିଲା ସମୟରେ ଅତି ସନ୍ତର୍ପଣରେ ସେଠାରୁ ଲୁଚିଲୁଚି ଆସି ଥାନାରେ ବିଶଦ ବିବରଣୀ ଦେଲି । ସେମାନେ ଧନାଢ଼୍ୟ, ପ୍ରଭାବଶାଳୀ ପରିବାରର ପିଲାଥିବାରୁ

Source: Author, Digitized by PPRACHIN, SOA

ସେ କେସ୍‌ଟିକୁ ଚାପି ଦେଲେ । କିନ୍ତୁ କଲିକତା ସହରରେ ମୋ ନାଁରେ ନିନ୍ଦା ଅପବାଦର ନାଗରା ବାଜିଲା । ସମାଜ ଆଖିରେ ମୁଁ ହୋଇଗଲି କଳଙ୍କିନୀ, ପୂତିଗନ୍ଧମୟ ନର୍ଦ୍ଦମାର କୀଟ । ମୋର ଆଉ କୌଣସି ଚାରା ନ ଥିଲା । ମୁଁ ସେହି ସହରରେ କୁଳବଧୂରୁ ପାଲଟିଗଲି ବାରବଧୂରେ ।

ପ୍ରତିଶୋଧର ନିଆଁରେ ମୁଁ ଜଳି ଉଠିଲି । ଧନୀକ ଶ୍ରେଣୀର ଯୁବକମାନଙ୍କ ପାଖରେ ଦେହ ବିକି ପ୍ରଚୁର ପଇସା ରୋଜଗାର କଲି । କଳଙ୍କର ଆବର୍ଜନା ଯେତିକି ମୋ ମୁଣ୍ଡରେ ଜମା ହେବାକୁ ଲାଗିଲା, ମୋର ବ୍ୟାଙ୍କ ବାଲାନ୍ସ ସେତିକି ବଢ଼ିବାକୁ ଲାଗିଲା । ପରପୁରୁଷଙ୍କ ସ୍ୱାଦରେ ମୋ ଦେହରେ ଖେଳିଲା ଅପୂର୍ବ ଶିହରଣ । ବହୁ ପୁରୁଷଙ୍କ ଅଙ୍ଗଶାୟିନୀ ହେବାର ଅନୁଭବ ଓ ଅନୁଭୂତି ଥିଲା ଚିତ୍ତ ଉଲ୍ଲାସକ । ନୀଳ ଆଖି ଡୋଳାରେ ଚେଇଁ ଉଠୁଥିଲା ପାପର ଇନ୍ଦ୍ରଧନୁ । ଏହି ପରିବର୍ତ୍ତିତ ଜୀବନରେ ଜାତି ଜାତିକା ଅତର ବାସ୍ନାରେ ଏମିତି ବୁଡିଗଲି ଯେ ସଜଫୁଲର ବାସ୍ନାକୁ ପୂରା ଭୁଲିଯାଇଥିଲି । ନିଘୋଡ଼ ନିଦରେ ଲୋଟେଇ ଦେଉଛି କ୍ଳାନ୍ତ ଦେହକୁ ପୁରୁଷର ମାଂସଳ ଚଟାଣ ଉପରେ । ଚାପାଚାପା ହସ, ଫିସ୍‌ଫିସ୍ କଥା, ମିଠା ମିଠା ତାତିରେ ବିତିଯାଉଛି ରାତି । ଐଶ୍ୱର୍ଯ୍ୟର ଐରାବତରେ ଚଢ଼ି ଭୋଗର ରଙ୍ଗମହଲ ଭିତରେ ଅସୀମା ଏବେ ହୋଇଯାଇଛି ଶ୍ୱେତପଦ୍ମା ।

– ତୁମେ କ'ଣ ଅନୁତାପ କରୁଛ ଅସୀମା ?

– ନାଁ ଯାହା ହରାଇଛି, ତାକୁ ଫେରି ପାଇବାର ନାହିଁ । ତେଣୁ ଅନୁତାପ ଓ ଅନୁଶୋଚନା ନାହିଁ । ବରଂ ହରାଇଲା ପରେ ମୋର ସ୍ୱପ୍ନ ପୂର୍ଣ୍ଣ କରିବାର ଅନୁଭବ ମୋତେ କରିଛି ଶାନ୍ତ, ସନ୍ତୁଷ୍ଟ ।

– କ'ଣ ସେ ସ୍ୱପ୍ନ ?

– ଏକମାତ୍ର ସ୍ୱପ୍ନ ଥିଲା ତୁମର ସାରସ୍ୱତ ସଫଳତା । ସବୁ ଭୋଗ ଓ ଦୀର୍ଘଶ୍ୱାସ ଭିତରେ ନିଶାର୍ଦ୍ଧରେ ଲୁଚି ଲୁଚି ଆସି ତୁମେ ମୋ ମନର ଉପତ୍ୟକାରେ ମୋହନ ବଂଶୀ ବଜାଇ ପୁଲକିତ କର । ଜୀବନ ଯନ୍ତ୍ରଣାରେ ଅଣନିଶ୍ୱାସୀ ହେଲେ ମୁଁ ପଢ଼େ

Source: Author, Digitized by PPRACHIN, SOA

ତୁମ କବିତାର ପାଣ୍ଡୁଲିପି । ସେ କବିତାର ସ୍ପର୍ଶରେ ପରାହତ ବିଶ୍ୱାସ ଓ କ୍ଷତାକ୍ତ ଆତ୍ମାର ସନ୍ଧିରୁ ଗଜୁରି ଉଠେ ଅନାହତ ସମ୍ଭାବନାର ଶ୍ୟାମ ଦୁର୍ବାଦଳ । ତୁମେ ମୋତେ ଉପହାର ଦେଇଥିବା ପାଞ୍ଚଶହ କବିତାକୁ ଯତ୍ନର ସହ ସାଇତି ରଖିଥିଲି । ଅମୂଲ୍ୟବାବୁଙ୍କ ମାଧ୍ୟମରେ ତାକୁ ପାଞ୍ଚୋଟି ସଂକଳନରେ ପ୍ରକାଶ କରି ଓଡ଼ିଶାର ସବୁ ସାହିତ୍ୟିକ ଓ ପାଠକଙ୍କ ପାଖରେ ପହଞ୍ଚାଇବାର ସୁବନ୍ଦୋବସ୍ତ କରିଥିଲି । ତୁମେ ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବା ପରେ ମୋର ବହୁ ଆକାଂକ୍ଷିତ ସ୍ୱପ୍ନ ପୂରଣ ହେଲା ଓ ମୁଁ ଖୁସିରେ ହଜିଗଲି ।

ଅନିକେତ ଅସୀମାର କୁହୁକ ଆଖି ଯୋଡ଼ାକୁ ଚାହିଁଥିଲା । ଚିକ୍‌ଚିକ୍ ଉଜ୍ଜ୍ୱଳ ଦିଶୁଥିବା ଆଖି, ଛନ୍ ଛନ୍ ହୋଇ ନୃତ୍ୟ କରୁଥିବା ଭ୍ରୂଲତା । ଏ ବୟସରେ ବି ସେଇ ହସ, ସେ ମନ୍ତ୍ର ମୁଗ୍ଧ ଚାହାଣି ।

ଅନିକେତ ଓ ଅସୀମା ଅନୁଭବ କରୁଥିଲେ, ପ୍ରଥମ ପ୍ରେମ ଅମରି ଗଛ ପରି । କାଟି ଦିଅ କି ଭାଙ୍ଗିଦିଅ, ଶୁଖିଲା କାଠ ଖଣ୍ଡେ ପରି ମାଟି କାମୁଡ଼ି ପଡ଼ିରହିଥିବ । ଦେଖା ହେଉହେଉ ତା'ର ବୟସ୍କ ଗଣ୍ଠିରୁ କଅଁଳ ପତ୍ର ଗଜୁରି ଆସେ । ଅଗଣିତ ଅପୂର୍ଣ୍ଣ ଇଚ୍ଛା ଯେଉଁମାନେ ସେମାନଙ୍କ ଭିତରେ ଫସିଲ୍ ହୋଇଯାଇଥିଲେ, ଉଠିପଡ଼ି ସେମାନେ କୋଳାହଳ ଆରମ୍ଭ କରିଦେଲେଣି । ରୌଦ୍ର ଦଗ୍ଧ ପୃଥିବୀରେ ଅସରାଏ ବର୍ଷା ପରି ସନ୍ତପ୍ତ ହୃଦୟରେ ଶାନ୍ତିର ଶୀତଳ ସ୍ପର୍ଶ ।

– ଆଉ ତୁମ ଖବର କ'ଣ ଅନିକେତ ? – ଅସୀମାର ପ୍ରଶ୍ନ ।

– ମୁଁ ଘରୋଇ କଲେଜରେ ଅଧ୍ୟାପକ । ପୁଅ କମ୍ପ୍ୟୁଟର ଇଞ୍ଜିନିୟର । ସ୍ୱିଡ଼େନ୍‌ର ଷ୍ଟକ୍‌ହୋମ୍‌ରେ ଚାକିରି କରୁଛି । ଚାରିବର୍ଷ ତଳେ ସ୍ତ୍ରୀଙ୍କର ହୃଦ୍‌ରୋଗରେ ଦେହାନ୍ତ ହୋଇଯାଇଛି । ମୁଁ ନିଃସଙ୍ଗ ପଦାତିକ । ମୁଁ ଏବେ ନିଃସଙ୍ଗତାର ନିର୍ଯାତନାରେ ମ୍ରିୟମାଣ । ଏବେ ଆମେ ଦୁହେଁ ଏକାଠି ରହିଲେ ଭଲ ହୁଅନ୍ତା ବୋଲି ଭାବୁଛି ।

– ଏହା କ'ଣ ସମ୍ଭବ ? ମୁଁ ବହୁ ପୁରୁଷଙ୍କ ଶଯ୍ୟାଶାୟିନୀ ହୋଇସାରିଛି । ମୋ ତନୁମନରେ ପାପ ପଙ୍କର ପ୍ରଲେପ । ମୁଁ କଳଙ୍କିନୀ, ବାରବନିତା ।

Source: Author, Digitized by PPRACHIN, SOA

- ତୁମ ଦେହ ଏକ ମନ୍ଦିର । ବହୁତ ଲୋକଙ୍କର ପାଦର ଧୂଳିରେ ଏହାର ଚଟାଣ ମଳିନ । କିନ୍ତୁ ଏହାର ଗର୍ଭଗୃହ ଏବେବି ଶୁଦ୍ଧ, ପୂତ, ପବିତ୍ର । ମୋ ପାଇଁ ତୁମେ ଏକ ନିର୍ମଳ ବେଗବତୀ ନିର୍ଝରିଣୀ ।

- କିନ୍ତୁ ଏ ସମାଜ କ'ଣ କହିବ ?

- ମୁଁ ସମାଜକୁ ଖାତିର କରେନି । ସମାଜ ଭାଙ୍ଗି ଜାଣେ, ଗଢ଼ି ଜାଣେନା । ସଜମାଛରେ ପୋକ ପକାଇବା ତା'ର ପୁରୁଣା ଅଭ୍ୟାସ । ସଂସ୍କାର, ନୈତିକତା, ମୂଲ୍ୟବୋଧର ଦ୍ୱାହି ଦେଇ ମାନବିକତାର ସ୍ୱରକୁ ଏ ସମାଜ ରୁନ୍ଧିଦିଏ । ନିର୍ମଳ ଆନନ୍ଦର ସ୍ରୋତ ଛଳଛଳ ହୋଇ ବହିଯାଉଥିବା ବେଳେ ସେ ଠିଆ କରାଏ ମେଘନାଦ ପାଚେରି । ଆମେ ଶିକ୍ଷିତ, ପରିପକ୍ୱ । ଆମେ ଆମ ସ୍ୱପ୍ନର ଦୁନିଆ ଗଢ଼ିବା । ମୁଁ ପୁଣି କବିତା ଲେଖିବି, ଆଉ ତୁମ ମଧୁର କଣ୍ଠରେ ତୁମେ ତାକୁ ଆବୃତ୍ତି କରିବ । କଳକଳ ହୋଇ ବହିଯିବ ଅନୁରାଗର ନିର୍ଝରିଣୀ, ଦେହାତୀତ ପ୍ରେମର ସ୍ରୋତସ୍ୱିନୀ ।

ଆମେ ଏବେ ଜୀବନର ସାୟାହ୍ନରେ । ଦେହ ନୁହେଁ, ଆମ ମନ ପାଇଁ ଦରକାର ସାଥୀଟିଏ । ଜୀବନର ଆଦ୍ୟ ପର୍ଯ୍ୟାୟରେ ଯେଉଁ ପ୍ରେମ ଦୈହିକ ଥାଏ, ଅନ୍ତିମ ପର୍ଯ୍ୟାୟରେ ଅନାବିଳ ଅନୁରାଗ ଓ ଶ୍ରଦ୍ଧାର ରୂପନେଇ ଭାରାକ୍ରାନ୍ତ ମନକୁ ଲାଘବ କରେ । ପରିଣତ ବୟସରେ ସାଥୀହୀନ ହେଲେ ଜୀବନ ଦୁର୍ବିସହ ହୋଇପଡ଼େ । ସଂଯୋଗ ବଶତଃ ସମଦଶାପନ୍ନ ପୁରୁଣା ସାଥୀଟିଏ ପାଇଲେ ଜୀବନ ସାର୍ଥକ ହୁଏ । କିଶୋର ବୟସର ବନ୍ଧୁତ୍ୱ ଜୀବନ ସାୟାହ୍ନର ଗୋଧୂଳି ଲଗ୍ନରେ ପୁଣି ଆଉ ଥରେ ଗାଢ଼, ନିବିଡ଼ ହୋଇଉଠେ ।

ଅସୀମାର ଓଠରେ ଫୁଟୁଥିଲା ସମ୍ମତିଭରା ହସର ଅଜସ୍ର ଚୈତ୍ରମଲ୍ଲୀ ।

('ସମାରୋହ' ପତ୍ରିକାର ଫେବୃୟାରୀ ୨୦୨୨ ସଂଖ୍ୟାରେ ପ୍ରକାଶିତ)

Source: Author, Digitized by PPRACHIN, SOA

ସତ୍ୟବାନ ବ୍ରତ

ଶିଖା ସକାଳୁ ଉଠି ଗାଧୋଇ ପାଧୋଇ ଠାକୁର ପୂଜା କରି ଉଠିଲାବେଳକୁ ଦେଖିଲେ ଶୁଭେନ୍ଦୁ ଗାଧୋଇ ସାରି ପୂରା ପ୍ରସ୍ତୁତ । ଆଶ୍ଚର୍ଯ୍ୟ ହୋଇ ଶିଖା କହିଲେ – ସୂର୍ଯ୍ୟ ଆଜି କ'ଣ ପଶ୍ଚିମ ଦିଗରେ ଉଦୟ ହୋଇଛନ୍ତି । ସବୁଦିନ ସକାଳ ୮ଟା ନହେଲେ, ଅଧ୍ୟାପକବାବୁଙ୍କର ପହଡ଼ ଭାଙ୍ଗେନା । ଆଜି ସକାଳୁ ସକାଳୁ ବାବୁ ଗାଧୋଇ ପାଧୋଇ ଫୁଲ୍ ରେଡ଼ି । କ'ଣ ହେଇଛି ?

ଗୁରୁ ଗମ୍ଭୀର କଣ୍ଠରେ ଶୁଭେନ୍ଦୁ କହିଲେ– ଆଜି ମୋର ବ୍ରତ ଅଛି ।

ଶିଖା ଫେଁଏଁ କିନା ହସିଦେଇ କହିଲେ– ଆଜି ଲଙ୍କାରେ ହରି ଶବ୍ଦ । ଦିନେ ନାହିଁ କାଳେ ନାହିଁ, ଗହ୍ମା ପୁନେଇଁ ଦିନ ମାଇଁ... । ଦଶ ବର୍ଷ ହେଲା ବାହା ହୋଇ ଆସିଲିଣି । କେବେ ତ ତମେ ବ୍ରତ କରିବା ଦେଖିନିକି ଶୁଣିନି । ଆଜି କାହିଁକି ବ୍ରତ କରିବ ବୋଲି ବିଳିବିଳେଇ ହେଉଛ ? କାଲି ତ ମୁଁ ସାବିତ୍ରୀ ବ୍ରତ କରିଥିଲି । ତୁମ୍ଭର ଆଜି କି ବ୍ରତ ?

ସତ୍ୟବାନ ବ୍ରତ – ଅବିଚଳିତ କଣ୍ଠରେ କହିଲେ ଶୁଭେନ୍ଦୁ ।

ବ୍ରତ ଉପରେ କ'ଣ ସ୍ତ୍ରୀମାନଙ୍କର ଏକଚାଟିଆ ଅଧିକାର । ସ୍ୱାମୀମାନେ କ'ଣ ବ୍ରତ କରି ପାରିବେ ନାହିଁ । ତୁମେମାନେ ଯେପର କାଲି ସାବିତ୍ରୀ ବ୍ରତ କରିଥିଲ, ଆଜି ଆମେ, ଦଶ ଜଣ ସ୍ୱାମୀ ସତ୍ୟବାନ ବ୍ରତ କରିବାକୁ ନିଷ୍ପତ୍ତି ନେଇଛୁ ।

– ଇଏ କି ବ୍ରତ ? ମୁଁ ଆଜିପର୍ଯ୍ୟନ୍ତ ଏପରି ବ୍ରତ ନାଁ ଶୁଣିନି । – କହିଲା ବେଳେ ଶିଖାଙ୍କ ସ୍ୱରରେ ବିସ୍ମୟ ଓ ଉତ୍କଣ୍ଠା ଫେଣ୍ଟାଫେଣ୍ଟି ହେଉଥିଲେ । ଶିଖାଙ୍କୁ ବୁଝାଇ ଶୁଭେନ୍ଦୁ କହିଲେ– ତୁମେ ସ୍ତ୍ରୀମାନେ ସ୍ୱାମୀଙ୍କର ସର୍ବାଙ୍ଗୀନ ମଙ୍ଗଳ ପାଇଁ ଯେମିତି ସାବିତ୍ରୀ ବ୍ରତ କରୁଛ, ଆମେ ତୁମମାନଙ୍କ ପାଇଁ ଶୁଭ ମନାସି ତୁମର ସୁନ୍ଦର ସ୍ୱାସ୍ଥ୍ୟ ଓ ଦୀର୍ଘ ସୁଖମୟ ଜୀବନ କାମନା କରି ଏ ବ୍ରତ ପାଳନ କରିବାକୁ ଯାଉଛୁ । ମୁଁ କିଛିଦିନ ତଳେ କିଣିଥିବା ନୂଆ ପଞ୍ଜାବୀ ଓ ଟ୍ରାଉଜର ବାହାର କରିଦିଅ । ସାବିତ୍ରୀ ବ୍ରତ ପାଇଁ ତୁମେ ଯେତିକି ଫଳ କିଣିବା ପାଇଁ କହିଥିଲ, ମୁଁ ତା'ର ଦୁଇଗୁଣ ଫଳ କିଣି ଆଣିଥିଲି । ବଳିଥିବା ସମସ୍ତ ଫଳକୁ ପିତଳ ଥାଳିରେ ସଜାଡ଼ି ଦିଅ ।

Source: Author, Digitized by PPRACHIN, SOA

ଶିଳ୍ପା ବିରକ୍ତିଭରା ସ୍ୱରରେ କହିଲେ- ତୁମ ମୁଣ୍ଡ ଫୁଣ୍ଡ କାମ କରୁଛକି ନାହିଁ ? ଛାତ୍ରଛାତ୍ରୀମାନଙ୍କ ଆଗରେ ଦୀକ୍ଷାନ୍ତ ଭାଷଣ ଦେଇ ନେଇ ତୁମ ମୁଣ୍ଡ ବିଗିଡ଼ି ଯାଉଛି ।

ଶିଳ୍ପାଙ୍କ ପାଟିରୁ କଥା ଛଡ଼ାଇ ନେଇ ଶୁଭେନ୍ଦୁ କହିଲେ- ମହାସତୀ ସାବିତ୍ରୀ ତାଙ୍କର ଅସାଧାରଣ ନିଷ୍ଠା, ଦୃଢ଼ ଇଚ୍ଛାଶକ୍ତି ଓ ଅପରିସୀମ ପ୍ରଭୁ ଭକ୍ତି ବଳରେ ଯମରାଜଙ୍କ ଠାରୁ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଲେ । ସତ୍ୟବାନ ନୂଆ ଜୀବନ ଲାଭ ପରେ ସାବିତ୍ରୀଙ୍କର ସର୍ବାଙ୍ଗୀନ ମଙ୍ଗଳ ପାଇଁ ପୂଜା ବ୍ରତ କରି ତାଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଇବା ଉଚିତ ଥିଲା । ତୁମେମାନେ ଆମମାନଙ୍କର ଦୀର୍ଘ ସୁଖ ସମୃଦ୍ଧିମୟ ଜୀବନ କାମନା କରି ଜଗଦୀଶ୍ୱରଙ୍କ ପଦ ତଳେ ପୂଜା ଅର୍ପଣ କରୁଛ । ଆମକୁ ପୂଜା କରି ଆମ ପାଦଧରି ଦଣ୍ଡବତ କରୁଛ । ଏ ସମାଜ ପୁରୁଷ ପ୍ରଧାନ ସମାଜ । ସ୍ତ୍ରୀ ଲୋକମାନଙ୍କ ପାଇଁ ଉପାସ, ପୂଜା, ବ୍ରତର ବିଭିନ୍ନ ଜଞ୍ଜିର । ସ୍ୱାମୀମାନେ ଚାରି ଦଉଡ଼ିକଟା । ସ୍ୱାଧୀନ, ସ୍ୱେଚ୍ଛାଚାରୀ । ଏ ସମାଜ ନାରୀଠାରୁ ସବୁ ଆଶା କରେ । ସେ ଜାୟା, ଜନନୀ, ଭଗିନୀ ରୂପରେ ତ୍ୟାଗ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ସାଜି ତା ଉପରେ ସ୍ନେହ, ମମତା ସବୁ ଅଜାଡ଼ି ଦେଉ, ଏହା ସମସ୍ତେ ଚାହାନ୍ତି । ନେବାପାଇଁ କୁଣ୍ଠାନାହିଁ, କିନ୍ତୁ ଦେବା ପାଇଁ କାର୍ପଣ୍ୟ । ପରିବାରକୁ ନବବଧୂଟିଏ ଆସିଲେ, ଶାଶୂ, ଶ୍ୱଶୁର, ଯାଆ, ନଣନ୍ଦ, ଦିଅର, ସ୍ୱାମୀ ସମସ୍ତେ ତା ଚାରିକଡ଼େ ଆଶାର ପସରା ଖୋଲିଦିଅନ୍ତି । ସେମାନଙ୍କ ଆଶାର ଲହଡ଼ିକୁ ସାମ୍ନା କରି କରି ଅଧା ବୟସରେ ବୋହୂଟିର ଅଣ୍ଟା ଭାଙ୍ଗିପଡ଼େ । ବୋହୂଟିର ବି କିଛି ଇଚ୍ଛା ଅଛି, ଆଶା ଅଛି, ସ୍ୱପ୍ନ ଅଛି, ସେ ବିଷୟରେ କେହି ଚିନ୍ତା କରନ୍ତିନି ।

ନୂଆ ପ୍ୟାଣ୍ଟ ସାର୍ଟ ପିନ୍ଧି ପୂଜା ଥାଳିଧରି ଶୁଭେନ୍ଦୁ ବାହାରିଲାବେଳକୁ ଶିଳ୍ପା କହିଲେ- ଏବେ ତୁମେ କେଉଁଠାକୁ ଯାଉଛ ? କ'ଣ ଆଜି ତୁମର ଯୋଜନା ? ମୋର ଯୋଜନା ସମ୍ପୂର୍ଣ୍ଣ ଗୋପନୀୟ । ତାହା ମୁଁ ତୁମକୁ କହିବିନ । - ହସି ହସି କହିଲେ ଅତନୁ ।

ଶିଳ୍ପା ଜାଣନ୍ତି, ଶୁଭେନ୍ଦୁ ଯାହା ଠିକ୍ ବୋଲି ଭାବନ୍ତି, ତାକୁ କାମରେ କରି ଦେଖା ଦିଅନ୍ତି । ସମାଜର ନାଲି ଆଖି ତାଙ୍କୁ କେବେ ଡରାଇ ପାରିନି । ଶିଳ୍ପାଙ୍କୁ କଲେଜ ଜୀବନରେ ସେ ଭଲ ପାଇ ବସିଥିଲେ । ଚାକିରି କରିବା ପରେ ତାଙ୍କୁ ବିବାହ କରିବାର

Source: Author, Digitized by PPRACHIN, SOA

ପ୍ରସ୍ତାବ ପରିବାର ଆଗରେ ଉପସ୍ଥାପନା କଲେ ।

ତା'ପରେ ଉଠୁରି ଉଠିଲା ଘୂର୍ଣ୍ଣିଝଡ଼ । ଶିଖା ଛୋଟ ଜାତିର ହୋଇଥିବାରୁ ପରିବାର, ବନ୍ଧୁବାନ୍ଧବ ଓ ସାଇଭାଇ ତାଙ୍କ ପ୍ରସ୍ତାବର ଘୋର ବିରୋଧ କରିଥିଲେ । ଦିନେ ବନ୍ଧୁମାନଙ୍କ ଉପସ୍ଥିତିରେ ଶିଖାଙ୍କୁ ମନ୍ଦିରରେ ବିବାହ କରି ତାଙ୍କୁ ଧରି ଝଡ଼ ପରି ଗାଁ ଘରେ ପ୍ରବେଶ କରିଥିଲେ । ସମସ୍ତେ ହୋଇଯାଇଥିଲେ ସ୍ତବ୍ଧ । ଅସରନ୍ତି ଘପା ଉତ୍ତେଜନା ପରେ ସମୟକ୍ରମେ ସମସ୍ତେ ଏ ବିବାହକୁ ସ୍ୱୀକୃତି ଦେଲେ ।

ଅମାନିଆ ଶୁଭେନ୍ଦୁ ଏବେ କ'ଣ କରିବେ, ଏହି କୌତୁହଳ ତାଙ୍କୁ ଭିଜାଇ ଦେଉଥିଲା । ଶୁଭେନ୍ଦୁଙ୍କ ଦୁଇ ହାତକୁ ଜାବୁଡ଼ି ଧରି ଆଜି କ'ଣ ତାଙ୍କର ଯୋଜନା, ଜାଣିବାକୁ ଉତ୍କଣ୍ଠିତ ଚିତ୍ତରେ ଶିଖ ଶୁଭେନ୍ଦୁଙ୍କୁ ଅନୁରୋଧ କଲେ ।

ସ୍ପଷ୍ଟୀକରଣ ଦେବାକୁ ଯାଇ ଶୁଭେନ୍ଦୁ କହିଲେ- ଆମ କଲୋନିର ଦଶଜଣ ସ୍ୱାମୀ ଏହି କଲୋନିର ଉପକଣ୍ଠରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର ଯାଉଛୁ । ସେଠାରେ ସମସ୍ତେ ନିଜ ସ୍ତ୍ରୀମାନଙ୍କର ସର୍ବାଙ୍ଗୀନ ମଙ୍ଗଳ, ଦୀର୍ଘ, ସୁଖମୟ ଓ ନିରାମୟ ଜୀବନ କାମନା କରି ପ୍ରଭୁଙ୍କ ପାଖରେ ପୂଜା ଅର୍ଚ୍ଚନା କରିବୁ । ପୂଜା ନସରିଲା ପର୍ଯ୍ୟନ୍ତ ଆମେ ଆଜି ଖାଡ଼ା ଉପାସ । ପୂଜାପରେ ଘରକୁ ଆସି ସ୍ତ୍ରୀମାନଙ୍କ ଆମ ପାଇଁ ଓ ପରିବାର ପାଇଁ ସେମାନଙ୍କ ପୂଜାର୍ଚ୍ଚନା, ତ୍ୟାଗ କର୍ମନିଷ୍ଠା ଓ ସ୍ନେହ, ମମତା ପାଇଁ କୃତଜ୍ଞତା ଜ୍ଞାପନ କରିବୁ ଓ ଅଶେଷ ଧନ୍ୟବାଦ ଦେବୁ । ତାପରେ ଯାଇ ଫଳ ଆହାର କରିବୁ ।

ଶିଖା ବାଲ୍‌କୋନିରେ ଅପଲକ ନୟନରେ ଶୁଭେନ୍ଦୁଙ୍କ ମନ୍ଦିର ଯିବା ବାଟକୁ ଅନାଇ ରହିଥିଲେ । ତ୍ରୟୋଦଶୀର ଜହ୍ନ ଭଳି ତାଙ୍କ ତୋଫା ଗୋରା ମୁହଁଟା ଆନନ୍ଦର ଆଲୋକରେ ଉଦ୍‌ଭାସିତ ହେଉଥିଲା । ଶୁଭେନ୍ଦୁଙ୍କ ମଣିଷପଣିଆ, ହୃଦୟବତ୍ତା ଓ ସମ୍ବେଦନଶୀଳତା ତାଙ୍କୁ ମୁଗ୍ଧ କରୁଥିଲା । ସତ୍ୟବାନ ବ୍ରତରେ ଶୁଭେନ୍ଦୁଙ୍କୁ କ'ଣ ଉପହାର ଦେଇ ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେବେ, ସେଇ ଭାବନାରେ ଶିଖା ହଜିଯାଇଥିଲେ ।

✤

(ସାହିତ୍ୟ ଚର୍ଚ୍ଚାର ଜୁନ୍ ୨୦୨୧ ସଂଖ୍ୟାରେ ପ୍ରକାଶିତ)

Source: Author, Digitized by PPRACHIN, SOA

ପରିତୃପ୍ତି

ଶ୍ରଦ୍ଧା ଗୋଟିଏ କଳା ଆଲ୍‌ସିସିଆନ୍ କୁକୁରକୁ ନେଇ ଘରକୁ ଆସୁଥିଲା । ଶ୍ରଦ୍ଧା ମୁହଁରେ ଖିଲି ଖିଲି ହସର ସମ୍ଭାର । ଶ୍ରୀମାନ୍ ସ୍ତବ୍ଧ ହୋଇ ଶ୍ରଦ୍ଧା ଓ ସେ କୁକୁର ଆଡ଼କୁ ଅପଲକ ନୟନରେ ଅନାଇ ରହିଥିଲେ । କୁକୁର ଜିଭ ଲହ ଲହ କରୁଛି । ଥୋଳା ଥୋଳା ଲାଳ ତା ଜିଭର ମଇଦାନ ଉପରେ ପଇଁତରା ମାରୁଛନ୍ତି । ଆଖିରୁ ଝୋଲାଏ ଝୋଲାଏ ନିଆଁ ହୁଳା ଛିଟିକି ପଡୁଛି ।

ଶ୍ରଦ୍ଧା ଘରକୁ ପଶିଆସି ଶ୍ରୀମାନ୍‌କୁ କହିଲା, ମୋର ଅନ୍ତରଙ୍ଗ ବାନ୍ଧବୀ କାମିନୀ ଆଜି ଭୁବନେଶ୍ୱର ଛାଡ଼ି ଆମେରିକା ଚାଲିଗଲା । ତାର ସ୍ୱାମୀ ସେଠାରେ ନିଯୁକ୍ତି ପାଇଛନ୍ତି । ଗଲାବେଳେ ମୋତେ ଏ କୁକୁରଟିକୁ ଉପହାର ଦେଇଗଲା । ଏହାର ନାମ ଜନ୍ । ଆଜି ଠାରୁ ଏ ଆମରି ଘରେ ଆମରି ପାଖରେ ରହିବ ।

ଏତିକି କହୁ କହୁ ଶ୍ରଦ୍ଧା ଆବେଗର ସହ ଜନ୍‌କୁ କୋଳେଇ ନେଲା । ତାର ମୁହଁରେ ବହୁ ଆକାଂକ୍ଷିତ ପ୍ରାପ୍ତିର ପରିତୃପ୍ତି । କିନ୍ତୁ ଭୟ ଓ ଆଶଙ୍କାରେ ଶ୍ରୀମାନ୍‌ଙ୍କ ମନ ଆନ୍ଦୋଳିତ ହେଉଥିଲା । ପ୍ରତିବାଦ କରିବା ପାଇଁ ଓ ଶ୍ରଦ୍ଧାର ଏକ ତରଫା ନିଷ୍ପତ୍ତିର ବିରୋଧ କରିବା ପାଇଁ ସେ ସ୍ୱର ଉତ୍ତୋଳନ କରିବାକୁ ଚାହୁଁଥିଲେ । ନିଆଁ ରଡ଼ ପରି ତହ ତହ ଶବ୍ଦଗୁଡ଼ିକ ତହଲବିକଳ ହୋଇ ପେଟରୁ ବାହାରି ଆସି କଣ୍ଠ ପାଖରେ ନିସ୍ତେଜ ହୋଇଯାଉଥିଲେ । ସେ ଥିଲେ ନିର୍ବାକ୍, ନିସ୍ପନ୍ଦ । ଶ୍ରଦ୍ଧାର ଇଚ୍ଛା ବିରୁଦ୍ଧରେ କିଛି କହି ଘରେ ଅଶାନ୍ତିର ଝଡ଼ ସୃଷ୍ଟି କରିବାକୁ ଚାହିଁ ନଥିଲେ । ଶ୍ରୀମାନ୍‌ଙ୍କର ଭୟ ଜଡ଼ ସଡ଼ ମୁହଁ ଓ ପ୍ରଶ୍ନିଳ ଆଖିକୁ ଦେଖି ଶ୍ରଦ୍ଧା କହିଲା– ତମେ ଜମା ବ୍ୟସ୍ତ ହୁଅନାହିଁ । ଜନ୍ ଭାରି ଶୃଙ୍ଖଳିତ ଆଉ ଆଜ୍ଞାବହ । ତମର କିମ୍ବା କାହାରି କିଛି କ୍ଷତି କରିବ ନାହିଁ । ତମେତ ଜାଣିଛ, ମୁଁ ପେଟ୍‌ମାନଙ୍କୁ ବହୁତ ଭଲ ପାଏ । ଆମ ଘରେ ଦୁଇଟି କୁକୁର, ଦୁଇଟି ଶୁଆ, ଦୁଇଟି ସାରୀ । ସେମାନଙ୍କ ମେଳରେ ମୋର ଶୈଶବ ଓ ଯୌବନ ଅଫୁରନ୍ତ ଆନନ୍ଦ ଓ ସନ୍ତୋଷରେ କଟିଯାଇଥିଲା ।

Source: Author, Digitized by PPRACHIN, SOA

– "କିନ୍ତୁ କୁକୁର ଘରେ ରହିଲେ ଅନେକ ସମସ୍ୟା" । ଶ୍ରୀମାନ୍‌ଙ୍କ କୁଣ୍ଠିତ କଣ୍ଠରୁ ଶବ୍ଦଗୁଡ଼ିକ ଅମାନିଆ ହୋଇ ଉଡୁରି ପଡିଲେ ।

– ସମସ୍ୟା ବିଷୟରେ ତୁମେ ଚିନ୍ତା କରନାହିଁ । ମୁଁ ସବୁ ସମ୍ଭାଳି ନେବି । ସେ ରହିଲେ ମୋତେ ବଞ୍ଚିବାକୁ, ହସିବାକୁ ପ୍ରଚୁର ପ୍ରେରଣା ମିଳିବ । ଫୁଲର ରଙ୍ଗ, ସୁରଭି ଓ ଉଚ୍ଛ୍ୱାସରେ ମୋ ମନ ପୂରିଉଠିବ । ତୁମେ ଅଫିସ୍ ଗଲାପରେ ନିଃସଙ୍ଗତାରେ ମୁଁ ଅଣନିଶ୍ୱାସୀ ହୋଇ ଯାଉଥିଲି । ତା ଛଡ଼ା ନିରାପତ୍ତା ଦୃଷ୍ଟିରୁ ଏହା ଆମର ବହୁତ ସହାୟକ ହେବ ।

– ଆମରତ ଫ୍ଲାଟ୍ ଘର । ସୋସାଇଟିର ଦୁଇ ଗେଟ୍‌ରେ ଦୁଇ ଜଣ ସିକ୍ୟୁରିଟି ଗାର୍ଡ ସବୁବେଳେ ଜଗି ରହିଛନ୍ତି । ଏଠି ନିରାପତ୍ତାର କଣ ସମସ୍ୟା ? କୁକୁର ଥାଇ ମଧ୍ୟ ଲୋକଙ୍କ ଘରେ ଚୋରି ହେଉଛି । ଚୋରମାନେ ଏପରି ଧୂର୍ତ୍ତ ଯେ କୁକୁର ଓ ସିସିଟିଭି କ୍ୟାମେରାକୁ କାବୁ କରିବାକୁ ତାଙ୍କୁ ସବୁ ଉପାୟ ଜଣା । ଆମେ ଡାଳେ ଡାଳେ ଗଲେ, ଚୋରମାନେ ପତ୍ରେ ପତ୍ରେ ଯିବେ ।

ଶ୍ରଦ୍ଧା ସବୁ ଶୁଣି ନଶୁଣିଲା ପରି ଆନନ୍ଦରେ ଗଦ ଗଦ ହୋଇ ଜନ୍‌କୁ ନେଇ ଭିତରକୁ ପ୍ରବେଶ କଲା । ଶ୍ରଦ୍ଧାର ଜନ୍ ପ୍ରତି ମମତା ଦ୍ରୁତ ଗତିରେ ବଢ଼ିବାକୁ ଲାଗିଲା । ଶ୍ରଦ୍ଧା ତାଙ୍କ ଅପେକ୍ଷା ଜନ୍ ପ୍ରତି ଅଧିକ ଯତ୍ନଶୀଳ, ଏହା ଶ୍ରୀମାନ୍ ମର୍ମେ ମର୍ମେ ଅନୁଭବ କରୁଥିଲେ । ଜନ୍ କାଳେ କେଉଁ ଆଗନ୍ତୁକଙ୍କୁ ଆକ୍ରମଣ କରିବ, ସେଥିପାଇଁ "କୁକୁର ପ୍ରତି ସାବଧାନ" ଲେଖି ଘର ଆଗରେ ବୋର୍ଡଟିଏ ମାରିଦେଲେ । ସେଦିନ ମର୍ଣ୍ଣିଂୱାକ୍‌ର ସାଙ୍ଗମାନଙ୍କୁ ଚା' ପାଇଁ ଘରକୁ ନିମନ୍ତ୍ରଣ କଲେ । ସେମାନେ ତାଙ୍କ ଘରେ କୁକୁର ଥିବାରୁ ଆସିବାକୁ ମନା କଲେ । କହିଲେ- ଭାଇ, ତୁମ କୁକୁରକୁ ଆମର ପ୍ରାଣେ ଭୟ । ଏଇ ରାସ୍ତା କଡ଼ର ଚା' ଦୋକାନରେ ଦେଇ ଦିଅ ପଛେ ଆମେ ପିଇବୁ । ଶ୍ରୀମାନ୍ ମୁରୁକି ମୁରୁକି ହସୁଥିଲେବି ତାଙ୍କ ମୁହଁରେ ଅସହାୟତାର ପ୍ରଲେପ ବୋଲି ହୋଇଯାଉଥିଲା ।

ଶ୍ରୀମାନ୍ ଥିଲେ ଭୁବନେଶ୍ୱର ଡେଭ୍‌ଲପମେଣ୍ଟ ଅଥରିଟିର ଇଂଜିନିୟର । ସୁନ୍ଦର ଆକର୍ଷଣୀୟ ଚେହେରା । ତାଙ୍କ ଗାଁ ହେଉଛି ଚଣ୍ଡିଖୋଲ ନିକଟସ୍ଥ ନିଶିମଳା । ବାପା, ମା ଗାଁରେ ରହନ୍ତି । ବାପା, ମାଆ ଅତି ଶାନ୍ତ, ଶିଷ୍ଟ, ଭଦ୍ର ଓ ଧର୍ମ ପରାୟଣ । ବାପା ଋଷ

Source: Author, Digitized by PPRACHIN, SOA

ବାସ ବୁଝାବୁଝି କରୁଥିଲେ । ପାଞ୍ଚ ଏକର ଭଲ ଜମି । ଜମିରୁ ଯାହା ଫସଲ ଅମଳ ହୁଏ ସେଥିରୁ କିଛି ବଳି ନ ପଡ଼ିଲେବି ବର୍ଷର ଖର୍ଚ୍ଚ ସ୍ୱଚ୍ଛନ୍ଦରେ ଚଳିଯାଏ । ଶ୍ରୀମାନ୍ ତାଙ୍କର ଗୋଟିଏ ବୋଲି ପୁଅ । ଝିଅ ଶ୍ୟାମଳୀର ପାଖ ଗାଁରେ ଦଶ ବର୍ଷ ହେବ ବାହାଘର ହୋଇଯାଇଛି । ଶ୍ରୀମାନ୍ ପିଲାଦିନୁ ଭଲ ପାଠ ପଢୁଥିଲେ । ବାପା ଦୁଇ ଏକର ପଡ଼ିଆ ଜମି ବିକ୍ରି କରି ତାଙ୍କର କଲେଜ ଓ ଇଞ୍ଜିନିୟରିଂ ପଢ଼ାର ସମସ୍ତ ଖର୍ଚ୍ଚ ସମ୍ଭାଳି ନେଇଥିଲେ । ଚାକିରି ପାଇଲା ପରେ ଆଠ ନମ୍ବର ୟୁନିଟ୍‌ରେ ଶ୍ରୀମାନ୍‌କୁ ଭଲ ସୁଦୃଶ୍ୟ କ୍ୱାର୍ଟରଟିଏ ମିଳିଥିଲା ।

ରବିବାର ଦିନ ଶ୍ରୀମାନ ଡ୍ରଇଂରୁମର ସୋଫା ଉପରେ ବସିଥାନ୍ତି ।ନିକଟରେ ଥିବା ଜନ୍‌କୁ ଆଉଁଶି ଦେଉ ଦେଉ ଶ୍ରଦ୍ଧା ତା ସହିତ କେତେ କ'ଣ କଥା ହେଉଥିଲା । ଜନ୍ ମୁଣ୍ଡ ହଲାଇ ଦେଉଥାଏ ।ଶ୍ରଦ୍ଧା ଭାବୁଥାଏ ଜନ୍ ତାର ସବୁ କଥା ବୁଝି ଯାଉଛି । ପେଟ୍‌କୁ ଅତ୍ୟଧିକ ଭଲ ପାଉଥିବା ଧନାଢ଼୍ୟ ପରିବାରର ଅଲିଅଳୀ ଦୁଲାଳୀ ଥିଲା ଶ୍ରଦ୍ଧା । ତା ସହିତ ତାଙ୍କର କିଭଳି ବିଭାଘର ଅନୁଷ୍ଠିତ ହେଲା ସେସବୁ ଶ୍ରୀମାନ୍‌ଙ୍କ ଆଖି ଆଗରେ ଚଳଚିତ୍ର ପରି ଝଲସି ଉଠୁଥିଲା ।

ସଂକେତ ଥିଲେ ଭୁବନେଶ୍ୱରର ଜଣେ ଜଣାଶୁଣା ବିଲ୍‌ଡର । ବରମୁଣ୍ଡାରେ ନଭଶ୍ଚୁମ୍ବୀ ଅଟ୍ଟାଳିକା । ଅଚଳାଚଳ ସଂପତ୍ତି । ବିଭିନ୍ନ ଫ୍ଲାଟ ନିର୍ମାଣର ମଞ୍ଜୁରୀ ନିମନ୍ତେ ବିଡ଼ିଏ ଅଫିସ୍ ଗଲାବେଳେ ଶ୍ରୀମାନ୍‌ଙ୍କ ସଙ୍ଗେ ପରିଚୟ ହୁଏ । ଶ୍ରୀମାନ୍‌ଙ୍କ ଆକର୍ଷଣୀୟ ଚେହେରା,ବଳିଷ୍ଠ ବ୍ୟକ୍ତିତ୍ୱ ଓ ନମ୍ର ବ୍ୟବହାରରେ ସଂକେତ ମୁଗ୍ଧ ହୋଇଥିଲେ । ଯେତେବେଳେ ସେ ଜାଣିଲେ ଯେ ଶ୍ରୀମାନ୍‌ଙ୍କର ଗାଁ ହେଉଛି ତାଙ୍କ ଗାଁ ପାଖରେ , ସେମାନଙ୍କ ଭିତରେ ଅନ୍ତରଙ୍ଗତା ବୃଦ୍ଧି ପାଇଲା । ଚଣ୍ଡିଖୋଲରେ ଏକ ମାର୍କେଟ ବିଲଡିଂର କାର୍ଯ୍ୟ ଚାଲିଥିବା ବେଳେ ନିଶିମଳା ଯାଇ ଶ୍ରୀମାନ୍‌ଙ୍କର ବାପା, ମାଙ୍କୁ ସାକ୍ଷାତ କଲେ ସଂକେତ । ତାଙ୍କ ଗାଁ ପାଖ ସୁଙ୍ଗୁଡ଼ାର ସମ୍ଭ୍ରାନ୍ତ ଓ ଧନାଢ଼୍ୟ ପରିବାରର ସନ୍ତାନ ସଂକେତଙ୍କ ସୁମଧୁର ବ୍ୟବହାରରେ ଶ୍ରୀମାନ୍‌ଙ୍କ ବାପା ମାଆ ଅତ୍ୟନ୍ତ ଆନନ୍ଦିତ ।

ଦିନେ ସଂକେତ ନିଶିମଳାରେ ପହଞ୍ଚି ତାଙ୍କ ବଡ଼ ଝିଅ ସହିତ ଶ୍ରୀମାନ୍‌ଙ୍କର ବାହାଘର ପ୍ରସ୍ତାବ ଶ୍ରୀମାନ୍‌ଙ୍କ ବାପା, ମାଆ ଆଗରେ ଉତ୍‌ଥାପନ କରିଥିଲେ । ଶ୍ରୀମାନ୍‌ଙ୍କ

Source: Author, Digitized by PPRACHIN, SOA

ବାପା କହିଲେ- ଆପଣ ଏତେ ବଡ଼ ଲୋକ । ଆମେ ଆପଣଙ୍କର ସମାଙ୍କନ୍ଦ ନୁହେଁ । ଆପଣଙ୍କ ସଂଗେ ବନ୍ଧୁ ବାନ୍ଧିବା ଆମର ଭାଗ୍ୟ । ଆମେ କଣ କହିବୁ ? ଆମର ତ ଷୋଳ ପଣ ଇଚ୍ଛା । ହେଲେ ଶ୍ରୀମାନ୍ ଆଜିକା ପିଲା । ତାକୁ ପଚାରି ଯାହା କରିବୁ ।

ଶ୍ରଦ୍ଧା ଉଚ୍ଚଶିକ୍ଷିତା, ଶ୍ୟାମଳ ବର୍ଣ୍ଣ ଓ ସାଧାରଣ ଗଠନ । ଶ୍ରଦ୍ଧା ତୁଳନାରେ ଶ୍ରୀମାନ୍ ଥିଲେ ଅଧିକ ସୁନ୍ଦର । ଶ୍ରୀମାନ୍ ଭଳି ଉଚ୍ଚଶିକ୍ଷିତ, ନମ୍ର, ସୁନ୍ଦର, ଉଚ୍ଚବେତନ ପ୍ରାପ୍ତ ସରକାରୀ ଅଫିସରଙ୍କୁ ଜ୍ୱାଇଁ କରିବା ପାଇଁ ସଂକେତ ଓ ସଙ୍ଗୀତାଙ୍କର ଅସୀମ ଆଗ୍ରହ । ଝିଅ ଜୀବନ ସାରା ଭୁବନେଶ୍ୱରରେ ପାଖରେ ରହିବ । ସୁବିଧା ଅସୁବିଧାରେ ସେମାନେ ତା ପାଖରେ ଓ ସେ ସେମାନଙ୍କ ପାଖରେ ଠିଆ ହେବ ।

ଶ୍ରୀମାନ୍ ଭାବୁଥିଲେ – ଶ୍ରଦ୍ଧା ବଡ଼ ଲୋକର ଝିଅ । ତାଙ୍କ ପରି ନିମ୍ନ ମଧ୍ୟବିତ୍ତ ପରିବାରରେ ଖାପ୍ ଖୋଇ ଚଳି ପାରିବକି ନାହିଁ ଏହି ପ୍ରଶ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା । କିନ୍ତୁ ବାପା, ମାଆ ଏ ପ୍ରସ୍ତାବରେ ରାଜି ହେବାକୁ ତାଙ୍କୁ ସବୁବେଳେ ପ୍ରବର୍ତ୍ତାଉଥିଲେ । ମା' କହୁଥିଲା- ବଡ଼ଲୋକଘରୁ ଝିଅ ଆସିଲେ ଯେ ତାରି ଚଳିଚଳନରେ ଔଦ୍ଧତ୍ୟର ସ୍ପର୍ଶ ରହିବ, ଏହା ଭାବିବା ଭୁଲ । ଆମ ଗାଁ ହରି ସାହୁ ଆଉ ମାଗୁଣି ରାଉତ ଗରିବ ଘରେ ବନ୍ଧୁ ବାନ୍ଧିଥିଲେ । ଭାବିଥିଲେ ବୋହୂ ତାଙ୍କ କଥା ମାନିଚଳିବ । ସେହି ବୋହୂମାନେ ଏବେ ଶାଶୁ ଶ୍ୱଶୁରଙ୍କୁ ବସ୍ ଉଠ୍ କରାଉଛନ୍ତି । ନବାବ ଭଳି ଢ଼ଙ୍ଗଢ଼ାଙ୍ଗ, ଚାଲିଚଳନ । ଝିଅର ଗୁଣ ଗ୍ରାମ ତାର ବ୍ୟକ୍ତିଗତ ଚରିତ୍ର ଉପରେ ନିର୍ଭର କରେ । ବାପ ଘରର ଧନ ସଂପଦ ତା ଉପରେ ପ୍ରଭାବ ପକାଏ ନାହିଁ ।

ବାପା, ମାଆଙ୍କ କଥା ଶ୍ରୀମାନ୍ ଭାଙ୍ଗି ପାରି ନଥିଲେ । ପରିଶେଷରେ ଶ୍ରଦ୍ଧା ସହିତ ଶ୍ରୀମାନ୍‌ଙ୍କର ବାହାଘର ମହା ସମାରୋହରେ ଅନୁଷ୍ଠିତ ହେଲା ।

ଶ୍ରୀମାନ୍ ଓ ଶ୍ରଦ୍ଧାର ଦାମ୍ପତ୍ୟ ଜୀବନ ସୁଖ ଶାନ୍ତିରେ ଆଗେଇ ଚାଲିଥିଲା । ବାହାଘରର ଦୁଇ ବର୍ଷ ପରେ ଜନ୍ ଘରକୁ ଆସିଲା ପରେ ସୁଖ, ଶାନ୍ତି ବିରାଜମାନ କରୁଥିବା ପରିବେଶ ଭିତରକୁ ଅଶାନ୍ତି ଓ ଅସନ୍ତୋଷର ବିଷ ଧସେଇ ପଶି ଆସିଥିଲା । ବାପା, ମାଆ ମଝିରେ ମଝିରେ ଗାଁରୁ ଭୁବନେଶ୍ୱର ଘରକୁ ଆସୁଥିଲେ । ଜନ୍ ପ୍ରତି ଭୟ ଓ ଘୃଣା ହେତୁ ସେମାନେ ଆସିବା ବନ୍ଦ କରିଦେଲେ । ଭଉଣୀ ତାର ପୁଅ ଦୁଇଟିକୁ

Source: Author, Digitized by PPRACHIN, SOA

ନେଇ ପର୍ବପର୍ବାଣୀରେ ପ୍ରତିବର୍ଷ ବୁଲି ଆସୁଥିଲା । ଜନ୍ କାଳେ ପିଲାମାନଙ୍କୁ କେତେବେଳେ ଆକ୍ରମଣ କରିବ, ଏ ଆଶଙ୍କାରେ ସେ ଆଉ ଆସିଲା ନାହିଁ । ମାଆ କହେ - ବାବୁରେ । ଦେଖି ଚାହିଁ ଚଳୁଥିବୁ । ରାଗ ବ୍ରହ୍ମଚଣ୍ଡାଳ । କ୍ରୋଧରେ ଅନ୍ଧ ହୋଇ ମଣିଷ ତ କେତେ ଅମାନୁଷିକ କାର୍ଯ୍ୟ କରୁଅଛି । ଏତ ପଶୁ । କେତେବେଳେ କେମିତି ପ୍ରତିକ୍ରିୟା ପ୍ରକାଶ କରିବ ଜାଣିବା ମୁସ୍କିଲ୍ । ଶ୍ରଦ୍ଧାକୁ ବୁଝେଇ ଶୁଝେଇ କୁକୁରଟାକୁ ବିଦା କରି ଦେଲେ ଭଲ ହେବ ।

ଶ୍ରୀମାନ୍ ଲକ୍ଷ୍ୟ କଲେ ଜନ୍ ତାଙ୍କ ପ୍ରତିଦ୍ୱନ୍ଦୀ ପାଲଟି ଯାଇଛି । ତାଙ୍କ ଅପେକ୍ଷା ଶ୍ରଦ୍ଧା ଜନ୍‌କୁ ବିଶେଷ ସ୍ନେହ ଆଦର କରୁଛନ୍ତି ବୋଲି ଧାରଣା ତାଙ୍କର ଦୃଢ଼ୀଭୂତ ହେଲା । ତାଙ୍କୁ ଲାଗୁଥାଏ, ଜନ୍ କେତେବେଳେ ତାଙ୍କ ଉପରକୁ ଝପଟି ଆସିବ, ଝୁଣି ପକାଇବ । ଜନ୍‌ର ରଡ଼ ନିଆଁ ପରି ଆଖି ସାଙ୍ଗରେ ତାଙ୍କ ଆଖି ମିଶିଗଲେ ସେ ଭୟରେ ଶିହିରି ଉଠୁଥିଲେ ।

ଜୀବନ ଦୁର୍ବିସହ ହେବାରୁ ଶ୍ରୀମାନ୍ ଏ ସମସ୍ୟାର ବିଶଦ ବିବରଣୀ ସଂକେତ ଓ ସଙ୍ଗୀତାଙ୍କୁ ଜଣାଇଲେ । ଶାଶୁ ସଂଗୀତା ଶ୍ରୀମାନ୍‌କୁ କହିଲେ - ଶ୍ରଦ୍ଧାର ପିଲାଦିନୁ ପେଟ୍‌ମାନଙ୍କ ପ୍ରତି ଅପ୍ରତିହତ ଆକର୍ଷଣ । ସେମାନଙ୍କୁ ଦେଖି ଦେଲେ ସେ ଆନନ୍ଦରେ ଅଧୀର ହୋଇଯାଏ । ତେଣୁ ସମସ୍ୟାର ସମାଧାନ ପାଇଁ ଗୋଟିଏ ସୁନ୍ଦର ଉପାୟ ଅଛି । ଜନ୍‌କୁ ଆମ ଘରକୁ ନେଇ ଆସିବା । ଶ୍ରଦ୍ଧାର ଯେତେବେଳେ ଇଚ୍ଛା ହେବ ଆମ ଘରକୁ ଆସି ଜନ୍ ସହିତ ସମୟ ବିତାଇ ପାରିବ, ତାକୁ ମନ ଭରି ସ୍ନେହ ଆଦର କରିବ । ଆମ ଘରେ ଥିବା ଶୁଆ "ମଇନା"କୁ ତୁମ ଘରକୁ ନେଇଯାଅ । ମଇନାର ମେଳରେ ସେ ଜନ୍‌ର ଅନୁପସ୍ଥିତିର ଯନ୍ତ୍ରଣାକୁ ଅନେକାଂଶରେ ଭୁଲିଯିବ ।

ମାଆଙ୍କ ପ୍ରସ୍ତାବରେ ଅନିଚ୍ଛା ସତ୍ତ୍ୱେ ଶ୍ରଦ୍ଧା ଜନ୍ ବଦଳରେ ମଇନାକୁ ନେବାକୁ ରାଜି ହେଲା । ଶ୍ରୀମାନ୍‌ଙ୍କ ଘରକୁ ମଇନା ଆସିଲା ପରେ ଅଶାନ୍ତି ଓ ଅସନ୍ତୋଷର ଧୂଆଁ ସ୍ଥାନରେ ଶାନ୍ତି ଓ ଆନନ୍ଦର ଫୁଲ ଫୁଟି ଉଠିଲା । ଦୁଇ ବର୍ଷ ପର୍ଯ୍ୟନ୍ତ ଦାମ୍ପତ୍ୟ ଜୀବନର ତରୀ ସୁଖ, ସନ୍ତୋଷର ତଟିନୀରେ ନିର୍ବିଘ୍ନରେ ଭାସିବାକୁ ଲାଗିଲା । ମଇନାର 'ଶ୍ରୀମାନ୍' 'ଶ୍ରୀମାନ୍' ଡାକ ଶ୍ରୀମାନଙ୍କ ହୃଦୟ ତନ୍ତ୍ରୀରେ ଏକ କମନୀୟ ସ୍ପର୍ଶର ଚମକ ଭରି

Source: Author, Digitized by PPRACHIN, SOA

ଦେଉଥିଲା । ତାଙ୍କ ହୃଦୟ, ମନ ଓ ସ୍ନାୟୁର କୋଣ ଅନୁକୋଣରେ ଅହେତୁକ ମମତାର ଅନ୍ତଃସଲିଳା ଫଲ୍ଗୁ ଅବାରିତ ଭାବରେ ବହିଚାଲିଲା । ମିଠା ମିଠା ଖୁସିର ବର୍ଣ୍ଣାଳୀର ପ୍ରତିଫଳନ ତାଙ୍କ ମୁହଁ, ଆଖି ଓ ହସରେ ଭରିଯାଉଥିଲା । ମଇନା ପ୍ରତି ତାଙ୍କର ଆତ୍ମୀୟତା, ସମ୍ବେଦନଶୀଳତା ଦ୍ରୁତ ଗତିରେ ବଢ଼ି ଚାଲୁଥିବା ସେ ଅନୁଭବ କରୁଥାନ୍ତି ।

ସେଦିନ ରବିବାର । ଲଞ୍ଚ୍ ପ୍ରସ୍ତୁତ କରି ସାରି ଶ୍ରଦ୍ଧା ବାପଘରକୁ ବରମୁଣ୍ଡା ଯାଇଥାନ୍ତି । ଶ୍ରୀମାନ୍ ଲଞ୍ଚ୍ ସାରି ନିଘୋଡ଼ ନିଦରେ ଶୋଇଯାଇଥାନ୍ତି । ସେ ସ୍ୱପ୍ନରେ ଦେଖିଲେ, ମଇନା କଇଁ କଇଁ ହୋଇ କାନ୍ଦୁଛି । ତାକୁ ପଞ୍ଜୁରିରୁ ମୁକ୍ତ କରିଦେବା ପାଇଁ କାକୁତି ମିନତି କରି ନେହୁରା ହେଉଛି । ସେ କହୁଛି- ବାବୁ, ମୋତେ ଛାଡ଼ିଦିଅ । ମୁଁ ଖୋଲା ଆକାଶରେ ଡେଣା ହଲାଇ ପବନରେ ଦୋଳିରେ ଝୁଲି ଝୁଲି ଖେଳିବାକୁ ଚାହେଁ । ପ୍ରଥମ ବର୍ଷାର ସ୍ପର୍ଶରେ ମୁଁ ରୋମାଞ୍ଚିତ ହେବାକୁ ଚାହେଁ । ମୋତେ ମୁକ୍ତ କରିଦିଅ । ମୁଁ ତମର ଚିର ଋଣୀ ହୋଇଯିବି । ଜଗଦୀଶ୍ୱରଙ୍କ ଚରଣରେ ପ୍ରାର୍ଥନା କରିବି । ଶ୍ରଦ୍ଧାମାଙ୍କ କୋଳ ପୂରି ଉଠିବ । ଶିଶୁଟିର ଦରୋଟି ହସରେ ଆପଣଙ୍କ ଘର ହସି ଉଠିବ । ତାର ଠୁକୁରୁ ଠୁକୁରୁ ଚାଲି ସାଙ୍ଗରେ ତାଳ ଦେଇ ଆପଣଙ୍କ ଓ ଶ୍ରଦ୍ଧା ମାଆଙ୍କ ମନ ଓ ହୃଦୟବି ଆନନ୍ଦରେ କୁରୁଳି ଉଠିବ । ଏ ଶୂନ୍ୟ ପରିବେଶ ପୂର୍ଣ୍ଣ ହୋଇଯିବ । ଅନନ୍ୟ ଆନନ୍ଦର ଲହଡ଼ି ଏ ଘରର କୋଣ ଅନୁକୋଣକୁ ଗୁରୁଣ୍ଡି ଗୁରୁଣ୍ଡି ପଶିଆସିବ । ବାବୁ ମୋତେ ମୁକ୍ତି ଦିଅ । ମୁକ୍ତିର ଆନନ୍ଦ ଅନୁପମ, ଅତୁଳନୀୟ ।

ଧଡ୍ କରି ପିଞ୍ଜରା ପଡ଼ି ଯିବାର ଶବ୍ଦରେ ଶ୍ରୀମାନ୍‌ଙ୍କର ନିଦ ଭାଙ୍ଗିଗଲା । ଧଡ଼ପଡ଼ ହୋଇ ଉଠି ମୁହଁ ଧୋଇ ମଇନା ପାଖକୁ ତରତର ହୋଇ ଗଲେ । ଅପଲକ ନୟନରେ ମଇନାକୁ ଅନାଇ ରହିଥାନ୍ତି । ଚାରି ଚକ୍ଷୁର ମିଳନ । ଏ କ'ଣ ? ମଇନା ଆଖିରେ ବେଦନାର ଲୁହ । ତାଙ୍କର ମନେ ହେଲା, ସ୍ୱପ୍ନରେ ଯାହା ଶୁଣିଥିଲେ, ମଇନା ନିରବରେ ସେ ସବୁ ପୁଣି ଅନର୍ଗଳଭାବରେ କହିଚାଲିଛି । ତାଙ୍କ ହୃଦୟ ଶରବିଦ୍ଧ, ମନ ଅନୁତାପର ଦାବାନାଳରେ ଦଗ୍ଧୀଭୂତ, ମୁହଁରେ ଉଦାସର ଛାୟା ।

ଶ୍ରଦ୍ଧା ଆସିବା ପରେ ଶ୍ରୀମାନ୍ ତାଙ୍କୁ କହିଲେ- ମୁଁ ଭାବୁଛି ମଇନାକୁ ଖୋଲା ଆକାଶରେ ଉଡାଇଦେବା । ପଞ୍ଜୁରୀର ଚାରିକାନ୍ଥ ଭିତରେ ସେ ଅଣନିଶ୍ୱାସୀ ହୋଇଯାଉଛି ।

Source: Author, Digitized by PPRACHIN, SOA

ମଇନାର ଆଖିରେ ମୁଁ ଆଖି ମିଳାଇ ପାରୁନି । ତାକୁ ଦେଖିଦେଲେ ଅପରାଧବୋଧର ବିଷ ମୋ ତନୁ , ମନରେ ସଞ୍ଚରି ଯାଉଛି ।

ଶ୍ରଦ୍ଧା ଚିହିରି ଉଠିଲେ – ତୁମେ କହିଲ ବୋଲି ମୁଁ ମୋ ପ୍ରିୟ ଜନ୍‌କୁ ଛାଡ଼ି, ମଇନାକୁ ଆଣିଲି । ତଥାପି ତା ଉପରେ ତୁମର ଆଖି । ତମେ ଭଲ କରି ଜାଣିଛ, ପେଟ୍‌ଙ୍କ ପାଇଁ ମୋର ଅପରିସୀମ ଦୁର୍ବଳତା । ଏମାନଙ୍କ ବିନା ମୋ ଜୀବନ ନୀରସ, ଶୁଷ୍କ, ନିରର୍ଥକ । ମୁଁ ସମସ୍ତଙ୍କୁ ଛାଡ଼ି ରହିପାରିବି । ପେଟ୍‌ଙ୍କୁ ଛାଡ଼ି ରହିପାରିବିନି । ପେଟ୍‌ଙ୍କ ବିନା ଦିନର ଆଲୁଅରେବି ମୋ ଘରିକଡ଼େ ଅନ୍ଧାର ମାଡ଼ି ଆସିବ । ଏତିକି କଥା କହିଲା ବେଳେ ଶ୍ରଦ୍ଧାର ଆଖିରେ ଲୁହ ଟଳମଳ ହେଉଥିଲା ।

ଶ୍ରୀମାନ୍ ଶ୍ରଦ୍ଧାକୁ ବୁଝାଇ କହିଲେ – ବିବାହ ଚାରି ବର୍ଷରୁ ଉର୍ଦ୍ଧ୍ୱ ଅତିବାହିତ ହେଲେବି ଆମ ଘରକୁ ସନ୍ତାନଟିଏ ଆସି ପାରିନି । ମୋର ମନ କହୁଛି, ମଇନାକୁ ମୁକ୍ତ କରିଦେଲେ ସନ୍ତାନର ଖୁସିରେ ଆମ ଘର ହସି ଉଠିବ । ଜୀବନକୁ ସରସ, ସୁନ୍ଦର କରିବାକୁ ହେଲେ ଘରି ପାର୍ଶ୍ୱର ନିଷ୍ପାପ, ହୃଦୟବାନ୍ ପ୍ରାଣୀମାନଙ୍କର ଶୁଭେଚ୍ଛା ଓ ଆଶୀର୍ବାଦ ନିହାତି ଜରୁରୀ । ଘରର ଚାରିକାନ୍ଥ ଭିତରେ ମଇନାର ବେଦନା, ଯନ୍ତ୍ରଣା ଓ ଦୀର୍ଘଶ୍ୱାସ ହୁଏତ ଆମ ଜୀବନର ସୁଖ ସନ୍ତୋଷରେ ମେଘଦାନ ପାଚେରି ହୋଇ ଠିଆ ହେଉଛି । ଏକ ସରଳ, ନୀରିହ, ନିଷ୍ପାପ ପ୍ରାଣୀର ମୁକ୍ତି ପାଇଁ ନିରବ ଆର୍ତ୍ତନାଦ ଆମ ଘରର ବାୟୁମଣ୍ଡଳକୁ ଯନ୍ତ୍ରଣାସିକ୍ତ କରି ଦେଉଛି । ଯନ୍ତ୍ରଣା ଜର୍ଜରିତ ପରିବେଶରେ ସୁଖ, ସନ୍ତୋଷ, ଆନନ୍ଦର କଳକଳ ନାଦିନୀ ଛଳ ଛଳ ଝରଣା ପ୍ରବାହିତ ହେବା ଅସମ୍ଭବ । ଘରର ପରିବେଶରେ ଦୀର୍ଘଶ୍ୱାସ ଓ ଯନ୍ତ୍ରଣାର ନିଆଁ ହୁତୁହୁତୁ ହୋଇ ଜଳିଲେ ଜୀବନ ଦୁର୍ବିସହ ହୋଇପଡ଼ିବ । ମୋ କାନରେ ମଇନାର କଇଁ କଇଁ କାନ୍ଦ ସବୁବେଳେ ପ୍ରତି ଧ୍ୱନିତ ହେଉଛି ।

ଏ ସବୁ କଥା କହିଲାବେଳେ ଶ୍ରୀମାନ୍‌ଙ୍କ ସ୍ୱର ଓ ଆଖି ଓଦା ହୋଇଯାଉଥିଲା । ଶ୍ରଦ୍ଧା ରାଗରେ ଗର ଗର ହୋଇ କହିଲା– ଏହା ତୁମର ଅନ୍ଧବିଶ୍ୱାସ । ନିମ୍ନ ମଧ୍ୟବିତ୍ତ ମାନସିକତା । ମଇନା ଏଠାରେ ରହିଛି ଓ ରହିବ । ଏହାକୁ ମୁକ୍ତ କଲେ ମୁଁ ପ୍ରଳୟ କରିଦେବି । – ଏହା କହିଲାବେଳେ ତା କଣ୍ଠରେ ଦୃଢ଼ତା ଓ ଅନମନୀୟତା ସ୍ପଷ୍ଟ ବାରି

Source: Author, Digitized by PPRACHIN, SOA

ହୋଇ ପଡ଼ିଥିଲା ।

ସେଦିନ ସ୍ୱାଧୀନତା ଦିବସ । ଅଗଷ୍ଟ ୧୫ । ଶ୍ରଦ୍ଧା ୧୫ ଦିନ ପାଇଁ ବାପ ଘରକୁ ଯାଇଥାନ୍ତି । ଶ୍ରୀମାନ୍ ନିଜକୁ ଦୃଢ଼ କଲେ । ନିଜର ଇଚ୍ଛା ଓ ମତକୁ ଜାହିର କରିବାକୁ ତାଙ୍କ ମନ ଓ ଦେହରେ ଶକ୍ତି ସଞ୍ଚାର ହେଲା । ମୁକ୍ତି ପାଇଁ ମଇନାର ଆକୁଳ ନିବେଦନ ତାଙ୍କ ମନ ଓ ହୃଦୟରେ ଝଡ଼ ସୃଷ୍ଟି କରୁଥିଲା । ସେ ସ୍ୱାଧୀନତା ଦିବସର ପବିତ୍ର ଦିବସରେ ମଇନାକୁ ସ୍ୱାଧୀନ କରିଦେଲେ । ମୁକ୍ତ ମଇନା ଆକାଶରେ ଆନନ୍ଦର ଆତିଶଯ୍ୟରେ କଳରୋଳ କରି ଉଡିବୁଲୁଥିଲା । ଶ୍ରୀମାନ୍‌ଙ୍କ ମନରେ କେତେ ଆନନ୍ଦ, କେତେ ଆତ୍ମସନ୍ତୋଷ, କେତେ ପରିତୃପ୍ତି ! ମୁହଁରେ ତୋଫା ଜହ୍ନର ରୂପେଲି ଆଲୁଅ, ହସରେ ପେନ୍ଥା ପେନ୍ଥା ଫୁଲର ରଙ୍ଗିନ ରୋଶଣି ।

ଆଜି ଅଗଷ୍ଟ ୩୧ । ପନ୍ଦରଦିନ ବାପଘରେ ଆନନ୍ଦରେ ଅତିବାହିତ କରି ସୁନ୍ଦର ଗାଢ଼ ବାଇଗଣୀ ରଙ୍ଗର ଶାଢ଼ି, ଅଳଙ୍କାର ଓ ପ୍ରସାଧନରେ ସଜେଇ ହୋଇ ଶ୍ରଦ୍ଧା ଘରକୁ ଫେରୁଛନ୍ତି । ଫାଟକ ଖୋଲି ଘର ଆଡ଼କୁ ଆସୁଛନ୍ତି । ମୁହଁରେ ଖିଲି ଖିଲି ହସର ବର୍ଣ୍ଣାଢ଼୍ୟ ଇନ୍ଦ୍ରଧନୁ । ଆଖିରେ ବିଜୟ ବୈଜୟନ୍ତୀର ନିରବ ପ୍ରତିଫଳନ । ତନୁ, ମନ ପୁଲକିତ, ରୋମାଞ୍ଚିତ । ସତେଯେପରି ସ୍ୱପ୍ନ ଓ କଳ୍ପନାର ନିଧୁବନ ଘନକୃଷ୍ଣ ମେଘଖଣ୍ଡେ ପବନ ଦୋଳିରେ ହଲି ହଲି ଘରକୁ ପଶିଆସୁଛି ।

ଅନେକ ଦିନ ପରେ ବନାରସୀ ପାଟ, ସ୍ୱର୍ଣ୍ଣଅଳଙ୍କାର ଓ ପ୍ରସାଧନରେ ସଜ୍ଜିତା ଶ୍ରଦ୍ଧାର କମନୀୟ ଅବୟବ ଓ ରୂପ ଲାବଣ୍ୟ ଦେଖି ଶ୍ରୀମାନ୍ ବିମୋହିତ ହୋଇଯାଇଥିଲେ । ସ୍ୱପ୍ନର ରଙ୍ଗିନ ଦୁନିଆରୁ ନିଜକୁ ଫେରାଇଆଣି ପ୍ରକୃତିସ୍ଥ ହେଲେ । ନିଛକ ବାସ୍ତବତାକୁ ସାମ୍ନା କରିବାକୁ ନିଜକୁ ପ୍ରସ୍ତୁତ କଲେ । ଆଖି ଆଗରେ ଘୂର୍ଣ୍ଣିଝଡ଼ର ପ୍ରଳୟଙ୍କରୀ ରୂପ ତାଙ୍କୁ ସ୍ପଷ୍ଟ ଦେଖାଯାଉଥିଲା ।

ସ୍ନେହ ମମତାରେ ଉଚ୍ଛୁଳି ଉଚ୍ଛୁଳି ଶ୍ରଦ୍ଧା ପ୍ରଥମେ ମଇନା ପାଖକୁ ଯିବ । "ମଇନା କେମିତି ଅଛୁ ? ମୁଁ ନଥିଲା ବେଳେ କ'ଣ କରୁଥିଲୁ ? ଖାଇଛୁନା ନାହିଁ ?ମୁଁ ପଳେଇଥିଲି ବୋଲି କ'ଣ ମୋ ଉପରେ ଅଭିମାନ କରିଛୁ ?" ଏମିତି ଆବୁରୁ ଜାବୁରୁ ବାକ୍ୟ ଗୁଡ଼ିକର ଫୁଲ ତୋଡ଼ା ଓଜାଡ଼ି ଦେବ ଲୁହାର ପିଞ୍ଜରା ଉପରେ । ପାଖକୁ ଯାଇ ଦେଖିବ

Source: Author, Digitized by PPRACHIN, SOA

ପିଞ୍ଜରା ଶୂନ୍ୟ । ମଇନା ମୁକ୍ତ । ତା ମନ ଆକାଶକୁ ଦୋହଲାଇ ଦେବ ଘଡ଼ଘଡ଼ି, ବିଜୁଳି ଆଉ ଅଣଚାଶ ପବନ । କେଇକ୍ଷଣ ଆଗରୁ ଢ଼ଳଢ଼ଳ ହୋଇ ବହିଯାଉଥିବା ତଟିନୀ ପୂର୍ଣ୍ଣଗର୍ଭା ହୋଇ ବନ୍ଧ ବାଡ଼ ଡେଇଁ ପ୍ରଳୟ ସୃଷ୍ଟି କରିବ । ରାଗ, ଦ୍ୱେଷ, ଅଭିମାନର ଉତପ୍ତ ଲାଭା କଳିଜା ଫଟା ଶବ୍ଦ ହୋଇ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହେବ ।

ଶ୍ରୀମାନ୍ ଆସନ୍ନ ପ୍ରଳୟର ମୁକାବିଲା କରିବା ପାଇଁ ନିଜ ମନ ଓ ହୃଦୟକୁ ସଜାଡ଼ି ନେଉଥିଲେ । ଏହି ପ୍ରଳୟକୁ ପ୍ରତିରୋଧ କରିବା ପାଇଁ ନିରବତା ହେଉଛି ଅମୋଘ ଅସ୍ତ୍ର । ସେ ପାଲଟିଯିବେ ପାଷାଣର ଢ଼ାଲ । ତୂଣୀରରୁ ତୀବ୍ର ଗତିରେ ଆସୁଥିବା ପଞ୍ଜରାଭେଦୀ ତୀରଗୁଡ଼ିକ ପାଷାଣରେ ବାଜି ଶକ୍ତିହୀନ ହେବ । ନାରୀର କ୍ରୋଧ ନିୟନ୍ତ୍ରଣର କଳାରେ ଶ୍ରୀମାନ୍ ଦକ୍ଷ କଳାକାର ଥିଲେ । ନାରୀ କହି କହି, ଗାଳି ଦେଇ ଦେଇ କ୍ଲାନ୍ତ ହେଲେ ମନକୁ ମନ ନିର୍ବାକ ହୋଇଯିବ । ଉତ୍ତରରେ ସିନା ପ୍ରତ୍ୟୁତ୍ତର, ବିରୋଧରେ ସିନା ରଣ ହୁଙ୍କାର, ଆକ୍ଷେପରେ ସିନା ପ୍ରତିଆକ୍ଷେପ । କିନ୍ତୁ ନିରବତାର ଅସ୍ତ୍ର ପ୍ରତିପକ୍ଷକୁ ନିରସ୍ତ୍ର କରିଦିଏ । ପ୍ରେରକ ପ୍ରତିପକ୍ଷକୁ ଶକ୍ତ ଶବ୍ଦରେ ଯେଉଁ ଆକ୍ରମଣ କରେ, ପ୍ରତିପକ୍ଷ ତାକୁ ଗ୍ରହଣ ନକଲେ ତା ସ୍ୱତଃ ପ୍ରେରକ ପାଖକୁ ଫେରିଯାଏ । ଦଶଭୂଜା ମାଆ ଦୁର୍ଗା ସାଜି ଶ୍ରଦ୍ଧା ପ୍ରଳୟ ରଚନା କରୁଥିବା ସମୟରେ ସେ ଦୋଷ ସ୍ୱୀକାର କରିଯାଇଥିବା ଓ ଦଣ୍ଡ ପାଇଁ ପ୍ରସ୍ତୁତ ହୋଇଥିବା ଆସାମୀ ପରି ନିରବରେ ଠିଆ ହେବା ପାଇଁ ସ୍ଥିର କରିଥିଲେ ।

ଶୂନ୍ୟ ପଞ୍ଜୁରୀକୁ ଦେଖି ଶ୍ରଦ୍ଧା ଶ୍ରୀମାନ୍‌ଙ୍କ ଛାତି ଉପରେ ଲୋଟେଇ ପଡ଼ିଲେ । ଆଖିରୁ ଅଦିନିଆ ବର୍ଷା ପରି ଟପ୍ ଟପ ଲୁହ ଝରି ପଡୁଥିଲା । ସେ କଇଁ କଇଁ ହୋଇ ମନ ଭରି କାନ୍ଦୁଥିଲେ । ଶ୍ରୀମାନଙ୍କ ସାର୍ଟ ଓ ଗଞ୍ଜି ଶ୍ରଦ୍ଧାର ଲୁହରେ ଭିଜି ଯାଉଥିଲା । ସେ ବିସ୍ମିତ ନୟନରେ ଅନାଇ ରହିଥିଲେ ଶ୍ରଦ୍ଧାଙ୍କୁ । ଶ୍ରଦ୍ଧା ତାଙ୍କୁ ଦୁଇ ହାତରେ ଜାବୁଡ଼ି ଧରି ଥିଲେ । ଶ୍ରଦ୍ଧାର ଏଭଳି ଅବିଶ୍ୱାସନୀୟ ପ୍ରତିକ୍ରିୟା ଦେଖି ସେ ନିର୍ବାକ ହୋଇଯାଇଥିଲେ । ତାଙ୍କ ଆଖିରେ ପ୍ରଶ୍ନବାଚକ ଚିହ୍ନ ଗୁଡା ଭିଡ଼ ଜମେଇ ସାରିଥିଲେ ।

ଭଙ୍ଗା ଭଙ୍ଗା କଣ୍ଠରେ ଥରିଲା ଥରିଲା ଓଠରେ ଶ୍ରଦ୍ଧା କହିଲା – ତମେ ମଇନାକୁ ମୁକ୍ତ କରିଦେବା କଥା କହିବାରୁ ତୁମକୁ ମୁଁ କେତେ ଗାଳି ଦେଇଥିଲି । କିନ୍ତୁ ତୁମେ ଯାହା

Source: Author, Digitized by PPRACHIN, SOA

କହୁଥିଲ ସତ୍ୟ । ତମେ ମଇନାକୁ ମୁକ୍ତ କରିଦେଲ ବୋଲି ମୁଁ ଆଜି ମା' ହେବାକୁ ଯାଉଛି । ଆଜି ସକାଳେ ଦେହ ଅସୁସ୍ଥ ଲାଗିବାରୁ ମା' ସହିତ ଡାକ୍ତରଙ୍କ ପାଖକୁ ଯାଇଥିଲି । ସେ କହିଲେ ମୁଁ ଗର୍ଭବତୀ । ତମେ ଯେଉଁଦିନ ମଇନାକୁ ମୁକ୍ତ କରିଦେଲ, କାମବାଲି ମୀନା ମୋତେ ମୋବାଇଲ୍‌ରେ ଜଣାଇ ଦେଇଥିଲା । ଘରକୁ ଫେରିବା ପରେ ତୁମ ଉପରେ ପ୍ରତିଶୋଧ ନେବି ବୋଲି ମନେ ମନେ ଭାବୁଥିଲି । ଆଜି ମୁଁ ଅନୁତପ୍ତ । ତୁମ ପାଦ ଧରି ମୋର ଦୋଷ ପାଇଁ କ୍ଷମା ମାଗୁଛି । ମଇନାକୁ ମୁକ୍ତ କରି ତୁମେ ମୋ ପାଇଁ ଯେଉଁ ଆଶୀର୍ବାଦର ଭେଟି ଦେଇଛ, ମୁଁ ତାହା ଜୀବନ ସାରା ଭୁଲିବିନି ।

ଆନନ୍ଦର ଆତିଶଯ୍ୟରେ ଶ୍ରଦ୍ଧାକୁ ଶ୍ରୀମାନ୍ କୋଳକୁ ଆଉଜେଇ ନେଲେ । ଶ୍ରୀମାନ୍ ଅସରନ୍ତି ଭଲ ପାଇବା ଶ୍ରଦ୍ଧା ଉପରେ ଅଜାଡ଼ି ଦେଉଥିଲେ । ସ୍ନେହ, ମମତା ଓ ଆନ୍ତରିକତାର ନରମ ସ୍ପର୍ଶରେ ତାର କେଶ ସାଉଁଳେଇ ଥିଲେ । ଶ୍ରୀମାନ୍‌ଙ୍କ ଗଭୀର ଆଶ୍ଳେଷ ଭିତରେ ଶ୍ରଦ୍ଧାଙ୍କର ମୁହଁରୁ ଉଛୁଳି ପଡୁଥିଲା ପ୍ରାପ୍ତି, ପରିପୂର୍ତ୍ତି, ପରିତୃପ୍ତି, ପରିପୂର୍ଣ୍ଣତାର ଆଞ୍ଜୁଳା ଆଞ୍ଜୁଳା ଜ୍ୟୋସ୍ନା । ଶ୍ରଦ୍ଧା ଜଠରରେ ଖେଳୁଥିବା ଶିଶୁଟିକୁ ନେଇ ନୂଆ ସ୍ୱପ୍ନରେ ବିଭୋର ହେଉଥିଲା ।

(କଥା କଳିକାର ମେ ୨୦୨୨ ସଂଖ୍ୟାରେ ପ୍ରକାଶିତ)

Source: Author, Digitized by PPRACHIN, SOA

ପୁନରାବୃତ୍ତି

ସନ୍ଦୀପର ଏକମାତ୍ର ଭଉଣୀ ଦେବଯାନୀର ଆଜି ବାହାଘର । ସେହି ଉପଲକ୍ଷେ ହୋଟେଲ ନିଉ ମାରିଅନ୍ ଏକ ରୂପସୀ ଷୋଡ଼ଶୀ ଭଳି ସଜେଇ ହୋଇ ପ୍ରତୀକ୍ଷା କରିଛି ବର ଓ ବରଯାତ୍ରୀମାନଙ୍କୁ । ରିସେପ୍ସନ୍‌ରେ ଯୋଗ ଦେଇଥିବା ବନ୍ଧୁବାନ୍ଧବ, ସମ୍ପର୍କୀୟ ଲୋକ ଓ ସାଙ୍ଗସାଥୀ ଡିନର୍ ସାରି ଘରକୁ ଫେରିଗଲେଣି । ସନ୍ଦୀପର ପରିବାରର ଲୋକେ ନିକଟ ସମ୍ପର୍କୀୟ ଲୋକମାନେ ହୋଟେଲର ରାଜକୀୟ ସୋଫା ଉପରେ ବର ଓ ବରଯାତ୍ରୀଙ୍କୁ ଅପେକ୍ଷା କରି କରି ଢୋଳେଇ ପଡ଼ିଛନ୍ତି । ବର ଏକ ଧନାଢ଼୍ୟ, ସମ୍ଭ୍ରାନ୍ତ ପରିବାରର ସନ୍ତାନ । ଦେଖିବାକୁ ସୁନ୍ଦର, ଆକର୍ଷଣୀୟ ବ୍ୟକ୍ତିତ୍ୱ । କାନପୁର ଆଇଆଇଟିରୁ ପିଏଚ୍‌ଡି କରି ଆମେରିକାର ହାର୍ଭାର୍ଡ଼ ୟୁନିଭର୍ସିଟିରେ ପ୍ରଫେସର ଭାବରେ ଅବସ୍ଥାପିତ । ଭାଗ୍ୟରେ ଥିଲେ ଏଭଳି ପ୍ରସ୍ତାବ ମିଳେ ବୋଲି ସମସ୍ତେ କୁହାକୁହି ହେଉଥାନ୍ତି ।

ସନ୍ଦୀପର ବାପା, ମାଆ, ମାମୁ, ମଉସା, ସନ୍ଦୀପ ଓ ସନ୍ଦୀପର ସାଙ୍ଗ ଦେବବ୍ରତ ଅତି ଉତ୍ସୁକତାର ସହ ବରଘରର ଉତ୍ତରକୁ ଅପେକ୍ଷା କରି ବସିଛନ୍ତି । ବାହାଘରର ମୁଖ୍ୟ ଉଦ୍ୟୋକ୍ତା ଦେବବ୍ରତ, ଦେବଯାନୀର ଭାବୀ ଶ୍ୱଶୁରଘର ଲୋକଙ୍କୁ ଫୋନ୍ ମାଧ୍ୟମରେ କଥା ହେବାପାଇଁ ନିରବଚ୍ଛିନ୍ନ ଉଦ୍ୟମ କରି ଚାଲିଛନ୍ତି । ଦେବବ୍ରତକୁ ଘେରି ରହିଛନ୍ତି ସନ୍ଦୀପର ବାପା, ମାଆ ଓ ସନ୍ଦୀପ । ଚାରୋଟି ଫୋନ୍‌ରୁ ଦୁଇଟି ଫୋନ୍ ସୁଇଚ୍ ଅଫ୍, ଆଉ ଦୁଇଟି ଫୋନ୍ ରିଂ ହେଉଛି । କେହି ଉଠାଉ ନାହାନ୍ତି । କେଇଘଣ୍ଟା ପୂର୍ବରୁ ଆସିବେ ଆସିବେ ବୋଲି ପ୍ରତିଶ୍ରୁତି ଦେଇ ଆସୁଥିଲେ । ଏବେ କିନ୍ତୁ ନିରବ । ସେଥିପାଇଁ ସମସ୍ତେ ବ୍ୟସ୍ତ, ବିବ୍ରତ, ଚିନ୍ତାଗ୍ରସ୍ତ । ଏହି ସମୟରେ ଦେବଯାନୀର ଭାବୀ ଶ୍ୱଶୁର ଫୋନ୍ କରି ଜଣାଇଲେ ଯେ ସେମାନେ ଆଜି ଆସୁନାହାନ୍ତି । ତାଙ୍କ ପୁଅ ଏକ ଆମେରିକାର ଝିଅ ସଙ୍ଗେ ବିବାହ କରିବା ନିଷ୍ପତ୍ତିରେ ଅଟଳ । ଏ ଖବର ପାଇ ନିଉ ମେରିଅନ ହୋଟେଲର ସେହି ପରିବେଶରେ ଶୋକର ଛାୟା ଖେଳିଗଲା । ବର୍ତ୍ତମାନ ପରିସ୍ଥିତିରେ କିପରି ସମସ୍ୟାର ସମାଧାନ ହେବ, ସେଇ ଚିନ୍ତାରେ ସମସ୍ତେ

Source: Author, Digitized by PPRACHIN, SOA

ମ୍ରିୟମାଣ । ସମସ୍ତଙ୍କର ନୟନ ଯୁଗଳ ଲୋତକାପ୍ଲୁତ । ମୁହଁ ଆକାଶରେ କଳାହାଣ୍ଡିଆ ମେଘ ଯେପରି ଘୋଟି ଆସିଛି । ସମସ୍ତଙ୍କ ମନ ସମୁଦ୍ରର ଢେଉ ପରି ଅସ୍ଥିର, ଅଧୀର ଓ ଉଦଗ୍ରୀବ । ସନ୍ଦୀପର ମା' ପାଷାଣ ପ୍ରତିମା ପରି ସ୍ଥାଣୁ ଓ ନିର୍ବାକ । ଅଦିନିଆ ବର୍ଷା ପରି ଟୋପା ଟୋପା ଲୁହ ଝରିପଡୁଥିଲା ଆଖିରୁ । ବୁଡ଼ି ଅଞ୍ଚଳ ପରି ଦିଶୁଥିଲା ସମସ୍ତଙ୍କ କାନ୍ଦ କାନ୍ଦ ମୁହଁ । ଆଖିର ଶ୍ରାବଣ ବନ୍ଧବାଡ଼ ମାନୁନଥିଲା ।

ଦେବବ୍ରତ ଓ ସନ୍ଦୀପ ଦୁଇଜଣ ଅନ୍ତରଙ୍ଗ ବନ୍ଧୁ । ଆଇଏ ଠାରୁ ଏମ୍ଏ ପର୍ଯ୍ୟନ୍ତ କ୍ଲାସ୍‌ମେଟ୍ । ଶେଷରେ ଦୁଇଜଣଯାକ ଏକ ସଙ୍ଗରେ ଓଏଏସ୍ ପାଇଲେ । ସନ୍ଦୀପ୍ ଓ ଦେବବ୍ରତ ଯଥାକ୍ରମେ କେନ୍ଦୁଝର ଓ ଭୁବନେଶ୍ୱରରେ ଅବସ୍ଥାପିତ ହୋଇଛନ୍ତି । ସନ୍ଦୀପର ବାପା ଅବସରପ୍ରାପ୍ତ ଏକ୍‌ଜ୍ୟୁକୁଟିଭ୍ ଇଞ୍ଜିନିୟର । ତାଙ୍କର ଗୋଟିଏ ପୁଅ ସନ୍ଦୀପ ଓ ଗୋଟିଏ ଝିଅ ଦେବଯାନୀ । ଭୁବନେଶ୍ୱରର ବିଜେବି ନଗରରେ ସୁଦୃଶ୍ୟ ଅଟ୍ଟାଳିକା । ଦେବଯାନୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତିର ବିଜ୍ଞାନରେ ଏମ୍ଏ ସାରି ସେଠାରେ ଏବେ ଏମ୍‌ଫିଲ୍ କରୁଛି ।

ଦେବବ୍ରତର ଗାଁ ଯାଜପୁର ଟାଉନ୍ ନିକଟସ୍ଥ ପାଟପୁର । ଚାଷବନ୍ଧି ପରିବାର । ତା'ର ବାପା ଓ ମା' ମାଟିରେ ମାଟି ହୋଇ ଅକ୍ଳାନ୍ତ ପରିଶ୍ରମ କରି ବିଭିନ୍ନ ପରିବାପତ୍ର ଜମିରେ ଫଳାଇ ବିକ୍ରି କରନ୍ତି । ତାଙ୍କର ଝାଳବୁହା ଧନରେ ଦେବବ୍ରତ ମଣିଷ ହୋଇ ଆଜି ଓଡ଼ିଶା ସରକାରଙ୍କର ଉଚ୍ଚପଦସ୍ଥ ଅଫିସର । ସନ୍ଦୀପର ଅନ୍ତରଙ୍ଗ ବନ୍ଧୁ ହିସାବରେ ଦେବବ୍ରତ ସନ୍ଦୀପର ପରିବାରର ସମସ୍ତଙ୍କ ସହ ଘନିଷ୍ଠ ସମ୍ପର୍କ । ସନ୍ଦୀପର ବାପା ସୋମନାଥବାବୁ ଓ ମାଆ ସୌଦାମିନୀ କହନ୍ତି, ଦେବବ୍ରତ ଆମର ତୃତୀୟ ସନ୍ତାନ । ସନ୍ଦୀପର କେନ୍ଦୁଝରରେ ପୋଷ୍ଟିଂ ବିଷୟ ଶୁଣି ସୋମନାଥବାବୁ ଓ ସୌଦାମିନୀ ଭାଙ୍ଗି ପଡ଼ିଥିଲେ । ସଂସାରରେ ଭାର ସମ୍ଭାଳିବାକୁ ସେମାନଙ୍କ ବଳ କିମ୍ବା ବୟସ ନଥିଲା । ତା'ର ପରିବାରର ସମସ୍ତ ଭାର ଦେବବ୍ରତକୁ ଦେଇ ସନ୍ଦୀପ କେନ୍ଦୁଝରକୁ ଯାଇଥିଲା ।

ଦେବବ୍ରତ ତାଙ୍କ ପରିବାରର ଏକ ମଝିଖୁଣ୍ଟ ପରି ଠିଆ ହୋଇଯାଇଥିଲା । ସୋମନାଥବାବୁଙ୍କ ଓ ସୌଦାମିନୀଙ୍କର ଦେହ ପା ଭଲମନ୍ଦରେ ଠିଆ ହୋଇ ଚିକିତ୍ସାର

Source: Author, Digitized by PPRACHIN, SOA

ସମସ୍ତ ବନ୍ଦୋବସ୍ତ କରୁଥିଲା । ସୋମନାଥବାବୁ ଦୁର୍ବଳ ଶରୀରରେ ବାହାରକୁ ବାହାରନ୍ତି ନାହିଁ । ସୌଦାମିନୀ ଦେବୀ ସବୁ ମାର୍କେଟିଂ ଦେବବ୍ରତ ସାଙ୍ଗରେ ଯାଇ କରନ୍ତି । ଚାରି ପାଞ୍ଚ ଦିନ ଦେବବ୍ରତ ତାଙ୍କ ଘରକୁ ନ ଆସିଲେ ସୌଦାମିନୀ ଦେବୀ କହନ୍ତି – ପୁଅ ତମେ ଏତେ ଦିନ ହେବ ଆମ ଘରକୁ ଆସିନ । ଆମକୁ ଲାଗୁଛି ଯେମିତି ଚାରି ପାଞ୍ଚ ମାସ ବିତିଗଲାଣି । ଦେବଯାନୀ ହସି ହସି କବୟତ୍ରୀ ସୁରରେ କହେ – ବୁଝିଲ ଦେବଭାଇ, ତୁମେ ଆମ ଘରକୁ ନ ଆସିଲେ ଆମ ଘରକୁ ଫଗୁଣ ଆସେନା । ଆମ ବଗିଚାରେ ବୃକ୍ଷମାନେ ତମ ବିରହରେ ପତ୍ରଝଡ଼ା ଆରମ୍ଭ କରନ୍ତି । ଦେବବ୍ରତ କୌତୁକ କରି କହେ- କବୟିତ୍ରୀ ମହାଶୟା, ତୁମେ ଆଉ କବିତା ଆବୃତ୍ତି କରନି । ସାହିତ୍ୟ ସ ଅକ୍ଷର ନ ଜାଣିଥିବା ଏ ଯୁବକ ପାଖରେ କାଲ ପାଖରେ ମୂଳା ଚୋବାଇବା ଭଳି ଶୁଭୁଛି ।

ତାପରେ ଦେବଯାନୀକୁ ଫୁସ୍‌ଫୁସ୍ କରି କହନ୍ତି- ଘରେ ବଢ଼ିଲା ଝିଅ । ସବୁଦିନ ଆସିଲେ, ଲୋକ କହିବେ ଏ ଟୋକା ଲାଇନ୍ ମାରୁଛି । ଲୋକ କ'ଣ ଆମ ଭାଇ ଭଉଣୀର ସମ୍ପର୍କର ଅନାବିଳ ଭାବକୁ ହୃଦୟଙ୍ଗମ କରିବେ ? ସଜ ମାଛରେ ପୋକ ପକାଇଦେବେ ।

ଏହା ଶୁଣି ଦେବଯାନୀ ଉଚ୍ଛୁଳା ହସରେ ଫାଟି ପଡ଼େ ।

ଦେବଯାନୀ ପ୍ରଗଲ୍‌ଭା ଓ ପୂର୍ଣ୍ଣଗର୍ଭା ନଦୀ ପରି ଗାରିମାପୂର୍ଣ୍ଣ । ତା'ର କଥା କହିବାର ଢଙ୍ଗ ଓ ଆଳାପ କରିବାର ଶୈଳୀ ଅନନ୍ୟ, ଅତୁଳନୀୟ । ପୂରିଲା ପୂରିଲା ଗାଲ, ହସିଦେଲେ ଗାଲରେ ଖେଳିଯାଏ ଭଉଁରୀ । ଢଳ ଢଳ କଥା କୁହା ଆଖି । ଭସା ମେଘଟିଏ ହୋଇ ଗୀତ ଗାଇ ଗାଇ ଆକାଶରେ ଖେଳି ଚାଲିଥାଏ । ଶୀତ ସକାଳର ସବୁଜ ପତ୍ରର କାକର ଟୋପା ପରି ଝଲସି ଉଠେ ତା'ର ଆଭାଦୀପ୍ତ ମୁଖମଣ୍ଡଳ । ଘନକୃଷ୍ଣ ଆଜାନୁଲମ୍ବିତ କେଶ ତା'ର ଅନ୍ୟତମ ଆକର୍ଷଣ ।

ସନ୍ଦୀପ, ତା'ର ବାପା ଓ ଦେବବ୍ରତ ଉପସ୍ଥିତ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ସାଙ୍ଗରେ ଆଲୋଚନା, ପର୍ଯ୍ୟାଲୋଚନା କଲେ । ସେମାନେ ପରାମର୍ଶ ଦେଲେ ଝିଅ ମଙ୍ଗୁଳା

Source: Author, Digitized by PPRACHIN, SOA

ସରିଛି । ରାତି ଚାରିଟା ପର୍ଯ୍ୟନ୍ତ ସମୟ ଅଛି । ଆପଣମାନେ ତା ପୂର୍ବରୁ ବରପାତ୍ର ସ୍ଥିର କରିଦେଲେ ସମସ୍ୟାର ସମାଧାନ ହେବ ।

ରାତି ଗୋଟାଏ ବେଳେ ସନ୍ଦୀପ୍ ଓ ଦେବବ୍ରତ ଏକ ମଟର ସାଇକେଲ୍‌ରେ ବିଭିନ୍ନ ଜଣାଶୁଣା ଲୋକଙ୍କ ଘରକୁ ଯାଇ ତାଙ୍କ ପୁତ୍ରର ଏ ବାହାଘର ବିଷୟରେ କାକୁତି ମିନତି କରି ଅନୁରୋଧ କଲେ । ସମସ୍ତଙ୍କର ସେହି ଠୋ ଠୋ ଉତ୍ତର - ବାହାଘର କ'ଣ ଖେଳ ଘର ହେଇଛି । ଘଣ୍ଟାକ ଭିତରେ ସମ୍ପନ୍ନ ହେବ । ତମର ଅସୁବିଧା ହୋଇଛି, ତମେ ସମ୍ଭାଳିବ, ଆମକୁ କାହିଁକି କାଦୁଅ ଭିତରକୁ ଟାଣୁଛ ।

ସନ୍ଦୀପ ଓ ଦେବବ୍ରତ ବିଫଳ ମନୋରଥ ହୋଇ ସୋଫା ଉପରେ ବସିପଡ଼ିଲେ । ସମସ୍ତଙ୍କ ମୁଣ୍ଡରେ ଚିନ୍ତାର ପାହାଡ଼ କାୟା ବିସ୍ତାର କରି ଚାଲିଛି । ସନ୍ଦୀପର ମାମୁ ଓ ମଉସା ଯାଇଛନ୍ତି ତାଙ୍କ ଚିହ୍ନା ଜଣା ଭିତରେ ଏକ ବରପାତ୍ର ସନ୍ଧାନରେ । ସେଇମାନଙ୍କ ବାଟକୁ ସମସ୍ତେ ବିକଳ ହୋଇ ଅନାଇ ରହିଛନ୍ତି ।

ଦିନଯାକର ଓ ରାତିଯାକର ଅକ୍ଳାନ୍ତ ପରିଶ୍ରମ ପରେ ଦେବବ୍ରତ ଆଖିରେ ଛାଇ ନିଦ ଆସିଯାଇଛି । ସନ୍ଦୀପର 'ଦେବବ୍ରତ', 'ଦେବବ୍ରତ' ଡାକରେ ତା ନିଦ ଭାଙ୍ଗି ଗଲା ବେଳକୁ ଦେଖିଲା ସାମ୍ନାରେ ସନ୍ଦୀପର ବାପା, ମାଆ ଆଉ ସନ୍ଦୀପ । ଥରିଲା ଥରିଲା କଣ୍ଠରେ ସନ୍ଦୀପର ମାଆ କହିଲେ- ପୁଅ ! ତୁମେ ହିଁ ଆମର ଭରସା । ସନ୍ଦୀପର ମାମୁ ଓ ମଉସା ବିଫଳ ହୋଇ ଫେରି ଆସିଲେଣି । ତୁମେ ଆମ ଦେବଯାନୀକୁ ଏବେ ବିବାହ କର । ନଚେତ୍ ପିଲାଟା ଅକାଳରେ ଝଡ଼ିପଡ଼ିବ ।

ସୋମନାଥ ବାବୁ, ସୌଦାମିନୀ ଦେବୀ ଓ ସନ୍ଦୀପର ଆଖି ଲୁହରେ ଭିଜି ଯାଉଥିଲା । ଦେବବ୍ରତ କିଂକର୍ତ୍ତବ୍ୟବିମୁଢ଼ । ତାକୁ କିଛି ବୁଦ୍ଧି ଜୁଟୁନଥିଲା । ବାପା, ମାଆ ଗାଆଁରେ । ବନ୍ଧୁବାନ୍ଧବ ବହୁ ଦୂରରେ । ପ୍ରକୃତିସ୍ଥ ହୋଇ କହିଲା- ମୁଁ ପାଞ୍ଚ ମିନିଟ୍ ପାଇଁ ଦେବଯାନୀକୁ ଦେଖା କରିବାକୁ ଚାହେଁ, ତାପରେ ଯାହା ନିଷ୍ପତ୍ତି ନେବି ।

ଘନ ଅନ୍ଧାର ଭିତରେ ଆଲୋକର ଏକ କ୍ଷୀଣରେଖା ହସି ଉଠୁଥିଲା । ସମସ୍ତଙ୍କ ଭିତରେ ଆଶ୍ୱସ୍ତିର ଏକ ସଙ୍କୁଚିତ ବାତାବରଣ । ଦେବବ୍ରତ ବାଟକୁ ସମସ୍ତେ ବିକଳ ହୋଇ ଅନାଇ ରହିଛନ୍ତି ।

Source: Author, Digitized by PPRACHIN, SOA

ଦେବବ୍ରତ ଧୀର ପଦକ୍ଷେପରେ ଦେବଯାନୀ ବସିଥିବା ସୁସଜ୍ଜିତ କୋଠରି ଭିତରେ ପ୍ରବେଶ କଲା । ରୂପସୀ ରାଜକେମାର ସୌନ୍ଦର୍ଯ୍ୟର ପସରା ନେଇ ବସିଛି ଦେବଯାନୀ । ବିଭିନ୍ନ ଭୂଷଣ ଓ ଆଭୂଷଣରେ ଆପାଦମସ୍ତକ ସୁଶୋଭିତ । କିନ୍ତୁ ସଜଫୁଟା ଗୋଲାପ ପରି ମୁହଁରେ ପ୍ରଳୟଙ୍କରୀ ବାତ୍ୟା, ଦୁର୍ଦ୍ଦଶାର ତାଣ୍ଡବ । ଏତେ ବର୍ଷଧରି ଅନ୍ୟକୁ ଖୁସି ବିଞ୍ଚିଦେଇ ଶାଶ୍ୱତ ଧାରଟିଏ ହୋଇ ବହିଯାଉଥିଲା, ସେ ଉଦ୍ଦାମ ଛଳଛଳ ନଈଟି ଆଜି ବାଲିଚର ହୋଇଯାଇଛି । ଯେଉଁ ପ୍ରାଣୋଚ୍ଛ୍ୱଳ ବଂଶୀଟି ଅନବରତ ଗୀତ ଗାଇ ଗାଇ ଅନ୍ୟ ହୃଦୟରେ ପ୍ରାଣ ସଞ୍ଚାର କରୁଥିଲା, ସେ ଆଜି ନିସ୍ତବ୍ଧ । ସର୍ବଦା ଖୁସି ଖୁସି, ଚଳଚଞ୍ଚଳ ଓ ସତେଜ ଦିଶୁଥିବା ଦେବଯାନୀ ପ୍ରଚଣ୍ଡ ରୌଦ୍ର ତାପରେ ଝାଉଁଳି ପଡ଼ିଥିବା ଫୁଲଟିଏ ପରି ଦିଶୁଥିଲା ମ୍ଳାନ, ନିଷ୍ପ୍ରଭ ।

ଲୁହ ଜଡ଼ସଡ଼ ଆଖିରେ ଦେବବ୍ରତଙ୍କ ଦୁଇହାତକୁ ଧରି କହିଲା- ଦେବଭାଇ ! ମୋତେ ବଞ୍ଚାଅ । ମୋତେ ଏ ବିପଦରୁ ଉଦ୍ଧାର କର । ମୋତେ ବାହା ହେବା ପାଇଁ ରାଜି ହୋଇଯାଅ ।

ଦେବଯାନୀ, ମୁଁ ଏକ ଅନାମଧେୟ ଗାଁର ଚଷାଘରର ପୁଅ । ଆମର ଝାଟି ମାଟିର ଘର । ତୋ ଭଳି ରୂପସୀର ସୌନ୍ଦର୍ଯ୍ୟ ନିକଟରେ ମୁଁ କିଛି ନୁହେଁ । ତୁ ମୋତେ ବାହାହୋଇ କ'ଣ ଖୁସି ହୋଇପାରିବୁ ? -ଦେବବ୍ରତଙ୍କର ଭଙ୍ଗା ଭଙ୍ଗା କଣ୍ଠରେ ପ୍ରଶ୍ନ ।

ଲୁହ ଛଳଛଳ ଆଖିରେ ଦେବଯାନୀ ଦେବବ୍ରତଙ୍କର ପାଦତଳେ ଲୋଟିପଡ଼ି କହିଲା- ତମେ ହିଁ ମୋ ମନର ମଣିଷ । ତମରି ଭଳି ମଣିଷଟିଏ ପାଇଲେ ମୋର ଖୁସିର ସୀମା ରହିବ ନାହିଁ । ଆଉ ମୋର କିଛି ଦରକାର ନାହିଁ ।

ଦେବବ୍ରତଙ୍କ ପଦଯୁଗଳ ଦେବଯାନୀର ଲୁହର ଶ୍ରାବଣରେ ଭିଜିଯାଉଥିଲା । ତାଙ୍କର ଆଖି ଓଦା ଓଦା ହୋଇଯାଇଥିଲା । ବାହାରକୁ ଆସି ସନ୍ଦୀପକୁ କହିଲା- ବାହାଘର ଆୟୋଜନ କର । ମୁଁ ରାଜି ।

ସନ୍ଦୀପ ଦେବବ୍ରତକୁ ଆଲିଙ୍ଗନ କରି କହିଲେ- ଦେବ, ତୁ ମୋର କେତେ

Source: Author, Digitized by PPRACHIN, SOA

ଉପକାର କରିଛୁ । ଆଜି କିନ୍ତୁ ତୁ ମୋତେ, ଦେବଯାନୀକୁ ଓ ମୋ ବାପା ମାଆଙ୍କୁ ତୋ ପାଖରେ ଚିରଋଣୀ କରିଦେଲୁ । ତୋ ପାଖରେ ଆମ ସମସ୍ତଙ୍କର ମୁଣ୍ଡ ନଇଁଯାଉଛି ।

ସମସ୍ତଙ୍କ ଉଦାସ ମୁହଁରେ ଖେଳିଗଲା ଖୁସିର ନୀଳ ତରଙ୍ଗ । ଦେବବ୍ରତ ଓ ଦେବଯାନୀର ବାହାଘର ସମସ୍ତଙ୍କର ଆଶ୍ୱସ୍ତି, ଆନନ୍ଦ ଓ ଉଚ୍ଛ୍ୱାସ ଭିତରେ ଅନୁଷ୍ଠିତ ହେଲା । ଦେବବ୍ରତର ସରକାରୀ କ୍ୱାର୍ଟରରେ ଚତୁର୍ଥୀ ଓ ଅଷ୍ଟମଙ୍ଗଳା କାର୍ଯ୍ୟ ହିନ୍ଦୁ ସଂସ୍କୃତି ଓ ପରମ୍ପରା ଅନୁସାରେ ସମାହିତ ହେଲା ।

ଦେବବ୍ରତର ସାନ୍ନିଧ୍ୟରେ ଦେବଯାନୀ ପ୍ରଣୟ ଆନନ୍ଦରେ ବିଭୋର ଓ ଅନନ୍ୟ ଆବେଗରେ ଅଧୀର ହେଉଥିଲା ।

ତା ଦେହର ସମସ୍ତ ଅଣୁପରମାଣୁ ନୃତ୍ୟରତ । ତା'ର ମନରେ ଏକ ଅନୁପମ ଅନୁଭବ । ତା ମନରେ ଜାଗି ଉଠିଥିଲା ଶତ କଦମ୍ବର ରୋମାଞ୍ଚ । ତା' ଆଖି ତାରାର ତାର ବାଡ଼ରେ ପ୍ରଣୟର ବିଭକ୍ତି, ସ୍ୱପ୍ନର ଜ୍ୟାମିତି ସେ ଅନୁଭବ କରୁଥିଲା । ଦେବବ୍ରତଙ୍କର ସେଇ ୱାନ୍ ବିଏଚ୍‌କେ ଘରର ଚାରିପଟେ ମଲ୍ଲୀ, ମଧୁମାଳତୀର ମହକ, ସଜଫୁଟା ଫୁଲର ସ୍ତବକ, ମଳୟର ମଧୁମୂର୍ଚ୍ଛନା । ବହିଯାଉଥିଲା ଆଶା, ବିଶ୍ୱାସ, ଆନନ୍ଦ ଆଲୋକର ଝରଣା । ଅନ୍ତରଙ୍ଗ ଆତ୍ମୀୟତାର ବାସ୍ନାରେ ଚହଟି ଯାଉଥିଲା ତା'ର ମନ । ପ୍ରେମ, ପ୍ରଣୟ, ମିଳନ ପାଇଁ ଦରକାର ନାହିଁ ଐଶ୍ୱର୍ଯ୍ୟର ଐରାବତ, ବିଳାସର ବଳୟ । ସେଥିପାଇଁ ଦରକାର ଦୁଇଟି ପ୍ରେମାତୁରା ମନ, ପାରସ୍ପରିକ ବିଶ୍ୱାସର ଜହ୍ନ, ଆତ୍ମୀୟତାର ସ୍ୱନ । ଏହା ସେ ମର୍ମେ ମର୍ମେ ଅନୁଭବ କରୁଥିଲା ।

ସବୁ ଉପଭୋଗ, ଆନନ୍ଦ ଭିତରେ ବିବେକର ବୃଶ୍ଚିକ ଯନ୍ତ୍ରଣା ଦେବବ୍ରତକୁ କ୍ଷତାକ୍ତ କରୁଥିଲା । ସେ ଆଜି ବିବାହିତ ଜୀବନ ଅତିବାହିତ କରୁଛି, ଅଥଚ ତାକୁ ଅନ୍ତଫାଡ଼ି ଜନ୍ମ କରିଥିବା ତା'ର ମାଆ ଓ ରକ୍ତ ଦେଇ ମଣିଷ କରିଥିବା ବାପା ଏ ବିଷୟରେ କିଛି ଜାଣନ୍ତିନି । ଏହା ଜାଣିଲେ ସେମାନଙ୍କର, ସାଇ ଭାଇ ବନ୍ଧୁ ବାନ୍ଧବଙ୍କ ପ୍ରତିକ୍ରିୟା କିଭଳି ହେବ, ସେଇ ଆଶଙ୍କାରେ ସେ ମ୍ରିୟମାଣ ହେଉଥିଲା ।

Source: Author, Digitized by PPRACHIN, SOA

ବାହାଘରର ପନ୍ଦରଦିନ ପରେ ଦେବବ୍ରତ ଓହ୍ଲାଇ ପଡ଼ିଥିଲା ଗାଁ ମୁଣ୍ଡ ବସ୍‌ଷ୍ଟାଣ୍ଡରେ । ତ୍ରୟୋଦଶୀ ଜହ୍ନର ଶୀତଳ ଆଲୋକ ବିଛାଡ଼ି ହୋଇ ପଡ଼ିଛି ଆମ୍ବଗଛ, ଧାନକ୍ଷେତ ଓ ଚାଳଘରର ମଥାନ ଉପରେ । ଚନ୍ଦ୍ରାଲୋକର ଗହଣା ପିନ୍ଧି ରାସ୍ତାର ଦୁଇପାର୍ଶ୍ୱରେ ଗଛମାନେ ସ୍ୱାଗତମ୍ ମୁଦ୍ରାରେ ଠିଆ ହୋଇଥିଲେ । ଘର ପାଖର ବୁଢ଼ା ବରଗଛଟି ପିଲାଦିନର ସମସ୍ତ ସ୍ମୃତିକୁ ଜାବୁଡ଼ି ଧରି ରକ୍ଷିଟିଏ ପରି ଛିଡ଼ା ହୋଇଛି । ତାକୁ ମନେ ହୋଇଥିଲା ବରଗଛଟି ତା'ର ଓହଳର ହାତରେ ତା'ର ବୈବାହିକ ଜୀବନର ସୁଖଶାନ୍ତି ପାଇଁ ଆଶୀର୍ବାଦ ଢାଳି ଦେଉଛି ।

ଘରେ ପହଞ୍ଚିଲା ପରେ ବାପା, ମାଆ ଦେବବ୍ରତକୁ ଦେଖି କୋଟିନିଧି କଲେ । ମିଠା ମିଠା ଖୁସିରେ ସେମାନେ ବତୁରି ଯାଉଥିଲେ । ମାଆ ତା' ମୁହଁକୁ ଦେଖି ବ୍ୟସ୍ତ ହୋଇପଡ଼ି କହିଲେ- ବାବୁରେ ! ତୋ ମୁହଁ କାହିଁ ଶୁଖିଲା ଦିଶୁଛି ? କ'ଣ ହେଇଛି ?

ଚୋର ଧରା ପଡ଼ିଲା ପରି ମାଆଙ୍କ ଆଖି ଆଗରେ ତାଙ୍କର ଅପରାଧର ଫର୍ଦ୍ଦ ଫର୍ଦ୍ଦ ପୃଷ୍ଠା ଖୋଲିଯାଏ । ମାଆ ତାହା ମୁହଁର ଅକ୍ଷରକୁ ସ୍ପଷ୍ଟ ପଢ଼ିପାରନ୍ତି ପିଲାଦିନୁ । କେଉଁଠି ଦୁଷ୍ଟାମି, ଚଗଲାମି କରିଥିଲେ ମାଆଙ୍କ ଆଖିକୁ ଜଳଜଳ ଦେଖାଯାଏ ।

ନାହିଁ ମାଆ ! କିଛି ନାହିଁ । ଏତେ ରାତି ହେଲାଣି । କାଲି କଥା ହେବା । - ଏତିକି କହି ମାଆଙ୍କୁ ଆଶ୍ୱସ୍ତ କରିଥିଲା ।

ପରଦିନ ମଧ୍ୟାହ୍ନ ଭୋଜନ ପରେ ଲୁହ ଛଳଛଳ ଆଖିରେ ମା' ଆଗରେ ବାହାଘରର ବିଶଦ ବିବରଣୀ ଦେଲା ।

ମାଆଙ୍କର ଆଖିରୁ ଝରୁଥିଲା ଅବାରିତ ସାନ୍ତ୍ୱନାର କମନୀୟ ରଶ୍ମି । ସ୍ମିତ ହସରେ ପ୍ରକଟିତ ହେଉଥିଲା ଚନ୍ଦ୍ରାଲୋକର ଶୀତଳତା । ପ୍ରତିଟି ଶବ୍ଦର ଉଚ୍ଚାରଣରେ ଉତୁରି ପଡୁଥିଲା ମମତାଭିଜା ଅମୃତମୟ ବାଣୀ । ଦେବବ୍ରତର ଆଖିରୁ ଲୁହପୋଛି କହିଲେ- ବାବୁରେ ! ତୁ ଏକଥା କାହାକୁ କହନା । ବାପାଙ୍କୁ ମଧ୍ୟ ନୁହେଁ । କାନ୍ଥ, ବାଡ଼ର କାନ ଅଛି । ଗାଁ ସାରା ଏହା ଡିବିଡ଼ିବି ହୋଇ ବାଜିବ । ଲୋକେ କିଛି ନ

Source: Author, Digitized by PPRACHIN, SOA

ବୁଝି ନଶୁଝି ତୋର ନିନ୍ଦା ରଟନା କରିବେ । ତୋ ବାପା ହୃଦ୍‌ରୋଗୀ । ଶୁଣିଲେ, ଭାଙ୍ଗିପଡ଼ିବେ । ସମ୍ଭାଳି ପାରିବେନି ଦାରୁଣ ଆଘାତ । ମାନବିକତା ଦୃଷ୍ଟିରୁ ପରିସ୍ଥିତିରେ ପଡ଼ି ତୁ ଠିକ୍ ନିଷ୍ପତ୍ତି ନେଇଛୁ ।

- ତାହେଲେ ଏବେ କ'ଣ କରିବା ମାଆ ? ଉତ୍ସୁକତାର ସହ ପଚାରିଲେ ଦେବବ୍ରତ ।

- ଦେବଯାନୀର ବାପାଙ୍କୁ କହ ସେ ପ୍ରସ୍ତାବ ନେଇ ଆମ ଘରକୁ ଆସନ୍ତୁ । ଆମେ ସଙ୍ଗେ ସଙ୍ଗେ ରାଜି ହୋଇଯିବୁ । ତା'ପରେ ଏଠାରୁ ବରଯାତ୍ରୀ ଯିବେ, ତୋର ବାହାଘର ଆଉ ଥରେ ହେବ । ଏହାଦ୍ୱାରା ସମସ୍ୟାର ସମାଧାନ ହେବ, କେହି ଜାଣିବେନି । ତୋ ମୋ ଭିତରେ କଥଟା ଗୋପନ ରହିବ । ତୋ ଶ୍ୱଶୁର ଘର ଲୋକଙ୍କୁ କହିବୁ, ତୋର ଆଗରୁ ବାହାଘର ହୋଇଥିବା କଥା କସ୍ମିନ୍ କାଳେ ଆମ ସାଇଭାଇ, ବନ୍ଧୁବାନ୍ଧବ, ବରଯାତ୍ରୀଙ୍କ କାନରେ ଯେପରି ନ ପଡ଼େ ।

ମାଆ ଶିକ୍ଷିତା ନ ଥିଲା । ତା'ର ପ୍ରଜ୍ଞା, ବୁଦ୍ଧିମତ୍ତା, ହୃଦୟବତ୍ତା ଓ ମାନବିକତାକୁ ଦେଖି ଦେବବ୍ରତ ହୋଇଥିଲା ମନ୍ତ୍ରମୁଗ୍ଧ । ସେ ଭାବୁଥିଲା, ଶିକ୍ଷା ମଣିଷକୁ ପ୍ରତିଷ୍ଠା ଦିଏ । କିନ୍ତୁ ପ୍ରଜ୍ଞା ଓ ସଂସ୍କାର ମଣିଷକୁ ସଫଳତା ଓ ସମ୍ମାନ ଦେଇଥାଏ ।

ଗାଁରୁ ଫେରି ରବିବାର ଦିନ ଶ୍ୱଶୁର ଘର ବିଜେବି ନଗରରେ ଦେବବ୍ରତ ସକାଳୁ ସକାଳୁ ପହଞ୍ଚିଗଲା । ଶାଶୂ ସୌଦାମିନୀ ଦେବୀ ତାକୁ ଦେଖି ଆନନ୍ଦରେ ଆତ୍ମହରା ହୋଇ ତା' ପାଇଁ ଜଳଖିଆ କରିବାକୁ ରୋଷେଇ ଘରକୁ ତରତର ହୋଇ ପଶିଗଲେ । ଦେବବ୍ରତ ମା'ର ପରାମର୍ଶ ବିଷୟରେ ଶ୍ୱଶୁର ସୋମନାଥବାବୁଙ୍କୁ ଅବଗତ କଲେ ।

ସୋମନାଥ ବାବୁ ବିଷଣ୍ଣ ବଦନରେ ବିରକ୍ତି ମିଶା ସ୍ୱରରେ କହିଲେ- ଏହା ସମ୍ଭବ ନୁହେଁ । ପୁଣି ବାହାଘର ହେଲେ ଆମେ ଲୋକହସା ହେବୁ । ଏଠାରେ ଆମର ସାଙ୍ଗ, ସାଥୀ, ବନ୍ଧୁବାନ୍ଧବ ଖୁନ୍ଦି ହୋଇଛନ୍ତି ।

Source: Author, Digitized by PPRACHIN, SOA

ଦେବବ୍ରତର ମୁଣ୍ଡ ଉପରେ ଲଦି ହୋଇପଡ଼ିଥିବା ଚିନ୍ତା ଓ ବ୍ୟସ୍ତତାର ପାହାଡ଼ଟି କାୟା ବିସ୍ତାର କରି ଚାଲିଥିଲା । ବାପା ଓ ମାଆଙ୍କର ବ୍ୟଥା ଓ ବେଦନା କଥା ଭାବି ସେ ଭାଙ୍ଗିପଡ଼ିଥିଲା ।

ଜଳଖିଆ ଖାଇ ସାରି ଗେଟ୍ ଖୋଲି ବାହାରକୁ ଆସିଲା ବେଳକୁ ଶାଶୂ ସୌଦାମିନୀ ଦେବୀ ଗେଟ୍ ପାଖକୁ ଦୌଡ଼ିଆସି କହିଲେ- ପୁଅ ! ତୁମେ ବ୍ୟସ୍ତ ହୁଅନା । ପୁଣି ବାହାଘର ହେବ । କିନ୍ତୁ ଭୁବନେଶ୍ୱରରେ ନୁହେଁ, କେନ୍ଦୁଝରରେ । ସନ୍ଦୀପ ସାଙ୍ଗରେ କଥା ହୋଇଛି, ସେ ସବୁ ବ୍ୟବସ୍ଥା କରିବ । ଏହି ବିଷୟରେ ଆମ ଲୋକେ କେହି ଟେର୍ ପାଇବେନି ।

ଦେବବ୍ରତର ଦୁଇ ହାତ ସୌଦାମିନୀ ଦେବୀଙ୍କ ପାଦକୁ କୃତଜ୍ଞତାରେ ସ୍ପର୍ଶ କରୁଥିଲା । ଦେବବ୍ରତ ଓ ସୌଦାମିନୀ ଦେବୀଙ୍କ ମୁହଁରେ ଫୁଟି ଉଠିଥିଲା ହସର ପାଖୁଡ଼ା । ଶରତର ମୃଦୁମଳୟ ସେମାନଙ୍କ ମନରେ ଭରି ଦେଇଥିଲା ପାର୍ବଣର ରଙ୍ଗ ।

✤

('ରନ୍ଧଚିରା' ପତ୍ରିକାର ପୂଜାସଂଖ୍ୟା ୨୦୨୨ରେ ପ୍ରକାଶିତ)

Source: Author, Digitized by PPRACHIN, SOA

ମାତୃ ଋଣ

ସଂକେତ ଓଡ଼ିଶା ସରକାରଙ୍କର ପଦସ୍ଥ ଅଧିକାରୀ ଭାବରେ ଭୁବନେଶ୍ୱରରେ ନିଯୁକ୍ତ ହେଲାପରେ ଆନନ୍ଦରେ ବିଭୋର ହୋଇଯାଇଥିଲେ । ଉଚ୍ଚ ବେତନ ଆଉ ଆକର୍ଷଣୀୟ ସୁବିଧା ସୁଯୋଗ । ତାଙ୍କ ମା' ସୁଜାତାଙ୍କର ଅପରିସୀମା ତ୍ୟାଗର ଚିତ୍ର ଚଳଚ୍ଚିତ୍ର ପରି ତାଙ୍କ ଆଖି ଆଗରେ ଝଲସି ଉଠୁଥିଲା । ମା'ଙ୍କର ଅଧାବୟସରେ ବାପା ବାବାଜୀ ହୋଇ ବୃନ୍ଦାବନ ଚାଲିଯିବାରୁ ତାଙ୍କ ପରିବାରକୁ ଘମାଘୋଟିଆ ଅନ୍ଧକାର ମାଡ଼ି ଆସିଥିଲା । ସେହି ଅନ୍ଧାର ଭିତରେ ଦୀପଶିଖାଟିଏ ହୋଇ କଅଁଳି ଉଠିଥିଲେ ତାଙ୍କ ମାଆ । ଆଖିର ଲୁହ ଓଠ ପିଇବା ପୂର୍ବରୁ ମନକୁ ଦୃଢ଼ କରି ତାକୁ ପୋଛି ଦେଇଥିଲେ । ଅବଗୁଣ୍ଠନବତୀ ସୁଜାତା ବରଗଛର ଓହଳ ପରି ଝୁଲୁଥିବା ଓଢ଼ଣାଟିକୁ ଟାଣି ଆଣି ଅଣ୍ଟାରେ ଭିଡ଼ି ଧରିଥିଲେ । ପାଲଟିଥିଲେ ସ୍ୱୟଂସିଦ୍ଧା, ସ୍ୱୟଂସମ୍ପୂର୍ଣ୍ଣା । ଏକମାତ୍ର ପୁତ୍ର ସଂକେତକୁ ଏ ଦୁନିଆରେ ମଣିଷ ପରି ମଣିଷଟିଏ କରିବା ପାଇଁ କରିଥିଲେ ଦୃଢ଼ ସଂକଳ୍ପ । ପଡ଼ୋଶୀମାନଙ୍କ ଘର ପାଇଟି କରି, ଘରେ ଥିବା ଦୁଇ ଦୁଧିଆଳି ଗାଈଙ୍କର ଦୁଧ ବିକି ଯାହା ରୋଜଗାର କରିଥିଲେ, ପୁଅର ପାଠପଢ଼ିବା ପାଇଁ ଖର୍ଚ୍ଚ କରିଥିଲେ । ପ୍ରଥମମାସର ଦରମା ପାଇବା ପରେ ସଂକେତଙ୍କ ଦେହରେ ଆନନ୍ଦ ଉଲ୍ଲାସର ଏବେ ଅଭୂତପୂର୍ବ ଶିହରଣ ଖେଳିଗଲା ।

ପ୍ରଥମ ମାସର ଦରମା ନେଇ ସଂକେତ ତାଙ୍କ ଗାଁକୁ ଶନିବାର ସନ୍ଧ୍ୟାରେ ଧାଇଁ ଆସିଥିଲେ । ତାଙ୍କ ଗାଁ ଭୁବନେଶ୍ୱରଠାରୁ ୫୦ କିଲୋମିଟର ଦୂର । ମା' କୋଳରେ ମୁଣ୍ଡ ଗୁଞ୍ଜି ବାଷ୍ପାକୁଳ କଣ୍ଠରେ କହିଲେ- ମାଆଲୋ, ତୁ ମୋତେ ଅନ୍ତଫାଡି ଜନମ ଦେଇଛୁ । ମୋରି ପାଇଁ ମରି ମରି ବଞ୍ଚିଛୁ । ରକ୍ତଦେଇ ମୋତେ ମଣିଷ କରିଛୁ । ତୋ ଋଣ ଏବେ ମୁଁ ଶୁଝିବାକୁ ଚାହେଁ । ତୋତେ କ'ଣ ଦେଲେ ତୋ ଋଣ ଶୁଝିପାରିବି, ମୋତେ କହ ।

ଦ୍ୱିତୀୟ ଚାନ୍ଦ ପରି ମୁହଁରେ ଚେନାଏ ହସ ଖେଳାଇ ସୁଜାତା କହିଲେ- ବାବୁରେ! ତୋ ମନ କଥା ମୁଁ ବୁଝୁଛି । ତୁ ଏବେ କ୍ଳାନ୍ତ ହୋଇ ଭୁବନେଶ୍ୱରରୁ

Source: Author, Digitized by PPRACHIN, SOA

ଆସିଛୁ । ତୋ ଝାଳ ମରିନି । ଆଜି ଖାଇ ପିଇ ଆନନ୍ଦରେ ଶୋଇଯା । ରାତି ପାହିଲେ ମୋର ତ ସାରା ଘରର ପାଇଟି, ଜଞ୍ଜାଳ । କାଲି ଖାଇପିଇ ସାରି ଦିନ ଦୁଇଟା ବେଳେ ଆମେ କଥା ହେବା । କ'ଣ ଦେଲେ ମୋର ଋଣ ଶୁଝିପାରିବୁ, ମୁଁ ତା'ର ଗୋଟିଏ ଲମ୍ବା ତାଲିକା ଦେବି । ଯାହା ହେଉ, ମାଆର ଋଣ ଶୁଝିବା ପାଇଁ ତୁ ମନ ବଳାଇଛୁ । ସେଥିପାଇଁ ମୁଁ ବହୁତ ଖୁସି ।

ରାତିରେ ଶୋଇଲାବେଳେ ସଂକେତ ଭାବୁଥିଲେ ମାଆ ତା'ର ସାରା ଜୀବନ ଚାଳ ଛପର ଘରେ ରହିଛି । ପ୍ରତି ବର୍ଷ ଘର ଛାଣି କରିବାକୁ କିପରି ତା ଅଣ୍ଟା ଭାଙ୍ଗିଯାଏ, ସେ ସ୍ୱଚକ୍ଷୁରେ ଦେଖିଛି । ମାଆ ହୁଏତ ତା ପାଇଁ କୋଠା ଘର ଦୁଇ ଚାରି ବଖରା ଚାହିଁବ । ଆଜି ପର୍ଯ୍ୟନ୍ତ ବେକରେ କେରାଏ ଫିତା ଓ କାନରେ ଦୁଇଟି ନିମ ଖିଲକୁ ମାଆ ପିନ୍ଧିବାର ଦେଖିଛି । ମାଆ ହୁଏତ ତାର ତାଲିକାରେ ହଳେ ସୁନା କାନର ଓ ଗୋଟିଏ ସୁନା ହାର ଲେଖିଦେବ । ସାତସିଆଁ, ଦରଫଟା ଶାଢ଼ିରେ ତା'ର ଜୀବନଟା ବିତିଯାଇଛି । ତା'ର ତାଲିକାରେ ହୁଏତ ଦୁଇଚାରି ଖଣ୍ଡ ପାଟ ଶାଢ଼ି ଅନ୍ତର୍ଭୁକ୍ତ ହେବ । ତା'ର ସୁଖ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ଟିଭି, ଫ୍ରିଜ୍, ୱାଶିଂମେସିନ୍, ଇନ୍‌ଭର୍ଟର ଓ ଏସି ମଧ୍ୟ ଚାହିଁବ । ଉଚ୍ଚବେତନ ପ୍ରାପ୍ତ ସରକାରୀ ଅଫିସର ହୋଇଥିବାରୁ ତାଙ୍କୁ ତ ଘର ଲୋନ୍, ପର୍ସନାଲ ଲୋନ୍ ଦେବା ପାଇଁ ବ୍ୟାଙ୍କର ମାର୍କେଟିଂ ଅଫିସରମାନେ ତାଙ୍କ ଚାରିପଟେ ପଇଁତରା ମାରୁଛନ୍ତି । ତେଣୁ ମା'ର ଲମ୍ବା ତାଲିକା ଅନୁସାରେ ତା'ର ଇପ୍‌ସିତ ଜିନିଷଗୁଡ଼ିକ ଦେଇ ସେ ମାତୃଋଣ ମୁକ୍ତ ହେବ । ଏମିତି ଭାବୁଭାବୁ ରାତି ୧୦ଟାରେ ନିଚୋଳ ନିଦରେ ସଂକେତ ଶୋଇପଡ଼ିଥିଲେ । ରାତି କଳା ସବାରିରେ ମାଡ଼ି ମାଡ଼ି ଆସିଥିଲା । କୁହୁଡ଼ିର ଚାଦର ଘୋଡ଼େଇ ହୋଇ ଶୋଇଥାଏ ସାରା ଗାଁ ।

ରାତି ପ୍ରାୟ ୧୨ଟା । ଚାଉଁକିନା ନିଦ ଭାଙ୍ଗିଗଲା ସଂକେତଙ୍କର । ତାଙ୍କ ଦେହର ଅଧା ଓଦା ସରସର । ଟର୍ଚ୍ଚମାରି ଦେଖିଲେ ତାଙ୍କ ମାଆ କଂସାଏ ପାଣି ଧରି ତାଙ୍କ ଉପରେ ଢାଳି ଚାଲିଛନ୍ତି । ମା'ଙ୍କ ଉପରେ ରାଗରେ ତମ୍‌ତମ୍ ହୋଇଗଲେ

Source: Author, Digitized by PPRACHIN, SOA

ସଙ୍କେତ । କ୍ରୋଧ ଜର୍ଜରିତ ସ୍ୱରଟେ ଚିତ୍କାର କରି କହିଲେ- ତୋ ମୁଣ୍ଡ ଫୁଣ୍ଡ କ'ଣ ଖରାପ ହୋଇଗଲାଣି ? ରାତି ଅଧଟାରେ ମୋ ଉପରେ ପାଣି ଢାଳୁଛୁ । ମୋର କେଡ଼େ ବଢ଼ିଆ ନିଦ ହୋଇଥିଲା । ତାକୁ ଜାଣିଶୁଣି ଭାଙ୍ଗି ଦେଲୁ । ଏ ଓଦା ଜଡ଼ସଡ଼ ପୋଷାକରେ ଆଉ ବିଛଣାରେ ମୁଁ କେମିତି ଶୋଇବି ?

ଲୁଙ୍ଗି ବଦଳାଇ, ବିଛଣା ବଦଳାଇ ମାଆ ଉପରେ ରାଗରେ ଗରଗର ହୋଇ ଶୋଇଗଲେ ।

ରାତି ୪ଟା । ଶୀତଳ ଜଳର ସ୍ପର୍ଶରେ ସଂକେତଙ୍କର ନିଦ ପୁଣି ଭାଙ୍ଗିଗଲା । ଟର୍ଚ୍ଚମାରି ଦେଖିଲେ, ସାମ୍ନାରେ ମାଆ । ହାତରେ ଧରିଥିବା କଂସାରୁ ଝରିପଡୁଛି ପାଣି । ଏଥର ରାଗ ତାଙ୍କ ମୁଣ୍ଡକୁ ଚଢ଼ିଗଲା । କ୍ରୋଧ ଓ ଅସନ୍ତୋଷର ନିଆଁ ତାଙ୍କ ଦେହ ଓ ମନରେ ହୁହୁ ହୋଇ ଜଳୁଥିଲା । ମା'କୁ ଭର୍ତ୍ସନା କରି କହିଲେ- ତୁ ମାନବୀ ନା ଦାନବୀ । ନନ୍‌ସେନ୍ସ ଭଳି କ'ଣ କାର୍ଯ୍ୟ କରୁଛୁ । ମୋତେ ଟିକେ ଶାନ୍ତିରେ ଶୋଇବାକୁ ଦେଉନୁ ? ଏହିଭଳି ଅନେକ ଆବୁରୁ ଜାବୁରୁ ଅନାବନା କଥା, ଅକଥା ତାଙ୍କ ପାଟିରୁ ଉତୁରି ପଡୁଥିଲା । ବିଛଣାପତ୍ର ଫୋପାଡ଼ି ଦେଇ ଘରର କବାଟକୁ ଧଡ଼୍‌କିନା ବନ୍ଦ କରି ପିଣ୍ଡାରେ ପଡ଼ିଥିବା କାଠଚେୟାର ଉପରେ ବସି ମାଆଙ୍କୁ ଗାଳି ବର୍ଷଣ କରିଚାଲିଥିଲେ । ରାଗରେ ଥରୁଥାଏ ଆପାଦ ମସ୍ତକ, ଆଖିରୁ ଛିଟିକି ପଡୁଥାଏ ନିଆଁର ପେନ୍ଥାପେନ୍ଥା ଝୁଲ । ମୁଖ ଗହ୍ୱରରୁ ତୀବ୍ର ବେଗରେ ମାଡ଼ି ଆସୁଥାଏ ମର୍ମଭେଦୀ ମାରଣାସ୍ତ୍ର । କିନ୍ତୁ ସୁଜାତାଦେବୀ ଅବିଚଳିତ, ନିର୍ବିକାର । ମୁହଁରେ ଖେଳୁଥାଏ ଧାରେ ହସ ।

ତା ପରଦିନ ଘରର ପରିବେଶ ଗୁମ୍‌ସୁମ୍ । ଘର ଭିତରେ ଅଶାନ୍ତ ଝଡ଼ ପରର ନିରବତା । ମଧ୍ୟାହ୍ନ ଭୋଜନ ସରିଲା ବେଳକୁ ସଂକେତଙ୍କର ରାଗ ପୂରା ଥଣ୍ଡା ପଡ଼ିଗଲା ।

ଦୁଇଟା ବେଳକୁ ମାଆକୁ କହିଲେ- ମାଆ, ତୁ ପା କହୁଥିଲୁ, ତୋର କ'ଣ ଦରକାର ମୋତେ ଗୋଟିଏ ତାଲିକା ଦେବୁ । ତାକୁ ତତେ ଦେଲେ ମାତୃ ଋଣ ଶୁଝି

Source: Author, Digitized by PPRACHIN, SOA

ପାରିବାର ଆଶ୍ୱସ୍ତିରେ ମୋ ମନ ମିଠାମିଠା ଖୁସିରେ ଭରିଯିବ ।

ମାଆ ସୁଜାତା ପୁଅ ସଂକେତର ବାଳକୁ ସାଉଁଳେଇ ସାଉଁଳେଇ କହିଲେ- ଓଦା ସରସର ହୋଇ ଗୋଟିଏ ରାତି ତୁ ଶୋଇପାରିଲୁନି ଯେ ମୋ ବାପା, ଅଜାଙ୍କ ଶ୍ରାଦ୍ଧ କରିସାରିଲୁଣି । ମୋତେ ମାର୍ ନ ମାର୍ । ମୁଁ ଦୀର୍ଘ ତିନିବର୍ଷ ଧରି ତୋରି ମୁତରେ ଭିଜିଭିଜି ଶୋଇଛି । ତୋ ଓଦା ଜଡ଼ସଡ଼ ଦେହକୁ ମୋ କାନିରେ ପୋଛି ମୋ କୋଳକୁ ଟାଣି ଆଣିଛି । କି ଶୀତ, କି ବର୍ଷା । କେବେବି ମୋ ପାଟିରୁ ପଦେ କଥା ବାହାରିନି । ତୁ ତ ଗୋଟିଏ ରାତିର ରଣ ଶୁଝିପାରିଲୁନି । ହଜାର ରାତିର ରଣ କ'ଣ ଶୁଝିବୁ ?

ଭୋରର ଆଲୁଅ ପରି ଧାରେ ସ୍ନିଗ୍ଧ ହସ, ସୁଜାତାଙ୍କ ମୁହଁରେ ଝଲସି ଉଠୁଥିଲା । ସେହି ହସର କ୍ଷୀଣ ରେଖାରେ କିରିକିରି ହସୁଥିଲା ମାତୃ ଜାତିର ବିଜୟ ବୈଜୟନ୍ତୀ । ନିରବତାର ସୁରରେ ଶୁଭୁଥିଲା ସର୍ବଂସହା ମାତୃଜାତିର ଅସରନ୍ତି ତ୍ୟାଗ ଓ ସହିଷ୍ଣୁତାର ବିଜୟ ଦୁନ୍ଦୁଭି ।

କିଂକର୍ତ୍ତବ୍ୟବିମୂଢ଼ ହୋଇ ସଂକେତ ମା'ଙ୍କ ମୁହଁକୁ ଅପଲକ ନୟନରେ ଅନାଇ ରହିଥିଲେ । ସଂକେତଙ୍କ ଆଖି ଅନୁତାପର ଲୁହରେ ଜଡ଼ସଡ଼ । ତାଙ୍କ କଣ୍ଠ ମାଆଙ୍କ ମହାନତା ଓ ମହନୀୟତାର ଶୀତଳ ସ୍ପର୍ଶରେ ସ୍ତବ୍ଧ ହୋଇଯାଇଥିଲା ।

('ସାହିତ୍ୟର ସ୍ୱର' ପତ୍ରିକାର ପୂଜାସଂଖ୍ୟା ୨୦୨୨ରେ ପ୍ରକାଶିତ)

Source: Author, Digitized by PPRACHIN, SOA

ସମ୍ପର୍କ

ରବିବାରେ ସକାଳ ସୁନା ଝଲମଲ ଖରାରେ ଝଲୁସୁଥିଲା । ଅତନୁ ଡ୍ରଇଂରୁମ୍‌ରେ ବସି ଖବର କାଗଜ ଉପରେ ଆଖି ବୁଲାଇ ଆଣୁଥିଲେ ।

ଅନୁରାଧା ଡ୍ରଇଂ ରୁମ୍‌ର ଡୋର୍ ପାଖରେ ଛିଡ଼ା ହୋଇ ଅପଲକ ନୟନରେ ଅତନୁର ବିଷର୍ଣ୍ଣ, ବିବର୍ଣ୍ଣ ମୁଖମଣ୍ଡଳକୁ ଅନାଇ ରହିଥିଲା । ମନେ ମନେ ଭାବୁଥିଲା- ସର୍ବଦା ପ୍ରାଣୋଚ୍ଛ୍ବଳ, ଚଳଚଞ୍ଚଳ ମୁହଁର ଆକାଶରେ ବିଷାଦ ଓ ବ୍ୟସ୍ତତାର ମେଘମାଳା, ଉଦାସ ଉଦ୍‌ବେଗର ଛାୟା । ହସରେ ଉଚ୍ଛୁଳି ପଡୁଥିବା ଆଖି ଦୁଇଟି ନିସ୍ପ୍ରଃ, ନିଥର ।

ଡ୍ରଇଂରୁମ୍‌କୁ ପଶିଆସି କୋହଭରା କଣ୍ଠରେ ଅନୁରାଧା କହିଲା- କ'ଣ ହୋଇଛି ତୁମର ? ମୁହଁଟାକୁ ଧାନଉଷାଁ ହାଣ୍ଡିପରି କରି କାଲିଠାରୁ ବସିଛ । ମୁଁ ଦଶପଦ କହିଲେ ତୁମ ମୁହଁରୁ ପଦିଏକଥା ବାହାରୁଛି । ସବୁ ପ୍ରଶ୍ନର 'ହଁ', 'ନାହିଁ'ରେ ଉତ୍ତର ।

- ଚା କପ୍‌ଟିଏ ଆଣ । ଚା ପିଇସାରି ସବୁକଥା କହିବି ।

ଅନୁରାଧା ଗଲାପରେ ଅତନୁଙ୍କ ମନ ପକ୍ଷୀ କାକଳି ତୋଳି ତୋଳି ଉଡ଼ିଯାଇଥିଲା ବିଗତ ଦିନର ଘଟଣା ପ୍ରବାହର ପରିବେଶକୁ । ଅତନୁ ଇଞ୍ଜିନିୟରିଂ ପାସ୍ କରିବା ପରେ ବାଙ୍ଗାଲୋରରେ ଏକ ସଫ୍ଟୱାର କମ୍ପାନୀରେ ଉଚ୍ଚବେତନର ଚାକିରି ପାଇଥିଲେ । ସେ ଭୁବନେଶ୍ୱରର ନୂଆପଲ୍ଲୀରେ ଏକ ଫ୍ଲାଟ୍ କିଣି ସେଠାରେ ବାପା, ବୋଉଙ୍କୁ ରଖିବାର ସମସ୍ତ ବ୍ୟବସ୍ଥା କରିଥିଲେ । ତାଙ୍କ ଗାଁରେ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ସୁବିଧା ନଥିବାରୁ ସେ ଏହି ନିଷ୍ପତ୍ତି ନେଇଥିଲେ । ବାପା, ବୋଉ ଦୂରରେ ଭୁବନେଶ୍ୱରରେ ରହୁଥିବାରୁ ବିବେକର ବୃଶ୍ଚିକ ଦଂଶନର ଜ୍ୱାଳା ସହି ନ ପାରି ସେ ବାପା, ବୋଉଙ୍କୁ ଛଅମାସ ତଳେ ବାଙ୍ଗାଲୋର ନେଇ ଆସିଥିଲେ । ବାପା, ବୋଉ ଦୂରରେ ଭୁବନେଶ୍ୱରରେ ରହୁଥିବାରୁ ବିବେକର ବୃଶ୍ଚିଳ ଦଂଶନର ଜ୍ୱାଳା ସହି ନ ପାରି ସେ ବାପା, ବୋଉଙ୍କୁ ଛଅମାସ ତଳେ ବାଙ୍ଗାଲୋର ନେଇ ଆସିଥିଲେ । ସେତେବେଳେ ବାପାବୋଉଙ୍କୁ ଦେଖିବାକୁ ତାଙ୍କ ବିବାହିତା ଭଉଣୀ କୁନିଅପା ଆସିଥିବାରୁ ତାକୁ ମଧ୍ୟରେ ସାଙ୍ଗରେ ଆଣିଥିଲେ । ବାପା, ବୋଉଙ୍କୁ ସବୁଦିନ ପାଇଁ ବାଙ୍ଗାଲୋରରେ ରଖିବା ପାଇଁ ଅତନୁ ଓ ଅନୁରାଧା ପରିକଳ୍ପନା କରିଥିଲେ ।

Source: Author, Digitized by PPRACHIN, SOA

ସମସ୍ତଙ୍କ କଳ କଲ୍ଲୋଳରେ ଘରର ଅଗଣା ହସରେ ଉଛୁଳି ଉଠିବ ଭାବି ଅତନୁ ଓ ଅନୁରାଧା ଆନନ୍ଦରେ ଆତ୍ମହରା ହେଉଥିଲେ ।

ବାପା, ବୋଉ ଓ ଅପା କିଛିଦିନ ରହିବା ପରେ ଅତନୁ ଲକ୍ଷ୍ୟ କଲେ ଅଶାନ୍ତିର ନିଆଁ ଘରର କୋଣ ଅନୁକୋଣରେ କୁହୁଳି ଉଠୁଛି । ଶାଶୂ ବୋହୂଘରେ ଅସନ୍ତୋଷର ଅନ୍ଧାର ମାଡ଼ିଆିଲେ, ସମାଜର ଆଙ୍ଗୁଠି ତତ୍‌କ୍ଷଣାତ୍ ବୋହୂ ଆଡ଼କୁ ଲମ୍ବିଯାଏ । ସବୁପାଇଁ ବୋହୂଟିର ମୁଣ୍ଡରେ ଅଠା ବୋଲି ଦିଆଯାଏ ।

ଅନୁରାଧା ଥିଲା ଉଇଁ ଆସୁଥିବା ଜହ୍ନଟିଏ ପରି, ସଦ୍ୟ ପ୍ରସ୍ଫୁଟିତ କଇଁଫୁଲଟିଏ ପରି । ତା ହସର ନିର୍ମଳ ପଣ ଅତନୁଙ୍କୁ ମୁଗ୍ଧ କରେ । ଭୋର୍‌ର ଆକାଶ ପରି ସୁନ୍ଦରୀ ଅନୁରାଧା ଥିଲା ଶାନ୍ତ, ସ୍ନିଗ୍ଧ, ସୁଶୀତଳ, ସ୍ନେହଶୀଳ ଓ ମମତାମୟୀ । ବାପା, ବୋଉଙ୍କ ପ୍ରତି ଥିଲା ତା'ର ଅସରନ୍ତି ଶ୍ରଦ୍ଧା ଓ ସମ୍ମାନ । ଉଚ୍ଚଶିକ୍ଷିତା ହୋଇଥିଲେ ହେଁ ପରିବାରର ସୁଖ, ଶାନ୍ତି, ସୌହାର୍ଦ୍ଦ୍ୟ ପାଇଁ ଚାକିରି ନ କରିବାକୁ ନିଷ୍ପତ୍ତି ନେଇଥିଲା ।

ଦିନେ ଅନୁରାଧା ଉଠୁ ଉଠୁ ଘଣ୍ଟାଏ ଡେରି ହୋଇଗଲା । ବୋଉ ଖଣ୍ଡ ପ୍ରଳୟ ସୃଷ୍ଟି କରି କହିଲା- ଦିନ ଆସି ଏତେ ହେଲାଣି । ସାହେବାଣୀଙ୍କର ପହଡ଼ ଭାଙ୍ଗୁନି । ଠାକୁର ଏପର୍ଯ୍ୟନ୍ତ ଅପୂଜା ହୋଇ ବସିଛନ୍ତି । ମୁଁ ଏମିତି କରିଥିଲେ, ମୋ ଶାଶୂ ମୋଠି ଚେଙ୍କ ଲଗାଇଦେଇଥାନ୍ତେ । ଆରେ ! କିଛି ନ କହିଲାଠୁ ଏମାନଙ୍କ ମୁହଁ ବଢ଼ିଗଲାଣି ।

ବୋଉ ପାଟିରେ ଅନୁରାଧା ଧଡ଼ପଡ଼ ହୋଇ ଉଠି ନିତ୍ୟକର୍ମ ସାରି ଠାକୁର ଘରକୁ ଯାଇ ପୂଜା କରିବାକୁ ବସିଗଲା ।

ଅତନୁ ଲକ୍ଷ୍ୟ କଲେ, ଅନୁରାଧାର ଛଳ ଛଳ ମୁହଁର ଦର୍ପଣରେ ଦିଶୁଛି ତା'ର ଥରିଲା ଓଠର ଧୂସର ଚିତ୍ରପଟ । ଅପମାନ ଓ ଅବସାଦରେ ସେ ଭାଙ୍ଗି ପଡୁଥିଲା ।

ଅତନୁ ଭାବୁଥିଲେ - କାମ ବାଲି ଦୁଇଦିନ ହେବ ଆସୁନି, ସାରା ଘରର ଜଞ୍ଜାଳ । ବାପା, ବୋଉ ଓ ଅପା ଦିନ ଯାକ ବସି ଟିଭି ସାମ୍ନାରେ ଆଲୋଚନା, ପର୍ଯ୍ୟାଲୋଚନାରେ ବ୍ୟସ୍ତ । ସବୁ ସିରିଏଲରେ ସେମାନଙ୍କର ଅମାପ ଆଗ୍ରହ । କୁଟାଖଣ୍ଡକୁ ଦିଖଣ୍ଡ କରନ୍ତିନି । ଦିନେ ଅଧେ ସୁବିଧା ଅସୁବିଧାରେ ଅନୁରାଧା ଘଣ୍ଟାଏ ଅଧିକ

Source: Author, Digitized by PPRACHIN, SOA

ଶୋଇଗଲାରୁ କ'ଣ ଏମିତି ବିଗିଡ଼ି ଗଲା ଯେ ଏତେ ବଡ଼ ଚିତ୍କାର ଆଉ ଶାଣିତ କଟାକ୍ଷ । ଏକଥା ବୋଉକୁ ମୁହେଁ ମୁହେଁ ଜଣାଇବାକୁ ପ୍ରତିବାଦର ଶବ୍ଦ ପେଟରୁ ହାବୁକାମାରି ଆସି ତଣ୍ଟିର ପାଚେରି ପାଖରେ ଅଟକିଗଲା ।

ତାପରଦିନ ସକାଳ ଆଠଟାରେ ନିଉଜ ଚାନେଲ୍ ଲଗାଇ ସମ୍ବାଦ ଶୁଣୁଥିଲା ବେଳେ ବୋଉ ଝପଟି ଆସି ଅତନୁର କାନରେ ଫୁସ୍‌ଫୁସ୍ କରି କହିଲା- ଟିଭିକୁ ବନ୍ଦ କରିଦେ । ତୋ ଅପାର ନିଦ ଭାଙ୍ଗିଯିବ ।

ବୋହୂ ଓ ଝିଅ ଭିତରେ ଭିନ୍ନ ଦୃଷ୍ଟିଭଙ୍ଗୀ, ଭିନ୍ନ ଆଚରଣ ଓ ପାତରଅନ୍ତର ବ୍ୟବହାର ଦେଖି ଅତନୁ ଉଦ୍‌ବିଗ୍ନ ଅନୁଭବ କରିଥିଲେହେଁ ପାଟି ଫିଟାଇ ନ ଥିଲେ ।

ଦୁଇଦିନ ପରେ ଅତନୁଙ୍କ ସାଙ୍ଗର ମ୍ୟାରେଜ୍ ଆନିଭର୍ସାରିରେ ଯୋଗ ଦେବା ପାଇଁ ଅନୁରାଧା ମୁହଁରେ ବିଭିନ୍ନ ପ୍ରସାଧନର ପ୍ରଲେପ ଦେଇ ସାଲଓ୍ୱାର କମିଜ ପିନ୍ଧି ବାହାରି ପଡ଼ିଲା । କପାଳରୁ ଝୁଲିପଡ଼ିଥିବା ଅବିନ୍ୟସ୍ତ ଚୂର୍ଣ୍ଣ କୁନ୍ତଳଙ୍କ ଉପଦ୍ରବକୁ ଠେଲିଠେଲି ସେ ଆନନ୍ଦରେ କୁରୁଳି ଉଠୁଥିଲା ।

ବୋଉ ଅନୁରାଧାକୁ ସାମ୍ନାରେ ଦେଖି ରାଗରେ ଜଳି ଉଠିଲା । ତା ମୁହଁରୁ ଉତୁରିଆସିଲା ରଡ଼ ନିଆଁ ଝୁଲ । କର୍କଶ କଣ୍ଠରେ କହିଲା- ତୋର ତ ଭାରି ବହପ । ଶାଶୂ, ଶ୍ୱଶୁର ଅଛନ୍ତି । ଟିକି ଫୁଲେଇଙ୍କ ଭଳି ସଜ ହୋଇ ମୁଣ୍ଡକୁ ହୁତୁ ହୁତୁ କରି ନାଚୁଣୀଙ୍କ ଭଳି ବାହାରି ପଡ଼ିଲା । ମୋ ମୁଣ୍ଡରୁ ଟିକେ ଓଢ଼ଣା ଖସିଗଲେ ମୋ ଶାଶୂ ମୋତେ କଞ୍ଚା ଖାଇଯାଆନ୍ତି । ମୋ ବାପା, ମା, ଚଉଦ ପୁରୁଷର ଶ୍ରାଦ୍ଧ କରିପକାନ୍ତି । କାଲିକା ବୋହୂ, ଭାବୁଛି ନିଜ ହାତରେ ନିଜେ ଚଉଦପାଆ ।

ଅନୁରାଧାର ଦୁଇ ଆଖି ଲୁହରେ ଛଳଛଳ । ଡ୍ରେସ୍ ବଦଳାଇ ଶାଢ଼ି ପିନ୍ଧି ପୁରୁଣାକାଳିଆ ଢଙ୍ଗରେ ମୁଣ୍ଡରେ ଗଣ୍ଡିଟିଏ ପକାଇ ଅତନୁ ସାଙ୍ଗରେ ବାହାରିଲା ।

ଅତନୁ ଭାବୁଥିଲେ- କାହା ହୃଦୟରେ ଆଘାତ ଦେବା ଆଉ କାହା ଆଖିରୁ ଲୁହ ଝରାଇବାର କାରଣ ହେବା ବଡ଼ ଅପରାଧ । ଅନୁରାଧାର ସହନଶୀଳତା ତାଙ୍କୁ ମୁଗ୍ଧ କରିଥିଲା । ସହନଶୀଳତା ଦୁର୍ବଳତା ନୁହେଁ, ବରଂ ଏକ ମହାନ୍ ଶକ୍ତି । ସହନଶୀଳତା

Source: Author, Digitized by PPRACHIN, SOA

ଭଳି ମହନୀୟ ଗୁଣ ସମସ୍ତଙ୍କଠାରେ ନ ଥାଏ ।

ସେଇଠି ଅପା ଦିନଯାକ ହାତକଟା ମାକ୍ସି ପିନ୍ଧି ବୁଲୁଛି । ବୋଉ ଆଖି ସିଆଡ଼େ ଯାଉନି । ସେ ଅନୁରାଧାର ଚାଲିକୁ, ତା'ର କଥା କହିବାର ଢଙ୍ଗକୁ, ତା'ର ରୋଷେଇ କରିବା ପ୍ରଣାଳୀକୁ ସେ ହାଡ଼େ ହାଡ଼େ ଜଗିଛି । ଟିକେ କେଉଁଠି ପାନରୁ ଚୂନ ଖସିଗଲେ ତା'ର ଜିଭର ଛଳଛଳ ଚଟାଣରୁ ମାଡ଼ିଆସୁଛି ମାରାତ୍ମକ ମାରଣାସ୍ତ୍ର ।

ବୋଉର ପାଟିଟା ଗୋଟେ ଖଣ୍ଡାଧାର । କଥାର ଦାଢ଼ରେ ସେ ଅନୁରାଧାର ଛାତିର କଲିଜାକୁ କାଟି ଖିନ୍‌ଭିନ୍ କରିଦେଉଛି । ମଣିଷ ଦାନ୍ତରେ ବିଷ ନଥାଏ, ଥାଏ ତା ପାଟିରୁ ଉତୁରି ପଡୁଥିବା ଶବ୍ଦରେ । ଜଗଦୀଶ୍ୱର ଦାନ୍ତକୁ ଶକ୍ତ କରିଥିବା ସମୟରେ ଜିଭକୁ ନମ୍ର, କୋମଳ କରିଛନ୍ତି ମଧୁର କୋମଳ ବଚନ କହିବା ପାଇଁ । କିନ୍ତୁ ମଣିଷର ମୁଖ ଗହ୍ୱରରୁ ଜିଭର ଛାତଦେଇ ବେଳେବେଳେ ଆଗ୍ନେୟଗିରିର ଉଦ୍‌ଗୀରଣ ହୋଇ ସମ୍ପର୍କର ପାହାଡ଼କୁ ଭାଙ୍ଗି ଚୁରମାର କରିଦିଏ । ବିଶ୍ୱାସ, ସମ୍ପର୍କ, ହୃଦୟ ଭାଙ୍ଗିଲେ ଶବ୍ଦ ହୁଏନା । ନିଃଶବ୍ଦରେ ସେମାନେ ସୃଷ୍ଟି କରନ୍ତି ଲୁହର ଉଜାଣି ଯମୁନା । ଅପମାନ ସହି ଯେ ସମ୍ପର୍କ ବଜାୟ ଯେ ରଖେ ସେ ହୃଦୟବାନ୍ ମଣିଷ । ଅନୁରାଧା ଛାତିକୁ ପଥର କରି ଆଖିଲୁହକୁ ଆଖିରେ ମାରି, ବୋଉ ଓ ଅପା ପ୍ରତି ତା'ର କର୍ତ୍ତବ୍ୟ ସମାପନ କରି ସମ୍ପର୍କ ବଜାୟ ରଖିଥିଲା ।

ଅତନୁ କିଛି ନ କହିଲେ ବି ବୋଉ ଓ ଅପାର ଅନୁରାଧା ପ୍ରତି ଦୁର୍ବ୍ୟବହାରରେ ବ୍ୟସ୍ତ, ବିବ୍ରତ ଅନୁଭବ କରୁଥାନ୍ତି । ତାଙ୍କ ପ୍ରତି ବୋଉ ଓ ଅପାର ଏତେ ସ୍ନେହ, ଏତେ ମମତା, କିନ୍ତୁ ଅନୁରାଧା ପ୍ରତି କାହିଁକି ଏତେ ବିଦ୍ୱେଷ, ଏ ପ୍ରଶ୍ନ ତାଙ୍କୁ ଆନ୍ଦୋଳିତ କରୁଥିଲା । ଶବ୍ଦ ଏକ ଖାଦ୍ୟ, ଚାଖି ଠିକ୍ ଲାଗିଲେତାକୁ ଅନ୍ୟକୁ ପରଷିବା ଉଚିତ ।

ଅତନୁ ଲକ୍ଷ୍ୟ କରୁଥିଲେ- ଶିଳ୍ପୀ ହାତଗଢ଼ା ପାଷାଣୀ ପ୍ରତିମା ପରି ଅନୁରାଧା ପାଲଟିଯାଇଛି ସ୍ଥାଣୁ, ନିର୍ବାକ୍ । ମୁହଁରେ ଯନ୍ତ୍ରଣା ଜର୍ଜରିତ ନୈରାଶ୍ୟର ରେଖା । ତା'ର ଚିପୁଡ଼ି ହୋଇଯାଇଥିବା ତନୁ ମନ ଆହୁରି ଶାଙ୍କୁଡ଼ି ଯାଉଛି । ସତେ ଯେପରି ଏକ ଉଦାସ, ଉଜୁଡ଼ା ଉପବନ ।

Source: Author, Digitized by PPRACHIN, SOA

ଅନୁରାଧା ତା'ର ପ୍ରତିବାଦ ଓ ପ୍ରତିରୋଧ ଯଦି ବୋଉ ଆଗରେ କିମ୍ବା ତାଙ୍କ ଆଗରେ ପ୍ରକାଶ କରିଦିଅନ୍ତା, ହୁଏତ ତା ମୁଣ୍ଡରେ ଲଦି ହୋଇଥିବା ଯନ୍ତ୍ରଣା ପାହାଡ଼ର ଓଜନ ଲାଘବ ହୁଅନ୍ତା । ବୋଉ ଗାଳିର ଗୁଳି ଓ ଅପମାନର ଆୟୁଧ ବିରୁଦ୍ଧରେ ନିରବରେ ଲଢେଇ କରି କରି ଅନୁରାଧା କ୍ଳାନ୍ତ, ଶ୍ରାନ୍ତ, ନିଃସଙ୍ଗ ପଦାତିକ । ବୋଉର ନିରବଚ୍ଛିନ୍ନ ଆକ୍ରମଣର ଉତ୍ତୁଙ୍ଗ ଲହଡ଼ି ଯଦି ଅନୁରାଧାର ସହନଶୀଳତାର ବନ୍ଧକୁ ଭାଙ୍ଗିଦେବ, ସେ ବୋଧହୁଏ କିଛି ଅଘଟଣ ଘଟାଇବାକୁ ବାଧ୍ୟ ହେବ । ଏହି ଚିନ୍ତାରେ ମ୍ରିୟମାଣ ହେଉଥିଲେ ଅତନୁ ।

ବୋଉ ତା ଶାଶୂଠାରେ ଯେଉଁ ଗଞ୍ଜଣା ସହିଛି, ସେ ତା'ର ବୋହୂ ଉପରେ ତାକୁ ଶୁଝାଇବାକୁ ଚାହୁଁଛି । ରକ୍ଷଣଶୀଳତାର ଓହଳଗୁଡ଼ିକ ତା ମନ ବଟବୃକ୍ଷକୁ ଛନ୍ଦି ପକାଇଛନ୍ତି । ବୋଉକୁ ସେ କହିଲେ ତା'ର ଭାବାବେଗରେ କାଳେ ଆଘାତ ଆସିବ, ତେଣୁ ସେ ବୋଉ ମୁହଁରେ କିଛି କହିପାରୁ ନ ଥିଲେ । ଦୁଇ ପିଢ଼ି ଭିତରେ ଥିବା ତାରତମ୍ୟ ଜନିତ ମାନସିକତା ଜଳାଇ ଦେଉଛି ଅଶାନ୍ତିର ନିଆଁ । ହଜିଯାଉଛି ମାନବିକତା ଓ ହୃଦୟବତ୍ତାର ସ୍ୱର ।

ଅପାକୁ ନେବାକୁ ଭିଣୋଇ ବାଙ୍ଗାଲୋର ଆସିଥିଲେ । ସେ ଢେଙ୍କାନାଳରେ ସରକାରୀ ଚାକିରି କରନ୍ତି । ଭିଣୋଇଙ୍କ ସଙ୍ଗରେ ବାପା, ବୋଉଙ୍କୁ ବୁଝାଇ ଶୁଝାଇ ଭୁବନେଶ୍ୱର ପଠାଇବାର ବ୍ୟବସ୍ଥା କରିଥିଲେ ଅତନୁ । ସେମାନେ ଭୁବନେଶ୍ୱରରେ ରହିବାବେଳେ ଦେହପା ଭଲମନ୍ଦକୁ ନେଇ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଥିଲେ । ସେଥିପାଇଁ ଅତନୁ ସବୁବେଳେ ଉଦ୍‌ବିଗ୍ନ ରହୁଥିଲେ ବି ସେମାନଙ୍କୁ ବାଙ୍ଗାଲୋର ଆଣି ଘର ଭିତରେ ଅଶାନ୍ତିର ମଞ୍ଜି ପୋତିବାକୁ କୁଣ୍ଠବୋଧ କରୁଥିଲେ । ପ୍ରତି ସପ୍ତାହରେ ବାପା, ବୋଉଙ୍କ ସଙ୍ଗରେ କଥା ହୋଇ ସେମାନଙ୍କ ଭଲମନ୍ଦ ବୁଝୁଥିଲେ । ଇତି ମଧ୍ୟରେ ଛଅ ମାସ ବିତିଯାଇଛି ।

ଅନୁରାଧା ଡ୍ରଇଂରୁମ୍‌କୁ ପଶିଆସି ଅତନୁଙ୍କ ହାତରେ ଚା'କପ୍‌ଟି ଧରାଇଦେଇ କହିଲେ- ଏବେ କୁହ କ'ଣ ହେଇଛି ? ତୁମେ କାହିଁକି ଦୁଃଖରେ ଭାଙ୍ଗିପଡ଼ି କଳାକାଠ ପଡ଼ିଗଲଣି ?

Source: Author, Digitized by PPRACHIN, SOA

ଅତନୁ ତାଙ୍କ ଭାବନା ରାଜ୍ୟରୁ ଫେରିଆସି ଅନୁରାଧାଙ୍କୁ କହିଲେ- ମୁଁ ପନ୍ଦରଦିନ ତଳେ ସବୁକଥା ଲେଖି ବୋଉ ପାଖକୁ ଚିଠି ଲେଖିଥିଲି । ମୁଁ ଭାବୁଛି ମୋ ଚିଠି ପଢ଼ି ବୋଉ ରାଗରେ ଜଳୁଛି । ଆମ ନୂଆପଲ୍ଲୀ ଘରେ ତାଲା ପଡ଼ିଛି । ଫୋନ୍ କଲାବେଳକୁ ବାପାଙ୍କ ଫୋନ୍ ସୁଇଚ୍ ଅଫ୍ ବୋଲି ବାର୍ତ୍ତା ଆସୁଛି । ଭୁବନେଶ୍ୱର ଓ ଆଖପାଖ ସ୍ଥାନରେ ଆମର ସବୁ ବନ୍ଧୁବାନ୍ଧବଙ୍କ ଘରକୁ କାଲି ଦିନଯାକ ଫୋନ୍ କଲି । ସେମାନଙ୍କ ଘରକୁ ବାପା ବୋଉ ଯାଇନାହାନ୍ତି । ଆମ ଗାଁକୁ ଫୋନ୍ କଲି । ଗାଁକୁ ମଧ୍ୟ ଯାଇନାହାନ୍ତି । ଭୁବନେଶ୍ୱର ପଡ଼ୋଶୀଙ୍କ ଘରକୁ ଆଜି ଫୋନ୍ କରିଥିଲି । ସେମାନେ କହିଲେ- ତମ ବାପା, ବୋଉ ଗତକାଲି ଭୋର୍‌ରୁ ଅଟୋ କରି ଜିନିଷପତ୍ର ନେଇ କେଉଁଆଡ଼େ ଯିବାର ଦେଖିଥିଲୁ । ଭୁବନେଶ୍ୱରରେ କେଉଁଠି ଜରାଶ୍ରମ ଅଛି ବୋଲି ଆଗରୁ ଆମକୁ ପଚାରୁଥିଲେ ।

ବୋଉର ତ ନାକ ଅଗରେ ରାଗ । ସେ ଚିଠି ପଢ଼ି ମୋ ଉପରେ ଅଭିମାନ କରି କୌଣସି ବୃଦ୍ଧାଶ୍ରମକୁ ବାପାଙ୍କ ସହିତ ଚାଲିଯାଇଛି ବୋଲି ଭାବୁଛି ।

– ତମେ ଚିଠିରେ ଏମିତି କ'ଣ ଲେଖିଥିଲ ଯେ ସେମାନେ ରାଗି କରି ପଞ୍ଚମ ହୋଇଗଲେ ?

– ମୁଁ ଲେଖିଥିଲି ଯେ ମୋବାଇଲ୍‌ରେ କିମ୍ବା ତୋ ସାମ୍ନାରେ କେତେକ କଥା ସ୍ପଷ୍ଟ କହିବାକୁ ମୋ ଜିଭ ଲେଉଟିଲା ନାହିଁ । ତେଣୁ ଚିଠିରେ ମୋ ମନର ଅକୁହା କଥା, ଅବ୍ୟକ୍ତ ବେଦନା ସ୍ପଷ୍ଟ ପ୍ରକାଶ କରୁଛି ।

ମୋ ବାହାଘର ପରେ ମୁଁ ଭାବିଥିଲି ଆମେ ସବୁ ମିଶି ମୋ ଚାକିରି ସ୍ଥାନରେ ସୁଖ ଶାନ୍ତିରେ ରହିବା । ସେଥିପାଇଁ ତୁମମାନଙ୍କୁ ବାଙ୍ଗାଲୋର ନେଇ ଆସିଥିଲି । ତୁ ଅନୁରାଧାକୁ ଏପରି ଦୁର୍ବ୍ୟବହାର କଲୁ ଯେ ଘରେ ସବୁବେଳେ ଅଶାନ୍ତିର ନିଆଁ ଜଳିଲା । ଝିଅ ଓ ବୋହୂ ଭିତରେ ତୋର ପାତର ଅନ୍ତର ବ୍ୟବହାର ମୋତେ ବ୍ୟଥିତ କଲା । ମୁଁ ଆଉ ଅପା ଯେତେ ଭୁଲ୍ କଲେ ବି ତୁ ଦେଖି ନ ଦେଖିଲା ଭଳି ହେଉ । ଅଥଚ ଅନୁରାଧାକୁ ଗୋଡ଼େ ଗୋଡ଼େ ଜଗି ଥାଉ । ପାନରୁ ଚୂନ ଖସିଗଲେ ତା ଉପରେ ଗାଳି ବର୍ଷଣ କରୁ । ତା ଆଖିରୁ ଅନବରତ ଲୁହର ଧାର ଛୁଟୁଥାଏ, ହେଲେ ସେ ତୋ ମୁହଁ ଉପରେ ପଦେ

Source: Author, Digitized by PPRACHIN, SOA

ଜବାବ ଦିଏନା । ତାର ତ ତୁମମାନଙ୍କ ପ୍ରତି ଅସୀମ ଶ୍ରଦ୍ଧା ଓ ସମ୍ମାନ ।

ଜେଜେମା ତୋତେ ଯେପରି ନିର୍ଯାତନା ଦେଇଥିଲା, ତୁ ତା'ର କଡ଼ା ଗଣ୍ଡା ହିସାବ କରି ଅନୁରାଧା ଉପରେ ଶୁଝାଇଥିଲୁ । ସମୟ ବଦଳି ଯାଇଛି । ତୋତେ ସମୟ ସହିତ ତାଳଦେଇ ଚାଲିବାକୁ ପଡ଼ିବ । ଯେ ତୋର ବୋହୂ, ସେ ବି କାହାର ଝିଅ । ଝିଅଟିଏ ନିଜ ବାପା, ବୋଉ, ଘରଦ୍ୱାର, ବନ୍ଧୁବାନ୍ଧବଙ୍କୁ ପର କରି ଏରୁଣ୍ଡି ବନ୍ଧ ଡେଇଁ ଶାଶୂଘର ଭିତରେ ପ୍ରବେଶ କରେ । ଶାଶୂ ଓ ଶ୍ୱଶୁରଙ୍କ ଭିତରେ ମମତାମୟୀ ବୋଉ, ବାପାଙ୍କୁ ଆକୁଳ ହୋଇ ଖୋଜେ । ନଣନ୍ଦ ଭିତରେ ସୁଖଦୁଃଖ ବାଣ୍ଟୁଥିବା ସାଥୀଟିଏ ପାଇବା ପାଇଁ ବ୍ୟାକୁଳ ହୁଏ । ବୋହୂଟିଏ ଶାଶୂଘରେ ସ୍ୱପ୍ନ ଦେଖେ ବିଶ୍ୱାସର ନିବୁଜ କାନ୍ଥ, ଭରସାର ସୌଧ, ଅନ୍ତରଙ୍ଗତାରେ ଛଳଛଳ ଚଟାଣ । ମୁଠାଏ ଭଲପାଇବା, ଟିକିଏ ଖୋଲାପଣ ଆଉ ପ୍ରଶସ୍ତ ହୃଦୟକୁ ପାଇବା ପାଇଁ ମନରେ କଅଁଳି ଉଠେ କାମନା ।

ତୁ ଭାବିଲୁ ଦେଖି, ଅନୁରାଧା ଆମ ଘରକୁ ବୋହୂ ହୋଇ ଆସି କ'ଣ ଏହା ପାଇଛି ? ପାଇଥିଲେ ଆମ ଘର ଆଜି ଖୁସିରେ ହସୁଥାନ୍ତା । ତୁମେମାନେ ଆଜି ଆମଠାରୁ ଦୂରରେ ରହି ହଇରାଣ ହରକତ ହେଉନଥାନ୍ତ କିମ୍ବା ତୁମମାନଙ୍କର ଅସୁବିଧା ପାଇଁ ମୁଁ ଚିନ୍ତାରେ ସର୍ବଦା ମ୍ରିୟମାଣ ହେଉନଥାନ୍ତି ।

ଲୁହ ଛଳ ଛଳ ଆଖିରେ ଅନୁରାଧା କହିଲା- ତୁମେ ଏପରି ଲେଖିଲ କାହିଁକି ? ବାପା, ବୋଉ ଭାବିବେ, ମୁଁ ତୁମକୁ ଶିଖେଇ ଏ ଚିଠିଟି ତୁମ ଦ୍ୱାରା ଲେଖାଇଛି । ସହଜେତ ସେମାନଙ୍କର ମୋ ପ୍ରତି ବିଦ୍ୱେଷ ଆଉ ଘୃଣା । ଏବେ ସେମାନେ ରାଗରେ ପାଚି ଯାଉଥିବେ ।

ଅତନୁ ବିବ୍ରତ ମୁଖମଣ୍ଡଳରେ କହିଲେ- ଯାହା ହେବାର ଥିଲା, ହେଲାଣି । ମୁଁ ଭାବୁଛି କାଲି କିମ୍ବା ପଅରଦିନ ଫ୍ଲାଇଟ୍‌ରେ ଭୁବନେଶ୍ୱର ଯାଇ ସବୁ ବୃଦ୍ଧାଶ୍ରମ ଅନୁସନ୍ଧାନ କରି ସେମାନଙ୍କୁ ପାଇ ବୁଝାଇ ଶୁଝାଇ ଭୁବନେଶ୍ୱର ଘରକୁ ଫେରାଇ ଆଣିବି । ତାଙ୍କର ଚଳିବାକୁ ସହଜ, ସୁଗମ କରିବା ପାଇଁ ଲୋକ ରଖି ସବୁ ବ୍ୟବସ୍ଥା କରିବି ।

Source: Author, Digitized by PPRACHIN, SOA

ଏତିକି ବେଳେ କଲିଂ ବେଲ୍ ବାଜି ଉଠିଲା । କବାଟ ଖୋଲିଲାବେଳକୁ ସାମ୍ନାରେ ବାପା ଓ ବୋଉ । ଅତନୁ ଓ ଅନୁରାଧା ଉଭୟ ବିସ୍ମୟାଭିଭୂତ ।

ଅତନୁ କିଛି କହିବା ଆରମ୍ଭ କଲାବେଳକୁ ବାପା କହିଲେ- ମୋର ଜଣେ ସାଙ୍ଗର ପୁଅ କାଲି ବାଙ୍ଗାଲୋର ଆସିବାର ଥିଲା । ତା ସଙ୍ଗରେ ଆସି ଭଲରେ ଭଲରେ ଏଠାରେ ପହଞ୍ଚିଗଲୁ । ମୋ ମୋବାଇଲ୍‌ଟା ତିନିଦିନ ତଳେ ରାସ୍ତାରେ ପଡ଼ି ଭାଙ୍ଗିଯାଇଛି । କାମ କରୁନି । ତୋ ନମ୍ବର ସେଥିରେ ଥିଲା । ତେଣୁ ତୋ ପାଖକୁ ଫୋନ୍ କରିପାରିଲିନି ।

ବୋଉ ଲୁହ ଡବଡବ ଆଖିରେ ଅନୁରାଧାକୁ କୁଣ୍ଢାଇ ପକାଇ କହିଲେ- ମା'ଲୋ ! ମୁଁ ତୋତେ କେତେ ଗାଳି ଦେଇଛି, ଗଞ୍ଜଣା ଦେଇଛି, କନ୍ଦାଇଛି । ଅତନୁର ଚିଠି ପାଇଲା ପରେ ମୋ ଆଖି ଖୋଲିଯାଇଛି । ମୋ ଆଖିରେ ଲୁହ ଶୁଖୁନି । ଅନୁତାପରେ ମୁଁ ଜଳିଯାଉଛି । ମା'ଲୋ ! ମୋତେ କ୍ଷମା ଦେବୁ । ଆଜିଠାରୁ ତୁ ମୋର ବୋହୂ ନୁହେଁ, ତୁ ମୋର ଝିଅ ।

ଅତନୁ ଆଶ୍ଚର୍ଯ୍ୟ ଚକିତ ନୟନରେ ବୋଉକୁ ଅନାଇ ରହିଥିଲେ । ଜ୍ୟୋତ୍ସ୍ନା ରାତ୍ରିର କୌମୁଦୀ ଭଳି ତାଙ୍କ ହୃଦୟରେ ଆନନ୍ଦାମୃତର ପ୍ଲାବନ, ସ୍ନିଗ୍ଧ ସମୀରଣ । ସେ ଭାବୁଥିଲେ - ଯଦି ସବୁ ଶାଶୂମାନେ ବୋହୂକୁ ଝିଅଭଳି ସ୍ନେହ ଦିଅନ୍ତେ, ବୋହୂମାନେ ଶାଶୂଙ୍କୁ ମା' ପରି ସମ୍ମାନ କରନ୍ତେ, ଏ ସଂସାର ସରସ, ସୁନ୍ଦର, ସୁଖଶାନ୍ତିମୟ ହୋଇଯାଆନ୍ତା ।

✤

(ସାହିତ୍ୟ ଚର୍ଚ୍ଚାରେ ମେ ୨୦୨୨ ସଂଖ୍ୟାରେ ପ୍ରକାଶିତ)

Source: Author, Digitized by PPRACHIN, SOA

ପର ଆପଣା

ଝରକା ପାଖରେ ବସି ଆୟୁଷ୍ମାନ ଗାଁ ଦାଣ୍ଡକୁ ନିର୍ନିମେଷ ନୟନରେ ଅନାଇ ରହିଥିଲା ବେଳେ ସାଙ୍ଗ ସନାତନ ଚୁପ୍‌ଚୁପ୍ ଆସି ଫୁସ୍‌ଫୁସ୍ କରି କହିଲା- ଆରେ ଆୟୁଷ୍ମାନ । ଅର୍ପିତାକୁ କରୋନା ହୋଇଛି ।

ଆୟୁଷ୍ମାନର ଛାତିତଳେ ଅତଡ଼ା ଖସୁଥିଲା । ଦୁଃଖର ଅସରନ୍ତି ଲହଡ଼ି ତା ଛାତିକୁ କୋରି ପକାଉଥିଲା । ବାହାରକୁ ଅବିଚଳିତ ଦେଖା ହେବାପାଇଁ ପ୍ରୟାସ ଜାରି ରଖିଥିଲେ ବି ତା ହୃଦୟର ଅକ୍ଷର ମୁହଁରେ ପ୍ରତିଫଳିତ ହେଉଥିଲା । ପ୍ରକୃତିସ୍ଥ ହୋଇ ଅର୍ପିତା ଘର ଅଭିମୁଖେ ଆୟୁଷ୍ମାନ ବାହାରି ପଡ଼ିଲା ।

କୁଆଡ଼େ ଯାଉଛୁ ବାବୁ ? - ବୋଉର ପ୍ରଶ୍ନରେ ଚମକି ପଡ଼ିଲା ଆୟୁଷ୍ମାନ । ଅର୍ପିତା ଘରକୁ ଯିବା କଥା କହିଲେ ବୋଉ ରାଗରେ ତମତମ ହୋଇ ଅର୍ପିତାର ଚଉଦ ପୁରୁଷଙ୍କୁ ଶ୍ରାଦ୍ଧ କରିଦେବ ।

ଆୟୁଷ୍ମାନ ଗାଁ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ । ଅର୍ପିତା ସେହି ସ୍କୁଲର ଶିକ୍ଷୟିତ୍ରୀ । ପିଲାଦିନରୁ ସେମାନଙ୍କ ମନ ଗହନରେ ଯେଉଁ ମମତାର ଫଲ୍‌ଗୁ ବହୁଥିଲା, ଏବେ ତାହା ପ୍ରୀତି ପୁଷ୍ପରେ ପରିଣତ ହୋଇ ସୁରଭିତ ହେଉଥିଲା । କିନ୍ତୁ ସେମାନଙ୍କ ସମ୍ପର୍କକୁ କେନ୍ଦ୍ରକରି ଦୁଇ ପରିବାର ଭିତରେ ମେଘନାଦ ପାଚେରି ମୁଣ୍ଡ ଟେକିଥିଲା । ଆୟୁଷ୍ମାନ କ୍ଷତ୍ରିୟ ପରିବାରର ହୋଇଥିଲା ବେଳେ ଅର୍ପିତା ବାରିକ ପରିବାର ସନ୍ତାନ ଥିଲା । ଉଭୟ ପରିବାର ସେମାନଙ୍କ ଜିଦ୍‌ରେ ଅଚଳ, ଅଟଳ । ସେମାନଙ୍କ ପିଲାମାନେ ନିଜ ଜାତିରେ ହିଁ ବିବାହ କରିବେ ।

ମୁଁ ଅର୍ପିତା ଘରକୁ ଯାଉଛି । ତାକୁ କରୋନା ହୋଇଛି । -ଗୁରୁଗମ୍ଭୀର କଣ୍ଠରେ ଏତକ କହିଦେଇ ଅର୍ପିତା ଘରଆଡ଼େ ଅବିଚଳିତ ଢଙ୍ଗରେ ଆଗେଇ ଚାଲିଥିଲା । ବୋଉର ପ୍ରତିବାଦ ଓ ପ୍ରତିରୋଧର ପ୍ରତିଧ୍ୱନି ତା କାନରେ ଛୁଞ୍ଚି ଭଳି ଗଳିଯାଉଥିଲା ।

ଅର୍ପିତାର ଘରକୁ ଯାଇ ଦେଖିଲା, ଅର୍ପିତା ଏକ ସଂକୀର୍ଣ୍ଣ ଏକଣା ଘରେ ଅଲୋଡ଼ା, ଅଖୋଜା ପଡ଼ି ରହିଛି । ସଜାଫୁଟା ଗୋଲାପ ପରି ଢଳଢ଼ଳ ତା ମୁହଁଟି ନିଷ୍ପ୍ରଭ । ଅଜଣା ଆଶଙ୍କାରେ ତା'ର ଦେହ ଓ ମନ ଶାଙ୍କୁଡ଼ି ଯାଇଥିଲା । ପ୍ରଗଳ୍‌ଭା ନଦୀଟି ବାଲିଚର

Source: Author, Digitized by PPRACHIN, SOA

ମରୁରେ ପାଲଟି ଯାଇଥିଲା । ଚିକ୍ ଚିକ୍ ଉଜ୍ଜ୍ୱଳ ଦିଶୁଥିବା ଆଖିରେ ବିଷାଦର ଛାୟା । ଛନ୍‌ଛନ୍ ହୋଇ ନୃତ୍ୟ କରୁଥିବା ଭ୍ରୂଲତା ଦୁଇଟି ନିସ୍ତବ୍ଧ, ନିଥର ।

ଆୟୁଷ୍ମାନ ଅର୍ପିତାର ଶୋଚନୀୟ ଅବସ୍ଥା ଦେଖି ବ୍ୟସ୍ତ, ବିବ୍ରତ, ବିଷର୍ଣ୍ଣ ଦେଖାଦେଲା । ଲୁହ ଛଳ ଆଖିରେ ତା'ର ଚମ୍ପା କଢ଼ି ପରି ଦୁଇ କଅଁଳ ହାତ ଦୁଇଟିକୁ ଧରି କହିଲା- ଚିନ୍ତା କରନା । ଧୈର୍ଯ୍ୟ ଧର । ସବୁ ଠିକ୍ ହୋଇଯିବ ।

କରାଳ କରୋନାରେ ଆକ୍ରାନ୍ତ ହୋଇବି ଆୟୁଷ୍ମାନର ସ୍ପର୍ଶ ଓ ସ୍ନେହବୋଳା କଥା ଦୁଇପଦ ତା ଦେହରେ ପ୍ରାଣ ସଞ୍ଚାର କଲା । ତାକୁ ଉପେକ୍ଷିତ ଲାଗୁ ନ ଥିଲା । ତା ଠି ଅବାଂଛିତର ଅନୁଭବ ନ ଥିଲା । ମୁହଁରେ ଉକୁଟି ଉଠିଥିଲା ସନ୍ତୋଷର ଭାବ, ପ୍ରାପ୍ତିର ଉଲ୍ଲାସ । ଶୁଖିଲା ଓଠରେ ଧୀରେ ହସ ଫୁଟାଇ କହିଲା- ତୁମେ ମୋତେ ଛୁଅଁନା । ତୁମକୁ କରୋନା ହୋଇଯିବ । ମୋର ଯାହା ହେଲେ ମୁଁ ସମ୍ଭାଳି ନେବି । ତମର କିଛି ହେଲେ ମୁଁ ଜିଇ ଥାଉ ଥାଉ ମରିଯିବି ।

- କ'ଣ ହେଉଛି ? - ଆୟୁଷ୍ମାନର ଆବେଗଭରା ପ୍ରଶ୍ନ ।

- ମୋ ଦେହରେ ଜ୍ୱର । ଶୁଖିଲା କାଶ ବାରମ୍ବାର ହୋଇ ମୋତେ ନାକେଦମ୍ କରି ଦେଉଛି । ନାକରେ ଗନ୍ଧ ଆଉ ଜିଭରେ ସ୍ୱାଦ ବାରିପାରୁନି । ଅଙ୍ଗନୱାଡ଼ି ଦିଦି ପରୀକ୍ଷା ରିପୋର୍ଟ ଆସିବା ପରେ ମୋତେ ଜଣାଇଲେ ଯେ ମୋତେ କରୋନା ହୋଇଛି ।

- କ'ଣ ଖାଇଛ ? ତୁମର ସେବା ଶୁଶ୍ରୂଷା କିଏ କରୁଛି ?

ଅର୍ପିତାର ଛାତି ଫଟାଇ କୋହ ଉତୁରି ପଡ଼ିଲା । କୋହ ଲୁହ ହୋଇ ଝରିବାକୁ ଲାଗିଲା । ଭଙ୍ଗା ସ୍ୱରରେ କହିଲା- ବାପା, ବୋଉଙ୍କ ବୟସ ସତୁରି ଟପିଲାଣି । ସେମାନଙ୍କୁ ଡାଇବେଟିସ୍, ଆଜ୍‌ମା ମାଡ଼ି ବସିଛି । ସେମାନେ ଭୟ ଓ ଆଶଙ୍କାରେ ଜଡ଼ସଡ଼ । ମୋ ପାଖ ମାଡୁନାହାନ୍ତି । ରୋଷେଇ କରି ଖାଦ୍ୟ ଟିକିଏ ଦେବାକୁ ସେମାନେ ପଛଘୁଞ୍ଚା ଦେଉଛନ୍ତି । ତୁମ ସାଙ୍ଗ ସନାତନ ହାତରେ ପାଉଁରୁଟି, ବିସ୍କୁଟ ମଗାଇ କୌଣସିମତେ ନିଜକୁ ବଞ୍ଚାଇ ରଖିଛି ।

ଆୟୁଷ୍ମାନ ବାହାରକୁ ଆସି ଦେଖିଲେ, ଅର୍ପିତାର ବାପା, ମା' ଆଉ ଗୋଟିଏ ଘରେ ବସି ଭୟରେ ବରଡ଼ା ପତ୍ର ପରି ଥରୁଛନ୍ତି । ତାଙ୍କ ଚିପୁଡ଼ି ଯାଉଥିବା ଦେହ ଆହୁରି

Source: Author, Digitized by PPRACHIN, SOA

ଢାକି ହୋଇଯାଉଛି । ଆଖିଲୁହ ଭର୍ତ୍ତି । କଣ୍ଠ ବାଷ୍ପରୁଦ୍ଧ ।

ଆୟୁଷ୍ମାନ ସେମାନଙ୍କୁ ବୁଝାଇବାକୁ ଯାଇ କହିଲେ- ଆପଣମାନେ ଅର୍ପିତାର ଯତ୍ନ ନ ନେଲେ ସେ ବଞ୍ଚି ଥାଉ ଥାଉ ଚାଲିଯିବ । ମାସ୍କ ପିନ୍ଧି ଛଅ ଫୁଟ ଦୂରତା ରଖି ତାକୁ ସହାୟତାର ହାତ ବଢ଼ାନ୍ତୁ । ସେ ଆପଣଙ୍କର ଏକମାତ୍ର ଝିଅ । ତା ପ୍ରତି ଏତେ ବଡ଼ ଅବିଚାର କରନ୍ତୁ ନାହିଁ ।

- ଆମେ କ'ଣ କରିବୁ, ଆମକୁ ବୁଦ୍ଧି ଦିଶୁନି । ଆମକୁ ଲାଗୁଛି, ଅର୍ପିତାର ଦେହରୁ ଭୂତାଣୁମାନେ ଆସି ଆମ ଘର ଭିତର ବାହାରେ ଉପଦ୍ରବ ଆରମ୍ଭ କରିଦେଇଛନ୍ତି । ଆମକୁ ନିଃଶେଷ କରିବାକୁ ସେମାନେ ଯେମିତି ଅଣ୍ଟା ଭିଡ଼ିଛନ୍ତି । ଆମେ ଚାଲିଗଲେ, ଅର୍ପିତାର ବାହାଘର କେମିତି ହେବ ? ଆମେ ନିଜେ ବଞ୍ଚିଲେ ସିନା ଅନ୍ୟ ପାଖରେ ଠିଆ ହେବୁ । ତା ପାଖକୁ ଯିବାକୁ ଆମକୁ ଡର ଲାଗୁଛି । ସେ ଯେମିତି ମୃତ୍ୟୁର ପରୱାନା ନେଇ ଆସିଛି । ଅର୍ପିତାର ବଳ ଅଛି, ବୟସ ଅଛି । ସେ ରୋଗ ସହ ଲଢ଼ି ପାରିବ । ଆମେ ଶୁଖିଲା ଡାଳ ଖଣ୍ଡେ ହୋଇ ଗଛରେ ଲାଖିକି ରହିଛୁ । ସୁର୍ କିନି ଟିକିଏ ପବନ ହେଲେ ଆମେ ଝଡ଼ିପଡ଼ିବୁ । ଆମକୁ କେହି ଛୁଇଁବେନି । ଆମର ପାଖ ମାଡ଼ିବେନି । ଆମକୁ ଶିଆଳ, ଶାଗୁଣା ଟେକି ନେଇଯିବେ ।

ଆୟୁଷ୍ମାନ ଭାବୁଥିଲେ- ମଣିଷର ଜୀବନ ପ୍ରତି ମାୟା, ମୋହ, ଅପ୍ରତିହତ, ଅପରିମିତ । ବିପଦ ମାଡ଼ି ଆସିଲେ, ଆଶଙ୍କାର ଅନ୍ଧାର ଭିତରେ ମଣିଷ ଅଣନିଶ୍ୱାସୀ ଅନୁଭବ କଲେ, ନିଜର ସୁରକ୍ଷା ପାଇଁ ଆଗଭର ହୁଏ । ସନ୍ତାନ, ସହୋଦର, ସାଙ୍ଗସାଥୀଙ୍କୁ ମଣିଷ ଭୁଲିଯାଏ । ବାଘୁଣୀଟିଏ ଶିକାରୀର ଆକ୍ରମଣର ସମ୍ମୁଖୀନ ହେଲାବେଳେ ନିଜ ଜୀବନ ବଞ୍ଚାଇବା ପାଇଁ ପ୍ରାଣ ବିକଳରେ ଦୌଡ଼ିଯାଏ । ତାପରେ ଅନାଏ ପଛକୁ, ସନ୍ତାନ ଓ ସହୋଦରଙ୍କ ଅବସ୍ଥା ଜାଣିବାକୁ । କରୁଣା ବିହୀନ ଏ ମହାମାରୀର ଜାନ୍ତବ ଯନ୍ତ୍ରଣାର ଆଶଙ୍କାରେ ସମସ୍ତେ ନିଜ ସୁରକ୍ଷା ପାଇଁ ଚିନ୍ତିତ, ବିବ୍ରତ । ସମୁଦ୍ର ଗର୍ଭରେ ସୃଷ୍ଟ ଘୂର୍ଣ୍ଣିବଳୟ ଯେପରି ଆୟୁଷ୍ମାନର ଅନ୍ତରକୁ ମନ୍ଥି ପକାଉଥିଲା । ପ୍ରେମରେ, ଶ୍ରଦ୍ଧାରେ, ଭଲ ପାଇବାରେ ବଡ଼ କୌଣସି ସ୍ୱାର୍ଥ ତ୍ୟାଗ କଲେ, ଯେଉଁ ତୃପ୍ତି ମିଳେ ତାହା ଅବର୍ଣ୍ଣନୀୟ । ସହାନୁଭୂତି ଓ ସମ୍ବେଦନଶୀଳତା ତା ମନକୁ ପଥର ଭଳି ମଜବୁତ୍ କରି

Source: Author, Digitized by PPRACHIN, SOA

ଦେଇଥିଲା । ଅର୍ପିତାକୁ ସୁସ୍ଥ କରିବା ପାଇଁ ହୋଇଥିଲା ଦୃଢ଼ ପ୍ରତିଜ୍ଞା । ନିବିଡ଼ ଅନ୍ଧାରି ମୁଳକରୁ ଅର୍ପିତା ଝକ୍ ଝକ୍ ହୋଇ ଝଟକି ଆସିବ, ଏ ଆଶା ଓ ବିଶ୍ୱାସ ତା ମନରେ ଜମାଟ ବାନ୍ଧୁଥିଲା ।

ଅର୍ପିତା ଘରକୁ ଯାଇ ଅର୍ପିତାକୁ ଦେଖିବାକୁ ଗାଁ ଡାକ୍ତରଙ୍କୁ ଆୟୁଷ୍ମାନ କାକୁତି ମିନତି ହୋଇ ଅନୁରୋଧ କଲା । କୌଣସି କରୋନା ରୋଗୀ ଘରକୁ ଯିବାକୁ ସେ ସିଧା ସିଧା ମନା କରିଦେଲେ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଓ ପଥି ଆଣି ଅର୍ପିତାକୁ ଧରାଇଦେଲା । ସାଙ୍ଗ ସନାତନର ସ୍ତ୍ରୀକୁ କହିଲା, ଅର୍ପିତା ପାଇଁ ପ୍ରତିଦିନ ଜଳଖିଆ ଓ ଭାତ ଇତ୍ୟାଦି ଖାଦ୍ୟ ପ୍ରସ୍ତୁତ କରିବା ପାଇଁ । କଦଳୀପତ୍ର କିମ୍ବା ଖଲିପତ୍ରରେ ପ୍ୟାକ୍ କରି ଅର୍ପିତାକୁ ଖାଦ୍ୟ ଯୋଗାଇ ଦେଲା । ଯେତେ ବୁଝାଇଲେ ବି ଅର୍ପିତାର ବାପା, ମା'ଙ୍କ ପାଇଁ ଅର୍ପିତା ପାଲଟି ଯାଇଥିଲା ଏକ ଅସ୍ପୃଶ୍ୟ ପ୍ରାଣୀ । ଅର୍ପିତାକୁ ଦେଖିଦେଲେ ସେମାନେ ଅନୁଭବ କରୁଥିଲେ ଯେପରି କରୋନା ଦାନବ ସେମାନଙ୍କୁ ଗ୍ରାସ କରିବାକୁ ଆଁ କରି ମାଡ଼ି ଆସୁଛି ।

ପରିବାର ଓ ଶୁଭାକାଂକ୍ଷୀମାନେ ଅର୍ପିତା ଘରକୁ ନଯିବା ପାଇଁ ଆୟୁଷ୍ମାନଙ୍କୁ ବାରମ୍ବାର ସତର୍କ କରୁଥିଲେ । ପ୍ରତିବାଦ ଓ ପ୍ରତିବାଦର ଶର ନିକ୍ଷେପ କରି କରି ତାକୁ କରିଥିଲେ କ୍ଷତାକ୍ତ । ଆୟୁଷ୍ମାନ କିନ୍ତୁ ନଛୋଡ଼ବନ୍ଧା । ବିନା ଦ୍ୱନ୍ଦ୍ୱରେ, ବିନା ଦ୍ୱିଧାରେ ସେବା ଶୁଶ୍ରୂଷାର ହାତ ଅର୍ପିତା ଆଡ଼କୁ ବଢ଼ାଇଦେଇଥିଲା ।

ଅର୍ପିତା ସୁସ୍ଥ ହେଲାପରେ ଆୟୁଷ୍ମାନର ଦୁଇ ହାତକୁ ଜାବୁଡ଼ି ଧରି କହିଲା- ତୁମେ ମୋ ପାଇଁ ଜୀବନ୍ତ ଭଗବାନ । ମରଣର ଜନ୍ତାଭିତରୁ ମୁକୁଳାଇ ଆଣି ନୂଆ ଜୀବନ ଦେଲ ।

ହସରେ ଉଚ୍ଛୁଳି ପଡୁଥିବା ବେଳେ ତା ମୁହଁରେ ଖେଳିଗଲା ବିଷାଦ ଓ ବିଷଣ୍ଣତାର ଛାୟା । ଆଖିରେ ଲୁହ ଜକେଇ ଆସିଲା । ଲୁହ ଡବଡ଼ବ ଆଖିରେ କହିଲା- ତୁମ ଦେହରେ କ'ଣ ତାତି ?

- ହଁ କାଲି ବେଳବୁଡ଼ ଠାରୁ ମୁଁ ଅସୁସ୍ଥତା ଅନୁଭବ କରୁଛି । ବହୁତ କାଶ ହେବାରୁ ରାତିରେ କାଲି ଶୋଇପାରିଲିନି । କରୋନା ପରୀକ୍ଷାର ରିପୋର୍ଟ ଆସିନି ।

Source: Author, Digitized by PPRACHIN, SOA

– ତମେ ଜମା ବ୍ୟସ୍ତ ହୁଅନି । ମୁଁ ତୁମ ପାଖରେ ଅଛି । ତୁମକୁ ଭଲ କରିବାକୁ ମୁଁ ରାତିଦିନ ଏକ କରିଦେବି ।

ଅର୍ପିତାର କଥା ଆୟୁଷ୍ମାନର ମନ ଓ ହୃଦୟରେ ଶୀତଳ ଚନ୍ଦନର ପ୍ରଲେପ ବୋଳି ଦେଉଥିଲା । ତଥାପି ବିଭିନ୍ନ ଚିନ୍ତାରେ ସେ ମ୍ରିୟମାଣ ହେଉଥିଲା । ଗାଁର ରକ୍ଷଣଶୀଳ ପରିବେଶ । ସଜ ମାଛରେ ପୋକ ପକାଇବାକୁ ଲୋକମାନେ ଅନେଇ ବସିଛନ୍ତି । ଏକ ଅଭିଆଡ଼ି ବାରିକ ଘରର ପୂର୍ଣ୍ଣଯୌବନା ଝିଅ କ୍ଷତ୍ରିୟ ପରିବାରର ଏରୁଣ୍ଡି ବନ୍ଧ ଡେଇଁ ଏକ ଅବିବାହିତ ପୁରୁଷର ସେବା ଶୁଶ୍ରୂଷା କରିବ, ଏହାଯେ ଅସମ୍ଭବ, ସେ ମର୍ମେ ମର୍ମେ ଅନୁଭବ କରୁଥିଲା ।

ଆୟୁଷ୍ମାନ ଘରକୁ ଫେରିଲା ବେଳକୁ ଅଙ୍ଗନୱାଡ଼ି ଦିଦି ବାଟରେ ଦେଖାହେଲେ । ବିବର୍ଣ୍ଣ ମୁଖମଣ୍ଡଳରେ କହିଲେ- ଆପଣଙ୍କ ରିପୋର୍ଟ ଆସିଯାଇଛି । ଆପଣ କରୋନା ପଜିଟିଭ୍ । ଆପଣଙ୍କ ବାପା, ବୋଉଙ୍କୁ ଜଣାଇ ଦେଇଛି ।

ସ୍ତିମିତ ପଦକ୍ଷେପରେ ଆୟୁଷ୍ମାନ ଘରକୁ ପ୍ରବେଶ କରୁଥିଲା । ଦେଖିଲା ବାପା, ବୋଉଙ୍କ ଆଖିରେ ଅଜଣା ଆକସ୍ମିକ ଆତଙ୍କର ପ୍ରତିଛବି । ତାକୁ ଦେଖି ସେମାନେ ଯେପରି ଭାବୁଛନ୍ତି, ଏକ ମଣିଷଖିଆ ବାଘ ଘର ଭିତରକୁ ଧସେଇ ପଶି ଆସୁଛି । ଯେ ଥିଲା ଏକଇର ବଳା ବିଶିକେଶନ, ଗେହ୍ଲା ପୁଅ, ଯାହାକୁ ଛାତିରେ ଜଡ଼ାଇ ଧରିବାକୁ ମନରେ ଥିଲା ବହୁତ ବ୍ୟାକୁଳତା, ଆଜି ତାକୁ ଠେଲିଠେଲି ପେଲିପେଲି ନେଇ ଏକ ଏକଣାଘର ଭିତରେ ଠେସି ଦେବାକୁ ଅସରନ୍ତି ଆକୁଳତା ।

ଆଖିରେ ଆଖିଏ ଲୁହକୁ ଜାକି ଆୟୁଷ୍ମାନର ବୋଉ କହିଲା- ତୁ ସେ ବଡ଼ ଘରଟାକୁ ଯାଆନା । ସେଇ ଛୋଟ ଏକଣା ଘରଟିକୁ ସଫା କରିଦେଇଛି । ସେଇଠି ରହ । ଆମରତ ବଳ ବୟସ ଗଲାଣି । ଦେହରେ ହଜାରେ ରୋଗ ଖୁନ୍ଦି ହୋଇଛି । କରୋନା ଆମ ଭିତରକୁ ପଶି ଆସିବାକୁ ଯେମିତି ଆଁ କରି ବସିଛି । ଟିକିଏ ସୁଯୋଗ ପାଇଲେ ଆମକୁ କଞ୍ଚା ଖାଇଯିବ ।

ଆୟୁଷ୍ମାନର ଦେହରେ ତାତି । କମ୍ପରେ ଆପାଦମସ୍ତକ ଦୁଲୁକୁଛି । ମୁଣ୍ଡରେ ଭୀଷଣ ବ୍ୟଥା । ମନ ହେଉଥିଲା ବୋଉକୁ କହିବ – ବୋଉଲୋ, ମୁଁ ସହିପାରୁନି । ମୋ

Source: Author, Digitized by PPRACHIN, SOA

ଦେହରେ ଟିକେ ତୋ ହାତ ବୁଲେଇଦେ । ମୋ ମୁଣ୍ଡକୁ ଟିକେ ଜୋର୍‌ରେ ଚିପିଦେ ।

ପେଟରୁ ହାବୁକା ମାରି ଆସୁଥିବା ଶବ୍ଦଗୁଡ଼ିକ ତଣ୍ଟିର ପାଚେରି ପାଖରେ ଅଟକି ଗଲେ । ଥରିଲା ଥରିଲା କଣ୍ଠରେ କହିଲା- ବୋଉଲୋ, ମୁଣ୍ଡ ବିନ୍ଧୁଛି ।

ତା ବୋଉ ଅମୃତାଞ୍ଜନ ଡବାଟି ଆଣି ସେ ଏକଣା ଘରର ବନ୍ଧ ପାଖରେ ଥୋଇଦେଇ ନାକ ଓ ପାଟିକୁ ପଣତରେ ଢାଙ୍କିଦେଇ ତରତର ହୋଇ ପଳାଇଗଲା । ବାପାଙ୍କୁ ଫୁସ୍‌ଫୁସ୍ କରି କହିଲା- ଖାଲି କ'ଣ ବୁଲୁଛ ? ଚବିଶି ଘଣ୍ଟା ମୁହଁରେ ମାସ୍କ ପିନ୍ଧ । ସେ ଏକଣା ଘର ଆଡ଼େ ଯାଅନା । ଘର ଭିତରେ କରୋନା ଭୂତାଣୁ ଘାଇଁ ଘାଇଁ ହୋଇ ବୁଲୁଛନ୍ତି । କେତେବେଳେ ଆମ ଦେହ ଭିତରକୁ ଆଁ କରି ମାଡ଼ି ଆସିବେ, ତା'ର ଠିକଣା ନାହିଁ । ପଶି ଆସିଲେ ମୁହୂର୍ତ୍ତରେ ଆମକୁ ନିଃଶେଷ କରିଦେବେ । ଜଗି ରଖି ଚଳ । ଆପେ ବଞ୍ଚିଲେ ବାପର ନାଁ ।

ଏକଣା ଘରର ସଂକୀର୍ଣ୍ଣ ପରିବେଶରେ ଅସହାୟ ଓ ଅବହେଳିତ ଅବସ୍ଥାରେ ଆୟୁଷ୍ମାନ । ମୁଣ୍ଡ ଉପରେ ପାହାଡ଼ଟିଏ ଯେପରି ଲଦି ହୋଇ ପଡ଼ିଛି । ସର୍ବଦା ପ୍ରାଣୋଚ୍ଛଳ ମୁଖମଣ୍ଡଳଟି ମେଘାଚ୍ଛନ୍ନ । ଟିକିଏ ପବନରେ ସ୍ପର୍ଶରେ ଅସରା ଅସରା ହୋଇ ବର୍ଷିଯିବ । ନିଃଶ୍ୱାସରେ ମନ୍ଥରତା । ଜ୍ୱର ଓ କାଶ ତା ଦେହକୁ ଦୋହଲାଇ ଦେଉଛି ।

ଶୁଭୁଥିଲା ବୋଉର କର୍କଶ ସ୍ୱର । କୁଆଡ଼େ ଏବେ ଗଲା ସେ ଅର୍ପିତା, ଅଲପେଇସାଣୀ । ତୋ ଦେହରେ ରୋଗର ମଞ୍ଜି ବୁଣିଦେଇ ଘରେ ବସି ଅୟସ କରୁଛି । ଫେସନ କାଢୁଛି । ଅଲକ୍ଷଣୀ, ଭଣ୍ଡାରୁଣୀ । ମୋ ପୁଅକୁ କିମିଆଁ କରି ଦେଇଛି । ଡାହାଣୀ ପରି ତା ପଛର ଲାଗିଛି । ସୁନ୍ଦରୀ ବୋଲି ଭାରି ବହପ । ବାରିକ ଘରର ଝିଅ । ଖଣ୍ଡେଇତ ଘରେ ବୋହୂ ହେବାକୁ ଗୋଡ଼ ଟେକି ବସିଛି । ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଉଛି । ଆକାଶ କଇଁଆ ଚିଲିକା ମାଛ ।

ଯନ୍ତ୍ରଣା ଜର୍ଜରିତ ଆୟୁଷ୍ମାନର ଆଖି ଦୁଇଟି ମୁଦି ହୋଇ ଆସୁଥିଲା । ଏକା ଏକା କିପରି ଏହି ଯାତନାର ମୁହୂର୍ତ୍ତ କଟାଇବ, ସେଇ ଚିନ୍ତାରେ ଛାତି କୋରି ହୋଇ ଯାଉଥିଲା । ନିଃସଙ୍ଗ, ନିସହାୟ ଜୀବନଟି ତାକୁ ମରୁଭୂମିରେ ବୁନ୍ଦାଏ ଜଳ ଖୋଜୁଥିବା ପଥଚାରୀର ଅନୁଭବ ପରି ପ୍ରତୀୟମାନ ହେଉଥିଲା । ସମୁଦ୍ରର ଢେଉ ପରି ମନ ଅସ୍ଥିର, ଅଧୀର,

Source: Author, Digitized by PPRACHIN, SOA

ଉଦ୍‌ଗ୍ରୀବ । ବିକଳରେ ଖୋଜୁଥିଲା ସାଥୀଟିଏ, ସମ୍ବେଦନଶୀଳ ମଣିଷଟିଏ, କରୁଣାରେ ଭିଜୁଥିବା ହୃଦୟଟିଏ ।

ଆଖିରୁ ଟୋପାଏ ଲୁହ ଝରି ଆସିବା ବେଳକୁ ଦେଖିଲା ସାମ୍ନାରେ ଠିଆ ହୋଇଛି ଅର୍ପିତା । ତା ଆଖିରେ ଆଖିଏ ଲୁହ, ଓଠରେ ଧାରେ ହସ । ଦୌଡ଼ିଆସି ଆଦରରେ କଅଁଳ ହାତରେ ଆଉଁଶି ଦେଲା ତା'ର କପାଳକୁ, କପୋଳକୁ, ସର୍ବାଙ୍ଗକୁ ।

ଆୟୁଷ୍ମାନକୁ ମନେ ହେଲା, ସିରି ସିରି ପବନରେ ପଣତେ ପବନ ଆଣି ଆସିଛି ଅର୍ପିତା । ଭଲ ପାଇବାର, ନିଜର କରିବାର ଛଳଛଳ କଳକଳ ମଧୁସ୍ରାବୀ ସ୍ରୋତଟିଏ ବହିଆସିଛି ତା'ର ସଂକୀର୍ଣ୍ଣ କୋଠରି ଭିତରକୁ ।

ଅମୃତାଞ୍ଜନ ମାରି ମୁଣ୍ଡ ଚିପି ଦେଇ ଗୋଡ଼ହାତ ଘଷିବାକୁ ଲାଗିଲା । ତା'ର ଅମାନିଆ ଲୁହଟୋପା ଗୁଡ଼ାକୁ ମନା ନମାନି ଭିଜାଇ ଦେଉଥିଲେ ଆୟୁଷ୍ମାନକୁ । ବେଦନା ଜର୍ଜରିତ କଠୋର ବାସ୍ତବତାର ଅଗ୍ନିର ଲେଲିହାନ ଶିଖା ଉପରେ ଝରିଗଲା ଶୀତଳ ଜଳଧାରା । ଆୟୁଷ୍ମାନ ତନୁମନରେ ନୂଆ ଜୀବନ ତରଙ୍ଗ ସଞ୍ଚରିତ ହେଲା ।

ଆୟୁଷ୍ମାନକୁ କୋଳକୁ ଆଉଜେଇଆଣି ଆଣିଥିବା ଖାଦ୍ୟକୁ ଖୋଇଦେଲା ଅର୍ପିତା ।

ଅର୍ପିତାର ନିରବଚ୍ଛିନ୍ନ ସେବା ଶୁଶ୍ରୁଷା ଫଳରେ ଆୟୁଷ୍ମାନର ସ୍ୱାସ୍ଥ୍ୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେଲା । ଆୟୁଷ୍ମାନ କହିଲା- ତୁମେ ଆମ ଘରକୁ ଆସି ମୋର ଏତେ ଯତ୍ନ ନେଉଛ । ମୋ ବୋଉ ତୁମକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛି । ଗାଁ ସାରା ତୁମ ନିନ୍ଦା ଅପବାଦ ଡିବିଡିବି ହୋଇ ବାଜୁଥିବ ।

ଅର୍ପିତା ହସି ହସି କହିଲା- ମୁଁ ଏବେ ରକ୍ତ ମାଂସର ମଣିଷ ନୁହେଁ । ପଥର ପାଲଟି ଯାଇଛି । ତୁମ ବୋଉଙ୍କ ଗାଳିର ଗୁଳି ମୋତେ ବିଦ୍ଧ କରିପାରୁନି । ଗାଁ ଲୋକଙ୍କ ତାଚ୍ଛଲ୍ୟର ତୀର ମୋ ଦେହକୁ ଭେଦ କରିପାରୁନି । ନିନ୍ଦାର ନିଆଁ ମୋତେ ଜାଳିପାରୁନି । ଅପବାଦର ଅସ୍ତ୍ର ମୋତେ କ୍ଷତାକ୍ତ କରୁନି । ତୁମକୁ ବଞ୍ଚାଇବାକୁ, ସୁସ୍ଥ କରିବାକୁ ମୋ ଦେହରେ ଶତ ସିଂହର ପରାକ୍ରମ ।

ଆୟୁଷ୍ମାନ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ଅର୍ପିତାକୁ ସାଙ୍ଗରେ ନେଇଯାଇ ଭୁବନେଶ୍ବରର ଆର୍ଯ୍ୟ ସମାଜରେ ବିବାହ କଲା । ଜାତି, ଜାତକ, ଯୌତୁକଶୂନ୍ୟ ବିବାହ । ସାଙ୍ଗରେ

Source: Author, Digitized by PPRACHIN, SOA

ଥାଆନ୍ତି ସାଙ୍ଗ ସାଥୀ ଓ ଗାଆଁର ଅନ୍ତରଙ୍ଗ ବନ୍ଧୁ ସନାତନ ।

ସେମାନଙ୍କ ବିବାହର ଖବର ପାଇ ସାରା ଗାଁ ଖାଲି ପଡ଼ିଲା ଉଠିଲା । ଆୟୁଷ୍ମାନ ବୋଉ ଖଡ୍‌ଗହସ୍ତା । ଭୀଷଣ ରାଗରେ ଲାଲ୍ ପଡ଼ି ଚିତ୍କାର କରୁଥାନ୍ତି – ଅଲକ୍ଷଣୀ ଭଣ୍ଡାରୁଣୀକୁ ମୋ ଘରେ ପୁରାଇ ଦେବିନି । ପ୍ରଳୟ କରିଦେବି । ଅର୍ପିତାର ବାପା ମା’ ଅର୍ପିତାକୁ ତ୍ୟାଜ୍ୟ କନ୍ୟା କରିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇ ରାଗରେ ଗର୍ଜନ କରୁଥାନ୍ତି । ଭୁବନେଶ୍ୱରର ଏକ ଲଜିଂରେ ପାଞ୍ଚଦିନ କଟାଇବା ପରେ ଗାଆଁରେ ଯାଇ କେଉଁଠି ରହିବେ, ଏହି ଚିନ୍ତା ଆୟୁଷ୍ମାନ ଓ ଅର୍ପିତାକୁ ଆନ୍ଦୋଳିତ କରୁଥିଲା । ଉଭୟଙ୍କର ବାପା ବୋଉ ସେମାନଙ୍କୁ ସେମାନଙ୍କ ଘରେ ନ ପୁରାଇ ଦେବା ପାଇଁ ବଦ୍ଧ ପରିକର ବୋଲି ସାଙ୍ଗ ସନାତନ ଗତକାଲି ସ୍ପଷ୍ଟ ଜଣାଇ ଦେଇଥିଲା ।

ଆୟୁଷ୍ମାନ ଚିନ୍ତାଗ୍ରସ୍ତ ମନରେ ପରାମର୍ଶ ପାଇଁ ସନାତନକୁ ଫୋନ୍ କଲା । ସନାତନ ହସି ହସି କହିଲା– ମୋ ଯେଉଁ ଘର ଭଡ଼ା ଦେଇଥିଲି ସେ ଘରକୁ ଭଡ଼ାଟିଆମାନେ ଖାଲି କରିଦେଇଛନ୍ତି । ରାମା, ଦାମା ଭଡ଼ାରେ ରହିବା ଅପେକ୍ଷା ତୁମେ ଦୁଇଜଣ ମୋ ଘର ଭଡ଼ା ନେଲେ ମୁଁ ବହୁତ ଖୁସି ହେବି ।

ଆୟୁଷ୍ମାନ ଭାବୁଥିଲା– କରୋନାର କରାଳ ସମୟ ପରୀକ୍ଷା ସମୟ । କିଏ ପର, କିଏ ଆପଣା, ଦୁର୍ଦ୍ଦିନର କଷଟି ପଥରରେ ସ୍ପଷ୍ଟ ହୋଇଥାଏ । ରକ୍ତର ଅଦୃଶ୍ୟ ଆକର୍ଷଣ ମହାମାରୀର ବିଭୀଷିକାରେ ଅକସ୍ମାତ୍ ପଣ୍ଡ ହୋଇଯାଏ ।

ସନାତନର ଘରେ ରହିବାର ଆଶ୍ୱସ୍ତିକର ସମ୍ବାଦ ପାଇଲା ପରେ ଅର୍ପିତାର ଗୋଲାପୀ ଓଠରେ ଫୁଟି ଉଠୁଥିଲା ହସର ପାଖୁଡ଼ା ।

✤

Source: Author, Digitized by PPRACHIN, SOA

ଭୋକ ଭୂଗୋଳ

କରାଳ କରୋନାର କାରୁଣ୍ୟ ଓ କଟକଣା ସମୟରେ ମାନସ ପ୍ରାୟ ପାଞ୍ଚମାସ ଚାରିକାନ୍ଥ ମଧ୍ୟରେ ଆତ୍ମଗୋପନ କରିଥିଲେ । ଲକ୍‌ଡାଉନ୍ ଉଠିଗଲାପରେ ଆନନ୍ଦରେ ବିଭୋର ହୋଇ ପ୍ରଭାତ ଭ୍ରମଣରେ ବାହାରି ପଡ଼ିଲେ ।

ରାସ୍ତାରେ ଏକ ଅଭାବନୀୟ ଦୃଶ୍ୟ ଦେଖି ସେ ଚମକି ପଡ଼ିଲେ । ଦୁଇଜଣ ଶ୍ରମଜୀବୀଙ୍କ ଭିତରେ ଲାଗିଛି ଘମାଘୋଟ ଲଢ଼େଇ । ଦୁହିଙ୍କ ଆଖିରୁ ନିଗିଡ଼ି ପଡୁଛି ରଡ଼ନିଆଁର ଝୁଲ । ନର୍ଦ୍ଦମାର ପଚା ବାଦୁଅ ଭଳି ଅଶ୍ଳୀଳ ଶବ୍ଦ ସେମାନଙ୍କ ମୁହଁରୁ ବାହାରି ଆସି କରୁଥିଲେ ଉଦଣ୍ଡ ନୃତ୍ୟ । ଦୁହେଁ ଧୂଳି ଧୂସରିତ, ଲହୁ ଲୁହାଣ । ତେଲୁଗୁଣି ପୋକ ପରି ନିଜର ସ୍ୱାର୍ଥର ବୃତ୍ତ ମଧ୍ୟରେ ନିରାପଦ ଦୂରତାରେ ଥାଇ ସଭ୍ୟମଣିଷମାନେ ଏହି ଚାଞ୍ଚଲ୍ୟକର ଦୃଶ୍ୟଟିକୁ କୌତୁହଳର ସହ ଉପଭୋଗ କରୁଥିଲେ ।

ହଠାତ୍ ବନ୍ଧୁ ରାମହରିବାବୁଙ୍କୁ ଦେଖି ଉତ୍ସୁକତାର ସହ ମାନସ ପଚାରିଲେ - କ'ଣ ପାଇଁ ଏ ଲଢ଼େଇ ?

- କୁହନା ଭାଇ, ଜଣେ ମଟରସାଇକେଲ ଯାତ୍ରୀଙ୍କ ଗାଡ଼ିରୁ ଦୁଇଟି ବଡ଼ ପାଉଁରୁଟି ପ୍ୟାକେଟ୍ ଗଳି ପଡ଼ିଲା । ଦୁଇଜଣଯାକ ଏକ ସଙ୍ଗରେ ଖପ୍ କରି ମାଡ଼ି ବସିଲେ ।

- ଗୋଟିଏ ଗୋଟିଏ କରି ବାଣ୍ଟି ନେଲେନି ?

- କହିବ କିଏ ? ବୁଝିବ କିଏ ? ଇଏ କହିଲା ଦୁଇଟାଯାକ ମୋର । ସିଏ କହିଲା ମୋର । ତାପରେ ଆରମ୍ଭ ହେଲା ଲଢ଼େଇ ।

ଭ୍ରମଣ ସାରି ଘରକୁ ଫେରିବା ସମୟରେ ସେଇ ଦୃଶ୍ୟ ତାଙ୍କ ଆଖି ଆଗରେ ନାଚି ଉଠୁଥିଲା । ସେ ଭାବୁଥିଲେ - ବୁଭୁକ୍ଷିତଃ କିମ୍ ନ କରୋତି ପାପମ୍ । ଭୋକ ଦାଉରେ ମନ୍ଥି ହୋଇଯାଏ ଉଦର । ଛାତିର ପଞ୍ଜରା ଦେହଲାଇ ବାହାରିଆସେ ତତଲା ନିଶ୍ୱାସ । କରୋନା ସମୟର ବେରୋଜଗାର, ଅଭାବ, ଅନଟନ ଓ ବୁଭୁକ୍ଷା ମଣିଷକୁ କରିଦେଇଛି ଅମଣିଷ ।

ଘରକୁ ଫେରି ବାଲ୍‌କୋନିରେ ଠିଆ ହେଲାବେଳକୁ ଦେଖିଲେ ଦଳେ ପାରା

Source: Author, Digitized by PPRACHIN, SOA

ଇଲେକ୍ଟ୍ରିକ୍ ତାର ଉପରେ ବସିଛନ୍ତି । ମନସ୍ତତ୍ତ୍ୱ ଅଧ୍ୟାପକ ମାନସ ସେମାନଙ୍କ ଆଖିରେ ଦେଖୁଥିଲେ ଭୋକର ଭୂଗୋଳ, ତତଲା ଭୋକିଲା ପେଟର ଡହଡହ ଅନୁଭବ । କରୋନା କାଳରେ କେବଳ ମଣିଷ ନୁହେଁ ପଶୁପକ୍ଷୀମାନେ ଜଳି ଯାଉଛନ୍ତି କ୍ଷୁଧାର ଜ୍ୱାଳାରେ ।

ପ୍ରତିଦିନ ପତ୍ନୀ ମନିଷା ପାରାମାନଙ୍କୁ ଗହମ ଖାଇବାକୁ ଦିଅନ୍ତି । ସହରର ବିଭିନ୍ନ ସ୍ଥାନ ବୁଲିବୁଲି ଭଲ ଗହମ ସଂଗ୍ରହ କରି ବାଲକୋନିରେ ରଖିଥାନ୍ତି । ମନିଷା କହନ୍ତି- ପଶୁ, ପକ୍ଷୀ, ମଣିଷ ଯାହାକୁ ଖାଇବାକୁ ଦେବ, ଭଲ ଜିନିଷ ପେଟପୂରା ଖାଇବାକୁ ଦେବ । ତା'ର ଆତ୍ମା ଶାନ୍ତି ହେଲେ, ଇଶ୍ୱରଙ୍କ ଆଶୀଷ ଆମ ଉପରେ ଝରି ଆସିବ ।

ଭୋକରେ ଆଉଟୁ ପାଉଟୁ ହେଉଥିବା ପାରାମାନଙ୍କୁ ଦେଖି ମାନସ ବିରକ୍ତିଭରା ସ୍ୱରରେ ମନିଷାଙ୍କୁ କହିଲେ- ଏପର୍ଯ୍ୟନ୍ତ ପାରାମାନଙ୍କୁ ଗହମ କାଇଁ ଦେଇନ ? ସେମାନେ ବିକଳ ହୋଇ ଅପେକ୍ଷା କରିଛନ୍ତି ।

- ମୁଁ ପା ଅଧଘଣ୍ଟାଏ ହେବ ଗହମ ପକାଇ ସାରିଲିଣି । ଦେଖୁନ । -ସ୍ପଷ୍ଟୀକରଣ ଦେବାକୁ ଯାଇ କହିଲେ ମନୀଷା ।

ସତ୍ୟତା ପରୀକ୍ଷା କରିବାକୁ ଯାଇ ମାନସ ଦେଖଲେ, ବାଲ୍‌କୋନିକୁ ଲାଗିଥିବା କାର୍ଣ୍ଣିସ୍‌ରେ ଗହମର ମେଲଣ । ରେଶମୀ ରଙ୍ଗର ମଲ୍ଲିଫୁଲର କଢ଼ି ଭଳି ଗହମର ଦାନା ଚିତ୍‌କାତ୍ ହୋଇ ବିଛାଡ଼ି ହୋଇ ପଡ଼ିଛନ୍ତି । ଗହମ ଦାନା ନୀଚମାନର ହୋଇଥିବା ଯୋଗୁ କ'ଣ ପାରାମାନେ ଖାଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି, ଏହା ଜାଣିବା ପାଇଁ କାର୍ଣ୍ଣିସରୁ ମେଞ୍ଚାଏ ଗହମ ଆଣି ପରୀକ୍ଷା କରି ଦେଖିଲେ । ଗହମଗୁଡ଼ିକ ଥିଲା ପରିଷ୍କାର, ପରିଚ୍ଛନ୍ନ, ଉଚ୍ଚମାନର, ଭାସି ଆସୁଥିଲା ଗହମିଆ ବାସ୍ନା ।

ପାରାମାନଙ୍କ ଆଖିରେ ଅଦମନୀୟ ଭୋକର ପ୍ରତିଫଳନ, ସାମ୍ନାରେ ଲୋଭନୀୟ ଖାଦ୍ୟର ପସରା । ପାରାମାନେ କିନ୍ତୁ ନିର୍ବିକାର, ଅବିଚଳିତ । ଝୁଲନ୍ତ ତାରର ଦୋଳିରେ ଝୁଲି ଝୁଲି ସେମାନେ କ'ଣ ଭୋକର ଯନ୍ତ୍ରଣା ଭୁଲିଯାଇଛନ୍ତି ? ଏଭଳି ଅନେକ ପ୍ରଶ୍ନବାଚୀ ମାନସଙ୍କ ମନକୁ ଆନ୍ଦୋଳିତ କରୁଥିଲା ।

ଆଶ୍ଚର୍ଯ୍ୟଚକିତ ହୋଇ ବାଲ୍‌କୋନିରେ ଚେୟାରଟିଏ ପକାଇ ମାନସ ବସିପଡ଼ି

Source: Author, Digitized by PPRACHIN, SOA

ସେମାନଙ୍କୁ ନିର୍ନିମେଷ ନୟନରେ ନିରୀକ୍ଷଣ କଲେ । ଦଶଟି ପାରା ଦଶଟି ଶ୍ୟାମଳ ବର୍ଣ୍ଣା ଷୋଡ଼ଶୀଭଳି ତାଙ୍କୁ ପ୍ରତୀୟମାନ ହେଉଥିଲେ । ଲାଲ୍ ଅଳତା ବୋଳା ପାଦ, ବେକରେ ମୟୂରଚନ୍ଦ୍ରିକାର ହାର, ନାକରେ ଧଳାଧଳା ନାକଚଣା, ଡାଳିମ୍ବ ରଙ୍ଗର ଆଖି, ପାଉଁଶିଆ ରଙ୍ଗର ଶାଢ଼ିରେ କଳା ରଙ୍ଗର ଧଡ଼ି । ସମସ୍ତେ କମନୀୟତାର କମ୍ର କଳିକା । ପୁଲକର ଛନ୍ଦ ଓ ଚଳଚଞ୍ଚଳତାର ପ୍ରତିଛବି । ମାନସଙ୍କ ଆଖିରେ ଖେଳୁଥିଲା ଜିଜ୍ଞାସାର କ୍ଷୁଦ୍ର ତରଙ୍ଗ । ପ୍ରତୀକ୍ଷାମାଣା ପାରା, ଜଳି ଜଳି ଚାଲିଛି ତାଙ୍କ ଧୈର୍ଯ୍ୟର ଦିହୁଡ଼ି, ନିଃଶେଷ ହେବାର ନାହିଁ ।

ପ୍ରାୟ ଏକ ଘଣ୍ଟାର ପ୍ରତୀକ୍ଷାପରେ ଦୂର ଅଶ୍ୱତଥ୍ ଗଛର ସବୁଜ ପଣତ ଉହାଡ଼ରୁ ପବନରେ ସିଆର କାଟି କାଟି ମୃଦୁ ସାହାନାଇ ବଜାଇ ଉଡ଼ିଆସିଲେ ଆଉ ଦୁଇଟି ପାରା । ଖପ୍‌କିନା ବସିଗଲେ ତାର ଉପରେ ଅଚାନକ ସୋରାଏ ବାସ୍ନା ଆଗରୁ ବସିଥିବା ଦଶଟି ପାରାଙ୍କ ଦେହରେ ଯେମିତି ନେସି ହୋଇଗଲା । ଅପୂର୍ବ ଅନୁଭବ, ଅପୂର୍ବ ଗୁଞ୍ଜରଣ ତାଙ୍କ ସ୍ନାୟୁରେ ସ୍ନାୟୁରେ ଖେଳିଗଲା । ଛୁଇଁଗଲା ପ୍ରେମ ଓ ପ୍ରାପ୍ତିର ଶିହରଣ, ଚେଇଁ ଉଠିଲା ମମତାର ମେଘାସନ ।

ବାରୋଟି ଯାକ ପାରା ମିଶି କାର୍ଣ୍ଣିସର ସିମେଣ୍ଟ ଚଟାଣ ଉପରେ ଥଣ୍ଟଗୁଡ଼ିକୁ ଟକ୍‌ଟକ୍ କରି ଗହମଗୁଡ଼ିକୁ ଖାଇବାକୁ ଲାଗିଲେ । ମନରେ ଆନନ୍ଦର ଉଦ୍‌ବେଳନ । ଖାଇବାକୁ ନାହିଁ ପ୍ରତିଯୋଗିତା, ଛଡ଼ାଇ ନେବାକୁ ନାହିଁ ମାନସିକତା । ସାଉଁଟିବାରେ ନୁହେଁ, ବାଣ୍ଟି ଖାଇବାରେ ଅପରିସୀମ ଆନନ୍ଦ । ସଂକୋଚନ ନୁହେଁ, ପ୍ରସାରଣ ହିଁ ଜୀବନ, ଏହା ଏ ଦୃଶ୍ୟରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା ।

ମିଠା ମିଠା ଖୁସିରେ ଭିଜି ଉଠି ବାରୋଟିଯାକ ପାରା ଏକା ସାଙ୍ଗରେ ଉଡ଼ିଗଲେ ନୀଳ ଆକାଶର ଭସା ବାଦଲର କୋଳକୁ । ମନିଷା ଏହି ସମୟରେ ବାଲକୋନିକୁ ପଶି ଆସି କହିଲେ – ସେତେବେଳୁ ଏଠାରେ ବସି କ'ଣ ଦେଖୁଛ ? ଏହା ସେମାନଙ୍କ ନିତିଦିନିଆ ଅଭ୍ୟାସ । ବାରୋଟି ଯାକ ପାରା ଏକାଠି ହେଲା ପର୍ଯ୍ୟନ୍ତ ଆଗରୁ ଆସିଥିବା ପାରାମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ବସନ୍ତି ।

Source: Author, Digitized by PPRACHIN, SOA

ଅଧ୍ୟାପକ ମାନସ ଭାବୁଥିଲେ- ମଣିଷର ମସ୍ତିଷ୍କ ସର୍ବଶ୍ରେଷ୍ଠ, ଭଲମନ୍ଦ ଚିନ୍ତା କରିବାର ଶକ୍ତି ତା'ର ଅତୁଳନୀୟ । ପାଉଁରୁଟିକୁ ନିଜ ଭିତରେ ନ ବାଣ୍ଟି ସବୁକୁ ମାଡ଼ି ବସିବାକୁ ଲଢ଼େଇ କରି ମଣିଷମାନେ କ୍ଲାନ୍ତ ଓ କ୍ଷତାକ୍ତ । ନିରୀହ, ନିଷ୍ପାପ, ନିର୍ବୋଧ ପାରାମାନଙ୍କର ପାରସ୍ପରିକ ସହୃଦୟତା, ସମ୍ବେଦନଶୀଳତା, ସହଯୋଗିତା ଓ ସହଭାଗିତା ଦେଖି ମାନସ ଆନନ୍ଦରେ ଅଭିଭୂତ ହେଲେ । ପାଇଥିବା ଜିନିଷକୁ ନିଜ ଭିତରେ ବାଣ୍ଟିକୁଣ୍ଟି ଖାଇବାରେ ତାଙ୍କର ଅପରିସୀମ ଆନନ୍ଦ । ଜଙ୍ଗଲର ନିଘଞ୍ଚ ବ୍ୟାପକତାରୁ ଦୂରେଇ ଆସ ମଣିଷର ସମ୍ପର୍କ ଆଜି ଖାଁ ଖାଁ ଗୋଟିକିଆ ତାଳଗଛ ପାଲଟି ଯାଇଛି । ନିଜେ ହସି ଅନ୍ୟକୁ ହସାଇବା ହିଁ ମଣିଷ ପଣିଆ । ଧନୀ ଓ ଶିକ୍ଷିତ ହେବାରେ ଜୀବନ ଅର୍ଥପୂର୍ଣ୍ଣ ନୁହେଁ । ନମ୍ର ହୋଇ ଅନ୍ୟକୁ ଛୁଇଁପାରିଲେ, ଚେଇଁଉଠେ ସୁଖ ଓ ସନ୍ତୋଷର ଜୀବନ । ପ୍ରେମ ହିଁ ବଞ୍ଚିବାର ଆଧ୍ୟାତ୍ମିକ ଅନୁଭବ ଓ ଅନୁଭୂତି । କରୋନା ଶୀତଳ ସନ୍ତ୍ରାସବାଦୀ ସାଜି ଏକ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ବିଧ୍ୱଂସକାରୀ ଶକ୍ତି ଭାବରେ ଅର୍ଥନୀତିକୁ ଧରାଶାୟୀ କରି ଦୁଃଖ, ଦୈନ୍ୟ, ଦାରିଦ୍ର୍ୟ ଓ ଦୁର୍ଦ୍ଦଶାର ଦାରୁଣ ଦଂଶନରେ ଜର୍ଜରିତ କରୁଥିବା ସମୟରେ ମଣିଷମାନେ ପାରାମାନଙ୍କ ଭଳି ସମ୍ବେଦନଶୀଳ ଓ ହୃଦୟବାନ ହେଲେ ଓ ସେମାନଙ୍କ ଦେହଦେଉଳରେ କରୁଣାର ସଂଗୀତ ଅହରହ ଅନୁରଣିତ ହେଲେ, ବିଶ୍ୱର ସମସ୍ୟା ଅନେକାଂଶରେ ଲାଘବ ହୁଅନ୍ତା ।

✤

(ଶ୍ୱେତସଂକେତ ପତ୍ରିକାର ପୂଜା ସଂଖ୍ୟା ୨୦୨୧ ରେ ପ୍ରକାଶିତ)

Source: Author, Digitized by PPRACHIN, SOA

ମା' କୋଳ

ବୁଢ଼ାଟିଏ ହେଲଣି । ମା'ଙ୍କ କୋଳରେ କ'ଣ ଶୋଉଛ ? ତୁମର କେବେ ଜ୍ଞାନ ଉଦୟ ହେବ କେଜାଣି ? - ମୁହଁରେ ଦ୍ୱିତୀୟା ଚାନ୍ଦ ପରି ଧାରେ ହସ ଖେଳାଇ କହିଲେ ସବ୍ୟସାଚୀଙ୍କ ସହଧର୍ମିଣୀ ଶର୍ମିଷ୍ଠା ।

ସବ୍ୟସାଚୀ ହସି ହସି କହିଲେ- ତୁମେ କିଭଳି ବୁଝିବ ମା' କୋଳର ଆନନ୍ଦ, ମା' କୋଳର ସ୍ୱାଦ, ମା' କୋଳର ଆହ୍ଲାଦ । ଯେଉଁ କୋଳରେ ବସି ପିଲାଦିନେ ଦୁଧଭାତ ଖାଉଥିଲି, ଗୁଗୁପାଞ୍ଚ ଖେଳୁଥିଲି, ନାନାବାୟା ଗୀତ ଶୁଣୁଥିଲି, ଏ ବୟସରେ ବି ସେ କୋଳର ମାୟାରେ ମୁଁ ମଗ୍ନ ।

ଶର୍ମିଷ୍ଠାଙ୍କ ନୀଳ ଆଖି ଡୋଳାରେ ଲୁହ ଜକେଇ ଆସିଲା । ଗ୍ରୀଷ୍ମର ରୌଦ୍ରତାପରେ ଝାଉଁଳି ପଡ଼ିଥିବା ଫୁଲଟିଏ ପରି ତାଙ୍କ ମୁହଁଟି ଦିଶିଲା ମ୍ଳାନ, ନିଷ୍ପ୍ରଭ । ହେତୁ ପାଇଲା ବେଳକୁ ମାଆ ତାଙ୍କୁ ଛାଡ଼ି ସେପାରିକୁ ଚାଲିଯାଇଥିଲେ ବୋଲି ସେ ମା'ର ସ୍ନେହ ମମତାର ଅମିୟ ସ୍ପର୍ଶରୁ ବଞ୍ଚିତ ହୋଇଥିଲେ । ଅବିବାହିତ ପିଇସିଙ୍କ କୋଳରେ କଟିଥିଲା ତାଙ୍କ ପିଲାଦିନ ।

ଶର୍ମିଷ୍ଠାଙ୍କ ଦୁଇ ଆଖି କୋଣରେ ଚିକ୍‌ଚିକ୍ କରୁଥିବା ଦୁଇ ଲୁହଟୋପାକୁ ଦେଖି କଥାର ମୋଡ଼ ବଦଳାଇ ସବ୍ୟସାଚୀ କହିଲେ- ବୁଝିଲ ଶର୍ମିଷ୍ଠା ! ମୁଁ ପିଲାଦିନେ ଭାରି ଦୁଷ୍ଟ ଥିଲି । ଚାଲିଲା ଶଗଡ଼ରେ ହାତ ମାରୁଥିଲି । ମୋର ହାତଗୋଡ଼ କଥା କହୁଥିଲା । ଗାଁ ଯାକର ସବୁ କଳିକୁ ସାଉଁଟି ଆମ ଘରେ ପୂରାଉଥିଲି । କେଉଁଦିନ ସହପାଠୀ ସାଙ୍ଗରେ ଝଗଡ଼ା କରି ତାକୁ ମାଟି ଗାଡ଼ିଆର ପଙ୍କରେ ମାଡ଼ି ବସୁଥିଲି ତ କେଉଁଦିନ କେହି ବ୍ୟକ୍ତି ଦାଣ୍ଡ ପିଣ୍ଡାରେ ନିଶ୍ଚିନ୍ତରେ ଶୋଇ ଘୁଙ୍ଗୁଡ଼ି ମାରୁଥିବା ବେଳେ ତା'ର ଦୁଇ ଗୋଡ଼କୁ ଧରି ଟାଣି ଆଣୁଥିଲି । କେଉଁଦିନ ବିରୋଧୀ ପାର୍ଟିର ସରପଞ୍ଚ ପ୍ରାର୍ଥୀର ପୋଷ୍ଟରରେ ଭୋରରୁ ଭୋରରୁ ମେଞ୍ଚାଏ ଗୋବର ଲେପି ଦେଉଥିଲି । ସମସ୍ତେ ମୋତେ କହୁଥିଲେ ଚୁପ୍ ସଇତାନ୍ । ଏପରି ଦୁଷ୍ଟାମି ସବୁ କରିବା ପରେ ମୋ ଉପରକୁ ଯେତେବେଳେ ଆକ୍ରମଣର ଆଶଙ୍କା ମାଡ଼ିଆସେ, ଏକା ନିଶ୍ୱାସରେ ଦୌଡ଼ିଯାଏ ମା' କୋଳକୁ । ମୋ ମନରେ ଭରିଯାଏ ଆଶ୍ୱସ୍ତିର ଆନନ୍ଦ ।

Source: Author, Digitized by PPRACHIN, SOA

ପୁରୀର ଭଡ଼ାଘରେ ଥାଇ ଏତିକି କହିବା ପରେ ସବ୍ୟସାଚୀଙ୍କ ମନପକ୍ଷୀ କାକଳି ତୋଳି ଉଡ଼ିଯାଇଥିଲା ତାଙ୍କ ଗାଁକୁ, ଅତୀତର ପୃଷ୍ଠଭୂମିକୁ । ସବ୍ୟସାଚୀଙ୍କ ମାଆ ନିର୍ମଳାଦେବୀ ଥିଲେ ପୃଥୁଳକାୟା । ଭାରି ନେସେମା । କାମକୁ ପାରନ୍ତିନି । ସ୍ନେହ, ମମତା ଓ କରୁଣାର ଜୀବନ୍ତ ପ୍ରତିମୂର୍ତ୍ତି । ଜୀବନର ନିଟୋଳ ସଂଘର୍ଷ, ଜଞ୍ଜାଳ, ବ୍ୟାଧିର ଘୂର୍ଣ୍ଣନରୁ ଉଜ୍ଜ୍ୱଳ ହୋଇ ଉତୁରି ଆସିଥିବା ମହାର୍ହ ପ୍ରତିମା । ତାଙ୍କର ଦୁଇଟି ଝିଅ ଜନ୍ମର ବହୁବର୍ଷ ପରେ ସବ୍ୟସାଚୀଙ୍କର ଜନ୍ମ । ସବ୍ୟସାଚୀ ଥିଲେ ତାଙ୍କ ନୟନ ପିତୁଳା, ସତେ ଯେପରି ଏକୋଇରବଳା ବିଶିକେଶନ । ଉଇଁ ଆସୁଥିବା ଜହ୍ନଟିଏ ପରି, ସଦ୍ୟ ପ୍ରସ୍ଫୁଟିତ କଇଁଫୁଲ ପରି ନିର୍ମଳାଦେବୀଙ୍କ ହସର ନିର୍ମଳପଣ ସମସ୍ତଙ୍କୁ ମୁଗ୍ଧ କରେ । ସଦା ସର୍ବଦା ଖୁସି ଖୁସି, ଚଳଚଞ୍ଚଳ ଆଉ ସତେଜ ।

ସଂକଟର ଘମାଘୋଟିଆ କଳାମେଘ ଆସିଲେ ସବ୍ୟସାଚୀ ମା'ର କୋଳରେ ଆତ୍ମଗୋପନ କରନ୍ତି । ତା'ପରେ ତାଙ୍କ ଦେହରେ କଅଁଳି ଉଠେ ଶତସିଂହର ପରାକ୍ରମ । ତାଙ୍କ ଦୁଷ୍ଟାମି ସୀମା ଟପିଗଲେ ବାପା ଓ ଦୁଇଭଉଣୀ ଉହୁଙ୍କି ଆସିଲେ ସେ ଚଟ୍‌କିନା ମା' କୋଳରେ ଲୁଚି ଯାଉଥିଲେ । ମା' କୋଳର ଇଲାକା କେତେ ନିରାପଦ, ଆଶ୍ୱସ୍ତିଦାୟକ, ତୃପ୍ତିପୂର୍ଣ୍ଣ, ତାହା ଭାବିଲେ ତାଙ୍କ ମନ ଓ ହୃଦୟ ଚହଲିଯାଏ । ବିଲେଇର ହାବୁଡ଼ରେ ପଡ଼ିଗଲେ ମୂଷା ଯେପରି ହଡ଼ବଡ଼େଇ ଯାଇ ବିକଳରେ ଗାତ ଭିତରେ ପଶିଯାଇ ଶାନ୍ତିରେ ନିଶ୍ୱାସ ମାରେ, ମା' କୋଳର ବିଳ ଭିତରେ ତାଙ୍କର ଅନୁଭବ ଓ ଅନୁଭୂତି ଥିଲା ଠିକ୍ ସେହିପରି ।

ସବ୍ୟସାଚୀ ଥିଲେ ମୁଠାଏ ଅଝଟ ଚପଳତା, ଆଖି ଦୁଇଟି ଦୁଷ୍ଟାମିରେ ଭରପୁର । ଧୁଧୁ ଖରାର ତାଣ୍ଡବରେ ହାବୁକା ହାବୁକା ଝାଞ୍ଜିପବନକୁ ବେଖାତିର କରି ସବ୍ୟସାଚୀ ବୁଲୁଥାନ୍ତି ଗାଁ ଆମ୍ବତୋଟାରେ । ଫୋପଡ଼ମାରି ଝଡ଼ାଉଥାନ୍ତି କଷି ଆମ୍ବ । ସପ୍ତରଥୀ ଅଭିମନ୍ୟୁଙ୍କୁ ଆକ୍ରମଣ କଲାଭଳି ଅଭିଯୋଗକାରୀମାନେ ଅଭିଯୋଗର ପସରା ମେଲାଇ ନିର୍ମଳା ଦେବୀଙ୍କୁ ଘେରିଗଲେ, ସେ ସବ୍ୟସାଚୀକୁ କୋଳରେ ପୂରାଇ ଗାଳି ଓ ମାଡ଼ର ଧମକ ଦିଅନ୍ତି । ସେ ଧମକରେ ନଥାଏ କ୍ରୋଧ କିମ୍ବା ବିଦ୍ୱେଷ, ଥାଏ କପଟତା, ଅଭିନୟର ଝଲକ । ଅଭିଯୋଗକାରୀମାନେ ରାଗରେ ଦାନ୍ତ କାମୁଡ଼ି ଗରଗର ହୋଇ ଚାପା ସ୍ୱରରେ କହନ୍ତି- ଅକାଳ କୁଷ୍ମାଣ୍ଡର ଦୋଷ

Source: Author, Digitized by PPRACHIN, SOA

ଘୋଡ଼ାଇ ଘୋଡ଼ାଇ ଘୋଡ଼ାମୁହାଁ ପୁଅଟାକୁ ଉପରମୁହାଁ କରି ଦେଉଛନ୍ତି । ବଡ଼ ହେଲେ ଚେଙ୍କାଏ ଦେବ ଯେ ସେତେବେଳେ ବୁଝିବେ ।

କଥାର ଶାଣଦିଆ ତୀର ନିର୍ମଳା ଦେବୀଙ୍କୁ କ୍ଷତାକ୍ତ କରେ । ତାଙ୍କ ଆଖି ଦୁଇଟି ହୋଇଯାଏ ଲୁହ ଢବଢ଼ବ । ସଁବାଳୁଆ ପ୍ରଜାପତିକୁ ରୂପାନ୍ତରିତ ହେଲାପରି ହାଇସ୍କୁଲରେ ପଢ଼ିବା ବେଳେ ସବ୍ୟସାଚୀ କେମିତି କେଜାଣି ପାଲଟିଗଲେ ଏକ ଶୃଙ୍ଖଳିତ ଶାନ୍ତଶିଷ୍ଟ ଛାତ୍ର । ଲୋକେ କହନ୍ତି, ନିର୍ମଳାଦେବୀଙ୍କ ନିରବଚ୍ଛିନ୍ନ ପୂଜା, ଉପାସ ବ୍ରତ, ଈଶ୍ୱରଙ୍କ ପ୍ରତି ଭକ୍ତି ଯୋଗୁଁ ଏହା ସମ୍ଭବ ହେଲା । ଏମ୍‌ଏ ପାସ୍ କରି ଓରିଏଣ୍ଟାଲ ଇନ୍‌ସୁରାନ୍ସ କମ୍ପାନୀରେ ଅଫିସର ଚାକିରି କରି ପୁରୀ ସହରରେ ଅବସ୍ଥାପିତ ହେଲେ । ବାହାଘର ପରେ ସସ୍ତ୍ରୀକ ପୁରୀରେ ଆନନ୍ଦରେ ଓ ଆରାମରେ ରହୁଥିବା ବେଳେ ବାପା, ମା' ରହିଥିଲେ ଗାଁରେ । ବିବେକର ବୃଶ୍ଚିକ ଦଂଶନ ତାଙ୍କୁ ଅସ୍ତବ୍ୟସ୍ତ କରୁଥିଲା । ବାପା, ମା'ଙ୍କୁ ବୁଝାଇ ସୁଝାଇ ଚାଷବାସ ବନ୍ଦକରି ଘରେ ତାଲା ପକାଇ ସେ ବାପା, ମା'ଙ୍କୁ ପୁରୀକୁ ନେଇ ଆସିଲେ । ମାଆ ଦିନେ ନୀଳାଚଳ ଧାମରେ ବର୍ଷବର୍ଷ ଧରି ରହିବେ, ଏହା କେବେ ସ୍ୱପ୍ନରେ ଭାବିନଥିଲେ । ତାଙ୍କର ଚିର ଇପ୍‌ସିତ ସ୍ୱପ୍ନ ସାକାର ହେବାରୁ ମାଆ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ସବୁବେଳେ ପ୍ରଣିପାତ କରୁଥିଲେ । ବାପା, ମା' ଆସିଲା ପରେ ସବ୍ୟସାଚୀଙ୍କ ପରିବାର ହସ ଖୁସିରେ ଉଛୁଳି ପଡ଼ିଲା ।

ଚାକିରି ଓ ବ୍ୟକ୍ତିଗତ ଜୀବନର ଅଡୁଆ ସୂତାରେ ଛନ୍ଦି ହୋଇଗଲେ ସବ୍ୟସାଚୀ ମା' କୋଳରେ ଗେଞ୍ଜି ହୋଇ ସମାଧାନର ରାସ୍ତା ଖୋଜନ୍ତି । ତାଙ୍କ ମା' ବେଶୀ ପଢ଼ିନଥିଲେ, କିନ୍ତୁ ସଂସ୍କାର ଓ ପ୍ରଜ୍ଞାରେ ଭରପୂର । ଶିକ୍ଷା ମଣିଷକୁ ପୋଥିଗତ ଜ୍ଞାନ ଦିଏ, ସାମାଜିକ ପ୍ରତିଷ୍ଠା ଦିଏ । ପ୍ରଜ୍ଞା ଓ ସଂସ୍କାର ମଣିଷକୁ ସମ୍ମାନିତ କରେ । ପ୍ରଜ୍ଞା ମା' ଷଠିର ମହାନ୍ ଅବଦାନ, ମହାପ୍ରଭୁଙ୍କର ମହାର୍ଘ ଉପହାର । ଚଲାପଥର ବହୁ ଅସମାହିତ ଜଟିଳ ଗଣିତରେ ଅସ୍ତବ୍ୟସ୍ତ ହୋଇ ସବ୍ୟସାଚୀ ମା' କୋଳକୁ ଆଉଜି ତା ଆଗରେ ସମସ୍ୟାର ବିଶଦ ବିବରଣୀ ଉପସ୍ଥାପିତ କରନ୍ତି । ମାଆ କଥାର ମଞ୍ଜିଟାକୁ ଚଟ୍‌କିନା ଧରି ପକାଇ ସରଳ ଭାଷାରେ ସମାଧାନର ସୂତ୍ର ବତାଇ ଦିଅନ୍ତି । ମା'ର ଥାଲଥଲ କୋଳରେ ଲଟକିଯାଇ ସବ୍ୟସାଚୀ ମା'ର ବୁଦ୍ଧିମତ୍ତା, ବିଚାରବୋଧକୁ ମୁଣ୍ଡ ନଇଁ ମନେମନେ ପ୍ରଣାମ କରନ୍ତି ।

Source: Author, Digitized by PPRACHIN, SOA

ପୁରୀରେ ୭ ବର୍ଷ ରହିବା ପରେ ସବ୍ୟସାଚୀଙ୍କର କମ୍ପାନୀର ରିଜିଓନାଲ ମ୍ୟାନେଜର ଭାବେ ବାଙ୍ଗାଲୋରକୁ ବଦଳି ହେଲା । ଶୁଭାକାଂକ୍ଷୀମାନେ ପରାମର୍ଶ ଦେଲେ ବାପା, ମା'ଙ୍କର ଶେଷ ଅବସ୍ଥା । ଏତେ ଦୂରକୁ ନେନା । ଗାଁରେ ଛାଡ଼ିଦେଲେ ଭଲ ହେବ ।

ଛାତିରେ ପଥର ରଖି ବାପା ମା'ଙ୍କୁ ଗାଆଁରେ ବାହା ହୋଇଥିବା ବଡ଼ଭଉଣୀ ପାଖରେ ଛାଡ଼ି ସେ ବାଙ୍ଗାଲୋର ଚାଲିଗଲେ । ବାଙ୍ଗାଲୋରରେ ଚାକିରି ଜୀବନରେ ଥାଇ ବି ଦ୍ୱିଧା ଓ ଦ୍ୱନ୍ଦ୍ୱର ଯନ୍ତ୍ରଣାରେ ଶିହିରି ଉଠିଲେ ମା' କୋଳରେ ଗୁମୁରି ଉଠିବା ପାଇଁ ତାଙ୍କ ମନ ଛଟପଟ ହୁଏ । ଇଚ୍ଛା ଥିଲେ ବି ବିଭିନ୍ନ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟର ବ୍ୟସ୍ତତା ଭିତରେ ଗାଁକୁ ଯାଇ ପାରନ୍ତିନି ।

ଏମିତି ବର୍ଷଟିଏ ଅନଉ ଅନଉ ବିତିଯାଏ । ହଠାତ୍ ଦିନେ ବଡ଼ଭଉଣୀ ଥରିଲା ଥରିଲା କଣ୍ଠରେ ଫୋନ୍ କରି କହିଲା- ମା' ଦେହ ସିରିଅସ୍ ! ତୁ ବସିଲା ଜାଗାରୁ ଉଠି ଆସିବୁ । ମା'ର ଗୋଡ଼ହାତ ଚଳୁନି । ଚୁପ୍‌ଚାପ୍ ଆଖିବୁଜି ଅଚେତ ଅବସ୍ଥାରେ ପଡ଼ିଛି । ତତେ ଯେମି ଚାତକ ଭଳି ଅନାଇ ରହିଛି ।

ସବ୍ୟସାଚୀଙ୍କର ମନ ଆକାଶରେ ଝଡ଼ର ତାଣ୍ଡବ, ପ୍ରଳୟର ଚିତ୍ରପଟ । ଆଖିର ଶ୍ରାବଣ ବନ୍ଧବାଡ଼ ମାନୁ ନ ଥିଲା । ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡୁଥିଲା ତାଙ୍କର ଅସ୍ତିତ୍ୱ । ଗାଁରେ ପହଞ୍ଚିଲା ବେଳକୁ ମା' ଯଦି ଆରପାରିକୁ ଚାଲିଯିବ, ସେ ଦାରୁଣ ଆଘାତରେ ଭାଙ୍ଗିପଡ଼ିବେ ।

ତା'ପରଦିନ ଫ୍ଲାଇଟ୍‌ରେ ଭୁବନେଶ୍ୱରରେ ପହଞ୍ଚି ଟ୍ୟାକ୍ସିରେ ଶହେ କିଲୋମିଟର ଯାଇ ଘରେ ପହଞ୍ଚିଲା ବେଳକୁ ବାପା, ବଡ଼ଭଉଣୀ ଓ ଅନେକ ଅତ୍ମୀୟସ୍ୱଜନ ମା'କୁ ଘେରି ରହିଥିଲେ । ସମସ୍ତଙ୍କ ଆଖି ଲୁହରେ ଛଳଛଳ, କଣ୍ଠ ବାଷ୍ପାରୁଦ୍ଧ । ପରିବେଶଟି ସତେ ଯେମିତି ମେଘାଚ୍ଛନ୍ନ ଆକାଶ । ଟିକିଏ ଶୀତଳ ପବନର ସ୍ପର୍ଶରେ ଓଜାଡ଼ି ହୋଇପଡ଼ିବ ବର୍ଷା ।

ସବ୍ୟସାଚୀ ଆଟାଚିକୁ ରଖିଦେଇ ଜୋତା ଖୋଲି ଧାଇଁଗଲେ ମା' ପାଖକୁ । ମୁହଁଟିକୁ ମା' କୋଳରେ ଲୁଚାଇ ଦେଇ କଇଁକଇଁ ହୋଇ କାନ୍ଦୁଥିଲେ । ଅଦିନିଆ ବର୍ଷା ଭଳି ଟୋପାଟୋପା ଲୁହ ତାଙ୍କ ଆଖିରୁ ଝରିପଡ଼ି ତାଙ୍କ ମା'ର ନରମ କୋଳ

Source: Author, Digitized by PPRACHIN, SOA

ଓ ଥଲଥଲ ପେଟକୁ ଭିଜାଇ ଦେଉଥିଲା ।

ମା'ର ଆଖିପତା ଉପରେ ପାହାଡ଼ର ମହଣ ମହଣ ଓଜନ । ମା' ଆଖିପତାକୁ ସାମାନ୍ୟ ମେଲିଦେଲା ବେଳକୁ ସବ୍ୟସାଚୀଙ୍କ ଆଖିରେ ତାଙ୍କ ଆଖି ମିଶିଗଲା । ମା'ର ଓଠରୁ ଝରିପଡ଼ିଲା ଚେନାଏ ହସ ଫୁଲ । ମା'ଙ୍କର ସ୍ମିତହାସରେ ପ୍ରକଟିତ ହେଉଥିଲା ଚନ୍ଦ୍ରାଲୋକର ଶୀତଳତା । ତାଙ୍କ ଦେହରେ ଯେମିତି ଖୁନ୍ଦି ହୋଇଯାଉଥିଲା ମେଞ୍ଚାଏ ବଳ । ଏକ ମାସ ଧରି ନିରବ, ନିଷ୍ପନ୍ଦ ଥିବା ହାତର ନରମ ପାପୁଲିରେ ସବ୍ୟସାଚୀଙ୍କ ବାଳକୁ ଆଉଁଶି ଦେଉଥିଲେ ।

ଜଡ଼ବତ୍ ଶରୀରରେ ଜୀବନ୍ୟାସ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଅନାଇ ରହିଥିଲେ ।

ସବ୍ୟସାଚୀ ମା'ଙ୍କର କୋଳରେ ମୁଣ୍ଡ ରଖି କଇଁକଇଁ କାନ୍ଦୁଥିବା ବେଳେ ଥରିଲା ଥରିଲା କଣ୍ଠରେ ଶୁଭୁଥିଲା ମା'ଙ୍କର କ୍ଷୀଣ ସ୍ୱର ।

- ବାବୁରେ! ତୁ ଆସିଲୁଣି । ତୋତେ ଦେଖି ମୋ ପେଟ ପୂରି ଯାଉଛି । ମୋତେ ନୂଆ ଜୀବନ ପାଇଲା ଭଳି ଲାଗୁଛି । ତୁ କାନ୍ଦନା । ଏଥର ମୁଁ ଭଲ ହୋଇଯିବି ।

ସବ୍ୟସାଚୀଙ୍କ ଉଦାସ ମୁହଁରେ ଖେଳିଗଲା କ୍ଷୁଦ୍ର ତରଙ୍ଗ । କଅଁଳ ସୂର୍ଯ୍ୟକିରଣ ଅନ୍ଧାରିଆ ସକାଳକୁ ଉଜ୍ଜ୍ୱଳ କଲା ଭଳି ମା'ଙ୍କର କେଇପଦ କଥା ତାଙ୍କ ମୁହଁରେ ଭରି ଦେଇଥିଲା ପ୍ରଶାନ୍ତିର ଦୀପ୍ତି, ଆଶ୍ୱସ୍ତିର ଆଲୋକ ।

Source: Author, Digitized by PPRACHIN, SOA

ଚିହ୍ନା ମୁହଁ

ସୁରେଶ ମୁମ୍ବାଇ ଏୟରେପୋର୍ଟରେ ରୋମ୍ ଯିବାପାଇଁ ଫ୍ଲାଇଟ୍‌କୁ ଅପେକ୍ଷା କରିଥିଲେ । ସେ ଓ ତାଙ୍କର ସାତଜଣ ସହକର୍ମୀ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ରୋମ୍ ଗସ୍ତ କରିବାର ଥିଲା । ଏହା ଥିଲା ତାଙ୍କ ଜୀବନର ପ୍ରଥମ ବିଦେଶ ଗସ୍ତ । ସେ ଯେତିକି ଆନନ୍ଦିତ ହେଉଥିଲେ, ବହୁ ଆକାଂକ୍ଷିତ ଅପ୍ରତ୍ୟାଶିତ ପ୍ରଥମ ଗ୍ରସ୍ତ ପାଇଁ ସେତିକି ରୋମାଞ୍ଚିତ ହେଉଥିଲେ । ଅପେକ୍ଷା କରିଥିବା ସମୟରେ ତାଙ୍କ ଅତୀତର କଥା ଓ ଗାଥା ପକ୍ଷୀଟିଏ ହୋଇ କାକଳି ତୋଳି ତୋଳି ଉଡ଼ି ଆସିଥିଲା ।

କାଲି ଭଳି ଲାଗୁଛି । ସେ ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଥିଲେ । ପଢ଼ିବାକୁ ମନ ଥିଲେ ହେଁ ଦାରିଦ୍ର୍ୟ ଯୋଗୁଁ ସେ ପଢ଼ି ପାରୁନଥିଲେ । ଛଅମାସ ଗାଈ ଚରାଇବାରେ ତାଙ୍କ ସମୟ ବିତି ଯାଉଥିଲା । ସେ ପ୍ରଥମ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ବାପା ବାବାଜୀ ହୋଇ ବୃନ୍ଦାବନ ଚାଲିଗଲେ । ମା' ଉପରେ ଆକାଶ ଛିଣ୍ଡି ପଡ଼ିଲା ପରି ଲାଗିଲା । ଘରେ ଥିବା ଦେଶୀ କାଳୀଗାଈ ଯାହା କ୍ଷୀର ଦିଏ, ତାକୁ ବିକି ମା' ପିଲା ଦୁହେଁ ଦୁଃଖରେ ଚଳୁଥିଲେ । ତାଙ୍କ ମା' ପର ଘରେ ବାସି ପାଇଟି କରି କିଛି ରୋଜଗାର କରେ । ଗାଈ କ୍ଷୀର ବନ୍ଦ କଲେ ଗୁଜୁରାଣ ମେଣ୍ଟାଇବାକୁ ତାଙ୍କୁ ଗାଈ ଚରାଇବାକୁ ପଡୁଥିଲା । ଏହିପରି ସମୟରେ ଗାଁକୁ ଜଣେ ଜ୍ୟୋତିଷ ଆସି ତାଙ୍କ ହାତ ଦେଖି କହିଲେ - ଏ ପିଲାଟା ବଡ଼ ହେଲେ ଭଲ ପାଠ ପଢ଼ିବ । ଚାକିରି କରି ବିଦେଶକୁ ଯିବ ।

ତାଙ୍କର ଫରେନ୍ ଯିବା ହାତରେ ଲେଖାଯାଇଛି ଜାଣି ଗାଁ ଲୋକେ ଜ୍ୟୋତିଷକୁ ହସରେ ଉଡ଼ାଇଦେଲେ । କୌତୁକରେ କହିଲେ- କୁନି ଗଉଡୁଣୀ ପୁଅ ସୁରିଆ । ଅଧାଦିନ ଖାଇଲେ ଅଧାଦିନ ଉପାସ । ଗଉଡୁଣୀ ପର ଘରେ ବାସି ପାଇଟି କରି ପେଟ ପୋଷୁଛି । ସୁରିଆ ବର୍ଷରେ ଛଅମାସ ଗାଈ ଚରାଉଛି, ଏ ଟୋକା କୁଆଡ଼େ ପାଠ ପଢ଼ି ଫରେନ୍ ଯିବ ! ଆକାଶ କଇଁଆ ଚିଲିକା ମାଛ ।

ତାଙ୍କ ମାଆ କୁନି ଗଉଡୁଣୀ ଲୋକଙ୍କ କଥା ସତ ମାନିଥିଲା । ଭାବୁଥିଲା ଏ ଜ୍ୟୋତିଷର ମୁଣ୍ଡ ଫୁଣ୍ଡ ଠିକ୍ ନାହିଁ, କ'ଣ କହୁଛି, ସେ ଜାଣୁନି ।

ତାଙ୍କ ମାଆ ଯନ୍ତ୍ରଣା ଜୁଇରେ ଜଳି ଜଳି ପ୍ରତିନିୟତି ଉପେକ୍ଷା, ତାଚ୍ଛଲ୍ୟ ଓ ଅପମାନ ପାଇ ଜୀବନ ବିତାଉଥିଲା । ସକଳ ବ୍ୟଥା, ବେଦନା, ବ୍ୟର୍ଥତା ସତ୍ତ୍ୱେ

Source: Author, Digitized by PPRACHIN, SOA

କୋହକୁ ଛାତିରେ ଚାକି ମୁହଁରେ ଟେନାଏ ହସ ଫୁଟାଉଥିଲା । ସେ ଏକ ପ୍ରବଚନରୁ ଶୁଣିଥିଲା – ଭଗବାନଙ୍କର ମଣିଷ ପାଇଁ ଚରୋଟି ଉପହାର । ପ୍ରତି ସମସ୍ୟା ପାଇଁ ସମାଧାନର ଚାବିକାଠି, ପ୍ରତି ଛାଇ ପାଇଁ ଆଲୁଅ, ପ୍ରତି ଦୁଃଖ ପାଇଁ ସୁଖ, ପ୍ରତି କାଲି ପାଇଁ ଯୋଜନା । ଏହି କଥା ଭାଳି ତା' ମନର ଧୂସର ଶୁଷ୍କ ଉପତ୍ୟକାରେ ବେଳେବେଳେ କଅଁଳି ଉଠୁଥିଲା ଆଶାର ଶ୍ୟାମଳ ଦୁର୍ବାଦଳ । ପୁଅ ସୁରିଆର ପାଠ ପଢ଼ିବା ପାଇଁ ଭାରି ମନ, ଅଥଚ ତାକୁ ଗାଈ ଚରେଇବାକୁ ପଠାଉଥିବାରୁ କୋହ ସବୁ ଲୁହ ହୋଇ ତା'ର ଆଖିର ଉପକୂଳକୁ ଲଂଘି ଯାଉଥିଲେ ।

ଦୁଇ ବର୍ଷ ପରେ କଟକରେ ରହି ବ୍ୟବସାୟ କରୁଥିବା ଗାଁର ସମ୍ଭ୍ରାନ୍ତ ପରିବାରର ସୁନିଲ୍ ବାବୁଙ୍କ ଅଡ଼ି କାର୍ ଦିନେ ଆସି ତାଙ୍କ ଘର ଆଗରେ ଠିଆ ହେଲା । ସେ, ତାଙ୍କ ମାଆ ଓ ଗାଁ ଲୋକ ଏହା ଦେଖି ବିସ୍ମୟାଭିଭୂତ ।

ସୁନିଲ୍ ବାବୁ ତାଙ୍କ ଘର ଭିତରକୁ ଆସିବା ଦେଖି ତାଙ୍କ ମାଆ ହଡ଼ବଡ଼େଇ ଗଲା । ନରମ ଗଳାରେ କହିଲା – ବାବୁ, ଆପଣଙ୍କ ପାଦ କିପରି ମୋ ଘରେ ପଡ଼ିଲା ! ମୋର କି ଭାଗ୍ୟ !

ସୁନିଲ୍ ବାବୁ ଗମ୍ଭୀର ଗଳାରେ କହିଲେ – ତୋତେ ଗୋଟିଏ କଥା ମାଗିବାକୁ ଆସିଛି । ମନା କରିବୁନି । ମୋ ଝିଅ ବାଙ୍ଗାଲୋରରେ ଅଛି । ତାର ପିଲାପିଲି ହେବାର ଅଛି । ତୁ ମା' ପରି ରହି ତା'ର ପରିବାରର ଯତ୍ନ ନେବୁ । ମୋ ସ୍ତ୍ରୀର ହଜାରେ ରୋଗ । କୁଟା ଖଣ୍ଡିକ ଦି'ଖଣ୍ଡ କରିପାରୁନି । ତେଣୁ ତୋ ଉପରେ ମୋର ଭରସା ।

– ଆଉ ମୋ ପୁଅ ସୁରିଆ ? – ଉତ୍ସୁକତାର ସହ ତାଙ୍କ ମାଆର ପ୍ରଶ୍ନ ।

– ତା' ପାଇଁ ତୁ ଚିନ୍ତା କରନା । ସେ ଆମ ଘରେ କଟକରେ ରହି ପଢ଼ିବ । ତା'ର ଭବିଷ୍ୟତ ଓ ପାଠପଢ଼ାର ସମସ୍ତ ଦାୟିତ୍ୱ ମୁଁ ନେବି । ତା'ର କିଛି ଅଭାବ ରହିବନି । ତୁ ବାଙ୍ଗାଲୋରରେ ରହିବୁ । ଝିଅ ମଝିରେ ମଝିରେ କଟକ ଆସିଲେ, ତୁ ତା' ସାଙ୍ଗରେ ଆସିବୁ, ଗାଁ ବୁଲିଯିବୁ । ସୁରିଆକୁ ମଧ୍ୟ ଦେଖିବୁ ।

ପୁଅ ମଣିଷ ହେବ, ପାଠ ପଢ଼ିବ, ଏହି ସ୍ୱପ୍ନକୁ ସାକାର କରିବାକୁ ଦୁଇଦିନ ଚିନ୍ତା କରି ତାଙ୍କ ମାଆ ହଁ କଲା । ସୁରେଶଙ୍କ ମନରେ ସେତେବେଳେ ଆନନ୍ଦର ପ୍ଲାବନ । ଖୁସିରେ ତାଙ୍କ କାନ୍ଧରେ ହଳେ ଡେଣା ଗଜୁରିଥିଲା । ସହରରେ ରହିବେ, ପାଠ ପଢ଼ିବେ । ଏ ଆଶାର ଫୁଲଟି ପାଖୁଡ଼ା ମେଲାଇ ହସିବାକୁ ଆରମ୍ଭ କଲା ।

Source: Author, Digitized by PPRACHIN, SOA

ସୁନିଲ୍ ବାବୁଙ୍କ ଆର୍ଥିକ ସହାୟତାରେ ସେ ଇଞ୍ଜିନିୟରିଂ ପଢ଼ି ତା' ପରେ ଏମ୍.ବି.ଏ. କଲେ । ସୁରେଶ ଏବେ ଏକ ଅଗ୍ରଣୀ କମ୍ପାନୀରେ ପଦସ୍ଥ ଅଫିସର । ତାଙ୍କ ମାଆ ବାଙ୍ଗାଲୋରରେ ସୁନିଲ୍ ବାବୁଙ୍କ ଝିଅ ପରିବାରକୁ ପୂରା ସମ୍ଭାଳିଛନ୍ତି ଓ ପରିବାରର ଜଣେ ସଦସ୍ୟ ହୋଇଯାଇଛନ୍ତି । ତାଙ୍କ ମାଆ କୁନି ଗଉଡୁଣୀ ମନ ଓ ହୃଦୟରେ ଖେଳିଯାଇଛି ଆନନ୍ଦ ଓ ଉଲ୍ଲାସର ଅପୂର୍ବ ଶିହରଣ । ପୁଅ ମଣିଷ ହୋଇଛି, ନିଜ ଗୋଡ଼ରେ ନିଜେ ଠିଆ ହୋଇଛି ଜାଣି ଆନନ୍ଦିତ ହେଉଥିଲା ।

କମ୍ପାନୀର ଏକ କାର୍ଯ୍ୟରେ ସୁରେଶ ସାତ ଜଣ ସହକର୍ମୀଙ୍କ ସହ ରୋମ୍ ଓ ଦୁବାଇ ଗସ୍ତରେ ବାହାରିଥିଲେ । ରୋମ୍ ଫ୍ଲାଇଟ୍‌ରେ ବସିବା ପାଇଁ ଘୋଷଣା ଶୁଣିବାରୁ ସୁରେଶ ଅତୀତର ରାଜ୍ୟରୁ ଫେରି ଆସି ପ୍ରକୃତିସ୍ଥ ହେଲେ । ଜ୍ୟୋତିଷର ଭବିଷ୍ୟତବାଣୀ ଆଜି ସତ ହେଉଛି ଭାବି ଆନନ୍ଦରେ ହଜି ଯାଉଥିଲେ ।

ରୋମ୍‌ରେ ସହକର୍ମୀଙ୍କ ସହ ପନ୍ଦର ଦିନ ରହି କାର୍ଯ୍ୟ ସମାପନ କରି ଦୁବାଇ ଫେରିଲେ । ଦୁବାଇରେ ଦୁଇଦିନରେ କାର୍ଯ୍ୟ ସାରି ତୃତୀୟଦିନ ଦୁବାଇର ସର୍ବୋଚ୍ଚ ଅଟ୍ଟାଳିକା ଓ ଦୁବାଇ ସହର ବୁଲି ଦୁବାଇର ଏକ ବିଶାଳ ମଲ୍ ଭିତରକୁ ଗଲେ । ଏକ ବିରାଟ ଗାଁର ଆୟତନ ଯାହା, ମଲ୍‌ର ସେତିକି ଆୟତନ । ବିଭିନ୍ନ କିସମର ଜିନିଷର ବୃହତ୍ ମେଳଣ, ଭବ୍ୟ ସମାରୋହ । ସବୁ ଦେଖି ତାଙ୍କ ଆଖି ଖୋସି ହୋଇଗଲା । ସହକର୍ମୀଙ୍କ ସହ ବୁଲୁ ବୁଲୁ ପହଞ୍ଚିଗଲେ ପରିବା ସାମ୍ରାଜ୍ୟରେ । କଞ୍ଚା ସତେଜ ପରିବା ପ୍ରତି ସୁରେଶଙ୍କ ଅଧିକ ଆକର୍ଷଣ । ସେ ବିଭିନ୍ନ ପ୍ରକାରର ତାଜା ପରିବାର ମେଳଣ ଦେଖି ସ୍ତମ୍ଭୀଭୂତ ହେଲେ ।

କିଛି ସମୟ ପରେ ସହକର୍ମୀଙ୍କ ଆଡ଼କୁ ଅନାଇଲା ବେଳକୁ ସେମାନେ ପାଖରେ ନାହାନ୍ତି । ମୁହଁରୁ ମୃଦୁ ହସ ଉଭେଇ ଯାଇ ଥମ ଥମ ଭାବ ଫୁଟି ଉଠିଲା । ତାଙ୍କ ପାଦ ତଳୁ ମାଟି ଖସି ଯାଉଥିଲା । ଛାତି ପଞ୍ଜରା ଦୋହଲାଇ ତତଲା ନିଃଶ୍ୱାସ ବାହାରି ଆସୁଥିଲା । କ'ଣ କରିବେ କିଛି ବୁଦ୍ଧି ଦିଶୁ ନ ଥିଲା ।

ସେ ବିଦେଶ ଗସ୍ତରେ ଆସିବା ଦିନୁ ତାଙ୍କ ମୋବାଇଲ୍ ଅଚଳ ହୋଇଯାଇଛି । କାହାକୁ ଫୋନ୍ କରିବା କିମ୍ବା କାହାଠାରୁ ଫୋନ୍ ପାଇବା ଅସମ୍ଭବ । ଆଉ ଦୁଇଘଣ୍ଟା ପରେ ଦୁବାଇରୁ ମୁମ୍ବାଇ ଯିବାପାଇଁ ଏୟାରପୋର୍ଟରେ ପହଞ୍ଚିବାକୁ ପଡ଼ିବ । ଟିକେଟ୍ ସହକର୍ମୀଙ୍କ ପାଖରେ । ଏହି ଜନ ଅରଣ୍ୟ ଭିତରେ କେଉଁଠି ଖୋଜିବେ ସହକର୍ମୀମାନଙ୍କୁ ।

Source: Author, Digitized by PPRACHIN, SOA

ଅଜଣା ରାଇଜରେ ଅଚିହ୍ନା ମୁହଁଙ୍କ ମେଳରେ ସେ ପାଲଟି ଯାଇଥିଲେ ଏକ ଉଦାସ, ଉଜୁଳା ଉପବନ । ଆଖିରେ ଲୁହ ଭର୍ତ୍ତି, କଣ୍ଠ ବାଷ୍ପାରୁଦ୍ଧ । ମୁହଁଟି ସତେ ମେଘାଛନ୍ନ ଆକାଶ । ସର୍ବଦା ଚଳଚଞ୍ଚଳ, ଖୁସି ଖୁସି, ସତେଜ ଦିଶୁଥିବା ସୁରେଶ ଗ୍ରୀଷ୍ମର ଅସହ୍ୟ ତାପରେ ଝାଉଁଳି ପଡ଼ିଥିବା ଫୁଲଟିଏ ପରି ଦିଶୁଥିଲେ ମ୍ଳାନ, ନିଷ୍ପ୍ରଭ ।

ମଲ୍ ଭିତରେ ବିକଳରେ ଋରିଆଡ଼କୁ ଦୌଡୁଥିବାବେଳେ ଆଖି ଆଗରେ ଝଲସି ଉଠିଲା ଚିହ୍ନା ମୁହଁଟିଏ । ଚିହ୍ନା ମୁହଁଟି ଦେଖି ଆଶା, ବିଶ୍ୱାସର ଦୁର୍ବାଦଳ ଅଙ୍କୁରିତ ହେଲା । ଚିହ୍ନା ମୁହଁରେ ସେହି ସ୍ୱଭାବ ସୁଲଭ ମୁଚୁକୁନ୍ଦି ହସ । କିଛି ମୁହୂର୍ତ୍ତପାଇଁ ଭୁଲିଗଲେ ଆସନ୍ନ ଅନିଶ୍ଚିତତା ଓ ଯନ୍ତ୍ରଣାର ଜ୍ୱାଳା । ସେହି ଚିହ୍ନା ମୁହଁର ଆଇନାରେ ସେ ଦେଖୁଥିଲେ ତାଙ୍କ ଆଖିରୁ ଲୁହ ଲିଭିଯାଇଛି, ଓଠରେ ହସ ଫୁଟିଉଠିଛି । ସେ ଚିହ୍ନା ମୁହଁଟି ଅତି ଆପଣାର ଲୋକଟିର – ପ୍ରଭୁ ଶ୍ରୀଜଗନ୍ନାଥଙ୍କର । ମଲ୍‌ର ଏକ କାନ୍ଥରେ ମହାପ୍ରଭୁ କରୁଣା ବାରିଧିଙ୍କ ଫଟୋ ।

ପ୍ରଭୁ ଯେପରି ତାଙ୍କୁ କହିଲେ, ତୁ ପାଗଳ ଭଳି ଏଣେ ତେଣେ କ'ଣ ବୁଲୁଛୁ ? ଯେଉଁ ପରିବା ବଜାର ପାଖରେ ସହକର୍ମୀମାନେ ତୋତେ ଛାଡ଼ି ଋଲିଯାଇଥିଲେ, ଧୈର୍ଯ୍ୟଧରି ସେଇଠି ଅପେକ୍ଷା କର । ଏହା ଶୁଣିପାରି ଅନୁଭବ କରି ସେ ପାଇଲେ ସ୍ନିଗ୍ଧ ପ୍ରଶାନ୍ତିର ଅନୁଭବ । ଉଦଗ୍ର ମନଟି ଉତୁରି ପଡୁଥିବା ଖିର ହାଣ୍ଡିରେ ଟୋପେ ପାଣି ପଡ଼ିଲା ପରି ଥମ୍ ହୋଇଗଲା ।

କ୍ଷିପ୍ର ବେଗରେ ଯାଇ ପରିବା ବଜାର ସନ୍ନିକଟରେ ଠିଆ ହୋଇ ଶ୍ରୀଜଗନ୍ନାଥଙ୍କୁ ବିପଦର ଏହି ଘୂର୍ଣ୍ଣିବଳୟ ଭିତରୁ ତାଙ୍କୁ ଉଦ୍ଧାର କରିବାପାଇଁ ଆକୁଳ ପ୍ରାର୍ଥନା କଲେ ।

– ସୁରେଶ ବାବୁ ! କ'ଣ ସେଠି ସେତେବେଳୁ ଛିଡ଼ା ହୋଇଛନ୍ତି । ଆସନ୍ତୁ, ମୁମ୍ବାଇ ଫ୍ଲାଇଟ୍‌ର ସମୟ ପାଖେଇ ଆସିଲାଣି । – ସହକର୍ମୀ ଦୂରରୁ ଉଚ୍ଚସ୍ୱରରେ ତାଙ୍କୁ ଡାକୁଥିଲେ ।

ସହକର୍ମୀଙ୍କୁ ଦେଖି ସୁରେଶଙ୍କର ପାଦରୁ ତଳିପାଯାଏ ଜୀବନ ସଞ୍ଚରିଗଲା । ଆନନ୍ଦ ଓ ଆଶ୍ୱସ୍ତିରେ ସେ ଉଲ୍ଲସିତ ହୋଇଉଠିଥିଲେ । ତାଙ୍କ ଆଖି ଆଗରେ ନାଚୁଥିଲା ସେଇ ଚିହ୍ନା ମୁହଁ, ଅତି ପରିଚିତ, ଅତି ଆପଣା ଲୋକର ମୁହଁ – ଜଗା କାଳିଆର ମୁହଁ ।

Source: Author, Digitized by PPRACHIN, SOA

ମନୋଜ କୁମାର ଜେନାଙ୍କର ବିଭିନ୍ନ ପୁସ୍ତକ ଉନ୍ମୋଚନ ଓ ତାଙ୍କୁ ବିଭିନ୍ନ ସମ୍ମାନ ଅର୍ପଣ

'କଥା କଳିକା' ସାହିତ୍ୟ ପତ୍ରିକାର ବାର୍ଷିକୋତ୍ସବରେ ବିଶିଷ୍ଟ ଔପନ୍ୟାସିକ ଓ କଥାକାର ଡ. ବିଭୂତି ପଟ୍ଟନାୟକଙ୍କ ଠାରୁ କ୍ଷୁଦ୍ର ଗଳ୍ପ କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କାର ଗ୍ରହଣ

କ୍ଷୁଦ୍ର ଗଳ୍ପ ସଂକଳନ 'ସଜସକାଳ'ର ଉନ୍ମୋଚନ ପର୍ବ

କ୍ଷୁଦ୍ର ଗଳ୍ପ ସଂକଳନ 'ଅଚିହ୍ନା ଆକାଶ'ର ଉନ୍ମୋଚନ

ସମ୍ବାଦର ସଂପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା 'ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ' ପୁସ୍ତକ ଉନ୍ମୋଚିତ

'ଶ୍ୱେତ ସଂକେତ ଗଳ୍ପ ସମ୍ମାନ-୨୦୨୨' ରେ ସମ୍ମାନିତ

ସତ୍ୟବାଦୀର ସଂପାଦକଙ୍କ ଦ୍ୱାରା ସମ୍ବର୍ଦ୍ଧିତ

'ଶିକାଶ୍ରୀ ଗଳ୍ପ ସମ୍ମାନ-୨୦୨୨'ରେ ସମ୍ମାନିତ

Source: Author, Digitized by PPRACHIN, SOA

ଶ୍ରୀ ମନୋଜ କୁମାର ଜେନା ୧୯୫୭ ମସିହା ମାର୍ଚ୍ଚ ୩ ତାରିଖରେ ଢ଼େଙ୍କାନାଳ ଜିଲ୍ଲାର ନିହଲପ୍ରସାଦଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୭୮ ମସିହାରେ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଆଇନ୍‌ରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ଚିଫ୍ ରିଜିଓନାଲ ମ୍ୟାନେଜର ଓ ଡେପୁଟି ଜେନେରାଲ ମ୍ୟାନେଜର ଭାବରେ କାର୍ଯ୍ୟକରି ୩୧.୩.୨୦୧୭ରେ ଅବସର ଗ୍ରହଣ କରିଥିଲେ । ସେ ନୀଳାଚଳ ଗ୍ରାମ୍ୟବ୍ୟାଙ୍କରେ ଜେନେରାଲ ମ୍ୟାନେଜର ଓ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରେ ଡାଇରେକ୍ଟର ଭାବରେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ । ସେ ଅବସର ପରେ ଗଳ୍ପ ଓ କବିତା ରଚନାରେ ମନୋନିବେଶ କରିଛନ୍ତି । ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକ ସତ୍ୟବାଦୀ, ସମାରୋହ, କଥା କଳିକା, ଶ୍ୱେତସଂକେତ, ଚିରସମର୍ଥା, ସୀମାନ୍ତ, ଗୋଧୂଳି, ସାହିତ୍ୟର ସ୍ୱର, ଶିଳାଶ୍ରୀ, ରନ୍‌ଚିରା ଆଦି ପତ୍ରିକା ଓ ଲଣ୍ଡନରୁ ପ୍ରକାଶିତ 'ଇ' ପତ୍ରିକା ସୃଜନୀରେ ସ୍ଥାନିତ ହୋଇଛି । ତାଙ୍କର ଅନୁବାଦ କବିତା ପୁସ୍ତକ 'ପ୍ରଭୁ ମହିମା', କବିତା ସଂକଳନ 'ଆମ ଗାଆଁ', ଦୁଇ କ୍ଷୁଦ୍ରଗଳ୍ପ ସଂକଳନ 'ସଜ ସକାଳ', 'ଅଚିହ୍ନା ଆକାଶ' ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ଉପାଦେୟ ତଥ୍ୟକୁ ନେଇ ସଂକଳନ 'ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ' ପାଠକୀୟ ସ୍ୱୀକୃତି ଲାଭ କରିଛି ।

ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା 'କଥା କଳିକା'ର ବାର୍ଷିକୋତ୍ସବରେ ସଫଳ କଥାକାର ଭାବରେ ସାଧନାର ସ୍ୱୀକୃତି ସ୍ୱରୂପ 'ପିସ୍ ଫ୍ଲୁଟ୍ ଫାଉଣ୍ଡେସନ୍ ଟ୍ରଷ୍ଟ' ପୁରସ୍କାର ୨୦୧୯ ତାଙ୍କୁ ଅର୍ପଣ କରାଯାଇଥିଲା । ଓଡ଼ିଆ ଗଳ୍ପ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶ୍ୱେତ ସଂକେତ ସାରସ୍ୱତ ମଞ୍ଚର ୩୪ତମ ସମାବର୍ତ୍ତନ ସମାରୋହରେ ତାଙ୍କୁ 'ଶ୍ୱେତସଂକେତ ଗଳ୍ପ ସମ୍ମାନ-୨୦୨୨' ଓ 'ଶିଳାଶ୍ରୀ' ପତ୍ରିକାର ବାର୍ଷିକୋତ୍ସବରେ 'ଶିଳାଶ୍ରୀ ଗଳ୍ପ ସମ୍ମାନ-୨୦୨୨' ଅର୍ପଣ କରାଯାଇଥିଲା ।

'ଚିହ୍ନା ମୁହଁ' ତାଙ୍କର ଷଷ୍ଠ ସଂକଳନ ତଥା ତୃତୀୟ କ୍ଷୁଦ୍ରଗଳ୍ପ ସଂକଳନ । ଶ୍ରୀ ଜେନା ଜଗନ୍ନାଥ ସଂସ୍କୃତି ପରିଷଦର ଆଜୀବନ ସଦସ୍ୟ । ସେ ସଂପ୍ରତି 'ଚିରସମର୍ଥା' ସାହିତ୍ୟ ପତ୍ରିକାର କାର୍ଯ୍ୟକାରୀ ସଂପାଦକ ଓ 'ଶ୍ୱେତ ସଂକେତ' ପତ୍ରିକାର ସହ ସଂପାଦକ ।

-ପ୍ରକାଶିକା

Source: Author, Digitized by PPRACHIN, SOA